# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୯/୨୦୨୪ (୨୦ ପୃଷ୍ଠା) | Bhubaneswar, Friday, February 9/2024 | Page 20 | ₹ 7.00

୫୦ଶ ଭାଗ ୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 77 | ମୂଲ୍ୟ₹୭/-







## ବିଧାନସଭାରେ କାମଚଳା ବଜେଟ

# ୪ ମାସ ପାଇଁ ୧.୧୮ ଲକ୍ଷ କୋଟି

- ସାମାଜିକ କ୍ଷେତ୍ର, ଗ୍ରାମୀଣ ବିକାଶକୁ ଫୋକସ୍
- ସାମାଜିକ ଭତ୍ତା ପାଇଁ ୩୯୮୦ କୋଟି
- ଅର୍ବାନ ରୋଡ୍ ଟ୍ରାନ୍ସପୋର୍ଟ ପାଇଁ ୧୨୦୦ କୋଟି
- ମେଟ୍ରୋ ରେଲ ପାଇଁ ୧ ହଜାର କୋଟି
- ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ ପାଇଁ ୨,୯୯୨ କୋଟି
- ପଶ୍ଚିମ ଓଡ଼ିଶା ବିକାଶ ପରିଷଦକୁ ୫୦୦ କୋଟି
- ରାଜ୍ୟର ଋଣ ୯୩ ହଜାର କୋଟି, ମୁଣ୍ଡ ପିଛା ୨୨ ହଜାର
- ଋଣ ଭାର ୧.୨୦ ଲକ୍ଷ କୋଟି ଛୁଇଁବ
- ୩%ରେ ରହିବ ବିତ୍ତୀୟ ନିଅଣ୍ଟ
- ଖୋଲା ବଜାରରୁ ଋଣ ୧୨,୩୦୦ କୋଟି
- ରାଜ୍ୟର ଅଭିବୃଦ୍ଧି ହାର ୭.୨୫%
- ୨୦୨୪-୨୫ରେ ଅଭିବୃଦ୍ଧି ହାର ଆକଳନ ୮.୫%

### ୧ ଟଙ୍କାର ଆୟ




- ରାଜ୍ୟର ନିଜସ୍ୱ ଟିକସ: **୨୩.୧୪%** (୫୯,୦୦୦ କୋଟି)
- ରାଜ୍ୟର ନିଜସ୍ୱ ଅଣ-ଟିକସ: **୨୧.୯୬%** (୫୬,୦୦୦ କୋଟି)
- ଅଂଶଧନ ବାବଦ ଟିକସ: **୨୧.୬୬%** (୫୫,୨୩୧.୭୬ କୋଟି)
- ଅନ୍ୟାନ୍ୟ ସୂତ୍ରରୁ ଋଣ: **୧୫.୫%** (୩୯,୫୧୫ କୋଟି)
- କେନ୍ଦ୍ରଠାରୁ ମିଳୁଥିବା ଅନୁଦାନ:**୧୩.୨୪%** (୩୩,୭୬୮.୨୪ କୋଟି)
- ପ୍ରୋଭିଡେଣ୍ଟ ଫଣ୍ଡ, ଅନ୍ୟାନ୍ୟ ଫଣ୍ଡ ଏବଂ ଜମା (ନେଟ୍)- **୪.୩୧%** (୧୧,୦୦୦ କୋଟି)
- ଋଣ ଏବଂ ଅଗ୍ରିମ ଆଦାୟ-**୦.୧୯%** (୪୮୫ କୋଟି)

### ୧ ଟଙ୍କାର ବ୍ୟୟ




- ଦରମା, ପେନ୍‌ସନ ଓ ଅନ୍ୟାନ୍ୟ ରାଜସ୍ୱ ବ୍ୟୟ: **୫୭.୯୮%** (୧,୪୭,୮୫୬.୫୮ କୋଟି)
- ପୁଞ୍ଜି କ୍ଷେତ୍ରରେ ବ୍ୟୟ (ଋଣ ବାବଦ ଦେୟ ଫେରସ୍ତ ବ୍ୟତିରେକ): **୨୪.୭୭%** (୬୩,୧୬୧.୯ କୋଟି)
- ଋଣ ବାବଦ କିସ୍ତି ପ୍ରଦାନ: **୮.୯୩%** (୨୨,୭୬୫.୫ କୋଟି)
- ଋଣର ସୁଧ ପରିଶୋଧ: **୨.୯୭%** (୭୫୬୬ କୋଟି)
- ରାଜ୍ୟରୁ ସ୍ଥାନାନ୍ତର ବାବଦ ଦେୟ: **୨.୯୮%** (୭,୬୦୦ କୋଟି)
- ବିପର୍ଯ୍ୟୟ ପ୍ରଶମନ ପାଣ୍ଠି: **୧.୫୩%** (୩,୯୦୦ କୋଟି)
- ଋଣ ବିତରଣ (ପ୍ରଶାସନିକ): **୦.୮୪%** (୨,୧୫୦.୦୧ କୋଟି)

ଭୁବନେଶ୍ୱର,୮।୨(ଅନିଲ ଦାସ)

ଆଉ କିଛି ଦିନ ପରେ ସାଧାରଣ ନିର୍ବାଚନ ପାଇଁ ବିଗୁଲ ବାଜିବ। ରାଜ୍ୟରେ ନିର୍ବାଚନ ଆଚରଣ ବିଧି ଲାଗୁ ହେବ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ୪ ମାସ (ଏପ୍ରିଲରୁ ଜୁଲାଇ) ପାଇଁ ୧ ଲକ୍ଷ ୧୮ ହଜାର କୋଟିର ବଜେଟ ପ୍ରସ୍ତୁତ କରିଛନ୍ତି। ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହାକୁ ଗୁରୁବାର ବିଧାନସଭାରେ ଉପସ୍ଥାପନ କରିଛନ୍ତି। ଏହି କାମଚଳା ବଜେଟରେ ଗ୍ରାମୀଣ ବିକାଶ ଉପରେ ରାଜ୍ୟ ସରକାର ଫୋକସ୍ କରିଛନ୍ତି। ଏଥିସହିତ ସାମାଜିକ କ୍ଷେତ୍ର, ସ୍ୱାସ୍ଥ୍ୟ, କୃଷି, ଶିକ୍ଷା, ଗମନାଗମନ, ପାନୀୟ ଜଳ, ମିଶନ ଶକ୍ତି, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, ଭିତ୍ତିଭୂମି ଉନ୍ନୟନ, ଜନଜାତି ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି।

ବଜେଟରେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ନିର୍ବାଚନ ସମ୍ବନ୍ଧୀୟ ଖର୍ଚ୍ଚ ବାବଦକୁ ମୋଟ ବାର୍ଷିକ ଅଟକଳର ୧୦୦ ପ୍ରତିଶତ, ପୁଞ୍ଜିବ୍ୟୟ ପାଇଁ ୫୦ ପ୍ରତିଶତ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ବ୍ୟୟ ଅଟକଳର ୪୦ ପ୍ରତିଶତକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି କାମଚଳା ବଜେଟରେ ପ୍ରଶାସନିକ ଖର୍ଚ୍ଚ ବାବଦରେ ୪୭ ହଜାର ୬୬୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ କାର୍ଯ୍ୟକ୍ରମ ଖର୍ଚ୍ଚ ବାବଦରେ ୬୩ ହଜାର ୪୦୦ କୋଟି, ବିପର୍ଯ୍ୟୟ ପାଣ୍ଠିରୁ ଖର୍ଚ୍ଚ ୩,୯୦୦ କୋଟି ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ହସ୍ତାନ୍ତରିତ ହେଉଥିବା ଖର୍ଚ୍ଚ ବାବଦରେ ୩୦୪୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

ରାଜ୍ୟ ସରକାର ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ ୫୫ ହଜାର କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ଆକଳନ କରିଛନ୍ତି। ଗତ ଆର୍ଥିକ ବର୍ଷ ତୁଳନାରେ ବଜେଟର ଆକାର ୧୧% ବୃଦ୍ଧି କରାଯାଇଛି। ପ୍ରଶାସନିକ ଖର୍ଚ୍ଚ ପାଇଁ ୧ଲକ୍ଷ ୩ ହଜାର ୫ ଶହ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ କାର୍ଯ୍ୟକ୍ରମ ବ୍ୟୟବରାଦ ୧.୪ଲକ୍ଷ ଟଙ୍କା କରାଯାଇଛି।

୨୦୨୪-୨୫ରେ ରାଜ୍ୟର ଋଣ ବୋଝ ପରିମାଣ ମୋଟ ଜିଡିପି ତୁଳନାରେ ୧୨.୪%ରୁ ବୃଦ୍ଧି ପାଇ ୧୩.୧% ହେବ। ୨୦୨୫ ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟର ଋଣବୋଝ ୧ଲକ୍ଷ ୨୦ହଜାର ୮୯୬କୋଟି ଟଙ୍କା ଛୁଇଁବ ବୋଲି ସରକାରଙ୍କ ପକ୍ଷରୁ ଆକଳନ କରାଯାଇଛି। ଓଡ଼ିଶା ହେଉଛି ୧୦୦ ବିଲିୟନ ଡଲାରର ଅର୍ଥ ବ୍ୟବସ୍ଥା। ରାଜ୍ୟର ଅଭିବୃଦ୍ଧି ୭.୨୫% ହାରରେ ବୃଦ୍ଧି ହୋଇଛି, ଯାହାକି ଜାତୀୟ ହାର ତୁଳନାରେ ୧% ଅଧିକ। ରାଜ୍ୟର ମୁଣ୍ଡପିଛା ଆୟ ଓ ଜାତୀୟ ମୁଣ୍ଡପିଛା ଆୟ ମଧ୍ୟରେ ତାରତମ୍ୟ ୩୨%ରୁ ୧୩%କୁ ହ୍ରାସ ପାଇଛି। ୨୦୨୪-୨୫ର ପ୍ରାରମ୍ଭିକ ଆକଳନ ଅନୁସାରେ ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି ୮.୫% ହାରରେ ହେବ। ଏହି ବଜେଟ ରାଜସ୍ୱ ବଳକା ହୋଇଥିବାବେଳେ ବିତ୍ତୀୟ ନିଅଣ୍ଟକୁ ☞ପୃଷ୍ଠା-୧୩

## ଦୋରା, ଦୁରୁଆ ସମ୍ପ୍ରଦାୟ ପାଇବେ ଆଦିବାସୀ ମାନ୍ୟତା

### ଏସ୍‌ସି, ଏସ୍‌ଟି ସଂଶୋଧନ ତାଲିକା ବିଲ୍‌କୁ ସଂସଦର ମଞ୍ଜୁରୀ

ନୂଆଦିଲ୍ଲୀ (ପି.ଟି.)/ଜୟପୁର (ପବନ ପାଣିଗ୍ରାହୀ), ୮।୨

ଦୀର୍ଘ ଦିନର ଦାବି ପରେ ଦୋରା ଓ ଦୁରୁଆ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ମିଳିଛି। ଏହି ସମ୍ପ୍ରଦାୟର ଲୋକେ ଆନ୍ଦୋଳନ ଓ ବିକ୍ଷୋଭ ସହ ନିର୍ବାଚନ ମଧ୍ୟ ବର୍ଜନ କରିଥିଲେ। ୨୦୧୯ ପରଠୁ ଅନେକ ସମୟରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ☞ପୃଷ୍ଠା-୧୩






## ପାର୍ଲାମେଣ୍ଟ ଅଭିମୁଖେ ବିଶାଳ କୃଷକ ରାଲି

ନଏଡ଼ା,୮।୨

ପାର୍ଲାମେଣ୍ଟ ଅଭିମୁଖେ ଯାଉଥିବା ବିଶାଳ କୃଷକ ରାଲିକୁ ଗୁରୁବାର ନଏଡ଼ାର ମହାମାୟା ଫ୍ଲାଏଓଭର ନିକଟରେ ପୋଲିସ ଅଟକାଇଛି। ପୋଲିସ ଲଗାଇଥିବା ବ୍ୟାରିକେଡ୍‌ରେ କେତେଜଣ ଚାଷୀ ଚଢ଼ିବାକୁ ଉଦ୍ୟମ କରୁଥିବାବେଳେ ସେମାନଙ୍କୁ ପଛକୁ ହଟାଇ ଦିଆଯାଇଥିଲା। ଲୋକମାନେ ବିକଳ୍ପ ରାସ୍ତା ବ୍ୟବହାର କରିବା ପାଇଁ ଟ୍ରାଫିକ୍ ପୋଲିସର ଆଡଭାଇଜରି ଜାରି ସତ୍ତ୍ୱେ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଜମି ହରାଉଥିବା ଚାଷୀମାନଙ୍କୁ କ୍ଷତିପୂରଣ ରାଶି ବଢ଼ାଇବା ସହ ସେମାନଙ୍କ ପରିବାର ପାଇଁ ଉତ୍ତମ ଥଇଥାନ ବ୍ୟବସ୍ଥା ଦାବିରେ ନଏଡ଼ାର ଚାଷୀମାନେ ପାର୍ଲାମେଣ୍ଟ ବାହାରେ ବିକ୍ଷୋଭ କରିବାକୁ ବୁଧବାର ଘୋଷଣା କରିଥିଲେ। ଭାରତୀୟ କିଷାନ ପରିଷଦ (ବିକେପି) ନେତୃତ୍ୱରେ ଚାଷୀମାନେ ଗୁରୁବାର ମଧ୍ୟାହ୍ନରେ ମହାମାୟା ଫ୍ଲାଏଓଭରଠାରେ ଏକତ୍ର ହୋଇ ଆଗକୁ ବଢ଼ିବାକୁ ଉଦ୍ୟମ କଲାବେଳେ ପୋଲିସ ବାଧା ଦେଇଥିଲା। କୃଷକଙ୍କ ରାଲିକୁ ଦୃଷ୍ଟିରେ ରଖି ଦିଲ୍ଲୀ ସୀମାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ରାଲି ଯୋଗୁ ନୋଏଡ଼ା-ଗ୍ରେଟର ନୋଇଡ଼ା ଏକ୍ସପ୍ରେସ୍‌ୱେ ସମେତ ବିଭିନ୍ନ ରୁଟ୍‌ରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ଦିଲ୍ଲୀର ସମସ୍ତ ସୀମା ସମେତ କିଷାନ ଚୌକ ଓ ଅନ୍ୟାନ୍ୟ ସ୍ଥାନରେ ବ୍ୟାରିକେଡ୍ ଲଗାଯାଇଥିଲା।

(ଫଟୋ: ପୃଷ୍ଠା-୬)

**ଆଜିର ସମ୍ପାଦକୀୟ**

### ତାଇୱାନ୍ ସଙ୍କଟ







ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୯/୨୦୨୪ Bhubaneswar, Friday, February 9/2024


# କଂଗ୍ରେସର କୃଷ୍ଣପତ୍ର ବନାମ ଏନ୍‌ଡିଏର ଶ୍ୱେତପତ୍ର

ଲୋକ ସଭା ନିର୍ବାଚନକୁ ୨ ମାସ ବାକି ଥିବାବେଳେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରର ୧୦ ବର୍ଷ ଶାସନ କାଳକୁ 'ଅନ୍ୟାୟର କାଳ' ଭାବେ ଅଭିହିତ କରି କଂଗ୍ରେସ ବ୍ଲାକ୍ ପେପର ଜାରି କରିଛି। ମୋଦି ସରକାରଙ୍କ ଅମଳରେ ଦେଶରେ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଅନ୍ୟାୟ ହୋଇଥିବା ମୁଖ୍ୟ ବିରୋଧୀ ଦଳ ଏଥିରେ ଅଭିଯୋଗ ଆଣିଛି। ଏହାର ଜବାବ ଦେବାକୁ ଯାଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଲୋକ ସଭାରେ ଶ୍ୱେତପତ୍ର ଉପସ୍ଥାପନ କରିଛନ୍ତି। ଉପା ସରକାର ଅମଳରେ ଭାରତୀୟ ଅର୍ଥନୀତି ରସାତଳଗାମୀ ହୋଇଯାଇଥିଲା। ୨୦୧୪ରେ ମୋଦି ସରକାର ଆସିବା ପରେ ଭାରତ ବିଶ୍ୱର ଦ୍ରୁତତମ ବିକାଶଶୀଳ ଅର୍ଥନୀତିରେ ପରିଣତ ହୋଇଥିବା ହ୍ୱାଇଟ୍ ପେପରରେ ଦର୍ଶାଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଉଭୟ ଶାସକ ଓ ବିରୋଧୀଙ୍କ ପକ୍ଷରୁ ଜାରି ଦସ୍ତାବିଜ ଦ୍ୱୟ ୫୪ ପୃଷ୍ଠା ସମ୍ବଳିତ।

## ମୋଦିଙ୍କ ୧୦ ବର୍ଷର 'ଅନ୍ୟାୟ କାଳ'



ନୂଆଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସହ ପବନ ଖେରା।

ନୂଆଦିଲ୍ଲୀ,୮।୨

କେନ୍ଦ୍ରରେ କ୍ଷମତାସୀନ ମୋଦି ସରକାରଙ୍କ ବିଫଳତାକୁ ନେଇ କଂଗ୍ରେସ ଗୁରୁବାର ବ୍ଲାକ୍ ପେପର (କୃଷ୍ଣପତ୍ର) ଜାରି କରିଛି। ଗତ ୧୦ ବର୍ଷ ଶାସନ କାଳରେ ଦରଦାମ୍ ଓ ବେରୋଜଗାରି ବୃଦ୍ଧି ପାଇଛି। ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ଦୁର୍ବଳ ଏବଂ ଅଣଭାଜପା ଶାସିତ ରାଜ୍ୟଗୁଡ଼ିକ ପ୍ରତି ଭେଦଭାବପୂର୍ଣ୍ଣ ବ୍ୟବହାର କରାଯାଇଥିବା ୫୪ ପୃଷ୍ଠା ସମ୍ବଳିତ 'ଚାର୍ଜଶିଟ୍'ରେ କଂଗ୍ରେସ ଅଭିଯୋଗ ଆଣିଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମୋଦି ସରକାରଙ୍କ ଶାସନ କାଳକୁ 'ଅନ୍ୟାୟର କାଳ' ବୋଲି ସମାଲୋଚନା କରିଛନ୍ତି।

ଖାର୍ଗେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେତେବେଳେ ବି ପାର୍ଲାମେଣ୍ଟରେ ନିଜ ମତ ଉପସ୍ଥାପନ କରନ୍ତି, ସେ ନିଜ ଦୁର୍ବଳତାକୁ ଲୁଚାଇ ଦିଅନ୍ତି। ଆମେ ସରକାରଙ୍କ ବିଫଳତା ସମ୍ପର୍କରେ କହିଲେ ତାକୁ ଗୁରୁତ୍ୱ ଦିଆଯାଉ ନାହିଁ। ତେଣୁ ଲୋକଙ୍କୁ ସରକାରଙ୍କ ବିଫଳତା ସମ୍ପର୍କରେ ଅବଗତ କରାଇବା ପାଇଁ ଆମେ ଏହି ବ୍ଲାକ୍ ପେପର ଆଣିଛୁ ବୋଲି ଖାର୍ଗେ କହିଛନ୍ତି। ମୋଦିଙ୍କ ଶାସନରେ ଦେଶର ଅର୍ଥନୀତି ଭୁଶୁଡ଼ିପଡ଼ିଛି। ବେକାରି ସମସ୍ୟା ବଢ଼ିଛି, କୃଷିକ୍ଷେତ୍ର ଉଜୁଡ଼ିଯାଇଛି, ମହିଳା ବିରୋଧୀ ଅପରାଧ ବଢ଼ିଛି, ସଂଖ୍ୟାଲଘୁଙ୍କ ଉପରେ ଅନ୍ୟାୟ ବହୁଗୁଣିତ ହୋଇଛି। ଆର୍ଥିକ ଅସମାନତା ବର୍ଗରେ କଂଗ୍ରେସ ବେକାରି ସଙ୍କଟ, ନିଯୁକ୍ତି ଅଭାବ, କୃଷକଙ୍କ ଦୁର୍ଦ୍ଦଶା ଓ ନିମ୍ନ ଶ୍ରମ ବଳ ଯୋଗଦାନ ସମ୍ପର୍କରେ ଉଲ୍ଲେଖ କରିଛି।

ପେଟ୍ରୋଲ, ଡିଜେଲ ଓ ଦୈନନ୍ଦିନ ବ୍ୟବହୃତ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ମୂଲ୍ୟ ରେକର୍ଡ ସ୍ତରରେ ଥିବାବେଳେ ମୋଦି ସରକାର ଦରଦାମ ବୃଦ୍ଧି ଉପରେ ନୀରବ ରହିଛନ୍ତି। ମୋଦିଙ୍କୁ ଏସବୁ ଉପରେ ପ୍ରଶ୍ନ କଲେ ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଓ ଇନ୍ଦିରା ଗାନ୍ଧୀଙ୍କୁ ଟାର୍ଗେଟ କରୁଛନ୍ତି। ୨ କୋଟି ଆଶାୟୀଙ୍କୁ ନିଯୁକ୍ତି ଏବଂ ଚାଷୀଙ୍କୁ ଉତ୍ପାଦିତ ସାମଗ୍ରୀର ଏମ୍‌ଏସ୍‌ପି ପ୍ରଦାନ ଉପରେ ମୋଦି ଗ୍ୟାରେଣ୍ଟି ଦେଇଥିଲେ। ମୋଦି ଏଥିରେ ବିଫଳ ହୋଇ ନୂଆ ନୂଆ ଗ୍ୟାରେଣ୍ଟି ଦେଇଚାଲିଛନ୍ତି। କଂଗ୍ରେସ ଦେଶକୁ ସ୍ୱାଧୀନ କରିଥିଲା। ୨୦୨୪ରେ ଦଳ ଭାଜପାର ଅନ୍ୟାୟର ଅନ୍ଧକାରରୁ ଦେଶକୁ ମୁକ୍ତ କରିବ ବୋଲି ଖାର୍ଗେ କହିଛନ୍ତି।

## 'ଅର୍ଥନୀତିକୁ ଅଚଳ କରିଦେଇଥିଲା ଉପା'

ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ସରକାର ପୂର୍ବରୁ ଭାରତରେ ଏକ ସୁସ୍ଥ ଅର୍ଥନୀତି ଥିଲା। କିନ୍ତୁ କଂଗ୍ରେସ ନେତୃତ୍ୱାଧୀନ ଏହି ସରକାର କ୍ଷମତାକୁ ଆସିବା ପରେ ଅର୍ଥନୀତିକୁ ଅଚଳ କରିଦେଇଥିଲା ବୋଲି ଗୁରୁବାର କେନ୍ଦ୍ର ପକ୍ଷରୁ ଲୋକ ସଭାରେ ଉପସ୍ଥାପିତ ଶ୍ୱେତପତ୍ରରେ ଅଭିଯୋଗ ଅଣାଯାଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଲୋକ ସଭାରେ ହ୍ୱାଇଟ୍ ପେପର ଉପସ୍ଥାପନ କରି କହିଛନ୍ତି, ୨୦୦୪ରେ ୮% ହାରରେ ଆର୍ଥିକ ଅଭିବୃଦ୍ଧି ଘଟୁଥିଲା। ଶିଳ୍ପ ଓ ସେବା କ୍ଷେତ୍ରରେ ୭% ଏବଂ କୃଷି କ୍ଷେତ୍ରରେ ୯%ରୁ ଉର୍ଦ୍ଧ୍ୱ ଅଭିବୃଦ୍ଧି ଦେଖାଯାଇଥିଲା। କିନ୍ତୁ କଂଗ୍ରେସର କୁପରିଚାଳନା ଓ କ୍ଷୀଣଦୃଷ୍ଟି ଯୋଗୁ ଭାରତୀୟ ଅର୍ଥନୀତିର ମୂଳଦୁଆ ଦୁର୍ବଳ ହୋଇଯାଇଥିଲା। ଉପା ସରକାର ଅର୍ଥନୀତିକୁ ସ୍ଥାଣୁ ଅବସ୍ଥାକୁ ନେଇଆସିଥିଲେ। ଆର୍ଥିକ ଉଦାରବାଦକୁ ତ୍ୟାଗ କରିଦେବାରୁ ବିଶୃଙ୍ଖଳା ଓ ଦୁର୍ନୀତି ଯୋଗୁ କୃଷିଠାରୁ ନେଇ ବ୍ୟାଙ୍କିଙ୍ଗ୍ ସେକ୍ଟର ପର୍ଯ୍ୟନ୍ତ ସଙ୍କଟ ଦେଖାଯାଇଥିଲା। ବିତ୍ତୀୟ ନିଅଣ୍ଟ ଦେଶର ଅର୍ଥନୀତି ପାଇଁ ବୋଝ ପାଲଟି ଯାଇଥିଲା। କିନ୍ତୁ ମୋଦି ସରକାର ଆସିବା ପରେ ଅର୍ଥନୀତି ପୁଣି ଟ୍ରାକ୍‌କୁ ଫେରିଥିଲା। ଫଳରେ ଭାରତ ବିଶ୍ୱର ଦ୍ରୁତତମ ତଥା ପଞ୍ଚମ ବୃହତ୍ ଅର୍ଥନୀତିରେ ପରିଣତ ହୋଇଥିବା ଶ୍ୱେତପତ୍ରରେ ଉଲ୍ଲେଖ କରାଯାଇଛି।


ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍

# ଦଶମ ବିବାହ ବାର୍ଷିକୀ ପୂର୍ବଦିନ ବିଚ୍ଛେଦ



## ବର୍ଷାଙ୍କ ସହ ବିବାହ ବିଚ୍ଛେଦ ନେଇ ଅନୁଭବଙ୍କ ସୂଚନା

କଟକ,୮।୨ (କାର୍ତ୍ତିକ ସାହୁ)

ଅଭିନେତ୍ରୀ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କଠାରୁ ବିବାହ ବିଚ୍ଛେଦ ହୋଇଛି। ତାହା ପୁଣି ୧୦ମ ବିବାହ ବାର୍ଷିକୀର ଠିକ୍ ପୂର୍ବଦିନ ବୋଲି ସାମାଜିକ ଗଣମାଧ୍ୟମ ଏକ୍ସ ଜରିଆରେ ବୁଧବାର ରାତି ୧୧ଟା ୫୮ ମିନିଟ୍‌ରେ ଏମ୍‌ପି ଅନୁଭବ ମହାନ୍ତି ସୂଚନା ଦେଇଛନ୍ତି। ସେ ସେଥିରେ ଲେଖିଛନ୍ତି, ମୋର ଏବଂ ମୋ ପରିବାରର ଶାନ୍ତି ପାଇଁ ପ୍ରାର୍ଥନା କରୁଥିବା ସମସ୍ତଙ୍କୁ ଧନ୍ୟବାଦ। ଅନୁଭବ ଓ ବର୍ଷାଙ୍କ ବିବାହ ଫେବୃଆରୀ ୮ ତାରିଖରେ ହୋଇଥିଲା। ସେହି ୮ ତାରିଖର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ବୁଧବାର ତାଙ୍କର ଛାଡ଼ପତ୍ର ହୋଇଛି। ଗତ ୧୦ ବର୍ଷ ଧରି ମୁଁ ମିଛ ବିବାହ ବନ୍ଧନରେ ଥିଲି। ମୂଲ୍ୟହୀନ, ଅର୍ଥହୀନ, ହୃଦୟହୀନ ଯନ୍ତ୍ରଣାଦାୟକ ବର୍ଷ ଏସବୁ ଥିଲା। ତାଙ୍କ ଖୁସି ପାଇଁ ପ୍ରାର୍ଥନା କରୁଛି ଓ ଏହାଦ୍ୱାରା ସେ କାହାରିକୁ ଅପମାନିତ କରୁନାହାନ୍ତି ବୋଲି ବର୍ଷାଙ୍କ ଉଦ୍ଦେଶ୍ୟରେ ଉଲ୍ଲେଖ କରିଛନ୍ତି। ଏହି ଘଟଣାରେ ବର୍ଷାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

ବର୍ଷା-ଅନୁଭବଙ୍କ ବିବାହ ବିଚ୍ଛେଦକୁ ନେଇ ବେଶ୍ କିଛିବର୍ଷ ଧରି ଚର୍ଚ୍ଚା ଲାଗି ରହିଥିଲା। ଉଭୟଙ୍କୁ ନେଇ କେତେବେଳେ କ'ଣ ଯେ ଘଟି ଚାଲିଥିଲା ତାହା କହିବା ମୁସ୍କିଲ ଥିଲା। ଶେଷରେ କଟକ ପରିବାର ଅଦାଲତଙ୍କ ବିବାହ ବିଚ୍ଛେଦ ହୋଇପାରିବ ନାହିଁ ରାୟକୁ ଖାରଜ କରି ହାଇକୋର୍ଟ ବିବାହ ବିଚ୍ଛେଦ ପାଇଁ ଅନୁମତି ଦେଇଥିଲେ। ପରିବାର ଅଦାଲତର ରାୟ ବିରୋଧରେ ଅନୁଭବ କରିଥିବା ଆବେଦନ ଆଧାରରେ ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଥିଲେ।


DSPL - 630

5T | ଓଡ଼ିଶା ସରକାର | ଆମ ଓଡ଼ିଶା ନବୀନ ଓଡ଼ିଶା

ରାଜ୍ୟର ୯୬ ଲକ୍ଷ
ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାରକୁ
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା
୨ଟି ଲେଖାଏଁ ଝୋଟ ତିଆରି ବ୍ୟାଗ ପ୍ରଦାନର ଶୁଭାରମ୍ଭ

ତାରିଖ ୯ ଫେବୃଆରୀ || ସମୟ ସକାଳ ୧୦ ଘଟିକା

ସବୁଜ ଓଡ଼ିଶା ଗଠନ ପାଇଁ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ ବ୍ୟବହାର ହ୍ରାସ କରିବାକୁ ନବୀନ ଓଡ଼ିଶା ସର୍ବଦା ସଂକଳ୍ପବଦ୍ଧ

ପରିବେଶର ସୁରକ୍ଷା ପାଇଁ ଆସନ୍ତୁ ଏକ ହୋଇ କାମ କରିବା, ଗର୍ବରେ କହିବା:
"ଆମ ଓଡ଼ିଶା, ନବୀନ ଓଡ଼ିଶା"







ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ

OIPR-07001/13/0012/2324

# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୯/୨୦୨୪ | Bhubaneswar, Friday, February 9/2024 | ପୃଷ୍ଠା-୧




**ନୀରଜ ଚୋପ୍ରା ସମ୍ମାନିତ**

ଭାରତୀୟ ଜାଭେଲିନ୍ ଥ୍ରୋ ତାରକା ନୀରଜ ଚୋପ୍ରାଙ୍କୁ ସମ୍ମାନିତ କରିଛି ସୁଇଜରଲାଣ୍ଡ ପର୍ଯ୍ୟଟନ ବିଭାଗ।

୧୬ ୦୬

**ମା' ହେବେ ୟାମି**

ବଲିଉଡ୍ ଅଭିନେତ୍ରୀ ୟାମି ଗୌତମ ଖୁବଶୀଘ୍ର ମା' ହେବାକୁ ଯାଉଛନ୍ତି । 'ଆର୍ଟିକିଲ ୩୭୦'ର ପ୍ରମୋଶନବେଳେ ୟାମି ଏ ନେଇ ସ୍ପଷ୍ଟ କରିଛନ୍ତି।



## ମୋଦି ଓବିସି ପରିବାରରେ ଜନ୍ମ ହୋଇ ନ ଥିଲେ: ରାହୁଲ

### ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାର ତୃତୀୟ ଦିବସରେ ଝାରସୁଗୁଡ଼ାରେ ରୋଡ୍ ଶୋ

ଭୁବନେଶ୍ୱର/ବ୍ରଜରାଜନଗର,୮।୨
(ସୁନିତ୍ ମିଶ୍ର/ବିଜୟ ବରାଡ଼)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ଜାତି ବିଷୟରେ ମିଥ୍ୟା କହିଛନ୍ତି। ସେ ଅନ୍ୟ ପଛୁଆ ବର୍ଗ (ଓବିସି) ପରିବାରରେ ଜନ୍ମ ହୋଇନାହାନ୍ତି। ସେ ଗୁଜରାଟର ତେଲି ପରିବାରରେ ଜନ୍ମ ହୋଇଥିଲେ। ୨୦୦୦ ମସିହାରେ ଭାଜପା ଦ୍ୱାରା ତେଲି ସମ୍ପ୍ରଦାୟକୁ ଓବିସି ଟ୍ୟାଗ୍ ଦିଆଯାଇଥିଲା। ମୋଦି ଜାତି ଜନଗଣନାକୁ ତାଙ୍କ ସାରା ଜୀବନରେ କରାଇବାକୁ ଦେବେ ନାହିଁ। କାରଣ ସେ ଓବିସିରେ ଜନ୍ମ ହୋଇ ନ ଥିଲେ। ସେ ସାଧାରଣ ବର୍ଗରେ ଜନ୍ମ ହୋଇଥିଲେ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି।

ଓଡ଼ିଶାରେ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାର ତୃତୀୟ ଦିବସରେ ଗୁରୁବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଝାରସୁଗୁଡ଼ାରେ ରୋଡ୍ ଶୋ କରିଥିଲେ। ସକାଳ ୯ଟାରେ ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ଗାନ୍ଧୀ ଛକଠାରେ ନ୍ୟାୟ ଯାତ୍ରା ପହଞ୍ଚିବା ପରେ ନଗର କଂଗ୍ରେସ ସଭାପତି ପ୍ରଫୁଲ୍ଲ ପଣ୍ଡା ଓ ସମ୍ପାଦକ ସୁନୀଲ ଦାସଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ସ୍ୱାଗତ କରିଥିଲେ। ପୂର୍ବାହ୍ନ ୧୧ଟା ସମୟରେ ରାହୁଲ ବେଲପାହାଡ ମହିମା ପଡ଼ିଆରେ ଏକ ସାଧାରଣ ସଭାକୁ ସମ୍ବୋଧିତକରି କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ରାହୁଲ ଆହୁରି କହିଛନ୍ତି ଯେ, କେନ୍ଦ୍ରରେ ଥିବା ମୋଦିଙ୍କ ସରକାର ପୁଞ୍ଜିପତିମାନଙ୍କୁ ପ୍ରୋତ୍ସାହନ ଦେଇଆସୁଛନ୍ତି। ☞ପୃଷ୍ଠା-୨



ଝାରସୁଗୁଡ଼ାଠାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ରୋଡ୍ ଶୋ' କରୁଛନ୍ତି।

## ଗାଡ଼ି ଅଟକାଇବାରୁ ଲୋକଙ୍କୁ ପିଟିଲା ପୋଲିସ



ବନ୍ତ ଥାନାଧିକାରୀ ଶ୍ରୀବଲ୍ଲଭ ସାହୁ ଜଣେ ଯୁବକଙ୍କୁ ଧକ୍କା ମାରୁଛନ୍ତି।

ଭଦ୍ରକ/ବନ୍ତ,୮।୨
(ସନାତନ ରାଉତ/ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ବନ୍ତ-ଆନନ୍ଦପୁର ରାସ୍ତାର ଶ୍ରୀବନ୍ତପୁର ଛକରେ ଗୁରୁବାର ପୂର୍ବାହ୍ନରେ ଦୁର୍ଘଟଣା ଘଟାଇ ଫେରାର ହୋଇଯାଉଥିବା ଏକ ବାଲି ବୋଝେଇ ହାଇୱାକୁ ଅଟକ ରଖିବାକୁ କେନ୍ଦ୍ରକରି ପୋଲିସ ଓ ଲୋକେ ମୁହାଁମୁହିଁ ହୋଇଛନ୍ତି। ବନ୍ତ ଥାନା ଛକଠାରେ ସ୍ଥାନୀୟ ଲୋକେ ଉକ୍ତ ହାଇୱାକୁ ଅଟକାଇ ଦିନବେଳେ ଭାରିଯାନ ଚଳାଚଳ ବନ୍ଦ ଥିବାବେଳେ ଏହା କିପରି ଚଳାଚଳ କଲା ବୋଲି ପୋଲିସକୁ ପ୍ରଶ୍ନ କରିଥିଲେ।

### ■ ସ୍କୁଲ ଛାତ୍ରଙ୍କୁ ଧକ୍କାଦେଲା ହାଇୱା

ଏହାକୁ ନେଇ ଯୁକ୍ତିତର୍କ ହେବାରୁ ବନ୍ତ ଥାନାଧିକାରୀ ଶ୍ରୀବଲ୍ଲଭ ସାହୁ ଲୋକଙ୍କୁ ଧକ୍କା ମାରିବା ସହ ଫୋର୍ସ ଲଗାଇ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏଥିରେ ୨ ଯୁବକ ଆହତ ହୋଇଛନ୍ତି।

ବନ୍ତ ବ୍ଲକ ଅଧୀନ ଚାଇଁପୁର ଗ୍ରାମର ଭୀମସେନ ସାହୁଙ୍କ ପୁଅ ଅମ୍ଳାନ ସ୍କୁଲ ଯାଉଥିବା ବେଳେ ଆନନ୍ଦପୁର ଆଡୁ ଆସୁଥିବା ବାଲି ବୋଝେଇ ହାଇୱା (ଓଡି ୨୨ ଆର୍ ୩୦୫୦) ☞ପୃଷ୍ଠା-୨

## ୨୭ରେ ଭୋଟ

### ଓଡ଼ିଶାରେ ରାଜ୍ୟ ସଭା ନିର୍ବାଚନ ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର,୮।୨(ପି.ଟି.)

ଓଡ଼ିଶାର ୩ ରାଜ୍ୟ ସଭା ଆସନରେ ନିର୍ବାଚନ ପାଇଁ ଗୁରୁବାର ବିଜ୍ଞପ୍ତି ଜାରି ହୋଇଛି। ଏଥିସହିତ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଜ୍ଞପ୍ତି ଅନୁଯାୟୀ ରାଜ୍ୟ ବିଧାନସଭା ପରିସରରେ ଆସନ୍ତା ୨୭ ତାରିଖ ସକାଳ ୯ରୁ ଅପରାହ୍ନ ୪ଟା ମଧ୍ୟରେ ନିର୍ବାଚନ ହେବ। ସେହିଦିନ ଅପରାହ୍ନ ୫ଟାରେ ଫଳାଫଳ ପ୍ରକାଶ ପାଇବ। ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ଫେବୃଆରୀ ୧୫ ରଖାଯାଇଛି। ଫେବୃଆରୀ ୨୯ରେ ନିର୍ବାଚନ ପ୍ରକ୍ରିୟା ଶେଷ ହେବ। ଏପ୍ରିଲରେ ଓଡ଼ିଶାର ୩ ରାଜ୍ୟ ସଭା ସଦସ୍ୟଙ୍କ କାର୍ଯ୍ୟକାଳ ଶେଷ ହେଉଛି। ସେମାନେ ହେଲେ ବିଜେଡିର ପ୍ରଶାନ୍ତ ନନ୍ଦ, ଅମର ପଟ୍ଟନାୟକ ଏବଂ ଭାଜପାରୁ କେନ୍ଦ୍ରମନ୍ତ୍ରୀ ଥିବା ଅଶ୍ୱିନୀ ବୈଷ୍ଣବ। ଖାଲି ହେଉଥିବା ଉକ୍ତ ଆସନ ପାଇଁ ନିର୍ବାଚନ ହେବାକୁ ଯାଉଛି। ୨୦୧୯ ରାଜ୍ୟ ସଭା ନିର୍ବାଚନରେ ଅଶ୍ୱିନୀଙ୍କୁ ବିଜେଡି ସମର୍ଥନ କରିଥିଲା। ଓଡ଼ିଶା ବିଧାନସଭାରେ ବର୍ତ୍ତମାନ ବିଜେଡିର ୧୧୧ ବିଧାୟକ ଥିବାବେଳେ ୩ ଜଣ ବହିଷ୍କୃତ ହୋଇଛନ୍ତି। ଭାଜପାର ୨୨ ଏବଂ କଂଗ୍ରେସର ୯ ବିଧାୟକ ଥିବାବେଳେ ସିପିଆଇ(ଏମ୍)ରୁ ଜଣେ ଏବଂ ଜଣେ ସ୍ୱାଧୀନ ବିଧାୟକ ଅଛନ୍ତି।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସନ୍ଥ ବଳରାମ ଦାସଙ୍କ ମହାପ୍ରୟାଣ ଦିବସ, ଭଞ୍ଜକଳା ମଣ୍ଡପ ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା ୩୦।
- କଳିଙ୍ଗ ସାହିତ୍ୟ ମହୋତ୍ସବ, ସ୍ୱସ୍ତି ପ୍ରିମିୟମ୍, ସକାଳ ୯ଟା।
- ନିଖିଳ ଓଡ଼ିଶା ସବୁଜ ପତ୍ରିକାଧାରୀ ସଂଘ ପକ୍ଷରୁ ବିକ୍ଷୋଭ, ବିଧାନସଭା ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ରାଜ୍ୟ ସାମ୍ବାଦିକ ସଂଘର ବାର୍ଷିକୋତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ପୂର୍ଣ୍ଣ ପେନସନ ଦାବିରେ ସମ୍ମିଳନୀ, ବୁଲନ ଭାଇ ସେବା ଭବନ, ମାଷ୍ଟରକ୍ୟାଣ୍ଟିନ, ପୂର୍ବାହ୍ନ ୧୧ଟା।
- 'ଆସିକ୍ ସରେଣ୍ଡର ହେଲା' ଗ୍ରାଣ୍ଡ ପ୍ରିମିୟର, ଅପରାହ୍ନ ୪ଟା।
- ଏକାମ୍ର ଉତ୍ସବ, ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୪ଟା।
- କିଡି ୱିଙ୍କ ପ୍ଲେ ସ୍କୁଲର ବାର୍ଷିକୋତ୍ସବ, ସ୍କୁଲ ପରିସର, ଅପରାହ୍ନ ୫ଟା।
- ସୁମିତ୍ରା ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ 'ଗୀତି ଗଜରା-୨୦୨୪' ଆଲବମ୍‌ର ଲୋକାର୍ପଣ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଧଉଳି କଳିଙ୍ଗ ମହୋତ୍ସବ, ଧଉଳି ପାଦଦେଶ, ସନ୍ଧ୍ୟା ୬ଟା ୩୦।
- ଭାରତ ରଙ୍ଗ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଭୁବନେଶ୍ୱର ବ୍ଲକସ୍ତରୀୟ ପଞ୍ଚାୟତ କପ୍, ପିଣ୍ଡିକି ୟୁଥ୍ କ୍ଲବ ଖେଳପଡ଼ିଆ, ଦାରୁଠେଙ୍ଗ, ପୂର୍ବାହ୍ନ ୧୦ଟା।
- ମହିଳା ହକି ପ୍ରୋ-ଲିଗ୍ (ଆଜିର ମ୍ୟାଚ)

ନେଦରଲାଣ୍ଡ୍ସ ବନାମ ଅଷ୍ଟ୍ରେଲିଆ
ସମୟ: ଅପରାହ୍ନ ୫ଟା ୩୦
ଭାରତ ବନାମ ଆମେରିକା
ସମୟ: ସନ୍ଧ୍ୟା ୭ଟା ୩୦
ସ୍ଥାନ: ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ

- ଇଣ୍ଡିଆନ୍ ସୁପର୍ ଲିଗ୍(ଆଜିର ମ୍ୟାଚ)

ଓଏଫ୍‌ସି ବନାମ ଏଫ୍‌ସି ଗୋଆ
ସମୟ: ସନ୍ଧ୍ୟା ୭ଟା ୩୦
ସ୍ଥାନ: ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ

## ପୁରୀ

- ମାର୍କଣ୍ଡେଶ୍ୱର ସାହି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ବିଦ୍ୟାଳୟ ପରିସର, ଅପରାହ୍ନ ୨ଟା ୩୦।
- ଡି ଡ୍ୟାନ୍ସ ଷ୍ଟୁଡିଓ ପକ୍ଷରୁ ପଞ୍ଚମ 'ଆରମ୍ଭ' ମହୋତ୍ସବ, ପୁରୀ ମୁକ୍ତାକାଶ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ନିମାପଡ଼ା ବ୍ଲକ ପଞ୍ଚାୟତସ୍ତରୀୟ ସଚେତନ ଶିବିର, ନୂଆସନ୍ଥ ପଞ୍ଚାୟତ, ହାଟ ପଡ଼ିଆ ନୂଆସନ୍ଥ, ଧନୁଆ ପଞ୍ଚାୟତ ଇଛାପୁର ଖେଳ ପଡ଼ିଆ, ବଡ଼ ଶୃବିଳା ପଞ୍ଚାୟତ, ସିଦ୍ଧେଶ୍ୱରୀ ଠାକୁରାଣୀ ପଡ଼ିଆ ଗଡ଼ତୋରିହିଁ, ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା, ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ କାର୍ଯ୍ୟକ୍ରମ, ବଳଙ୍ଗା ପଞ୍ଚାୟତ ବକ୍ରେଶ୍ୱର କ୍ଲବ ପଡିଆ, ନୂଆସନ୍ଥ ପଞ୍ଚାୟତ ସାପ୍ତାହିକ ହାଟ ପଡ଼ିଆ, ପୂର୍ବାହ୍ନ ୧୧ଟା।
- ନିଶାଣିବାରଣ ସଚେତନତା କାର୍ଯ୍ୟକ୍ରମ, ସତ୍ୟବାଦୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପଞ୍ଚସଖା ଭକ୍ତ ବଳରାମ ଦାସଙ୍କ ସ୍ମୃତି ସଂସଦ ଆନୁକୂଲ୍ୟରେ ଭକ୍ତକବି ବଳରାମ ଦାସଙ୍କ ମହାପ୍ରୟାଣ କାର୍ଯ୍ୟକ୍ରମ, ଗୋପସ୍ଥିତ ବଳରାମ ମନ୍ଦିର ପରିସର, ଅପରାହ୍ନ ୫ଟା।

## କଟକ

- ଶ୍ରୀଶ୍ରୀ ୟୁନିଭର୍ସିଟିର ଏନ୍ଏସ୍ଏସ୍ ଶାଖା ପକ୍ଷରୁ ରକ୍ତଦାନ ଶିବିର, ବିଶ୍ୱବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା।
- ଜର୍ନାଲିଷ୍ଟ ଡେଭେଲପମେଣ୍ଟ କାଉନ୍‌ସିଲ ଅଫ୍ ଇଣ୍ଡିଆ ପକ୍ଷରୁ ଲୋଗେ ଉନ୍ମୋଚନ, ସର୍କିଟ ହାଉସ, ପୂର୍ବାହ୍ନ ୧୧ଟା।
- ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକୋତ୍ସବ, ବ୍ଲକ ନଂ-୩୫, ପୁରୁଣା ସଚିବାଳୟ, ବକ୍ସିବଜାର, ଅପରାହ୍ନ ୩ଟା।
- ଦି ୟୁନିଭର୍ସର ସୁବର୍ଣ୍ଣ ଜୟନ୍ତୀ ଓ ଗିରିଜା ଭୂଷଣ ପଟ୍ଟନାୟକଙ୍କ ୯୩ତମ ଜୟନ୍ତୀ ସମାରୋହ, ସାରଳା ଭବନ, ଅପରାହ୍ନ ୫ଟା ୩୦।

## ଖୋର୍ଦ୍ଧା

- ମା'ତାରିଣୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ନୟାଗଡ଼ ରୋଡ୍ ଖୋର୍ଦ୍ଧା, ସମୟ: ସକାଳ ୮ଟା।
- ମା'ବଘେଇ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଦେଉଳଟାଙ୍ଗୀ, ସମୟ: ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଗୁରୁଜଙ୍ଗ, ସମୟ: ଅପରାହ୍ନ ୪ଟା ୩୦।
- ବାର୍ଷିକ ଗୀତା ଜ୍ଞାନଯଜ୍ଞ, ସ୍ଥାନ: ତଣ୍ଡାଳ, ସମୟ: ସକାଳ ୮ଟା।
- ମା'ଜାଗୁଳାଇ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଗୌଡିଆପଡ଼ା, ଅପରାହ୍ନ ୩ଟା।
- ଆଞ୍ଚଳିକ ବଣିକ ମହାସଂଘର ଦ୍ୱାଦଶତମ ବାର୍ଷିକ ଉତ୍ସବ, ସ୍ଥାନ: ମହାସଂଘ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ହାପି ଫାଉଣ୍ଡେଶନ ପକ୍ଷରୁ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଭୋଗରାଇ ଜଗନ୍ନାଥପୁର ପଞ୍ଚାୟତ ପଥରେଶ୍ୱର ଖେଳ ପଡ଼ିଆ, ସମୟ: ସକାଳ ୮ଟା।
- ଆମ ଓଡିଶା ନବୀନ ଓଡ଼ିଶାର ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସାରଡ଼ାଙ୍ଗ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ପିଡିଏସ୍ ହିତାଧିକାରୀଙ୍କୁ ଝୋଟ ବ୍ୟାଗ୍ ବଣ୍ଟନ, ସ୍ଥାନ: ଓଲଙ୍ଗ ପଞ୍ଚାୟତ, ଭଦ୍ରକ, ପୂର୍ବାହ୍ନ ୧୦।
- ବାସୁଦେବପୁର ମହୋତ୍ସବର ୨ୟ ସନ୍ଧ୍ୟା, ସ୍ଥାନ: ଯାଦବ ପଡ଼ିଆ, ବାସୁଦେବପୁର, ସନ୍ଧ୍ୟା ୬ଟା।
- ସର୍ବଭାରତୀୟ କିଶୋର ନାୟକ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଲିଗ୍ ମ୍ୟାଚ୍, ସ୍ଥାନ: ପୁରୁଷୋତ୍ତମପୁର ମିନିଷ୍ଟାଡିୟମ, ବନ୍ତ, ସମୟ: ପୂର୍ବାହ୍ନ ୯ଟା।
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ସିନ୍ଦୋଳ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: କୋହ୍ଲ ପଞ୍ଚାୟତ, ତିହିଡ଼ି, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦୁଝର

- ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ, ସ୍ଥାନ: କଣ୍ଟିଆପଡ଼ା ପଞ୍ଚାୟତ, ପାଟଣା ବ୍ଲକ୍, ସମୟ: ପୂର୍ବାହ୍ନ ୧୧ ଟା।
- ମୁଁ ଭି ଅଭିଭାବକ, ଶିକ୍ଷା ହିଁ ସମାଧାନ, ସ୍ଥାନ: ଶାଳବଣି ବାଳିକା ଉଚ୍ଚ ବିଦ୍ୟାଳୟ, ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୧ ଟା।

## ସମ୍ବଲପୁର

- ସମ୍ବଲପୁରୀ ଧନୁଯାତ୍ରା କଳାକାର ଚୟନ ପାଇଁ ପଞ୍ଜୀକରଣ, ସାମ୍ବାଦିକ ଭବନ, ପୂର୍ବାହ୍ନ ୧୦ଟା
- କ୍ଷେତରାଜପୁର ମା' ବୈଷ୍ଣୋଦେବୀ ମନ୍ଦିରରେ ଜାଗରଣ, ମନ୍ଦିର ପରିସର,ଅପରାହ୍ନ ୪ଟା
- ଓସିଏ ଆନ୍ତଃ ବିଦ୍ୟାଳୟ କ୍ରିକେଟ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ପୂର୍ବାହ୍ନ ୯ଟା
- ସମ୍ବଲପୁର ମହୋତ୍ସବ, ପିଏଚ୍‌ଡି ପଡିଆ, ସନ୍ଧ୍ୟା ୬ଟା।
- କେଉଟ, କୈବର୍ତ୍ତ, ଧୀବର ହଟାଓ କ୍ରିୟାନୁଷ୍ଠାନ କମିଟିର ଧାରଣା, ଆର୍‌ଡିସି କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା ।
- ୧୨ତମ ଦୀନବନ୍ଧୁ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା, ହାୱା ମଇଦାନ, ସକାଳ ୮ଟା।

## ବଲାଙ୍ଗୀର

- ସିଦ୍ଧି ବିନାୟକ ବିଦ୍ୟାମନ୍ଦିରର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ, ପୁଇଁତଲା ବ୍ଲକ୍ ବୁରୋଭାଡି, ଅପରାହ୍ନ ୩ଟା।
- ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଚତୁର୍ଥ ଦିବସ ମ୍ୟାଚ: ବୌଦ୍ଧ ବନାମ୍ କଣ୍ଟାବାଞ୍ଜି କୋଷ୍ଟାଲ, ପୃଥ୍ୱୀରାଜ ହାଇସ୍କୁଲ ପଡିଆ, ଅପରାହ୍ଣ ୩ଟା।
- ଭାଜପା ଜୋନସ୍ତରୀୟ କର୍ମୀ ସମାବେଶ, ଖପ୍ରାଖୋଲ ବ୍ଲକ ତେଲେନପାଲି, ପୂର୍ବାହ୍ନ ୧୦ଟା।
- ଭାରତୀୟ କିଷାନ ସଂଘର ସଦସ୍ୟତା ଅଭିଯାନ, ଦେଓଗାଁ ବ୍ଲକ କଛାରପାଲି ପ୍ରଗତି ଯୁବକ ସଂଘ, ସନ୍ଧ୍ୟା ୬ଟା ।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ଦେଓଗାଁ ବ୍ଲକର ଦେଷଣ୍ଟ, ଗାଇବାହାଲ ଓ ସିଂହାମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।
- ସଇଁତଲା ବ୍ଲକ ଡେଙ୍ଗ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍କୁଲ ପରିସର, ପୂର୍ବାହ୍ନ ୧୦ଟା।
- ତୋଷାଳୀ ମହୋତ୍ସବ ଉଦ୍‌ଘାଟନ, ମଶାଲ ଶୋଭାଯାତ୍ରା, ତୁଷୁରା ହାଇସ୍କୁଲ ଖେଳ ପଡିଆ, ପୂର୍ବାହ୍ନ ୧୦ଟା।

## ରାଉରକେଲା

- ସାହିତ୍ୟ ଆଲୋଚନା ସଭା, ଭଞ୍ଜଭବନ, ୬ଟା ୩୦ମିନିଟ୍।
- ବସ୍ତି ସମସ୍ୟା ନେଇ ଏଡିଏମ୍‌ଙ୍କୁ ଦାବିପତ୍ର ପ୍ରଦାନ, ଉଦିତନଗର, ପୂର୍ବାହ୍ନ ୧୦ଟା।
- ରାଧାକୃଷ୍ଣ ମନ୍ଦିରର ବାର୍ଷିକୋତ୍ସବ, ହିଲଟପ ବସ୍ତି, ବାସନ୍ତୀ ନଗର, ସକାଳ ୮ଟା।
- ପୁସ୍ତକ ମେଳାର ୮ମ ସନ୍ଧ୍ୟା, ଆଦର୍ଶ ପାଠାଗାର, ସେକ୍ଟର-୫, ସନ୍ଧ୍ୟା ୭ଟା।
- ମୌର୍ଯ୍ୟ ଏକ୍ସପ୍ରେସ ଉପରେ ଖବରଦାତା ସମ୍ମିଳନୀ, ହୋଟେଲ ପ୍ରୟାଳ ଅମ୍ରିତ ସାଗର, ପୂର୍ବାହ୍ନ ୧୦ଟା।
- କୁଡୁଖ ଭାଷାଭାଷୀଙ୍କ ବିଶାଳ ରାଲି, ଉଦିତନଗର, ସକାଳ ୧୦ଟା।

## ବରଗଡ଼

- ଟିନିକଲ କର୍ମଚାରୀ ସଂଘର ଧାରଣା, ଜିଲାପାଳ ଅଫିସ ସମ୍ମୁଖ, ପୂର୍ବାହ୍ନ ୧୦ଟା।
- ଛାତ୍ରୀଙ୍କ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର, ରାଣାପ୍ରତାପ ହାଇସ୍କୁଲ, ଅପରାହ୍ନ ୩ଟା।
- ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ, କେର୍ମେଲାବାହାଲ(ପାଇକମାଲ), ପୂର୍ବାହ୍ନ ୧୧ଟା।
- କ୍ରେତା, ବିକ୍ରେତା ସମ୍ମିଳନୀ, କେନ୍ଦୁଭଟା(ଗାଇସିଲେଟ୍), ପୂର୍ବାହ୍ନ ୧୧ଟା।
- କଂସଡ଼ୋଲ ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ, ବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ଆମ ଓଡ଼ିଶା ନବୀନ ଓଡ଼ଶା ସଚେତନତା କାର୍ଯ୍ୟକ୍ରମ, କୋକସରା ବ୍ଲକ ଡାଲଗୁମା ପଞ୍ଚାୟତ ପରିସର, ପୂର୍ବାହ୍ନ ୧୧ଟା।
- ବିଜାପାଟି ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ, କର୍ଲାମୁଣ୍ଡା ବ୍ଲକ ବିଜାପାଟି ପ୍ରାଥମିକ ବିଦ୍ୟାଳୟ ପଡ଼ିଆଠାରେ, ଅପରାହ୍ନ ୨ଟା।
- ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ଲାଞ୍ଜିଗଡ଼ ବ୍ଲକ କାନକୁଟରୁ ଗ୍ରାମପଞ୍ଚାୟତ ନିକଟ୍ଟ ଖେଳପଡିଆ, ପୂର୍ବାହ୍ନ ୧୦ଟା।
- ବିକାଶ ଗ୍ଲେଡିଓଟର ଓ କଳାହାଣ୍ଡି ସାମ୍ବାଦିକ ୟୁନିୟନ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କିକେଟ ମ୍ୟାଚ୍, ବିକାଶ ଉଇସଡ୍ରମ ପାର୍କ ଭବାନୀପାଟଣା, ପୂର୍ବାହ୍ନ ୧୦ଟା।
- ମେଦିନିପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ଭବାନୀପାଟଣା ସଦର ବ୍ଲକ ମେଦିନିପୁର ସ୍କୁଲ ପଡ଼ିଆରେ, ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଜାତୀୟ କୃମି ଦିବସ ପାଳନ ପାଇଁ ଖବଦାତା ସମ୍ମିଳନୀ, ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ମିନିସମ୍ମିଳନୀ କକ୍ଷ, ଅପରାହ୍ନ ସାଢ଼େ ୪ଟା ।

## ବୌଦ୍ଧ

- ତୃତୀୟ ବାଉଁଶୁଣୀ ଲୋକ ମହୋତ୍ସବ ଉଦ୍‌ଯାପନୀ ଉତ୍ସବ, ବୌଦ୍ଧ ବ୍ଲକ ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ଅପରାହ୍ନ ୪ଟା।
- କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତର ବନ୍ଧଗୋରା ଧବଳେଶ୍ୱର କ୍ରିକେଟ କ୍ଲବ ପକ୍ଷରୁ ୧୪ତମ ଧବଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିନ ଖେଳ, ବନ୍ଧଗୋରା ଖେଳପଡିଆ, ସକାଳ ୮ଟା।

## ଦେବଗଡ଼

- ଆନ୍ତଃ ଜିଲା ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟର ପଞ୍ଚମ ଦିବସ: ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- ଆମ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ମୋ ପଞ୍ଚାୟତ ବିକାଶ ସଚେତନତା କାର୍ଯ୍ୟକ୍ରମ,ତରଭା ବ୍ଲକ ବାଲିଖମାର ଖେଳପଡିଆ, ପୂର୍ବାହ୍ନ ୧୧ଟା ।
- ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ବିନିକା ସିଦ୍ଧାର୍ଥ କଲେଜ, ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ଜିଲା ଅନ୍ତଃ ସ୍କୁଲ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟନ, ସ୍ଥାନ - ମୁଖ୍ୟ ଷ୍ଟାଡିୟମ, ଢେଙ୍କାନାଳ, ସମୟ - ପୂର୍ବାହ୍ନ ୯ଟା।
- ଯୋରନ୍ଦା ମାଘମେଳା ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ, ସ୍ଥାନ-ଯୋରନ୍ଦା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ-ଅପରାହ୍ନ ୪ଟା।

## ଅନୁଗୋଳ

- ରୋଟାରି ପବ୍ଲିକ ସ୍କୁଲ ପକ୍ଷରୁ ମିନି ମରାଥାନ, ସ୍ଥାନ- ବୁଢ଼ୀ ଠାକୁରାଣୀ ମନ୍ଦିର ଛକ ଓ ପିଟିସି ଛକ, ସମୟ- ପୂର୍ବାହ୍ନ ୮ଘଟିକା।
- ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ-ବଇଣ୍ଡା ଶିଶୁ ମନ୍ଦିର, ସମୟ- ଅପରାହ୍ନ ୩ଟା।

## ଗଞ୍ଜାମ

- ସହରାଞ୍ଚଳ ନବୀନ ଓଡିଶା ସମାରୋହ, ସୋରଡ଼ା ବିଜୁ ମାର୍କେଟ କମ୍ପ୍ଲେକ୍ସ, ଅପରାହ୍ନ ୫ଟା।
- ଶକୁନ୍ତଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକୋତ୍ସବ, ବୁଗୁଡ଼ା କରଚୁଲି ବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା
- ବାଲିପଦର ମହୋତ୍ସବର ଉଦଯାପନୀ, ସ୍ଥାନ-ମହୋତ୍ସବ ପଡିଆ, ସମୟ-ସନ୍ଧ୍ୟା ୫ଟା।
- ମୁଦ୍ରା ଯୋଜନା ସମ୍ପର୍କିତ ତାଲିମ ଶିବିର। ସ୍ଥାନ-ବୁଗୁଡା ଏନ୍ଏସି କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୧୦ଟା।
- ଆସିକା ବ୍ଲକ ଖଣ୍ଡଦେଉଳିରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ, ପଞ୍ଚାୟତ କାର୍ଯ୍ୟାଳୟ, ସମୟ- ପୂର୍ବାହ୍ନ ୧୦ଟା।
- ଭାରତ ସ୍କାଉଟ୍ସ ଏଣ୍ଡ ଗାଇଡ୍ସର କ୍ୟାମ୍ପୋରୀ ଉଦ୍‌ଯାପନୀ ଉତ୍ସବ, ସ୍ଥାନ - ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ, ସମୟ-ଅପରାହ୍ନ ୩ଟା
- ଭଞ୍ଜନଗର ବ୍ଲକ ଭାଲିଆଖାଇ ସ୍କୁଲର ବାର୍ଷିକୋତ୍ସବ, ବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା
- ଗଞ୍ଜାମ ଜିଲା ଫାର୍ମ ଆସୋସିଏଶନର ସମାବେଶ। ଛତ୍ରପୁର ଜିଲାପାଳଙ୍କ ଅଫିସ ସମ୍ମୁଖ, ପୂର୍ବାହ୍ନ ୧୧ଟା।

## କନ୍ଧମାଳ

- ଗଟାଙ୍ଗୀ ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ-ବିଦ୍ୟାଳୟ ପରିସର, ସମୟ- ପୂର୍ବାହ୍ନ ସୋଢ଼ ୧୧ଟା।

## ଜଗତ୍‌ସିଂହପୁର

- ଶାନ୍ତିଭଉଣୀ ବିଇଞ୍ଛି ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ନେଇ ବିଶ୍ୱଶାନ୍ତି ମହାଯଜ୍ଞ, ଜଗତ୍‌ସିଂହପୁର ପୌର ପରିଷଦ କଣ୍ଟାବଲ୍ଲଭପୁର ଗ୍ରାମ, ପ୍ରତ୍ୟୁଷ ୪ଟା।
- ରାଜକିଶୋର ବାରିକ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟର ଓ ସେମିଫାଇନାଲ ମ୍ୟାଚ, ଜଗତ୍‌ସିଂହପୁର ପୌର ପରିଷଦ, ୱାର୍ଡ ନଂ.୧, କଣ୍ଟାବଲ୍ଲଭପୁର ହନୁମାନ ମନ୍ଦିର ପଡ଼ିଆ, ରାତି ୮ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ତିର୍ତ୍ତୋଲ, ପଞ୍ଚାୟତ କାର୍ଯ୍ୟାଳୟ ନିକଟ ନେହେରୁ ହାଟ ପଡ଼ିଆ ଓ ଦାଇଁଲୋ ପଞ୍ଚାୟତ କାର୍ଯ୍ୟାଳୟ ନିକଟ ପଡ଼ିଆ, ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର, କୁଜଙ୍ଗ ବ୍ଲକ ବାଲିଆ ଓ ବଡ଼ବାଲିକଣି ପଞ୍ଚାୟତ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।
- ପେଟ୍ରୋ କେମିକାଲ କମ୍ପ୍ଲେକ୍ସର ଜମି ଅଧିଗ୍ରହଣ ନିମନ୍ତେ ଜନଶୁଣାଣି ଶିବିର,
- ଏରସମା ତହସିଲ ଅନ୍ତର୍ଗତ ବାମଦେଇପୁର ପଞ୍ଚାୟତ, ସୁନାଡ଼ିଆ ମୌଜା ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ଆର୍ତ୍ତେଶ୍ୱରଙ୍କ ମନ୍ଦିର ବେଢ଼ାରେ ରୁଦ୍ର ମହାଯଜ୍ଞ କଳସ ଶୋଭାଯାତ୍ରା, ଗୋବରୀ ନଦୀରେ ତ୍ରିବେଣୀ ବୁଡ଼, ସ୍ଥାନ: ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତର ଜଗନ୍ନାଥପୁର, ସକାଳ ୫ଟା।
- ରାମଚଣ୍ଡୀ ନୋଡାଲ ବିଦ୍ୟାନିକେତନର କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଡେରାବିଶ ବ୍ଲକ ଛୋଟି, ସମୟ: ପୂର୍ବାହ୍ନ ୧୦ଟା।
- ତୃତୀୟ ପାୟଲ ମ୍ୟୁଜିକ ଗ୍ରାମୀଣ ମହୋତ୍ସବ, ସ୍ଥାନ: ମ୍ୟୁଜିକ ସ୍କୁଲ, ଇନ୍ଦୁପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- କେନ୍ଦ୍ରାପଡ଼ା ଡେଭଲପମେଣ୍ଟ ଫାଉଣ୍ଡେଶନ ପକ୍ଷରୁ ସାହିତ୍ୟ ଉତ୍ସବ, ସ୍ଥାନ: ଜିଲା ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୯ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ବାରଡାଙ୍ଗ ଓ ବଉଳକଣୀ ପଞ୍ଚାୟତ, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଅଟାଳ ପଞ୍ଚାୟତ କାର୍ଯ୍ୟାଳୟ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ପାଖଡ଼ ପଞ୍ଚାୟତ କାର୍ଯ୍ୟାଳୟ, ଗରଦପୁର, ପୂର୍ବାହ୍ନ ୧୦ଟା।

## ଯାଜପୁର

- ଦେବୀ ମା' ବୀରଜାଙ୍କ ସ୍ୱନକ୍ଷତ ଉତ୍ସବ, ବିରଜା ମନ୍ଦିର ପରିସର, ବ୍ରାହ୍ମ ମୁହୂର୍ତ୍ତ।
- ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ, ଯାଜପୁର ଟାଉନ ବିଡି ହାଇସ୍କୁଲ, ପୂର୍ବାହ୍ନ ୧୦ଟା୩୦ ।
- ବଡ଼ଚଣା ଭାଜପାର ଗୃହ ସମ୍ପର୍କ ଅଭିଯାନ, ବୈରୀ, ପୂର୍ବାହ୍ନ ୧୦ଟା।
- ବଡ଼ଚଣା ବ୍ଲକ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟରେ ବିଷ୍ଣୁ ସାମନ୍ତରାୟଙ୍କ ଜୟନ୍ତୀ ପାଳନ, ମହାବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।
- ଧର୍ମଶାଳା ପଞ୍ଚାୟତ ସମିତିର ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ନରସିଂହପୁର ଓ ବଳଦେବଜୀଉ ଖେଳପଡିଆ, ମଙ୍ଗଳପୁର, ଅରାବଳ ଏବଂ କଦମପାଳ ପଞ୍ଚାୟତ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ପୁସ୍ତକ ଉନ୍ମୋଚନ ଉତ୍ସବ, ରୋଟାରୀ କ୍ଲବ ନୟାଗଡ଼, ଅପରାହ୍ନ ୫ଟା ।
- ବିଶ୍ୱଶାନ୍ତି ଶୈବ ମହାଯଜ୍ଞର ଅଙ୍କୁରାରୋପଣ, କପିଳେଶ୍ୱର ମହାଦେବ ପୀଠ, ବରପାଲି, ପୂର୍ବାହ୍ନ ୧୦ଟା ।

## ନବରଙ୍ଗପୁର

- ପିଡିଏସ୍ ହିତାଧିକାରୀଙ୍କୁ ଝୋଟ ବ୍ୟାଗ ବିତରଣ, ସ୍ଥାନ: ନବରଙ୍ଗପୁର ଆର୍‌ଏମ୍‌ସି କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା

---

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେହଟି ସରୁଆ, ମୁହଁଟି ଚେପା,**
**ଏହାଙ୍କୁ ପରତେ ନ ଯିବୁରେ ବୋପା !**

ଅପେକ୍ଷାକୃତ ଶରୀର ପତଳା ଥିବା ବ୍ୟକ୍ତି ବିଶ୍ୱାସଯୋଗ୍ୟ ହୋଇ ନ ଥାନ୍ତି। ତାଙ୍କର ମନ ଆଦୌ ଖୋଲା ନ ଥାଏ। ସେହିପରି ମୁହଁର ଆକୃତି ସାମାନ୍ୟ ବଙ୍କା ଥିବା ବ୍ୟକ୍ତି ମଧ୍ୟ ଭରସାଯୋଗ୍ୟ ହୋଇ ନ ଥାନ୍ତି। ଏହି ଧରଣର ବ୍ୟକ୍ତିଙ୍କୁ ବିଶ୍ୱାସରେ ନେବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେ କଉଡ଼ି ଖା ପିଠା**
**ଏଥିପାଇଁ କିଆଁ ଦାନ୍ତ ନିକୁଟା।**

ପଇସା ଦେଇ ଖାଇବା ପଦାର୍ଥ ଗ୍ରହଣ କର, ସିଧା କଥା। ପଇସା ଥିଲେ ସବୁ କିଛି ହାତମୁଠାରେ। ଟଙ୍କା ପଇସା ରୋଜଗାର କରିବା ପାଇଁ ପରିଶ୍ରମ ଲୋଡ଼ା। ତେଣୁ ପରିଶ୍ରମ ବିନା କିଛି ବି ସମ୍ଭବ ନୁହେଁ, ସବୁ କିଛି ଦୃଷ୍ପ୍ରାପ୍ୟ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

---

## ମୋଦି ଓବିସି...

ପ୍ରଥମ ପୃଷ୍ଠାରୁ...

୧୦ ବର୍ଷ ହେଲା କେବଳ ଧନୀମାନେ ସୁବିଧା ପାଇଆସୁଛନ୍ତି। ଗରିବ ଦିନକୁ ଦିନ ଗରିବ ହୋଇଚାଲିଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ କେନ୍ଦ୍ର ସରକାର ଜାତି ଜନଗଣନା କରୁନାହାନ୍ତି। ଆଗାମୀ ଦିନରେ କଂଗ୍ରେସ ସରକାରକୁ ଆସିଲେ ପ୍ରଥମେ ଜାତି ଜନଗଣନା କରି ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବ। ଓଡିଶାରେ ୨୫ ବର୍ଷ ହେଲା ବିଜେଡି ସରକାର ଚାଲିଛି। ହେଲେ ଏଠାରେ ନିଯୁକ୍ତି କାହିଁକି ହେଉ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଲୋକମାନଙ୍କୁ ସୁବିଧା ଯୋଗାଇ ଦେବା ନାଁରେ ଅର୍ଥ ହରିଲୁଟ୍ ଚାଲିଛି, ଯାହାକୁ କେନ୍ଦ୍ର ସରକାର ସମର୍ଥନ କରିଆସୁଛନ୍ତି। ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ମଣିପୁରଠାରୁ ମହାରାଷ୍ଟ୍ର ପର୍ଯ୍ୟନ୍ତ କରାଯାଉଛି। ଓଡିଶାର ସୁନ୍ଦରଗଡ ଓ ଝାରସୁଗୁଡା ଜିଲା ଖଣିଖାଦନ ଭରା ହୋଇଥିଲେ ମଧ୍ୟ ଏଠିକାର ଲୋକମାନେ ଭିଟାମାଟି ଛାଡ଼ି ଦାଦନ ଖଟିବାକୁ ଯାଉଛନ୍ତି। ରାଜ୍ୟରେ ପୂର୍ବରୁ ଗଢ଼ି ଉଠିଥିବା ଉଦ୍ୟୋଗ ଗୋଟିଏ ପରେ ଗୋଟେ ବନ୍ଦ ହେବାରେ ଲାଗିଛି। କଂଗ୍ରେସ ସମୟରେ ଭାରତରେ ଅନେକ କଳକାରଖାନା ଗଢ଼ି ଉଠିଥିଲା। ମୋଦି ସରକାର ତାହାକୁ ବନ୍ଦ କରିବାରେ ଲାଗିଛନ୍ତି। ଆଦିବାସୀଙ୍କ ଅଧିକାର ଜାତି ଧର୍ମ ନାଁରେ ଲୋପ ପାଇବାକୁ ବସିଲାଣି। ସେମାନଙ୍କ ଜଙ୍ଗଲ ଜମିକୁ ଛଡ଼େଇ ନେଇ ପୁଞ୍ଜିପତିଙ୍କ ହାତରେ ଟେକି ଦିଆଯାଉଛି। ଦେଶରେ ଅଣ ଭାଜପା ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ବିରୋଧରେ କେନ୍ଦ୍ର ସରକାର ବିଭିନ୍ନ ଦୁର୍ନୀତି ଅଭିଯୋଗ ଆଣି ଛନ୍ଦିବା ସହିତ ସେମାନଙ୍କୁ ଜେଲ୍ ପଠାଇ ଦେଉଛନ୍ତି। ହେଲେ ଭାଜପା ଶାସିତ ରାଜ୍ୟରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଓଡିଶାରେ ମାଗଣା ଯୋଜନା କରି ସରକାର ଠକିବାରେ ଲାଗିଛନ୍ତି। ବର୍ତ୍ତମାନ ମଧ୍ୟ ରାଜ୍ୟରେ ୩୦ ଲକ୍ଷରୁ ଅଧିକ ସରକାରୀ ପଦବୀ କାହିଁକି ଖାଲିପଡ଼ିଛି ବୋଲି ପ୍ରଶ୍ନ କରିଛନ୍ତି। । ଏଥିସହିତ ରାହୁଲ ପୁଣି କହିଛନ୍ତି, ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ କଂଗ୍ରେସକୁ ଅଭୁତପୂର୍ବ ସଫଳତା ମିଳୁଛି। ଭାରତର ସାଧାରଣ ଜନତା ଏବେ କଂଗ୍ରେସ ପ୍ରତି ଆସ୍ଥା ପ୍ରକଟ କଲେଣି। ଓଡିଶାରେ ତାଙ୍କ ପ୍ରତି ଥିବା ଭଲ ପାଇବାକୁ ସେ ଉପଲବ୍ଧି କରୁଥିବା କହିଛନ୍ତି। ସେଠାରେ ଜନସଭା ଶେଷ ହେବାପରେ ରାହୁଲ ରୋଡ୍ ଶୋରେ ଯାଇ କୁଡ଼ାଲୋଇ ଠାରେ ଚା' ପିଇଥିଲେ। ସେଠାରୁ କନକତରା ଦେଇ ଛତିଶଗଡ଼ ରାୟପୁର ଅଭିମୁଖେ ଯାତ୍ରା କରିଥିଲେ। ଶୋଭାଯାତ୍ରା ବେଳେ ପିସିସି ସଭାପତି ଶରତ ପଟ୍ଟନାୟକ, ପ୍ରଭାରୀ ଅଜୟ କୁମାରଙ୍କ ସମେତ ବହୁ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ।

## ଗାଡ଼ି ଅଟକାଇବାରୁ...

ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଆହତ ଅମ୍ଳାନଙ୍କୁ ଚିକିତ୍ସା ପାଇଁ ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ବନ୍ତ ବଜାର ଥାନା ଛକଠାରେ ଉକ୍ତ ହାଇୱାକୁ ଅଟକାଇଥିଲେ। ଦୁର୍ଘଟଣାରେ ଆହତ ହୋଇଥିବା ଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା କଥା ନ ବୁଝି ବାଲି ବୋଝେଇ ଗାଡ଼ି କାହିଁକି ଅଟକାଇଛ ବୋଲି ପ୍ରଶ୍ନ କରି ଥାନାଧିକାରୀ ଲୋକଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହି ସମୟରେ ଗିଲୋ ଦେବତାଗଡ଼ିଆ ଗ୍ରାମର ଶକ୍ତିଧର ରାଉତ ଓ ଗଣନାଥ ବେହେରାଙ୍କୁ ମାଡ଼ମାରିବା ସହ ସେ ଉକ୍ତ ଗାଡ଼ିକୁ ଛାଡ଼ି ଦେଇଥିଲେ। ପରେ ଗାଡ଼ିକୁ ଥାନାକୁ ଆଣି ଅଟକ ରଖାଯାଇଛି। ଏ ସମ୍ପର୍କରେ ଥାନାଧିକାରୀ ସାହୁ କହିଛନ୍ତି, ଭଦ୍ରକ-ଆନନ୍ଦପୁର ରାଜ୍ୟ ରାଜପଥକୁ ଅଧଘଣ୍ଟା ଧରି ଅବରୋଧ କରାଯାଇଥିଲା। ରାସ୍ତାରୋକୋ ହଟାଇବା ପାଇଁ ଏଭଳି ପଦକ୍ଷେପ ନେବାକୁ ପଡ଼ିଥିଲା। ଆହତ ଛାତ୍ରଙ୍କ ବାପା ଭୀମସେନ ଏବଂ ମାଡ଼ ଖାଇଥିବା ଦୁଇ ଯୁବକ ସନ୍ଧ୍ୟାରେ ଏସ୍‌ପିଙ୍କ ଅଫିସ୍‌କୁ ଆସି ଅତିରିକ୍ତ ଏସ୍‌ପି ବାମଦେବ ସିଂଙ୍କୁ ୨ଟି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଜଣେ ଡିଏସ୍‌ପିଙ୍କ ଦ୍ୱାରା ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି।

ପ୍ରକାଶଥାଉ କି, ପୂର୍ବରୁ ଏପରି ଦୁର୍ଘଟଣା ନେଇ ସକାଳ ୬ରୁ ରାତି ୧୦ଟା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ବନ୍ଦ ଦାବିରେ ଅଞ୍ଚଳବାସୀ ରାସ୍ତାରୋକୋ କରିଥିଲେ। ପ୍ରଶାସନ ମଧ୍ୟ ଭାରିଯାନ ଚଳାଚଳ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲା। ପ୍ରଶାସନର ନିର୍ଦ୍ଦେଶକୁ ନ ମାନି ଦିନବେଳେ ଭାରିଯାନ ଚଳାଚଳକୁ କିପରି ବନ୍ତ ପୋଲିସ ଅନୁମତି ଦେଉଛି ବୋଲି ଲୋକେ ପ୍ରଶ୍ନ ଉଠାଇଛନ୍ତି।

---

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ସଭାସମିତିରେ ଟିକିଏ ଟିକିଏ କଥାରୁ କଳହ ଲାଗିପାରେ। କର୍ମକ୍ଷେତ୍ରର କିଛି ସମସ୍ୟାକୁ କେନ୍ଦ୍ରକରି ନିଜ ଲୋକମାନେ ବିରୁଦ୍ଧାଚରଣ କରିବେ। ମନ ବୁଝିଲା ଭଳି କଥା କହି ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିମାନଙ୍କୁ ଆପଣେଇ ନେବେ। ବ୍ୟବସାୟ, ବାଣିଜ୍ୟ, ପରିବହନ, ନିର୍ମାଣ, ଆନୁଷ୍ଠାନିକ କାମ କ୍ଷେତ୍ରରୁ କୃତ୍ତିକା ନକ୍ଷତ୍ର ଉପକୃତ ହେବେ।

**ବୃଷ** କର୍ମକ୍ଷେତ୍ରରେ ଯାହା କରିବେ ଭଲ ରୂପେ ଭାବି ଚିନ୍ତି କରିବା ଠିକ୍ ହେବ। ଅଧିକାଂଶ ସମୟ ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସମ୍ପନ୍ନ ହେବା କଷ୍ଟକର ହୋଇପାରେ। ରୋହିଣୀ ନକ୍ଷତ୍ର ସଭାସମିତିରେ ସତ୍ୟ କଥା ପ୍ରକାଶ କରି ମଧ୍ୟ ନିନ୍ଦିତ ହୋଇପାରନ୍ତି। କୌଣସି କାମରେ ମଧ୍ୟସ୍ଥତା କଲେ ଅପମାନିତ ହେବାକୁ ପଡ଼ିବ।

**ମିଥୁନ** ସକାଳୁ ସକାଳୁ ପାରିବାରିକ ସମସ୍ୟା ମନକୁ ବିଚଳିତ କରିବ। ଆରର୍ଦ୍ରା ନକ୍ଷତ୍ର କେତେକ କ୍ଷେତ୍ରରେ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ। କଳା, ସାହିତ୍ୟ ଓ ସାମ୍ବାଦିକତାରେ ସୁନାମ ଅର୍ଜନ କରିବେ। ସାମୟିକ ସ୍ୱାସ୍ଥ୍ୟହାନି କାରଣରୁ ନିଜକୁ ନିରୁତ୍ସାହିତ ମନେକରିବେ।

**କର୍କଟ** କର୍ମକ୍ଷେତ୍ରରେ ଟେନସନ୍ ଲାଗିରହିବା କାରଣରୁ ମନରେ ଅସ୍ଥିରତା ସୃଷ୍ଟିହେବ। ଈର୍ଷାପରାୟଣ ବନ୍ଧୁମାନଙ୍କ ଦ୍ୱାରା ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ବ୍ୟବସାୟ, ନିର୍ମାଣ ଆନୁଷ୍ଠାନିକ କାମ, ସଭା ସମିତିରୁ ପ୍ରଶଂସିତ ହେବେ। ଅଶ୍ଳେଷା ନକ୍ଷତ୍ର ଅଭିଳଷିତ ଜିନିଷ ପାଇ ଖୁସି ରହିବେ।

**ସିଂହ** କର୍ମକ୍ଷେତ୍ରରେ ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲଭାବରେ ଚିନ୍ତା କରନ୍ତୁ। ମତାନ୍ତର କାରଣରୁ ପାରିବାରିକ, ରାଜନୀତି, ସଂଗଠନ ଓ ସଭାସମିତିରେ ସଫଳତା ହାସଲ କରିବେ। ପଡ଼ୋଶୀଙ୍କୁ ସାହାଯ୍ୟ କରିବା ସକାଶେ ଅନ୍ୟକୁ କୈଫିୟତ୍ ଦେବାକୁ ପଡିପାରେ। ବ୍ୟବସାୟ ଓ ପରିବହନରେ ବିଶେଷ ଲାଭବାନ୍ ହେବେ।

**କନ୍ୟା** କର୍ମକ୍ଷେତ୍ରରେ ସମସ୍ୟା ସମାଧାନର ରାସ୍ତା ବନ୍ଧୁଙ୍କ ସାହାଯ୍ୟରୁ ଖୋଜି ପାଇବେ। ପରିସ୍ଥିତି ଯାହା ହେଉନା କାହିଁକି ଆପଣ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ। ପରିବାରର ଆବଶ୍ୟକତା ପୂରଣ ସକାଶେ ଧାର କରଜ କରି କାମ ଚଳାଇ ନେବେ। ଦାବି ମୁତାବକ ନୂତନ ଗୃହୋପକରଣ ଦ୍ରବ୍ୟ କ୍ରୟ କରିବା ସକଶେ ବାଧ ହେବେ।

**ତୁଳା** ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କାର୍ଯ୍ୟ ହାସଲ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ, ସଭା ସମିତିରେ, କଚେରି ମାମଲାରେ ତଥା ସାମାଜିକ ସ୍ତରରେ ସମ୍ମାନ ଲାଭ କରିପାରନ୍ତି। ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି କରିବାକୁ ପଡିପାରେ। ଘର ସାଜସଜ୍ଜା, ମୂଲ୍ୟବାନ ଜିନିଷ କିଣିବା, ଯାନବାହନ ମରାମତି ଦିଗରେ ସମୟ ଅତିବାହିତ ହେବ।

**ବିଛା** ବନ୍ଧୁଙ୍କ ପରାମର୍ଶକ୍ରମେ ପାରିବାରିକ ସ୍ଥିତିରେ କିଛିଟା ଉନ୍ନତି ପରିଲକ୍ଷିତ ହୋଇପାରେ। ଭୁଲ୍ ବୁଝାମଣା ଯୋଗୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଶୀଘ୍ର ଶେଷ କରିବାକୁ ଚାହୁଁଥିଲେ ମଧ୍ୟ ଭାବୁଥିବା କାମଟିକୁ ଶେଷ କରିପାରିବେନି। ବେପାର ଓ ପରିବହନରେ ସମସ୍ୟା ଲାଗି ରହିବା ଯୋଗୁ ବ୍ୟସ୍ତ ରହିବେ।

**ଧନୁ** ଆଜି ଯେତିକି ପାଇବେ ସେତିକିରେ ସନ୍ତୁଷ୍ଟ ରହିବା ଭଲ। ଅଧିକ ଆଶା କଲେ କିଛି ଲାଭ ହେବନି। ନୂତନ କର୍ମସଂସ୍ଥାନ ପାଇଁ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ କାମ କଲେ ସଫଳତା ପାଇବେ। ବ୍ୟବସାୟରେ ଭଲ ଲାଭହେବ। ସ୍ୱାସ୍ଥ୍ୟ ସମସ୍ୟାଜନିତ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ।

**ମକର** କର୍ମକ୍ଷେତ୍ରରେ ଯେତେ କାମ କଲେ ମଧ୍ୟ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହେବ ନାହିଁ। ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ। ବନ୍ଧୁଙ୍କ ସହ ସମ୍ପର୍କରେ ଉନ୍ନତି ଯୋଗୁ ଖୁସି ରହିପାରନ୍ତି। ସମସ୍ୟା ସମାଧାନରେ ରାସ୍ତା ଖୋଜିବାରେ ସମର୍ଥ ହେବେ। ଆତ୍ମୀୟଙ୍କ ପରାମର୍ଶକ୍ରମେ ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି।

**କୁମ୍ଭ** ପୂର୍ବ ଯୋଜନା ଅନୁଯାୟୀ କର୍ମରେ ପ୍ରବୃତ୍ତ ହୋଇ ସଫଳତା ହାସଲ କରିବେ। ପାଖରେ ନ ଥିବା ଜିନିଷଟି ପାଇଁ ବନ୍ଧୁଙ୍କ ସହ ତର୍କ ଓ ବିବାଦ ବଢ଼ିବାର ସମ୍ଭାବନା ରହିଛି। ପାରିବାରିକ କ୍ଷେତ୍ର ବୁଝାମଣା ଭିତ୍ତିରେ ଶୃଙ୍ଖଳିତ ରହିବ। ଈର୍ଷାପରାୟଣ ହୋଇ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି।

**ମୀନ** ଯାତ୍ରା, ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାମ ଓ ସଭା ସମିତି ପ୍ରତ୍ୟେକ କ୍ଷେତ୍ରରେ ସଫଳତା ନିଶ୍ଚିତ ମିଳିବ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବା ସାଙ୍ଗକୁ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ସମସ୍ୟାର ସରଳ ସମାଧାନ ହେବେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ଭଲ ହେବ।

ଆଜି ଫେବୃଆରୀ ୯ ତାରିଖ, ମାଘମାସର ତ୍ରିବେଣୀ ଅମାବାସ୍ୟା ଶୁକ୍ରବାର, ମା' ବିରଜାଦେବୀଙ୍କ ଜନ୍ମୋତ୍ସବ, ଯମତର୍ପଣ, ଅଭିରାମ ପରମହଂସଙ୍କ ଜୟନ୍ତୀ, କରମଳା ପୀଠରେ ଭକ୍ତ ସମ୍ମିଳନୀ, ଅମାବାସ୍ୟାର ନିଶାପାଳନ, ଶରଣ, ରାଶି ନକ୍ଷତ୍ର-ଶ୍ରବଣା/ମକର, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୨୨ ମି. ଗତେ ଘ.୦୭।୦୭ମି. ମଧ୍ୟେ, ଘ.୦୭।୫୨ମି. ଗତେ ଘ.୦୯।୧୧ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୩୬ ମି. ଗତେ ଘ.୧୨।୦୦ ମି. ମଧ୍ୟେ ରାହୁକାଳ।




# ଗୋଲ୍ଡେନ୍ ଲ୍ୟାଣ୍ଡ ଚିଟ୍‌ଫଣ୍ଡ ଠକେଇ | ଓଡ଼ିଶା ସମେତ ଦେଶର ୨୦ ସ୍ଥାନରେ ଇଡି ଚଢ଼ାଉ

**ବ୍ରହ୍ମପୁର, (ସୁବାସ ଚନ୍ଦ୍ର ପାଢ଼ୀ)/ ଦିଗପହଣ୍ଡି, (ଅଶେଷ ନାଥ ମିଶ୍ର) ଭୁବନେଶ୍ୱର,୮।୨(ସତ୍ୟଜିତ୍ ରାଉତ)**

ଗୋଲ୍ଡେନ୍ ଲ୍ୟାଣ୍ଡ ଡେଭଲପର୍ସ ପ୍ରାଇଭେଟ୍ ଲିମିଟେଡ୍ ଚିଟଫଣ୍ଡ ସଂସ୍ଥା ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଗୁରୁବାର ବଡ଼ ଧରଣର ଚଢ଼ାଉ କରାଯାଇଛି। ୯୦୦ କୋଟିର ଚିଟ୍‌ଫଣ୍ଡ ଠକେଇ ମାମଲାରେ ଇଡିର ଏକାଧିକ ଟିମ୍ ପକ୍ଷରୁ ଓଡ଼ିଶା ସମେତ ଦେଶବ୍ୟାପୀ ପ୍ରାୟ ୨୦ଟି ସ୍ଥାନରେ ଏକାକାଳୀନ ଯାଞ୍ଚ ଚାଲିଛି। ଏହା ମଧ୍ୟରେ ସଂସ୍ଥାର ନିର୍ଦ୍ଦେଶକ, ମ୍ୟାନେଜର ଓ କର୍ମଚାରୀ ପ୍ରମୁଖଙ୍କ ଘର ଓ ଅଫିସ ରହିଛି। ଓଡ଼ିଶାରେ ୮ରୁ ଊର୍ଦ୍ଧ୍ୱ ସ୍ଥାନରେ ଚଢ଼ାଉ ଚାଲିଥିବା ସୂଚନା ମିଳିଛି। ଗୁରୁବାର ସକାଳେ ସିଆର୍‌ପିଏଫ ଯବାନଙ୍କ ଉପସ୍ଥିତିରେ ଭୁବନେଶ୍ୱର, ଗଞ୍ଜାମର ବିଭିନ୍ନ ସ୍ଥାନରେ ଇଡି ଅଧିକାରୀମାନେ ଯାଞ୍ଚ କରି ବହୁ ସନ୍ଦେହଜନକ କାଗଜପତ୍ର ଜବତ କରିଛନ୍ତି। ସକାଳ ପ୍ରାୟ ୮ଟାରେ ଇଡି ଅଧିକାରୀମାନେ ବ୍ରହ୍ମପୁର ସହରର ଗାନ୍ଧୀନଗର ଓ ଗୋସାଣିନୂଆଗାଁସ୍ଥିତ ଦୁଇଟି ପ୍ରତିଷ୍ଠିତ ବିଲଡର୍ ସଂସ୍ଥାରେ ଏକକାଳୀନ ଚଢାଉ କରିଥିଲେ। ସେହିପରି ଆଉଏକ ଟିମ ଲାଞ୍ଜିପଲ୍ଲୀରେ ଚଢ଼ାଉ କରିଥିଲା। ଏଥିସହ ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଏବଂ ଗୋପାଳପୁର ଥାନା ଅନ୍ତର୍ଗତ ତୁରାରେ ମଧ୍ୟ ଅଧିକାରୀମାନେ ଯାଞ୍ଚ ଚଳାଇଛନ୍ତି। ସେହିପରି ଭୁବନେଶ୍ୱର ଭିଙ୍ଗାରପୁର ରଙ୍ଗବଜାରସ୍ଥିତ ସଂସ୍ଥାର ଜଣେ କର୍ମଚାରୀଙ୍କ ଘରେ ମଧ୍ୟ ଇଡି ଚଢ଼ାଉ କରିଥିବା ଜଣାପଡିଛି। ତେବେ ତଦନ୍ତରେ ବ୍ୟାଘାତ ଆଶଙ୍କାରେ ଅଧିକାରୀମାନେ କୌଣସି ତଥ୍ୟ ଦେବାକୁ ମନା କରିଦେଇଥିଲେ ମଧ୍ୟ ଏସବୁ ଚଢ଼ାଉ ସମୟରେ କୋଟିଏରୁ ଅଧିକ ଟଙ୍କା ଓ ବିଭିନ୍ନ କାଗଜପତ୍ର ଜବତ ହୋଇଥିବା ବିଶ୍ୱସ୍ତସୂତ୍ରରୁ ସୂଚନା ମିଳିଛି।

# ତିରୁପତି, ଭେଲୋର ତୀର୍ଥଯାତ୍ରାରେ ୬ ଜିଲାର ବରିଷ୍ଠ ନାଗରିକ

**ଅଷ୍ଟମ ପର୍ଯ୍ୟାୟର ଶୁଭାରମ୍ଭକଲେ ମୁଖ୍ୟମନ୍ତ୍ରୀ**



ବରିଷ୍ଠ ନାଗରିକଙ୍କୁ ନେଇ ତିରୁପତି, ଭେଲୋର ଅଭିମୁଖେ ବାହାରିଥିବା ତୀର୍ଥଯାତ୍ରା ଟ୍ରେନ୍‌କୁ ଭୁବନେଶ୍ୱର ରେଳ ଷ୍ଟେଶନରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଅଶ୍ୱିନୀ କୁମାର ପାତ୍ର ପ୍ରମୁଖ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

**ଭୁବନେଶ୍ୱର,୮।୨(ଶର୍ମିଷ୍ଠା ପାଣିଗ୍ରାହୀ)**

ଚଳିତ ବର୍ଷର ଅଷ୍ଟମ ପର୍ଯ୍ୟାୟରେ ପୁରୀ, ଖୋର୍ଦ୍ଧା, ଢେଙ୍କାନାଳ, ଜଗତ୍‌ସିଂହପୁର, କଟକ ଓ କେନ୍ଦ୍ରାପଡ଼ାର ବରିଷ୍ଠ ନାଗରିକମାନେ ତୀର୍ଥଯାତ୍ରାରେ ସାମିଲ ହୋଇ ଗୁରୁବାର ତିରୁପତି ଓ ଭେଲୋର ଅଭିମୁଖେ ଯାତ୍ରା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ ଏକ ଭିଡ଼ିଓ ବାର୍ତ୍ତାରେ ସମସ୍ତ ତୀର୍ଥଯାତ୍ରୀଙ୍କୁ ଶୁଭକାମନା ଜଣାଇ କହିଛନ୍ତି, ତୀର୍ଥଯାତ୍ରା ଦ୍ୱାରା ବିଭିନ୍ନ ଅଞ୍ଚଳର ସଂସ୍କୃତି ଓ ତୀର୍ଥସ୍ଥଳ ସମ୍ପର୍କରେ ଜାଣିହେବ। ପାରସ୍ପରିକ ସଦ୍‌ଭାବ ଏବଂ ଜାତୀୟ ସଂହତି ବଜାୟ ରହିବ। ୨୦୧୬ରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ଅଦ୍ୟାବଧି ରାଜ୍ୟର ପ୍ରାୟ ୨୭ ହଜାରରୁ ଅଧିକ ବରିଷ୍ଠ ନାଗରିକ ସାମିଲ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଭୁବନେଶ୍ୱର ରେଳ ଷ୍ଟେଶନରେ ଆୟୋଜିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଇସ୍ପାତ ଓ ଖଣି, ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ସଂସ୍କୃତି ତଥା ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି, ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଉପଦେଷ୍ଟା ଦୁର୍ଗାପ୍ରସାଦ ସାମନ୍ତରାୟ, ପର୍ଯ୍ୟଟନ ବିଭାଗ ଅତିରିକ୍ତ ଶାସନ ସଚିବ ବାଳମୁକୁନ୍ଦ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଷ୍ଟମ ପର୍ଯ୍ୟାୟ ଯାତ୍ରାରେ ୬ ଜିଲାର ୯୬୦ ଜଣ ତୀର୍ଥଯାତ୍ରୀ ଏବଂ ୪୦ଜଣ ଅଧିକାରୀ ସାମିଲ ଅଛନ୍ତି। ସେମାନେ ତିରୁପତି ଓ ଭେଲୋରରେ ତୀର୍ଥ କରି ଆସନ୍ତା ୧୩ ତାରିଖରେ ଭୁବନେଶ୍ୱର ଫେରିବେ । ଏ ପର୍ଯ୍ୟନ୍ତ ଆଇଆର୍‌ସିଟିସି ସହଯୋଗରେ ୨୭ଟି ଯାତ୍ରାରେ ୨୭ ହଜାର ବରିଷ୍ଠ ନାଗରିକ ଦେଶର ବିଭିନ୍ନ ତୀର୍ଥସ୍ଥାନକୁ ଯାତ୍ରା କରିଛନ୍ତି । କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗର ଯୁଗ୍ମ ଶାସନ ସଚିବ ସରୋଜ କୁମାର ସ୍ୱାଇଁ, ଭୁବନେଶ୍ୱରର ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି, ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ସାଫଲ୍ୟମଣ୍ଡିତ ପ୍ରଧାନ, ପ୍ରତାପ ଚନ୍ଦ୍ର ବେଉରା, ଭୁବନେଶ୍ୱର ଉପଜିଲାପାଳ ଚିନ୍ମୟ ଆଚାର୍ଯ୍ୟ, ପର୍ଯ୍ୟଟନ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ବିଶ୍ୱଜିତ ରାଉତରାୟ, ସରୋଜ କୁମାର ଜେନା ଓ ପ୍ରସନ୍ନ କୁମାର ପଟେଲ ଯୋଗଦେଇଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ଉପ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ୧୫ରୁ ଓଡ଼ିଶା ଗସ୍ତରେ ଆସିବେ ନିର୍ବାଚନ କମିଶନର

**ଭୁବନେଶ୍ୱର,୮।୨ (ସୁନିତ୍ ମିଶ୍ର)**

ଆଗକୁ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ଏହାର ପ୍ରସ୍ତୁତି ସମୀକ୍ଷା କରିବାକୁ ଦେଶର ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଓଡ଼ିଶା ଗସ୍ତରେ ଆସୁଛନ୍ତି। ତାଙ୍କ ନେତୃତ୍ୱରେ ଏକ ୭ ଜଣିଆ ଟିମ୍ ଆସନ୍ତା ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିବେ। ୧୬ ତାରିଖରେ ଏହି ଟିମ୍ ବିଭିନ୍ନ ଜାତୀୟ ଏବଂ ଆଞ୍ଚଳିକ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଆଲୋଚନା କରିବେ। ଏଥିସହ ରାଜ୍ୟ ପଦାଧିକାରୀ, ଡିଇଓ, ଏସ୍‌ପି, ସିପି ଏବଂ ଆଇଜିଙ୍କ ସହ ମଧ୍ୟ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ଏହା ପରଦିନ ଅର୍ଥାତ୍ ୧୭ ତାରିଖରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ, ନୋଡାଲ ଅଫିସର, ମୁଖ୍ୟ ଶାସନ ସଚିବ,ପୋଲିସ ଡିଜି ଏବଂ ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ସହ ନିର୍ବାଚନ ବିଷୟରେ ମୁଖ୍ୟ ନିର୍ବାଚନ କମିଶନର ଓ ତାଙ୍କ ଟିମ୍ ସମୀକ୍ଷା କରିବେ।





# ଭୁଲ୍ ଇଞ୍ଜେକ୍ସନରୁ ମହିଳାଙ୍କ ମୃତ୍ୟୁ ଅଭିଯୋଗ

**ଟିଟିଲାଗଡ଼, ୮।୨(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ମାତୃ ଓ ଶିଶୁ ଡାକ୍ତରଖାନାରେ ଗୁରୁବାର ଭୁଲ୍ ଇଞ୍ଜେକ୍ସନ ଦେବା ଯୋଗୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତା ଟିଟିଲାଗଡ଼ ଥାନା ଅନ୍ତର୍ଗତ ସିହିନୀ ଗ୍ରାମର ବିନୋଦିନୀ ଛତର(୨୪)। ଏହି ଘଟଣାକୁ ନେଇ ଡାକ୍ତରଖାନା ପରିସରରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ଭାରପ୍ରାପ୍ତ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଆସିଷ୍ଟାଣ୍ଟ କଲେକ୍ଟର ଚନ୍ଦ୍ରପ୍ରକାଶ ଦେହୁରୀ, ଟିଟିଲାଗଡ ଏସ୍‌ଡିପିଓ ଅଙ୍କିତା କୁମ୍ଭାର, ଥାନା ଅଧିକାରୀ ଅବନୀ ସାହୁ ଡାକ୍ତରଖାନାରେ ପହଞ୍ଚି ଉତ୍ତେଜିତ ଲୋକଙ୍କ ସହ ଆଲୋଚନା କରି ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିଥିଲେ। ଶେଷରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ସୂଚନା ଅନୁସାରେ ଗର୍ଭବତୀ ଥିବା ବିନୋଦିନୀଙ୍କୁ ଗତ ୨ତାରିଖରେ ମାତୃ ଓ ଶିଶୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେ ସେହିଦିନ ଏକ ମୃତ ଶିଶୁ ଜନ୍ମ ଦେଇଥିଲେ। ତେବେ ଧାର୍ଯ୍ୟ ସମୟରେ ମହିଳାଙ୍କ ପେଟରୁ ପ୍ଲାସେଣ୍ଟା(ଫୁଲ) ବାହାରି ନ ଥିଲା। ଏହି କାରଣରୁ ୩ତାରିଖରେ ଅସ୍ତ୍ରୋପଚାର କରାଯାଇ ତାହା ବାହାର କରାଯାଇଥିଲା। ଏହାପରଠାରୁ ମହିଳା ଜଣକ ମେଡିକାଲରେ ରହି ଚିକିତ୍ସିତ ହେଉଥିଲେ। ଗୁରୁବାର ତାଙ୍କୁ ଡିସଚାର୍ଜ କରିବାକୁ ଡାକ୍ତର କହିଥିଲେ। ସକାଳ ୬ଟାରେ ଜଣେ ନର୍ସ ତାଙ୍କୁ ଏକ ଇଞ୍ଜେକସନ ଦେଇଥିଲେ। ଇଞ୍ଜେକସନ ନେବାର କିଛି ସମୟ ଭିତରେ ମହିଳା ଜଣକ ଗୁରୁତର ହୋଇପଡିଥିଲେ। ଖବର ପାଇ ଡାକ୍ତରଖାନା କ୍ୟାମ୍ପସ ପରିସରସ୍ଥ ସରକାରୀ ନିବାସରେ ଥିବା ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ୱାର୍ଡରେ ପହଞ୍ଚିଲା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାକୁ ନେଇ ପରିବାର ଲୋକେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଭୁଲ୍ ଇଞ୍ଜେକ୍ସନ ଦେବା ଯୋଗୁ ମହିଳାଙ୍କ ମୃତ୍ୟୁ ଘଟିଥିବା ସେମାନେ ଅଭିଯୋଗ କରି ହୋହଲ୍ଲା କରିଥିଲେ। ଆସିଷ୍ଟାଣ୍ଟ କଲେକ୍ଟର ଦେହୁରୀ, ଏସ୍‌ଡିପିଓ କୁମ୍ଭାର ସେମାନଙ୍କୁ ବୁଝାଶୁଝା କରିଥିଲେ। ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା, ପଞ୍ଚାୟତ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରୁ ୩ହଜାର ଟଙ୍କା ମୃତକଙ୍କ ପରିବାର ସଦସ୍ୟଙ୍କୁ ପ୍ରଦାନ କରାଯାଇଥିଲା। ମୃତା ମହିଳାଙ୍କ ୨ବର୍ଷର ଏକ କନ୍ୟା ସନ୍ତାନ ରହିଥିବା ବେଳେ ସ୍ୱାମୀ ବିମଳ ଛତର ଜଣେ ଶ୍ରମିକ। ଏହି ପରିପ୍ରେକ୍ଷୀରେ ମୃତକଙ୍କ ପରିବାରବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ସ୍ଥାନୀୟ ସରପଞ୍ଚ ବୀରବର ସାହୁ ଦାବି କରିଛନ୍ତି । ଏ ନେଇ ଟିଟିଲାଗଡ ଉପଖଣ୍ଡ ଡାକ୍ତରଖାନା ଚିକିତ୍ସା ଅଧିକାରୀ ଡା ପ୍ରଦୀପ କୁମାର ନାୟକଙ୍କୁ ପଚାରିବାରୁ ଘଟଣାର ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଶିମିଳିପାଳରେ ମହାବଳର ମୃତ୍ୟୁ

**ଡବ୍ଲ୍ୟୁଟିଆଇର କାର୍ଯ୍ୟକୁ ନେଇ ସନ୍ଦେହ**

**ବାରିପଦା, ୮।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଏକ ମହାବଳ ବାଘର ମୃତ୍ୟୁ ହୋଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ନଅାଁଣା ସାଉଥ ରେଞ୍ଜ ଧୁଡୁରୁଚମ୍ପା ଜଙ୍ଗଲରେ ବାଘର ମୃତଦେହକୁ ବନକର୍ମଚାରୀମାନେ ଗତ ସୋମବାର ଠାବ କରିଥିଲେ। ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ(ପିସିସିଏଫ୍)ସୁଶାନ୍ତ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ନ୍ୟାଶନାଲ ଟାଇଗର କନ୍‌ଜରଭେଶନ ଅଫ୍ ଅଥରିଟିର ଏକ ୧୦ଜଣିଆ ପ୍ରତିନିଧି ଦଳ ପହଞ୍ଚି ଏହାର ତଦନ୍ତ କରିଛି। ପରେ ଦୁଇ ପ୍ରାଣୀ ଚିକିତ୍ସକଙ୍କ ଉପସ୍ଥିତିରେ ବାଘର ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ନମୁନା ସଂଗ୍ରହ କରାଯାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଗତ ଶନିବାରଠାରୁ ମୃତ୍ୟୁବରଣ କରିଥିବା ଓ ବାଘର ବୟସ ସାଢେ ୩ବର୍ଷ ହେବ ବୋଲି ବନ ବିଭାଗ ଅନୁମାନ କରୁଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ଆଞ୍ଚଳିକ କ୍ଷେତ୍ର ନିର୍ଦ୍ଦେଶକ ଡା. ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି।

ଅଭୟାରଣ୍ୟର କୋର୍ ଅଞ୍ଚଳରେ ଜଏଣ୍ଟ ଟାସ୍କଫୋର୍ସ ପାଟ୍ରୋଲିଂ କରୁଥିବା ବେଳେ ମହାବଳ ବାଘର ମୃତଦେହକୁ ଠାବ କରିଥିଲା। ବାଘର ମୃତ୍ୟୁକୁ ନେଇ ଟିମ୍ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରିଥିଲା। ଏହାକୁ ନେଇ ଏନ୍‌ଟିସିଏର ଏକ ତଦନ୍ତକାରୀ ଦଳ ଭୁବନେଶ୍ୱରରୁ ଆସି ଘଟଣାସ୍ଥଳରେ ପହଞ୍ଚିଥିଲେ। ପାରିପାର୍ଶ୍ୱିକ ପରିସ୍ଥିତି ଏବଂ ବାଘର ମୃତଦେହକୁ ଦେଖି ତଦନ୍ତ କରିଛନ୍ତି। ବାଘ ଦେହରେ କୌଣସି କ୍ଷତ କିମ୍ବା ଦାଗ ନ ଥିବା ବନବିଭାଗ ପ୍ରକାଶ କରିଛି। ତେବେ ବାଘକୁ ବିଷକ୍ରିୟା କିମ୍ବା ଫାଶ ଦ୍ୱାରା ଶିକାର କରାଯାଇଛି ନା ରୋଗାକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛି ତାହାକୁ ନେଇ ସନ୍ଦେହ ଉପୁଜିବାରେ ଲାଗିଛି। ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ରହୁଥିବା ଗୃହପାଳିତ ପ୍ରାଣୀଙ୍କଠାରୁ ବିଭିନ୍ନ ପ୍ରକାର ମାରାତ୍ମକ ରୋଗ ବନ୍ୟପ୍ରାଣୀଙ୍କୁ ବ୍ୟାପିବା ଆଶଙ୍କା ରହିଥାଏ। ଦୀର୍ଘ ଦିନ ଧରି ପ୍ରାଣୀ ଚିକିତ୍ସକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ଗୃହପାଳିତ ପ୍ରାଣୀଙ୍କ ସ୍ୱାସ୍ଥ୍ୟସେବା ଠପ୍ ହୋଇପଡ଼ିଛି। ଏହାକୁ ନେଇ ବନ୍ୟପ୍ରାଣୀ ସଙ୍କଟରେ ଥିବା ଅନୁମାନ କରାଯାଉଥିବା ବେଳେ ମହାବଳ ବାଘ ମୃତ୍ୟୁକୁ ନେଇ ପ୍ରାଣୀପ୍ରେମୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ କଳାବାଘ ସଫାରୀ ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ଅଭୟାରଣ୍ୟର ମହାବଳ ସୁରକ୍ଷା ଯୋଜନା ହାତକୁ ନେବା ଅତ୍ୟନ୍ତ ଜରୁରୀ ବୋଲି ପ୍ରାକ୍ତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ଦାବି କରିଛନ୍ତି। ଅନ୍ୟପକ୍ଷରେ ଅଭୟାରଣ୍ୟରେ ବିଚରଣ କରୁଥିବା ପ୍ରାଣୀଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହିଛି କି ନାହିଁ ତାହାକୁ ନେଇ ବନବିଭାଗ ପକ୍ଷରୁ କ'ଣ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ମହାବଳଙ୍କ ନିମନ୍ତେ ବର୍ଷତମାମ କ୍ୟାମେରା ଲଗାଯାଇଥିବା ବେଳେ ସେମାନଙ୍କ ଗତିବିଧି ଓ ସ୍ୱାସ୍ଥ୍ୟ ସମ୍ପର୍କରେ ବନବିଭାଗ ଅବଗତ ରହି ୱାଇଲ୍ଡଲାଇଫ ଟ୍ରଷ୍ଟ ଅଫ୍ ଇଣ୍ଡିଆ(ଡବ୍ଲ୍ୟୁଟିଆଇ) ମାଧ୍ୟମରେ ସ୍ୱାସ୍ଥ୍ୟସେବା କରିବାକୁ ନିୟୋଜିତ କରାଯାଇଛି। ଉକ୍ତ ସଂସ୍ଥାକୁ ବର୍ଷକୁ ୧୨ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି। ହେଲେ ବନ୍ୟପ୍ରାଣୀଙ୍କ ସ୍ୱାସ୍ଥ୍ୟାବସ୍ଥା ଦିଗରେ କାର୍ଯ୍ୟ କରୁ ନ ଥିବା ବାଘ ମୃତ୍ୟୁରୁ ଜଣାପଡୁଥିବା କୁହାଯାଉଛି। ତେବେ ମହାବଳ ବାଘର ଫଟୋ କିମ୍ବା ଭିଡିଓକୁ ବନବିଭାଗ ଲୋକଲୋଚନକୁ ଆଣୁ ନ ଥିବାରୁ ମୃତ୍ୟୁକୁ ନେଇ ସନ୍ଦେହ ଉପୁଜିବାରେ ଲାଗିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ସାର୍ବଜନୀନ କରିବାକୁ ଜିଲାବାସୀ ଦାବି କରୁଛନ୍ତି।



# ତାଇୱାନ୍ ସଙ୍କଟ



ବ୍ରହ୍ମ ଚେଲାନି

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପ୍ରଶାସନ ଉଚ୍ଚସ୍ତରୀୟ ଆଲୋଚନା ମାଧ୍ୟମରେ ଚାଇନା ସହ ଉତ୍ତେଜନା ହ୍ରାସ କରିବାକୁ ଅଧିକ ପ୍ରୟାସ କରିଛି। କିନ୍ତୁ ଚାଇନାର ରାଷ୍ଟ୍ରପତି ଶି ଜିନପିନ୍ ତାଇୱାନ ଉପରେ ବଳପୂର୍ବକ ଚାପ ପ୍ରୟୋଗ କରିଚାଲିଛନ୍ତି। ଗତ ମାସ ଶେଷ ଭାଗରେ ତାଇୱାନ୍ ଅଭିମୁଖେ ଚାଇନା ୩୩ଟି ଯୁଦ୍ଧ ବିମାନ ଏବଂ ୭ଟି ଯୁଦ୍ଧଜାହାଜ ପଠାଇଥିଲା। ଏଭଳି ସ୍ଥିତି କେବେ ପୂର୍ବରୁ ଦେଖା ଦେଇ ନ ଥିଲା। ବ୍ୟାଙ୍କକ୍‌ରେ ଚାଇନା ବୈଦେଶିକ ମନ୍ତ୍ରୀ ୱାଙ୍ଗ୍ ୟି ଏବଂ ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା ଜାକେ ସୁଲିଭାନଙ୍କ ମଧ୍ୟରେ ଆଲୋଚନା ଚାଲିଥିବା ବେଳେ ଚାଇନା ଏଭଳି ପଦକ୍ଷେପ ନେଇଥିଲା। ଚାଇନା ସହ ତାଇୱାନର ପୁନଃ ମିଶ୍ରଣ ପାଇଁ ଶି ଶୀଘ୍ର ଅଧିକ ପଦକ୍ଷେପ ନେବେ ବୋଲି ଭୟ ବଢ଼ିବାରେ ଲାଗିଛି। ଉଲ୍ଲେଖନୀୟ ଯେ,ତାଇୱାନ କେବେ ବି ପିପୁଲ୍ସ ରିପବ୍ଲିକ ଅଫ୍ ଚାଇନାର ଏକ ଅଂଶ ନ ଥିଲା। ଏହା ଏକ ସ୍ୱୟଂଶାସିତ ଦ୍ୱୀପ। ଇତିହାସକୁ ଦେଖିଲେ ଅଧିକାଂଶ ସମୟରେ ଚାଇନା ସହ ଏହାର କୌଣସି ସମ୍ପର୍କ ନ ଥିଲା ଏବଂ ଦୀର୍ଘ ୧୨୯ ବର୍ଷ ହେଲା ଏହି ଦ୍ୱୀପଟି ଚାଇନା ନିୟନ୍ତ୍ରଣର ବାହାରେ ରହିଆସିଛି। ତଥାପି ଏହି ଦ୍ୱୀପକୁ ଚାଇନାର ବୋଲି ଦୃଢ ଦାବି କରିବା ସହ ତାଇୱାନର ପୁନଃ ମିଶ୍ରଣକୁ ତାଙ୍କ ଐତିହାସିକ ମିଶନ ବୋଲି ଶି କହିଛନ୍ତି।

ନିକଟରେ ସାନ୍‌ଫ୍ରାନ୍ସିସ୍କୋରେ ଅନୁଷ୍ଠିତ ଶିଖର ସମ୍ମିଳନୀରେ ବାଇଡେନ୍‌ଙ୍କ ସମ୍ମୁଖରେ ଶି ତାଙ୍କ ଉଦ୍ଦେଶ୍ୟକୁ ପୁନର୍ବାର ନିଶ୍ଚିତକରି କହିଛନ୍ତି , ତାଇୱାନ୍‌କୁ କେବେ ଦଖଲ କରାଯିବ ତାହା କେବଳ ସ୍ଥିର ହେବାକୁ ବାକି ରହିଛି। ତେବେ ଏହାର ସମୟ ପାଖେଇ ଆସୁଛି ବୋଲି ବିଶ୍ୱାସ କରାଯାଇପାରେ ଓ ଏହା ପଛରେ ଅନେକ କାରଣ ଅଛି। ୟୁକ୍ରେନ୍ ଏବଂ ଗାଜା ଯୁଦ୍ଧରେ ଆମେରିକାର ଧ୍ୟାନ ରହିଛି। ଏହାସହ ବିଶ୍ୱର ଏକ ବ୍ୟାପକ ଭୌଗୋଳିକ ପୁନର୍ବିନ୍ୟାସ ମଧ୍ୟ ଦେଇ ଗତି କରୁଥିବା ବେଳେ ଶି ଏହାକୁ ଏକ ସୁଯୋଗ ଭାବେ ଦେଖିପାରନ୍ତି। ଲଗାତର ତୃତୀୟ ପାଳି ପାଇଁ ରାଷ୍ଟ୍ରପତି ପଦବୀ ସାର୍ବଭୌମତ୍ୱ ସପକ୍ଷବାଦୀ ଡେମୋକ୍ରାଟିକ ପ୍ରୋଗ୍ରେଶିଭ ପାର୍ଟିକୁ ତାଇୱାନ ଭୋଟରମାନେ ସୁଯୋଗ ପ୍ରଦାନ କରିଥିବାରୁ ଦ୍ୱୀପ ଉପରେ ନିୟନ୍ତ୍ରଣ ରଖିବା ପାଇଁ ଏହା ଶିଙ୍କୁ ଅଧିକ ପ୍ରେରିତ କରିଥିବା ଅନୁମାନ କରାଯାଉଛି। ଶି ତାଇୱାନ୍‌ର ବାୟୁ ପ୍ରତିରକ୍ଷା ଅଞ୍ଚଳରେ ଅନୁପ୍ରବେଶକୁ ତୀବ୍ର କରିଛନ୍ତି ଏବଂ ଯୁଦ୍ଧଜାହାଜ ଦ୍ୱୀପକୁ ଘେରି ରହିଛି। ତାଇୱାନ ଚାରିପାଖ ସମୁଦ୍ରରେ ଚାଇନା ମଧ୍ୟ କ୍ଷେପଣାସ୍ତ୍ର ମାଡ କରିଛି ଏବଂ ବୃହତ୍ ସମରାଭ୍ୟାସର ବାହାନା କରିଛି। ସେଣ୍ଟର ଫର୍ ଷ୍ଟ୍ରାଟେଜିକ ଏବଂ ଇଣ୍ଟରନ୍ୟାଶନାଲ ଷ୍ଟଡିଜ୍‌ର ଏକ ସର୍ଭେ ଅନୁଯାୟୀ, ଆମେରିକାର ଦୁଇ ତୃତୀୟାଂଶ ବିଶେଷଜ୍ଞ ଏବେ ବିଶ୍ୱାସ କରୁଛନ୍ତି ଯେ, ଚଳିତ ବର୍ଷ ତାଇୱାନ ଷ୍ଟ୍ରେଟ୍ ବା ପ୍ରଣାଳୀରେ



ସଙ୍କଟ ଉପୁଜିବାର ସମ୍ଭାବନା ରହିଛି। ନଭେମ୍ବରରେ ଦ୍ୱିପାକ୍ଷିକ ଆମେରିକା– ଚାଇନା ଅର୍ଥନୈତିକ ଏବଂ ସୁରକ୍ଷା ସମୀକ୍ଷା ଆୟୋଗ ଚେତାବନୀ ଦେଇଛି ଯେ ତାଇୱାନ ଉପରେ ଆକ୍ରମଣ କରିବାକୁ ଚାଇନା ପ୍ରସ୍ତୁତ ହେଉଛି । ଆମେରିକା ବିରୋଧରେ ସାଇବର ଆଟାକ୍ ଆରମ୍ଭ କରିବାକୁ ସ୍ଥିର କରିଛି।

ଚାଇନାର ଏଭଳି କାର୍ଯ୍ୟକଳାପ ଉପରେ ଯେ କେହି ବାଇଡେନ୍ ପ୍ରଶାସନର ପ୍ରତିକ୍ରିୟା ଆଶା କରିପାରେ। ତାଇୱାନର ପ୍ରତିରକ୍ଷା ଶକ୍ତି ବୃଦ୍ଧି କରିବା ସହ ରଣନୀତିକ ଓ ରାଜନୈତିକ ଇଚ୍ଛାଶକ୍ତି ଏହି ଦ୍ୱୀପକୁ ଚାଇନା ଆକ୍ରମଣରୁ ରକ୍ଷା କରିବ ବୋଲି ଆମେରିକା ସ୍ପଷ୍ଟ ଭାବେ କହିବା ଦରକାର। ତଥାପି ଆମେରିକା ୧୪ ବିଲିୟନ ଡଲାର ମୂଲ୍ୟର ଯୁଦ୍ଧାସ୍ତ୍ର ତାଇୱାନକୁ ବିକିବାକୁ ବାକି ଅଛି। ଏହା ସହ ୨୦୧୭ରେ ଘୋଷଣା କରାଯାଇଥିବା ଅସ୍ତ୍ରଶସ୍ତ୍ର ଚୁକ୍ତି ଏଯାବତ ପୂରଣ ହୋଇପାରିନାହିଁ। ଏହାସହ ଚାଇନା ସହିତ ଆମେରିକା ଯୁଦ୍ଧ ଚାହୁଁନାହିଁ ବୋଲି ବାଇଡେନ୍ ବାରମ୍ବାର କହିଆସିଛନ୍ତି। ୨୦୨୧ରୁ ବାଇଡେନ୍ ଚାଇନା ସହ ଆଲୋଚନା ନୀତି ଆପଣାଇଛନ୍ତି। ଦୁଇଥର ଦୁଇ ରାଷ୍ଟ୍ର ମୁଖ୍ୟଙ୍କ ମଧ୍ୟରେ ପ୍ରତ୍ୟକ୍ଷ ବୈଠକ ଏବଂ ଶିଙ୍କ ସହ ବାଇଡେନ୍ ୫ଟି ଭର୍ଚୁଆଲ ଆଲୋଚନା କରିଥିଲେ ମଧ୍ୟ ତାହାର କୌଣସି ଲାଭ ଏଯାବତ ମିଳିନାହିଁ। ସମ୍ଭବତଃ ବାଇଡେନ୍ ପ୍ରଶାସନ ପଥ ବଦଳାଇବାକୁ ଚାହୁଁଛି। ଏକ ଦୃଢ ପ୍ରତିଷ୍ଠିତ ଶକ୍ତି ଲଗାତର ସୀମା ବିସ୍ତାର କରୁଥିବା ଏକ ବାମବାଦୀ ଶକ୍ତିକୁ ସନ୍ତୁଷ୍ଟ କରିବାକୁ ଚାହୁଁଛି। ଅପରପଟେ ଦକ୍ଷିଣ ଚାଇନା ସାଗରରେ ଚାଇନା ତା'ର ମନଗଢା ଐତିହାସିକ ଦାବିକୁ ବାସ୍ତବ ବୋଲି ଦର୍ଶାଇଚାଲିଛି।

ରୁଷିଆ ବିରୋଧରେ ଆମେରିକା ନେତୃତ୍ୱରେ ଲଗାଯାଇଥିବା କଟକଣାଗୁଡ଼ିକର ପ୍ରଭାବଶୂନ୍ୟ ପରମାଣ ବୋଧହୁଏ ଶିଙ୍କୁ ତାଇୱାନ ଉପରେ ପଦକ୍ଷେପ ନେବା ଲାଗି ଅଧିକ ପ୍ରୋତ୍ସାହିତ କରିଛି। ଯଦି ପାଶ୍ଚାତ୍ୟର ଅଭୂତପୂର୍ବ ପ୍ରତିବନ୍ଧକ ରୁଷିଆ ଅର୍ଥନୀତିକୁ ହ୍ରାସ କରିପାରି ନାହିଁ, ତେବେ ସେମାନେ ବିଶେଷକରି ଚାଇନା ନେଉଥିବା ପ୍ରତିରୋଧାତ୍ମକ ପଦକ୍ଷେପଗୁଡ଼ିକୁ ନେଇ କଟକଣା ଲଗାଇ କିଛି କ୍ଷତି କରିପାରିବେ ନାହିଁ। ଯଦିଓ ପାଶ୍ଚାତ୍ୟ ଆର୍ଥିକ ଦୃଷ୍ଟିରୁ ଚାଇନାକୁ ପରାସ୍ତ କରିପାରିବେ , ତେବେ ଏହା କରିବା ଦ୍ୱାରା ନିଜ ଗୋଡ଼ରେ ନିଜେ କୁରାଢ଼ି ମାରିବା ସଦୃଶ ହେବ। ବିଶ୍ୱ ଅର୍ଥ ବ୍ୟବସ୍ଥାରେ ଚାଇନାର ମଜଭୁତ ସ୍ଥିତି ଭଲ ଭାବରେ ସୂଚିତ କରିପାରେ ଯେ ଏହାର ଜିନ୍‌ଜିଆନ ଗୁଲାଗ (ଯେଉଁଠି ୧୦ ଲକ୍ଷ ମୁସଲମାନଙ୍କୁ ବନ୍ଦୀ କରି ରଖାଯାଇଛି)କୁ ବଜାୟ ରଖିବା କିମ୍ବା ହଂକଂର ସ୍ୱାଧୀନତାକୁ ହଟାଇଦେବା ଯୋଗୁ ତା' ଉପରେ ଲାଗୁ କରାଯାଇଥିବା ପାଶ୍ଚାତ୍ୟ କଟକଣାର କୌଣସି ଗୁରୁତ୍ୱ ନାହିଁ। ଗତବର୍ଷ ସେପ୍ଟେମ୍ବରରେ ଆମେରିକାର ସୈନ୍ୟମାନେ ତାଇୱାନ୍‌କୁ ଚାଇନା ଆକ୍ରମଣରୁ ରକ୍ଷା କରିବେ କି ନାହିଁ ତାହା ନିଶ୍ଚିତ କରିବାକୁ ବାଇଡେନ୍‌ଙ୍କୁ ପଚରାଯାଇଥିଲା । ସେତେବେଳେ ସେ ସକାରାତ୍ମକ ଉତ୍ତର ଦେଇଥିଲେ। କିନ୍ତୁ ଯଦି ବାସ୍ତବରେ ଏକ 'ଅପ୍ରତ୍ୟାଶିତ ଆକ୍ରମଣ' ହୁଏ ତେବେ ପଦକ୍ଷେପ ନେବେ ବୋଲି ସତର୍କ କରିଦେଇଥିଲେ ଏବଂ ଚାଇନା ଏକ 'ଅପ୍ରତ୍ୟାଶିତ ଆକ୍ରମଣ'କୁ ଶି ଏଡାଇବାର ସମ୍ଭାବନା ରହିଛି ବୋଲି କହିଥିଲେ। ଦେଖିବାକୁ ଗଲେ ସମଗ୍ର ତାଇୱାନ୍‌କୁ ଜବରଦଖଲ କରିବା ପାଇଁ କେବଳ ଚାଇନା ସ୍ଥଳସେନାର କ୍ଷମତା ଯଥେଷ୍ଟ। କିନ୍ତୁ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଭଳି ଏକ ପୂର୍ଣ୍ଣକାଳୀକ ଆକ୍ରମଣକୁ ଚାଇନା ସ୍ୱୀକାର କରିବ ନାହିଁ। ଚାଇନା ମୁଖ୍ୟତଃ ଶାନ୍ତ ,ଗୁପ୍ତ, ଧୋକାରେ ପରିପୂର୍ଣ୍ଣ ଧୀର ତଥା ତୀବ୍ର ଆକ୍ରୋଶ ଓ ପ୍ରତିଶୋଧକୁ ପସନ୍ଦ କରେ, ଯେପରି ବିସ୍ତାରବାଦର ରଣନୀତି ସହିତ ଦକ୍ଷିଣ ଚାଇନା ସାଗର ଏବଂ ହିମାଚଳ ପ୍ରଦେଶରେ ବହୁତ ଅଗ୍ରଗତି କରିଛି। ଏହା ସମ୍ଭବତଃ ତାଇୱାନ୍‌କୁ ଦଖଲ କରିବା ପାଇଁ ରାଜନୈତିକ ଓ ସାଇବର ଯୁଦ୍ଧ ବ୍ୟବହାର କରିପାରେ। କିନ୍ତୁ ଏହା ପୂର୍ବରୁ ଚାଇନା ମିଲିଟାରି ଦ୍ୱୀପକୁ ଅଲଗା କରି ରଖିବା କିମ୍ବା ଅବରୋଧର ବାଟ ଆପଣାଇସାରିଛି। ଚାଇନା ମଧ୍ୟ ତାଇୱାନ ଷ୍ଟ୍ରେଟ୍‌ରେ ବିଦେଶୀ ଜାହାଜକୁ ଆଇନଗତ ଭାବେ ବନ୍ଦ ଘୋଷଣା କରିପାରେ କିମ୍ବା ତାଇୱାନ୍‌ର ଅର୍ଥନୀତିକୁ ପଙ୍ଗୁ କରିଦେବାକୁ ସମୁଦ୍ର ପରିବହନ ପଥକୁ ଅବରୋଧ କରିପାରେ।

ଆମେରିକାର ପୂର୍ବତନ ପ୍ରତିରକ୍ଷା ସଚିବ ରବର୍ଟ ଗେଟ୍ସ ଚେତାବନୀ ଦେଇଛନ୍ତି ଯେ, ସମୟ ସହିତ ଏଭଳି ପଦକ୍ଷେପ ତାଇୱାନକୁ ନତମସ୍ତକ କରିପାରେ ଏବଂ ତାଇୱାନ ଲାଗି ବଡ଼ ପ୍ରୋତ୍ସାହନ ଆରମ୍ଭ କରିପାରେ, ଯେଉଁଥିରେ ଚାଇନା ପ୍ରତି ତାହା ଏକ ଭିନ୍ନ ମନୋଭାବ ପୋଷଣ କରିବ। କିନ୍ତୁ ଏହି ପଦକ୍ଷେପଗୁଡିକ ମଧ୍ୟ ଏତେ ସୂକ୍ଷ୍ମ ଓ କୌଶଳପୂର୍ଣ୍ଣ ଯେ ଯଦି ସେଗୁଡ଼ିକ ପ୍ରାରମ୍ଭରୁ ପୂରା ସ୍ପଷ୍ଟ ନ ହୁଏ ତେବେ ସେଗୁଡ଼ିକ ଉପରେ ଆମେରିକା ନେତୃତ୍ୱାଧୀନ ପ୍ରତିକ୍ରିୟା ମିଳିବାର ସମ୍ଭାବନା ନାହିଁ । ତାଇୱାନର ଅଧିକାଂଶ ଲୋକ ବିଶ୍ୱାସ କରନ୍ତି ଯେ, ଚାଇନା ଆକ୍ରମଣର ସମ୍ମୁଖୀନ ହେବାପରେ ଆମେରିକା ସେମାନଙ୍କୁ ପରିତ୍ୟାଗ କରିବ, ଯାହା ୧୯୭୯ ମସିହାରେ କରିଥିଲା। ସେତେବେଳେ ଚାଇନା ସହିତ ସମ୍ପର୍କ ପୁନଃ ସ୍ଥାପିତ କରିବା ପାଇଁ ଏହା ଦ୍ୱିପାକ୍ଷିକ କୂଟନୈତିକ ସମ୍ପର୍କ ଏବଂ ତାଇୱାନ ସହିତ ପାରସ୍ପରିକ ପ୍ରତିରକ୍ଷା ଚୁକ୍ତି ବନ୍ଦ କରିଦେଇଥିଲା। ଯଦି ଆମେରିକା ପୁନର୍ବାର ତାଇୱାନ୍‌କୁ ପରିତ୍ୟାଗ କରିବାକୁ ଚାହିଁବ, ତେବେ ଆମେରିକାର ସୁରକ୍ଷା ଆଶ୍ୱାସନାଗୁଡ଼ିକର ଅନ୍ତର୍ଜାତୀୟ ବିଶ୍ୱସନୀୟତା ସମ୍ପୂର୍ଣ୍ଣ ଧୂଳିସାତ୍ ହୋଇଯିବ ଏବଂ ଆମେରିକାର ବିଶ୍ୱସ୍ତରୀୟ ପ୍ରାଧାନ୍ୟ ପୂରା ଧ୍ୱଂସ ପାଇଯିବ।

**ପ୍ରଫେସର, ଏମିରିଟସ୍ ଅଫ୍ ଷ୍ଟ୍ରାଟେଜିକ ଷ୍ଟଡିଜ, ସେଣ୍ଟର ଫର୍ ପଲିସି ରିସର୍ଚ୍ଚ (ନୂଆଦିଲ୍ଲୀ)**

## ପିଲାଙ୍କ ପାଇଁ ଅର୍ଥ ବ୍ୟବସ୍ଥା



ଘାସିରାମ ପଣ୍ଡା

ନିର୍ବାଚନର ଅବ୍ୟବହିତ ପୂର୍ବରୁ କେନ୍ଦ୍ର ସରକାର ମଧ୍ୟବର୍ତ୍ତିକାଳୀନ ବଜେଟ ଉପସ୍ଥାପନ କରିଛନ୍ତି। ଅର୍ଥମନ୍ତ୍ରୀ ନିଜର ବଜେଟ ଅଭିଭାଷଣରେ ଗତ ଦଶବର୍ଷର ପ୍ରଗତିକୁ ଉଲ୍ଲେଖ କରିବା ସହ ଅମୃତ କାଳରେ ଏହି ବଜେଟ ଏକ ବିକଶିତ ଭାରତ ଆଡ଼କୁ ଯାତ୍ରା ବୋଲି ଉଲ୍ଲେଖ କରିଛନ୍ତି। ବିକଶିତ ଭାରତରେ ମାତୃ ଓ ଶିଶୁଙ୍କ ଯତ୍ନକୁ ଗୁରୁତ୍ୱ ଦିଆଯାଇଥିବା କଥା କହିଲା ବେଳେ ସେ, ୯ରୁ ୧୪ବର୍ଷ ବାଳିକାଙ୍କୁ ଜରାୟୁ କ୍ୟାନ୍‌ସର ପ୍ରତିଷେଧକ ଟିକା ଦେବା, ସକ୍ଷମ ଅଙ୍ଗନୱାଡି ଓ ପୋଷଣ ପରି ବ୍ୟାପକ ଯୋଜନାକୁ ଗୁରୁତ୍ୱ ଦେବା କଥା ଗୁରୁତର ସହ କହିଛନ୍ତି। ଏଥରର ମଧ୍ୟବର୍ତ୍ତିକାଳୀନ ବଜେଟରେ ପିଲାଙ୍କୁ ମୋଟ ୧୦୯୪୯୩.୦୮କୋଟି ଟଙ୍କା ମିଳିଛି। ୨୦୨୩–୨୪ ବଜେଟରେ ଏହା ୧୦୩୭୯୦.୭୦କୋଟି ଥିଲା। ଏଣୁ ଗତବର୍ଷ ତୁଳନାରେ ଆମେ ଶତକଡ଼ା ୫.୪୯ ବ୍ୟୟ ବରାଦ ବଢ଼ିଛି ବୋଲି କହିପାରିବା। କିନ୍ତୁ ଯଦି ମୋଟ ବଜେଟରୁ ପିଲାଙ୍କ ଭାଗ ଦେଖିବା ଏହା ପୂର୍ବ ବର୍ଷ ଭଳି ଅପରିବର୍ତ୍ତିତ ହୋଇ ୨.୩୦ଶତକଡ଼ାରେ ହିଁ ରହିଛି।

ବଜେଟରେ ଦୁଇଟି କଥା ବେଶ୍ ଗୁରୁତ୍ୱ ପାଇଛି। ଗୋଟିଏ ହେଲା ପିଏମ୍‌ଶ୍ରୀ ଓ ଅନ୍ୟଟି ଏକଲବ୍ୟ ମଡେଲ୍ ବିଦ୍ୟାଳୟ। ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟ ପାଇଁ ଗତବର୍ଷ ତୁଳନାରେ ୭.୮୯ ଭାଗ ଅଧିକ ବ୍ୟୟ ବରାଦ କରାଯାଇଛି। ସେହିପରି ପିଏମ୍‌ଶ୍ରୀ ପାଇଁ ଗତବର୍ଷ ତୁଳନାରେ ୪୮.୧୫ ଭାଗ ଅଧିକ ଅର୍ଥ ପ୍ରଦାନ କରାଯାଇଛି। ଦେଶରେ ଥିବା ପାଖାପାଖି ୬୯୦ଟି ଏକଲବ୍ୟ ମଡେଲ୍ ବିଦ୍ୟାଳୟ ଏହାଦ୍ୱାରା ଉପକୃତ ହେବେ। ପୂର୍ବ ବର୍ଷ ୬୪୮ଟି ବିଦ୍ୟାଳୟ ପିଏମ୍‌ଶ୍ରୀରେ ରୂପାନ୍ତରଣ ହୋଇଥିବା ବେଳେ ଏ ବର୍ଷ ଏ ସଂଖ୍ୟା ବୃଦ୍ଧି ପାଇବ। ପିଲାଙ୍କ ପାଇଁ ମିଶନ ବାତ୍ସଲ୍ୟ କେନ୍ଦ୍ର ସରକାରଙ୍କର ଏକ ସୁନ୍ଦର ପରିକଳ୍ପନା। ପ୍ରତିବର୍ଷ ଏହି ଯୋଜନାରେ ଅଧିକରୁ ଅଧିକ ଶିଶୁ ଅନ୍ତର୍ଭୁକ୍ତ ହେଉଛନ୍ତି ଓ ସୁରକ୍ଷା ବଳୟକୁ ଆସୁଛନ୍ତି। ୨୦୨୧–୨୨ରେ ସମଗ୍ର ଦେଶରେ ୨୯୩୩୮ଶିଶୁ ଏହି ଯୋଜନାର ଲାଭ ପାଇଥିବା ବେଳେ ୨୦୨୨–୨୩ରେ ଏହି ସଂଖ୍ୟା ଦୁଇଗୁଣରୁ ଅଧିକ ବୃଦ୍ଧି ପାଇ ୬୨୬୭୫ରେ ପହଞ୍ଚିଛି। ଅଥଚ ପୂର୍ବବର୍ଷ ତୁଳନାରେ ଆର୍ଥିକ ଆବଣ୍ଟନରେ କୌଣସି ପରିବର୍ତ୍ତନ କରା ନ ଯାଇ ମୋଟ ୧୪୭୨.୧୭ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ସମଗ୍ର ଶିକ୍ଷା ଅଭିଯାନ ଜାତୀୟ ଶିକ୍ଷା ନୀତିର ଏକ ପ୍ରମୁଖ ଅଙ୍ଗ ହୋଇଥିଲେ ବି ଏ ଦିଗରେ ମାତ୍ର ୩୭୫୦୦ କୋଟି ଟଙ୍କାର ପ୍ରାବଧାନ କରାଯାଇଛି, ଯାହାକି ପୂର୍ବବର୍ଷ ତୁଳନାରେ ମାତ୍ର ୦.୧୨ ଶତକଡ଼ା ଅଧିକ। ସଂଖ୍ୟାଲଘୁଙ୍କ ପାଇଁ ଥିବା ଶିକ୍ଷା ଓ ଶିକ୍ଷାବୃତ୍ତିରେ ବଜେଟ ସଂକୁଚିତ କରାଯାଇଛି। ମଦ୍ରାସା ଓ ସଂଖ୍ୟାଲଘୁଙ୍କ ପାଇଁ ଶିକ୍ଷାଯୋଜନାରେ ଗତବର୍ଷ ୧୦ କୋଟିର ବ୍ୟୟ ବରାଦ ଥିଲା ବେଳେ ଏବର୍ଷ ଏହା ୨ କୋଟିକୁ କମିଛି। ସେହିପରି ଏହି ବର୍ଗର ଲୋକଙ୍କ ପାଇଁ ମାଗଣା କୋଚିଂ ହେତୁ ୧୦ କୋଟିର ବ୍ୟୟ ବରାଦ କରାଯାଇଛି ଯାହା ଗତବର୍ଷ ୩୦କୋଟି ଥିଲା।

ଶିଶୁ ସୁରକ୍ଷା କଥା ବିଚାରକୁ ନେଲେ ୨୦୨୨ରେ ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ ଭାରତରେ ଅପରାଧ ସମ୍ପର୍କିତ ରିପୋର୍ଟ ଅନୁଯାୟୀ ଦେଶରେ ମୋଟ ୧୬୨୪୪୯ଶିଶୁଙ୍କ ପ୍ରତି ନିର୍ଯାତନାର ରିପୋର୍ଟ ଦରଜ ହୋଇଛି। ଏହା ପୂର୍ବବର୍ଷ ତୁଳନାରେ ୮.୭୩ ଭାଗ ଅଧିକ। ଏହି ଅନୁସାରେ ଦେଖିବାକୁ ଗଲେ ଶିଶୁ ସୁରକ୍ଷାକୁ ସୁନିଶ୍ଚିତ କରିବା ଦିଗରେ ଆର୍ଥିକ ବ୍ୟବସ୍ଥା ଉତ୍ସାହଜନକ ନୁହେଁ। ମୋଟ ବଜେଟର ଏହା ମାତ୍ର ୦.୦୪ ଭାଗ। ୨୦୧୪–୧୫ଠାରୁ ୨୦୨୪–୨୫ ପର୍ଯ୍ୟନ୍ତ ଅନୁଧ୍ୟାନ କଲେ ପିଲାଙ୍କ ଅଧିକାରର ସୁରକ୍ଷା ପାଇଁ ବ୍ୟୟ ବରାଦ ସବୁଠାରୁ ଅଧିକ ୨୦୧୪–୧୫ରେ ୪.୫୨ଶତକଡ଼ା ଆବଣ୍ଟିତ ହୋଇଥିଲା। ପରବର୍ତ୍ତୀ ବର୍ଷଗୁଡ଼ିକରେ ଏହା ଖସିଛି ସିନା ଆଉ ବଢ଼ିବାର ନାଁ ଧରିନାହିଁ। ୨୦୧୫–୧୬ରେ ଏହା ୩.୨୬ ଶତକଡ଼ା ଥିବାବେଳେ ୨୦୨୪–୨୫ରେ ଏହା ୨.୩୦ଶତକଡ଼ା ରହିଛି। ନିର୍ବାଚନ ପୂର୍ବର ମଧ୍ୟବର୍ତ୍ତିକାଳୀନ ବଜେଟ ଏକ ପୂର୍ଣ୍ଣାଙ୍ଗ ବଜେଟ ନ ହେଲେ ବି ସରକାର ଜନମତକୁ ପ୍ରଭାବିତ କରିବାର ପ୍ରୟାସ କରିଥାନ୍ତି। କିନ୍ତୁ ପିଲାମାନେ ଦେଶର ଭବିଷ୍ୟତ ବୋଲି କୁହାଯାଉଥିଲେ ବି ନିର୍ବାଚନରେ ମତଦାତା ହୋଇ ନ ଥିବାରୁ ସେମାନେ ହୁଏତ ଗୁରୁତ୍ୱ ପାଉନାହାନ୍ତି। ଦେଶରେ ଅନେକ ପିଲା ବାଲ୍ୟବିବାହ, ଶିଶୁଶ୍ରମିକ ଚାଲାଣ, ଯୌନ ନିର୍ଯାତନା, ଶୋଷଣର ଶିକାର ହେଉଛନ୍ତି। ଅନେକ ପିଲା ରାସ୍ତାକଡ଼ରେ ରହୁଛନ୍ତି, ବିଦ୍ୟାଳୟର ବାରଣ୍ଡା ମାଡି ନାହାନ୍ତି। ସେପରି ସ୍ଥଳରେ ସେମାନଙ୍କର ଅଧିକାରର ସୁରକ୍ଷା ନ ହେଲେ ଦେଶ ବିକଶିତ ହେବ କେମିତି? ସମସ୍ତ ଶିଶୁଙ୍କ ପାଖକୁ ପହଞ୍ଚିବାକୁ ହେଲେ ଓ ସେମାନଙ୍କ ପାଇଁ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ହେଲେ ବ୍ୟୟ ବରାଦର ଆବଶ୍ୟକତା ରହିଛି।

**ସୁବର୍ଣ୍ଣପୁର**
**ମୋ: ୯୪୩୮୩୪୧୭୯୪**

## ଏଇ ଭାରତରେ

ଜଣେ ଗାଉଁଲି ମହିଳା ଅନେକ ଲକ୍ଷ ଲୋକଙ୍କୁ ଇଂଲିଶ ଶିକ୍ଷା ଦେଉଥିବା କଥା ବିଶ୍ୱାସ ହେଉ ନ ଥିଲେ ବି ସତ। ଏହି ମହିଳା ହେଉଛନ୍ତି ଉତ୍ତରପ୍ରଦେଶର ଯଶୋଦା ଲୋଧି। ସେ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲ 'ଇଂଲଶ ୱିଥ୍ ଦେହତି ମାଡାମ' ମାଧ୍ୟମରେ ସ୍ପୋକନ ଇଂଲିଶ ଶିକ୍ଷା ଦେଉଛନ୍ତି। ଯଶୋଦା ଦ୍ୱାଦଶ ପାସ୍ କରିଛନ୍ତି। ତାଙ୍କ ସ୍ୱାମୀ ଦୁର୍ଘଟଣାଗ୍ରସ୍ତ ହୋଇ କାମ କରିପାରୁ ନ ଥିବାରୁ କୋଭିଡ୍ ମହାମାରୀ ସମୟରେ ଆର୍ଥିକ ଅଭାବରେ ଥିବା ପରିବାରର ବୋଝ ଯଶୋଦଙ୍କ ଉପରେ ପଡ଼ିଥିଲା । ଏହି ପରିସ୍ଥିତିରେ ସେ ଭିଡିଓ ପ୍ରସ୍ତୁତ କରି ସେଥିରୁ କିଛି ଆୟ କରିବାକୁ ଚିନ୍ତା କରିଥିଲେ। ଧୀରେ ଧୀରେ ବିଭିନ୍ନ ଭିଡିଓ ପ୍ରସ୍ତୁତ କରିବା ଆରମ୍ଭ କଲେ । ପରେ ୟୁଟ୍ୟୁବ୍ ଚାନେଲ 'ଇଂଲିଶ ୱିଥ୍ ଦେହତି ମାଡାମ' ଆରମ୍ଭ କରି ସ୍ପୋକନ ଇଂଲିଶ ଓ ଗ୍ରାମାର ଶିକ୍ଷା ଦେବାକୁ ଲାଗିଲେ। ଏବେ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲକୁ ପାଖାପାଖି ୩ କୋଟିରୁ ଅଧିକ ଲୋକ ଦେଖିସାରିଲେଣି ଏବଂ ଏଥିରୁ ସେ ମାସକୁ ୮୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରିପାରୁଛନ୍ତି। ଯଶୋଦାଙ୍କୁ ତାଙ୍କ ସଫଳତା ବିଷୟରେ ପଚାରିଲେ କହନ୍ତି – ଗାଉଁଲି ମହିଳା ବୋଲି ତା' ମାନେ ନୁହେଁ ଯେ ମୁଁ ଇଂଲିଶ କହିପାରିବି ନାହିଁ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୯ ଫେବୃଆରୀ ୧୯୭୫

- ଇଣ୍ଡିଆନ ଏକ୍ସପ୍ରେସ୍‌ର ମୁଖ୍ୟ ସହସମ୍ପାଦକ ଏମ୍.କେ. ପଟେଲଙ୍କ ୫୨ ବର୍ଷ ବୟସରେ ପରଲୋକ।
- ବାଂଲାଦେଶରେ ଦେଖାଦେଇଥିବା ଗୁରୁତର ଖାଦ୍ୟ ପରିସ୍ଥିତିର ସମାଧାନ ନିମନ୍ତେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଜରିଆରେ ବ୍ରିଟେନର ୫ ନିୟୁତ ପାଉଣ୍ଡ ସାହାଯ୍ୟ ପ୍ରଦାନ।
- ଇଥିଓପିଆର ବିମାନବାହିନୀ ପକ୍ଷରୁ ଏରିଟ୍ରିୟାର ଦୁଇଟି ଗ୍ରାମ ଉପରେ ବୋମା ବୃଷ୍ଟି କରାଯିବା ଫଳରେ ୨୦୦୦ରୁ ଅଧିକ ବେସାମରିକ ଲୋକଙ୍କ ପ୍ରାଣହାନି।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | 6 | | | 9 | 1 | | 4 |
| | | 7 | | | | | | |
| | | | | 7 | | | 6 | |
| 9 | | 1 | 7 | | | | | 2 |
| | | | 9 | 8 | | 3 | | |
| 4 | | | | 5 | | 7 | | |
| | 3 | 9 | | | | | 2 | |
| | 6 | | | | | | | |
| | | | 1 | | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 1 | 8 | 3 | 7 | 2 | 5 | 4 |
| 7 | 5 | 8 | 9 | 2 | 4 | 1 | 3 | 6 |
| 4 | 3 | 2 | 1 | 5 | 6 | 9 | 8 | 7 |
| 1 | 7 | 5 | 4 | 9 | 3 | 6 | 2 | 8 |
| 2 | 8 | 9 | 6 | 7 | 1 | 5 | 4 | 3 |
| 6 | 4 | 3 | 2 | 8 | 5 | 7 | 1 | 9 |
| 5 | 9 | 7 | 3 | 1 | 8 | 4 | 6 | 2 |
| 3 | 2 | 6 | 5 | 4 | 9 | 8 | 7 | 1 |
| 8 | 1 | 4 | 7 | 6 | 2 | 3 | 9 | 5 |

ଗତକାଲିର ଉତ୍ତର

# ଲୋକେ କ'ଣ କହିବେ



ଡ. ଦ୍ୱିତୀଚନ୍ଦ୍ର ସାହୁ

ଆପଣ ଗୋଟେ କାମ କରିବାକୁ ଯାଉଛନ୍ତି ତ ଆପଣଙ୍କ ମାନସିକ ସ୍ତରରେ ପ୍ରବଳ ଚିନ୍ତନ। କେମିତି କରିବେ? କ'ଣ କରିବେ? ଯାହା ବି କରିବେ ଠିକ୍ ହେବ ତ! ଏଥିପାଇଁ କାହାଠାରୁ କିଛି ଶୁଣିବିନି ତ! ଲୋକେ କାଳେ କିଛି କହିବେନି ତ! ହୁଏତ ଆପଣ ଏମିତି ଭାବନା କଳ୍ପନା ଭିତରେ ଗୁଡ଼ାଏ ଦିନ ବୁଡ଼ିଯିବେ। ତାକୁ କାର୍ଯ୍ୟରେ ଲଗେଇଲାବେଳକୁ ବେଳ ଚାଲିଯିବ। ଡେରି ହୋଇଯାଇଥିବ। ଅନୁରୂପ କାମ ଆଉ ଜଣେ କିଏ କରିସାରିଥିବ। ସେତେବେଳେ ଆପଣ ଚକିତ ହୋଇଯିବେ। ପୁଣି ଭାବିବେ– ମୁଁ କରିବି ବୋଲି ଭାବୁଥିଲି। ଭାବି ଭାବି ଡେରି ହୋଇଗଲା। ମୋ ସ୍ଥାନରେ ଆଉ ଜଣେ କରିଦେଲା। ତା'ପରେ ପଶ୍ଚାତାପ। ପଛକୁ ପଛକୁ ବିଷାଦ। ଦୁନିଆର ଅନେକ ଲୋକ ଏମିତି ଗୋଲକଧନ୍ଦା ଭିତରେ ବୁଡ଼ିଯାଆନ୍ତି। ଆଉ କିଛି ପରକଥାରେ ପଡ଼ି ଘରନାଶ ନ୍ୟାୟରେ ନିଜକୁ ବୁଡାଇ ଦିଅନ୍ତି। ଘରଲୋକ ଯେତେ କହିଲେ ବି କର୍ଣ୍ଣପାତ କରନ୍ତିନି। ପଛରେ ମାଟି କାମୁଡ଼ି ମୁଣ୍ଡରେ ଦି'ହାତ ଦେଇ ବସନ୍ତି। ସାଧାରଣତଃ ଆମେ କିଛି କଲାବେଳେ ପ୍ରଥମେ ମୁଣ୍ଡକୁ ଢୁକେ ଲୋକେ କ'ଣ କହିବେ। ଲୋକଙ୍କ ଚିନ୍ତାରେ ନିଜ ଚିନ୍ତା, ସ୍ୱପ୍ନ, ଆଗ୍ରହ, ଇଚ୍ଛାକୁ ମାରିଦିଅନ୍ତି। ଲୋକ ଯେମିତି କରନ୍ତି ସେମିତି କଲେ ଗଲା ଭାବି ସେଇ ରାସ୍ତାକୁ ସହଜ ସୁଗମ ବୋଲି ଅବିକଳ କାମ କରନ୍ତି। ଯେଉଁ କେତେଜଣ ଅଲଗା କରିବାକୁ ଚେଷ୍ଟା କରନ୍ତି, ସେମାନେ ଅଲଗା ହୋଇ ବାରିହୁଅନ୍ତି।

ଆଜିକା ଦୁନିଆର ଭିଡ଼ରେ ପାରମ୍ପରିକ କାମରେ ଲୋକଙ୍କର ଯେତିକି ଖୁସି, ଅଲଗା କରି କିଛି କରୁଥିବା ଲୋକଙ୍କର ସେତିକି ପସନ୍ଦ ବଢୁଛି। କୋଟି କୋଟି ମଣିଷ ଭିତରେ ଅଲଗାପଣକୁ ଲୋକେ ଚୟନ କରୁଛନ୍ତି ଆଗ୍ରହର ସହ। ଏସବୁ ସତ୍ତ୍ୱେ ଆମ ଭିତରେ ଗୋଟେ ଭୟ ଓ ସରମପଣ ବସା ବାନ୍ଧିଥାଏ ଲୋକେ କ'ଣ କହିବେ। ଏଇ ଭୟ ଆପଣଙ୍କୁ ଆପଣଙ୍କ ଭଳି ବଞ୍ଚିବାକୁ ଦେଇପାରୁନି। ଆପଣଙ୍କ ସ୍ୱପ୍ନକୁ ସାକାର କରିବାକୁ ସୁଯୋଗ ଦେଇପାରୁନି। ଆପଣଙ୍କ ପରିବାରର ଆଗ୍ରହକୁ ଯଥାର୍ଥ ବୋଲି ସ୍ୱୀକୃତି ଦେଇପାରୁନାହିଁ। ଯଦିଓ ନିଜ ଭିତରେ ଭାବୁଥାନ୍ତି ମୋ ପରିବାର ସପକ୍ଷରେ ହିଁ ଯିବି ଏବଂ ତାଙ୍କ ମନକଥାକୁ ସମ୍ପାଦିତ କରିବି, ତଥାପି କରିପାରୁନାହାନ୍ତି। କାରଣ ଆପଣଙ୍କ ଭିତରେ ଇତର ଲୋକଙ୍କ ଚିନ୍ତା ବେଶି ଘାରୁଛି। ଲୋକେ କ'ଣ କହିବେ। ଏ କଥା ମଧ୍ୟ ଆପଣ ଜାଣନ୍ତି ଲୋକେ ବହୁତ କୁହନ୍ତି। ଭଲ କଲେ କୁହନ୍ତି, ଖରାପ କଲେ ବି କୁହନ୍ତି। ଲୋକଙ୍କ କାମହେଲା କିଛି ନା କିଛି କହିବା। ଲୋକେ ସେତିକି ନ କହିଲେ ସମାଜ ବଢ଼ିବନି। ଆପଣଙ୍କୁ ଯଦି କିଛି ଲୋକ କୁହନ୍ତି ଜାଣନ୍ତୁ ଆପଣଙ୍କ ପ୍ରଗତି ଆରମ୍ଭ ହୋଇଛି। ତଥାପି ଆପଣଙ୍କ ଭିତରେ ଏତେ ସନ୍ଦେହ କ'ଣ ପାଇଁ? କୋଉଥିପାଇଁ ଆପଣଙ୍କ ଭିତରେ ଏତେ ଶଙ୍କାପଣ। ସବୁବେଳେ ନିଜ ମନକଥାକୁ ଗୁରୁତ୍ୱ ଦିଅନ୍ତୁ। ଭାଗବତରେ ବର୍ଣ୍ଣିତ ମହାନ୍ ଉକ୍ତି ଏଠାରେ ମନେ ପଡୁଛି–'ମନ ତୋହର ନିଜ ଗୁରୁ, ଉଦ୍ଧବ କେତେ ତୁ ପଚାରୁ?' ମନକୁ ଗୁରୁ କରି ଆଗକୁ ବଢ଼ିବାକୁ ହେବ। ସମୟ ଚାଲିଗଲେ ସ୍ତର ସ୍ତର ହୋଇ ଆପଣଙ୍କ ଭିତରେ ପଶ୍ଚାତାପ ସ୍ତରୀଭୂତ ହୋଇ ହୃଦୟକୁ ଟାଣ



କରିଦେବ। ହୃଦୟ ଭିତରେ ଥିବା ସେହି କୋମଳପଣ ଏବଂ ସ୍ୱଚ୍ଛ ଓ ଟଟକା ମନଟାକୁ କୋଉଠି ହଜାଇବାକୁ ପଡ଼ିବ। ସମୟ ସ୍ରୋତରେ ଏସବୁ ପାଇଁ ଆପଣ ନିଜକୁ ବାରମ୍ବାର ଦୋଷୀ କରିବାକୁ ପଡ଼ିବ। ଯେତେ ଚେଷ୍ଟାକଲେ ମଧ୍ୟ ଆପଣ ସେଇସବୁ ଦୁଃଖରୁ ମୁକୁଳି ପାରିବେନି। ଶେଷ ସମୟରେ ଜୀବନର ଦୁଃଖ ଏସବୁ ଆପଣଙ୍କୁ ମାରି ଗୋଡ଼େଇବ। ମୃତ୍ୟୁ ପର୍ଯ୍ୟନ୍ତ ଜୀବନର ଅବସୋସ ହୋଇ ରହିବ।

ଅଷ୍ଟ୍ରେଲିଆର ଜଣେ ସେବିକା ବ୍ରନି ବେୟର ଆସନ୍ନମୃତ୍ୟୁରେ ଥିବା ବହୁ ଲୋକଙ୍କ ନିଜ ଜୀବନର ଅବସୋସ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ବିଭିନ୍ନ ଲୋକ ବିଭିନ୍ନ ପ୍ରକାର ଦୁଃଖ ଓ ଅବସୋସକୁ କହିଥିଲେ। ତାକୁ ସେ ସାମଗ୍ରିକ ଭାବେ ସମ୍ପାଦିତ କରିବା ପରେ ସମସ୍ତଙ୍କର ପାଞ୍ଚଟି ସାଧାରଣ ପଶ୍ଚାତାପ ପ୍ରାୟ ସମାନ ଥିଲା ବୋଲି ଉଲ୍ଲେଖ କରିଛନ୍ତି। ମୃତ୍ୟୁର ନିକଟତର ଲୋକେ କହିଥିଲେ – ଅନ୍ୟର ଅପେକ୍ଷିତ ଜୀବନ ବଞ୍ଚିବା ଅପେକ୍ଷା ନିଜ ବାଗରେ ଜୀବନ ଜିଇବାର ସାହସ ଥିଲେ ଭଲ ହୋଇଥାନ୍ତା। ଦ୍ୱିତୀୟ ପଶ୍ଚାତାପ ଥିଲା ଏତେ ପରିଶ୍ରମ କରି ଜୀବନ ଜିଇବାର ନ ଥିଲା। ତୃତୀୟଟି ଥିଲା– ନିଜ ଭିତରେ ଜାଗ୍ରତ ଭାବନା ଓ ଇଚ୍ଛାକୁ ବ୍ୟକ୍ତ କରିବାର ସାହସ ଥିଲେ ଭଲ ହୁଅନ୍ତା। ଚତୁର୍ଥଟି ହେଲା– ନିଜର ସାଙ୍ଗସାଥୀଙ୍କ ସମ୍ପର୍କରେ ରହିଆସିଥିଲେ ଭଲ ହୁଅନ୍ତା ଏବଂ ପଞ୍ଚମଟି ହେଲା– ନିଜକୁଜୀବନତମାମ୍ ଖୁସି ରଖିବାର ଥିଲା। ୨୦୧୮ର ଏଇ ଅଧ୍ୟୟନ ଅନେକ କହୁଛି। ସେମାନେ ସମସ୍ତେ ଗୋଟେ ଗୋଟେ ଆଦର୍ଶଗତ ଜୀବନ ବଞ୍ଚେଇବାକୁ ଚେଷ୍ଟା କରିଆସିଛନ୍ତି। ଲୋକେ କ'ଣ କହିବେ ଭାବି ଭାବି ନିଜର ସୁଖ, ସ୍ୱପ୍ନକୁ ବଳିଦେଇଛନ୍ତି। ନିଜର କ୍ଷମତା ମୁତାବକ ନିଜ ଭାଗର ସୁଖକୁ ଉପଭୋଗ କରିବାରେ ଅସଫଳ ହୋଇଛନ୍ତି। ନିଜ ମନର କଥାକୁ ଗୁରୁତ୍ୱ ଦେଇନାହାନ୍ତି। ସେସବୁ ହିଁ ସାଧାରଣ ପଶ୍ଚାତାପ ଭାବେ ସେମାନଙ୍କର ଶେଷ ଜୀବନକୁ ଛଟପଟ କରିଛି।

ଏହାକୁ ଯଦି ଜୀବନର ବାସ୍ତବତା ବୋଲି ଧରିବା ତେବେ ସତରେ କ'ଣ କରିବା ଆବଶ୍ୟକ। ସ୍ୱାଧୀନତା ଓ ସ୍ୱେଚ୍ଛାଚାରିତା ଭିତରେ ଥିବା ଫରକକୁ ବୁଝି ଉଶୃଙ୍ଖଳତାଠାରୁ ନିଜକୁ ଦୂରରେ ରଖି ସବୁବେଳେ ନିଜର ମନ ଓ ହୃଦୟର କଥା ଶୁଣିବା ଲୋଡ଼ା। ଏଥିରେ ବିଫଳ ହେଲେ ଦୁଃଖ କରିବାର ନାହିଁ। ପରକଥାରେ କୋଉଠି ସଫଳତା ମିଳିବ ବୋଲି ଗ୍ୟାରେଣ୍ଟି ଅଛି। ଜୀବନକୁ ନିଜ ଢଙ୍ଗରେ ଜିଇବାର ସୁଯୋଗ ଦେବା ଉଚିତ। ଲୋକେ କ'ଣ କହିବେ ବୋଲି ନିଜର ସୁଖକୁ ପଛ କରିବା ଆଦୌ ଉଚିତ ନୁହଁ। ଅର୍ଥ, ପ୍ରତିପତ୍ତି ଓ ସ୍ୱାର୍ଥ ପଛରେ ଗୋଡ଼େଇ ଗୋଡ଼େଇ ନୟାନ୍ତ ହେବା ଅପେକ୍ଷା ଜୀବନ ଜିଇଲା ଭଳି ସୁଖ ଭିତରେ ରହିବା ଆବଶ୍ୟକ। ନିଜର ଦକ୍ଷତାଠାରୁ ଅଧିକ ଆଶା ଓ ଅପେକ୍ଷା ଜୀବନର ସୁଖ ଏବଂ ଶାନ୍ତିକୁ ନଷ୍ଟ କରେ। ଯନ୍ତ୍ର ମଣିଷଟିଏ ସାଜି ନିଜର ସବୁ ସୁଖକୁ ଛଡ଼େଇନେବ ସମୟ। ତଥାପି ଆପଣ ଭାବୁଛନ୍ତି କି ସତରେ ଏମିତି ଜୀବନ ଜିଇହେବ! ନିଶ୍ଚିତ ଜିଇ ହେବ। ନିଜ ଆଦର୍ଶରେ ନିଜକୁ ପରିଚାଳିତ କରନ୍ତୁ। ଲୋକେ ଥରେଅଧେ କହିବେ। ତାକୁ ପଚାରେ କିଏ? ଏଡ଼େଇ ଚାଲନ୍ତୁ ଦେଖିବେ ଆଉ ଲୋକେ କହିବା ବନ୍ଦ କରିଦେବେ ଆପେଆପେ। ତେଣିକି ନିଜ ଜୀବନର ପଥ ଉନ୍ମୁକ୍ତ ହୋଇଯିବ। ସେତେବେଳେ ଜୀବନ ସତରେ କେଡ଼େ ମିଠା ଲାଗିବ!

**ଇନ୍ଦିରା ନଗର, ୪ର୍ଥ ଗଳି, ରାୟଗଡ଼ା,**
**ମୋ: ୯୪୩୭୯୦୯୬୭୧**

## ପାଠକ ଶ୍ରେଷ୍ଠ ବିଚାରକ

### ଦ୍ୱାଦଶ ଶ୍ରେଣୀ ପରୀକ୍ଷାର ମର୍ଯ୍ୟାଦା ରହୁ

ମହାଶୟ,

ବର୍ତ୍ତମାନ ପରିପ୍ରେକ୍ଷୀରେ ବିଭିନ୍ନ ଆଇନ ବିଶ୍ୱବିଦ୍ୟାଳୟ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ତଥା ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ନାମ ଲେଖା ପାଇଁ ବିଜ୍ଞପ୍ତି ପ୍ରକାଶପାଇସାରିଛି। ଯେଉଁଥି ପାଇଁ ଦ୍ୱାଦଶ ଶ୍ରେଣୀର ପରୀକ୍ଷାଫଳକୁ ଗୌଣ କରି ଦିଆଯାଇ ବିଷୟ ଜ୍ଞାନ ଅପେକ୍ଷା ବହୁ ବିକଳ୍ପ ମୂଳକ ପ୍ରଶ୍ନ ଉପରେ ଗୁରୁତ୍ୱ ଦିଆଯାଉଛି। ଫଳରେ ପିଲାମାନଙ୍କର ସ୍କୁଲ କିମ୍ବା କଲେଜ ଯିବା ପାଇଁ ଆଗ୍ରହ କମିଯାଇ କୋଚିଙ୍ଗ ସେଣ୍ଟର୍ ପ୍ରତି ଆଗ୍ରହ ବଢୁଛି। ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ଷୋହଳ ବର୍ଷରୁ କମ୍ ପିଲାମାନଙ୍କ ପାଇଁ କୋଚିଙ୍ଗ ସେଣ୍ଟର୍ ମନା। କିନ୍ତୁ ଶ୍ରେଣୀରେ ପଢ଼ା ଯାଉଥିବା ପାଠର ଫଳାଫଳର ଗୁରୁତ୍ୱ କମିଯିବା ଫଳରେ ଶ୍ରେଣୀଗୃହ ପାଠପଢ଼ାର ମର୍ଯ୍ୟାଦା ହ୍ରାସ ହୋଇଯିବ ବୋଲି ଆଶଙ୍କା ପ୍ରକାଶ ପାଇଲାଣି। ତେଣୁ ଉକ୍ତ ନାମଲେଖା ପ୍ରକ୍ରିୟାରେ ଉଭୟ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଏବଂ ପ୍ରବେଶିକା ପରୀକ୍ଷାଫଳକୁ ବିଚାର କରାଯିବା ଆବଶ୍ୟକ। ଏହା ଫଳରେ ପୂର୍ବବତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକ ଛାତ୍ରୀଛାତ୍ରମାନଙ୍କୁ ଆକର୍ଷିତ କରିପାରିବେ।

**–ଡ. ସୀତାକାନ୍ତ ତ୍ରିପାଠୀ, ଅର୍ଣ୍ଣପାଳ, ଭଦ୍ରକ**

### ଚିରନ୍ତନୀ

ହେ ନିଜଭୁଲା ! କେସନ କହ
ନ ଭୁଲ ପଥ ବନ ରାଇଜେ ?
ଅନ୍ଧାରି ଏହି କଣ୍ଟକ ପଥେ
ଜନ ପରାଣୀ ନାହିଁ କାହିଁ ଯେ !
–(ନିଜ ଭୁଲା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପୁଷ୍ପେନ୍ଦ୍ରଙ୍କ ବିଶ୍ୱସ୍ତ ଏବେ ଆଶାୟୀ

## ଧର୍ମଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ

ବେହେରା,୮।୨(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲାର କୋକସରା, ଧର୍ମଗଡ଼ ଓ କଲମପୁର ବ୍ଲକ ଏବଂ ଜୟପାଟଣା ବ୍ଲକର ୨ଟି ଗ୍ରାମପଞ୍ଚାୟତକୁ ନେଇ ଧର୍ମଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ। ଗତ ୫ଟି ନିର୍ବାଚନକୁ ଦେଖିଲେ ବିଜେଡି ପ୍ରାର୍ଥୀ ବିଜୟ ଲାଭ କରିଆସୁଛନ୍ତି। ୨୦୧୯ରେ ମୌଷଧି ବାଗ୍ ବିଜୟୀ ହୋଇଥିଲେ। ତା' ପୂର୍ବରୁ ୨୦୧୪ ଓ ୨୦୦୯ରେ ପୁଷ୍ପେନ୍ଦ୍ର ସିଂଦେଓ ଧର୍ମଗଡ଼ରୁ ବିଧାୟକ ହୋଇଥିଲେ। ୨୦୦୪ ଓ ୨୦୦୦ ମସିହାରେ ବୀର ସିପ୍‌କା ବିଜେଡି ପ୍ରାର୍ଥୀ ହୋଇ ଏହି ଆସନ ଦଖଲ କରିଥିଲେ। ତେବେ ପୁଷ୍ପେନ୍ଦ୍ର ଏଠାରୁ ବିଧାୟକ ଥିବା ବେଳେ ମନ୍ତ୍ରୀ ହୋଇଥିବାରୁ ସମ୍ପୃକ୍ତ ଅଞ୍ଚଳରେ ତାଙ୍କର ପ୍ରଭାବ ରହିଥିବା କୁହାଯାଉଛି। ୨୦୧୯ରେ ବିଜେଡି ତାଙ୍କୁ ଲୋକ ସଭା ନିର୍ବାଚନରେ ଲଢ଼ିବା ଲାଗି ସୁଯୋଗ ଦେଇଥିଲେ ମଧ୍ୟ ସେ ଭାଜପାର ବସନ୍ତ ପଣ୍ଡାଙ୍କଠାରୁ ହାରିଯାଇଥିଲେ। ତେଣୁ ଆଗାମୀ ନିର୍ବାଚନରେ ପୁଷ୍ପେନ୍ଦ୍ର ଲୋକ ସଭା ପାଇଁ ନ ଲଢ଼ି ଧର୍ମଗଡ଼ ବିଧାନସଭାରୁ ଦଳୀୟ ପ୍ରାର୍ଥୀ ହେବାକୁ ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନ ମୌଷଧି ବାଗ୍ ବିଧାୟକ ଥିବାରୁ ଏହି ଆସନରୁ ଦଳୀୟ ଟିକେଟ ପାଇବା ଲାଗି ଲବି କରୁଛନ୍ତି। ବିରୋଧୀ ଭାଜପା ଓ କଂଗ୍ରେସରେ ଏକାଧିକ ଆଶାୟୀ ଥିଲେ ମଧ୍ୟ ବିଜେଡିର ଗଡ଼ ପାଲଟିଯାଇଥିବା ଧର୍ମଗଡ଼ରେ ଶାସକ ଦଳରୁ କିଏ ପ୍ରାର୍ଥୀ ହେବେ, ତାହା ଉପରେ ସମସ୍ତଙ୍କ ନଜର କେନ୍ଦ୍ରିଭୂତ।

୨୦୧୯ରେ ପୁଷ୍ପେନ୍ଦ୍ର ସିଂଦେଓଙ୍କୁ ଏମ୍‌ପି ଟିକେଟ ମିଳିବା ପରେ ତାଙ୍କ ସମର୍ଥିତ ପ୍ରାର୍ଥୀ ହିସାବରେ ମୌଷଧିଙ୍କୁ ଦଳ ଟିକେଟ ଦେଇଥିଲା। ରାଜନୈତିକ ସମୀକ୍ଷକଙ୍କ ମତରେ ଯେହେତୁ ପୁଷ୍ପେନ୍ଦ୍ର ଗତ ଲୋକ ସଭା ନିର୍ବାଚନ ହାରିଯାଇଥିଲେ, ସେହେତୁ ଧର୍ମଗଡ଼ ବିଧାନସଭା କ୍ଷେତ୍ରକୁ ସୁରକ୍ଷିତ ମନେ କରୁଛନ୍ତି। ସେଥିପାଇଁ ସେ ବର୍ତ୍ତମାନ ନିର୍ବାଚନମଣ୍ଡଳୀରେ ପ୍ରଚାର ପ୍ରସାର କରିବା ସହ ନିଜ ସଙ୍ଗଠନ ସଜାଡୁ ଥିବା ଦେଖିବାକୁ ମିଳୁଛି। ପୁଷ୍ପେନ୍ଦ୍ର ଲୋକସମ୍ପର୍କ ବଢ଼ାଉଥିବାରୁ ମୌଷଧି ଅଡୁଆରେ ପଡ଼ି ଯାଇଛନ୍ତି। ତାଙ୍କ କ୍ୟାରିୟର ସନ୍ଦିହାନ ହେବା ଆଶଙ୍କା କରାଗଲାଣି। କିନ୍ତୁ ସେ ଓବିସି ବର୍ଗ ମଧ୍ୟରେ ପ୍ରମୁଖ ଚେହେରା ହୋଇଥିବାରୁ ବିଧାୟକ ଭାବେ ନିଜର ବଡ଼ ସମର୍ଥକ ଗୋଷ୍ଠୀ ସୃଷ୍ଟି କରିପାରିଛନ୍ତି। ସେହିମାନଙ୍କୁ ଆଧାର କରି ସେ ଆଗାମୀ ନିର୍ବାଚନ ଲଢ଼ିବାକୁ କସରତ କରୁଥିବା ଦେଖାଯାଉଛି। ସେହିପରି ଧର୍ମଗଡ଼ ଏନ୍‌ଏସି ଉପାଧକ୍ଷା ମନିଶା ମିଶ୍ର ସମ୍ପୃକ୍ତ ଅଞ୍ଚଳରେ ବିଜେଡିର ନେତ୍ରୀ ଭାବେ ବେଶ୍ ଜଣାଶୁଣା। ସେ ଲୋକଙ୍କ ସମର୍ଥନ ପାଇବା ଲାଗି ନିଜ ସ୍ତରରେ ଉଦ୍ୟମ କରୁଛନ୍ତି। ବିଭିନ୍ନ ସଭାସମିତି, ସାଂସ୍କୃତିକ ଓ କ୍ରୀଡ଼ା ଅନୁଷ୍ଠାନରେ ତାଙ୍କୁ ଲୋକେ ଅତିଥି ଭାବେ ନିମନ୍ତ୍ରଣ କରୁଥିବା ଦେଖାଯାଉଛି। ଆସନ୍ତା ନିର୍ବାଚନରେ ଜଣେ ନେତ୍ରୀଙ୍କୁ ଦଳୀୟ ଟିକେଟ ମିଳିପାରେ ବୋଲି ସାଧାରଣରେ ଚର୍ଚ୍ଚା ମଧ୍ୟ ଜୋର ଧରିଛି। ତାଙ୍କ ସ୍ୱାମୀ ବିବେକ ରଞ୍ଜନ ମିଶ୍ର ଦୀର୍ଘବର୍ଷରୁ ବିଜେଡିର ଦୃଢ଼ ସଙ୍ଗଠକ ହିସାବରେ କାମ କରି ଆସୁଥିବା ବେଳେ ଧର୍ମଗଡ଼ ସମେତ ଦଣ୍ଡପାଟ ଅଞ୍ଚଳରେ ତାଙ୍କର ପତିଆରା ରହିଥିବା କୁହାଯାଉଛି।



ପୁଷ୍ପେନ୍ଦ୍ର ସିଂଦେଓ



ମୌଷଧି ବାଗ୍

ଅନ୍ୟପକ୍ଷରେ ଧର୍ମଗଡ଼ ଭାଜପାରେ ମଧ୍ୟ ଏକାଧିକ ଆଶାୟୀ। ସୁଧୀର ପଟଯୋଶୀ, ଲକ୍ଷ୍ମୀକାନ୍ତ ବାଗ୍, ବିଜୟ ଦେବ ସାହୁ ତୃଣମୂଳସ୍ତରରେ ଅନେକ ବର୍ଷରୁ କାମ କରୁଥିବା ବେଳେ ବର୍ତ୍ତମାନ ରବୀନ୍ଦ୍ର ପଟଯୋଶୀ ଭାଜପାକୁ ଘରବାହୁଡ଼ା କରି ସମସ୍ତଙ୍କୁ ଚକିତ କରିଦେଇଛନ୍ତି । ୨୦୧୯ରେ ଭାଜପାରୁ ପ୍ରାର୍ଥୀ ହୋଇଥିବା ଅନନ୍ତ ପ୍ରସାଦ ଦେଓ ବର୍ତ୍ତମାନ ନୀରବ ହୋଇଯାଇଥିବା ଦେଖାଯାଉଛି।

ସେପଟେ ଗତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା କଂଗ୍ରେସର ଟାଣୁଆ ନେତା ଦିଗାମ୍ବର ଦୁରିଆ ସେହି ଅଞ୍ଚଳର ବହୁ ସଙ୍ଗଠନ ସହ ସୁସମ୍ପର୍କ ରଖିଥିବା ଜଣାଯାଏ। ସମୃଦ୍ଧ ଓଡ଼ିଶାରୁ ଆସି ସେ କଂଗ୍ରେସରେ ଯୋଗଦାନ କରିବା ଦିନରୁ ଧର୍ମଗଡ଼ ସଙ୍ଗଠନ ମଜଭୁତ ହୋଇଥିବା ଦଳୀୟ କର୍ମୀ କହୁଛନ୍ତି। କଂଗ୍ରେସର ବରିଷ୍ଠ ନେତା ଭକ୍ତ ଦାସଙ୍କ ସେ ଅତି ନିକଟତମ ବ୍ୟକ୍ତି ବୋଲି କୁହାଯାଉଛି। ଏଥିସହିତ ସେ ଏସ୍‌ଟି, ଏସ୍‌ସି, ଓବିସି ମିଳିତ ମଞ୍ଚର ଆବାହକ ହୋଇଥିବାରୁ ଦଳ ତାଙ୍କୁ ପ୍ରାଥମିକତା ଦେବ ବୋଲି ଚର୍ଚ୍ଚା ଜୋର ଧରିଛି। ତାଙ୍କ ବ୍ୟତୀତ ଡାକେଶ୍ୱର ଲହଜଳ, ତୁଷାର ପଟଯୋଶୀଙ୍କ ଭଳି ନେତାମାନେ ମଧ୍ୟ ଆଶାୟୀ ଅଛନ୍ତି। ଶୁଣିବାକୁ ମିଳୁଛି ଜିଲା ଯାଦବ ମହିଳା ନେତ୍ରୀ ରଶ୍ମିରେଖା ରାଉତଙ୍କର କଂଗ୍ରେସରେ ପ୍ରଭାବ ଥିବାରୁ ସେ ଦଳୀୟ ଟିକେଟ ପାଇବା ପାଇଁ ଜୋରଦାର କସରତ କରୁଛନ୍ତି। ଓବିସି ବର୍ଗ ସମେତ ଅନେକ ସଙ୍ଗଠନ, ସାମାଜିକ ବର୍ଗ ତାଙ୍କ ସମର୍ଥନରେ ରହିଥିବା କୁହାଯାଉଛି।

ଦେଖିବାକୁ ଗଲେ ସବୁ ଦଳ ମଧ୍ୟରେ ଏକାଧିକ ଆଶାୟୀ ରହି ନିଜ ନିଜ ସ୍ତରରେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ହେଲେ କେଉଁ ଦଳରୁ କେଉଁମାନେ ପ୍ରାର୍ଥୀ ହେଉଛନ୍ତି, ସେମାନଙ୍କ ବିଜୟ ସେମାନଙ୍କ ବ୍ୟକ୍ତିତ୍ୱ ଓ ଲୋକପ୍ରିୟତା ଉପରେ ନିର୍ଭର କରୁଛି।

# ବରିଷ୍ଠ ନେତୃବୃନ୍ଦଙ୍କ ବିନା ଗଗନଙ୍କ ଶକ୍ତି ପ୍ରଦର୍ଶନ



ସିଏମ୍‌ସି ଭାଜପା କର୍ପୋରେଟର ଗଗନ ଓଝାଙ୍କ ନେତୃତ୍ୱରେ ଗୁରୁବାର କଟକ ଖୋଲାସାହିଠାରୁ ବାହାରିଥିବା ଜନସମ୍ପର୍କ ପଦଯାତ୍ରା।

କଟକ, ୮।୨(ଶିଳ୍ପା ପ୍ରିୟଦର୍ଶିନୀ)

ସାଧାରଣ ନିର୍ବାଚନ ଲାଗି ବାରବାଟୀ-କଟକ ନିର୍ବାଚନମଣ୍ଡଳୀରେ ଭାଜପାର ଆଶାୟୀଙ୍କ ନାମ ସାମ୍ନାକୁ ଆସି ନ ଥିବାବେଳେ କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୨୬ନଂ. ଓ୍ୱାର୍ଡର କର୍ପୋରେଟର ତଥା ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ଗଗନ ଓଝା ଗୁରୁବାର ଜନସମ୍ପର୍କ ପଦଯାତ୍ରା କରି ଶକ୍ତି ପ୍ରଦର୍ଶନ କରିଛନ୍ତି। ଏହି ପଦଯାତ୍ରା ଖୋଲାସାହିସ୍ଥିତ ଏକ ବ୍ୟାଙ୍କ ନିକଟରୁ ବାହାରି ନିମସାହି, ସେମିନାରୀ ଛକ, ହାତୀପୋଖରୀ, ଦରଘାବଜାର, ଗୌରୀଶଙ୍କର ପାର୍କ, ନନ୍ଦୀସାହି, ଚୌଧୁରୀ ବଜାର ପରିକ୍ରମା କରି କାଠଗଡ଼ା ସାହିଠାରେ ପହଞ୍ଚିଥିଲା। ଏ ସମ୍ପର୍କରେ ଗଗନ କହିଛନ୍ତି, କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଓ କେନ୍ଦ୍ର ସରକାର ଦେଉଥିବା ଅନୁଦାନ କିପରି ହିତାଧିକାରୀଙ୍କ ପାଖରେ ପହଞ୍ଚିବ ସେ ନେଇ ଏହି ପଦଯାତ୍ରା କରାଯାଇଛି। କଟକର ଅନେକ ସାହି କମିଟିର ମୁରବି ଏବଂ କ୍ଲବ ସଦସ୍ୟ ଗଗନଙ୍କୁ ସମ୍ମାନିତ କରିଥିବା ଦେଖିବାକୁ ମିଳିଛି।

ଅପରପକ୍ଷରେ ଏହି ପଦଯାତ୍ରାରେ ଦଳୀୟ ବ୍ୟାନର ଓ ପତାକା କର୍ମୀମାନେ ଧରିଥିବାବେଳେ ନେତୃବୃନ୍ଦଙ୍କୁ ଦେଖିବାକୁ ମିଳି ନ ଥିଲା। କିଛି ମାସ ବ୍ୟବଧାନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କର୍ପୋରେଟର ଗଗନଙ୍କ ବାସଭବନରେ ପହଞ୍ଚି କର୍ମକର୍ତ୍ତାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ଗଗନ ଦଳୀୟ ଟିକେଟ ପାଇଁ ଆଶାୟୀଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏହି ପଦଯାତ୍ରାରେ ସାମିଲ ହୋଇଥିବା ଭାଜପାର ପୂର୍ବତନ କଟକ ନଗର ଜିଲା ସଭାପତି ଲକ୍ଷ୍ମୀଧର ପ୍ରଧାନ କହିଛନ୍ତି, ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ବାରବାଟୀ-କଟକ ନିର୍ବାଚନମଣ୍ଡଳୀରୁ ବିଧାୟକ ଟିକେଟ ପାଇଁ ଗଗନ ଆଶାୟୀ। ଏଥିରେ ମୋର ସମର୍ଥନ ରହିଛି। ସମସ୍ତ ନେତୃବୃନ୍ଦ ସମର୍ଥନ କଲେ ଗଗନଙ୍କୁ ଟିକେଟ୍ ମିଳିବ ବୋଲି ସେ କହିଛନ୍ତି। ଏହି ପଦଯାତ୍ରାରେ କର୍ପୋରେଟର ଗୋପାଳ ବେହେରା, ଲକ୍ଷ୍ମୀଧର ବେହେରା, ରାକେଶ ସ୍ୱାଇଁ, କଟକ ଜିଲା ଯୁବମୋର୍ଚ୍ଚା ସଭାପତି ନଳିନୀ ରାୟ, ପୂର୍ବତନ ଯୁବ ମୋର୍ଚ୍ଚା ନଗର ଜିଲା ସଭାପତି ସତ୍ୟ ମିଶ୍ର, ରୀତା ମହାପାତ୍ର, ଅମ୍ବିକା ଦାସ, ସବିତା ବେହେରା, ହେମନ୍ତ ସେଠୀ, ସୁଚିତ୍ରା ସେନାପତି, ମନୋଜ ମହାରଣା ପ୍ରମୁଖ ସାମିଲ ହୋଇଥିଲେ।

# ଜାତିବାଦୀ ରାଜନୀତିର ସାହାରା ନେଇଛନ୍ତି ରାହୁଲ: ଧର୍ମେନ୍ଦ୍ର

ଭୁବନେଶ୍ୱର,୮।୨(ସୁନିତ୍ ମିଶ୍ର)

ମନ୍ଦିର ଏବଂ ମଠ ବୁଲିବା ପରେ କଂଗ୍ରେସ ଯୁବରାଜ ରାହୁଲ ଗାନ୍ଧୀ ଏବେ ନିଜର ରାଜନୈତିକ ଅସ୍ତିତ୍ୱ ବଞ୍ଚାଇବା ପାଇଁ ଚରମ ଜାତିବାଦୀ ରାଜନୀତିର ସାହାରା ନେଇଛନ୍ତି। କଂଗ୍ରେସର 'ମିଛର ଗ୍ୟାରେଣ୍ଟି'କୁ କେହି ବିଶ୍ୱାସ କରିବେ ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ରାହୁଲଙ୍କ ଭାଷଣ ଉପରେ ପ୍ରତିକ୍ରିୟା ରଖି ଧର୍ମେନ୍ଦ୍ର କହିଛନ୍ତି , ଝାରସୁଗୁଡ଼ାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜାତି ବିଷୟରେ ଦେଇଥିବା ଟିପ୍ପଣୀ ସବୁଥର ପରି ରାହୁଲ ଗାନ୍ଧୀଙ୍କ ଆଉ ଏକ ମିଛ ପଦାକୁ ଆଣିଛି। ହୁଏତ ସତରେ ସେ ଅବୁଝା ଅଛନ୍ତି କିମ୍ବା ବାରମ୍ବାର ମିଛ କହିଲେ ମିଛଟି ସତ ହୋଇଯାଏ ବୋଲି ରାହୁଲ ଭାବି ନେଇଛନ୍ତି। ପ୍ରଥମେ ସେ ନିଜେ ନିଜକୁ ନ୍ୟାୟ ଦିଅନ୍ତୁ। ଏଭଳି ଭାବେ ପ୍ରତିଦିନ ମିଛ କହିବାର ଅଭ୍ୟାସ କଲେ, ସେ ଆଗକୁ କେବଳ ହାସ୍ୟ, ବ୍ୟଙ୍ଗ ଏବଂ ମନୋରଞ୍ଜନର ବ୍ୟକ୍ତି ଭାବେ ଗଣା ହେବେ। ପ୍ରଧାନମନ୍ତ୍ରୀ ମୋଦିଙ୍କ 'ପଲିଟିକ୍ସ ଅଫ୍ ପର୍ଫର୍ମାନ୍ସ' ଓ ୧୦ ବର୍ଷର ରିପୋର୍ଟ କାର୍ଡ ସାମ୍ନାରେ କଂଗ୍ରେସର ପ୍ରତ୍ୟେକ କୌଶଳ ବିଫଳ ହୋଇଛି। 'ଗରିବୀ ହଟାଓ' ନାରା ଦେଇ କଂଗ୍ରେସ ଦୀର୍ଘ ଦଶନ୍ଧି ଧରି ଲୋକଙ୍କ ଆଖିରେ ଧୂଳି ଦେଇଆସିଛି। ଏବେ ସାମାଜିକ ନ୍ୟାୟ ଉପରେ ସେମାନଙ୍କ କୁମ୍ଭୀର କାନ୍ଦଣାରେ ଦେଶବାସୀ ଭ୍ରମିତ ହେବେ ନାହିଁ। ରାହୁଲ ଗାନ୍ଧୀ ନିଜ ଦଳର ଦଳିତ, ଆଦିବାସୀ, ପଛୁଆ ଓ ସଂରକ୍ଷଣ ବିରୋଧୀ ଚେହେରା ବିଷୟରେ ଅନଭିଜ୍ଞ ଥାଇପାରନ୍ତି, କିନ୍ତୁ ଦେଶ ଏହାକୁ ଭଲ ଭାବରେ ଜାଣିଛି ଓ ବୁଝିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଶ୍ରୀମନ୍ଦିର ଭିତରେ ଉଷୁନା ଚାଉଳ ଭର୍ତ୍ତି କରିଥିବା ବ୍ୟକ୍ତିଙ୍କୁ ଗିରଫ କରାଯାଉ: ଭାଜପା

ଭୁବନେଶ୍ୱର,୮।୨(ସୁନିତ୍ ମିଶ୍ର)

ଓଡ଼ିଶାର ଅଗଣିତ ଜଗନ୍ନାଥପ୍ରେମୀଙ୍କ ଆସ୍ଥା, ବିଶ୍ୱାସକୁ ଆଘାତ ପହଞ୍ଚାଇବା ସହିତ ଜଗନ୍ନାଥ ସଂସ୍କୃତି ଏବଂ ପରମ୍ପରାକୁ ବିଜେଡି ଧୂଳିସାତ କରିଛି। ପରିକ୍ରମା ପ୍ରକଳ୍ପ ସମୟରେ ବିଜେଡି ପକ୍ଷରୁ ଯେଉଁଭଳି ଚାଉଳ ସଂଗ୍ରହ କରାଗଲା, ପରବର୍ତ୍ତୀ ସମୟରେ ସେହି ବାରମିଶା ଚାଉଳ କାହିଁକି ସଂଗୃହୀତ କରାଯାଉଛି ସେନେଇ ମଧ୍ୟ ପ୍ରଶ୍ନ ଉଠିଥିଲା। ଗଜପତି ମହାରାଜା ସେହି ଚାଉଳ ସଂଗ୍ରହରେ ମନ୍ଦିର ପରିଚାଳନା ସମିତିର ସହମତି ନାହିଁ ବୋଲି ପ୍ରକାଶ କରିଛନ୍ତି। ସେହି ବାରମିଶା ଚାଉଳକୁ ସରକାର ଏବେ ଶ୍ରୀମନ୍ଦିରରେ ମହାପ୍ରସାଦ ଆକାରରେ ଭୋଗ ଲଗାଉଛନ୍ତି। ଏହାକୁ ଓଡ଼ିଶାର ଯୁବବର୍ଗ ଆଦୌ ବରଦାସ୍ତ କରିବେ ନାହିଁ ବୋଲି ଭାଜପା ଯୁବମୋର୍ଚ୍ଚା ପକ୍ଷରୁ କୁହାଯାଇଛି। ଗୁରୁବାର ମାଷ୍ଟର କ୍ୟାଣ୍ଟିନଠାରେ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡାଙ୍କ ନେତୃତ୍ୱରେ ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଧୂଳିସାତ କରୁଥିବା ଅଭିଯୋଗରେ ରାଜ୍ୟ ସରକାରଙ୍କ ବିରୋଧରେ ବିକ୍ଷୋଭ କରାଯାଇଛି। ଏଥିସହ ଯେଉଁ ବ୍ୟକ୍ତିମାନେ ଶ୍ରୀମନ୍ଦିର ଭିତରେ ଉଷୁନା ଚାଉଳ ପୂରାଇଛନ୍ତି ସେମାନଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଯୁବମୋର୍ଚ୍ଚା ଦାବି କରିଛି।

# 'ଜୟ ଯବାନ୍' ଅଭିଯାନ କରିବ କଂଗ୍ରେସ

ଭୁବନେଶ୍ୱର,୮।୨(ସୁନିତ୍ ମିଶ୍ର)

ଅଗ୍ନିପଥ ଯୋଜନାରେ ୪ ବର୍ଷ ପାଇଁ ଅଗ୍ନିବୀରଙ୍କୁ ନିଯୁକ୍ତି ଦେଇ ମୁଣ୍ଡରୁ ଦାୟିତ୍ୱ ଖସାଇ ଦେବାକୁ କେନ୍ଦ୍ରରେ ଏନ୍‌ଡିଏ ନେତୃତ୍ୱାଧୀନ ଭାଜପା ସରକାର ଅପଚେଷ୍ଟା କରୁଛନ୍ତି। ଦେଶର ବହୁ କୋଟି ଯୁବବର୍ଗଙ୍କୁ ବର୍ତ୍ତମାନ ନିରାଶ ଓ ପ୍ରତାରିତ ହେବାକୁ ପଡୁଛି। ତଥ୍ୟ ଅନୁସାରେ ୨୦୧୨ରେ ବେକାର ଯୁବତୀ,ଯୁବକଙ୍କ ସଂଖ୍ୟା ୧ କୋଟି ଥିଲାବେଳେ ବର୍ତ୍ତମାନ ତାହା ୪ କୋଟିରେ ପହଞ୍ଚିଛି। ବେକାର ଯୁବପିଢ଼ିଙ୍କ ହକକୁ ସୁନିଶ୍ଚିତ କରିବା ଓ ସେମାନଙ୍କୁ ନ୍ୟାୟ ଦେବା ପାଇଁ ରାହୁଲ ଗାନ୍ଧୀ 'ଜୟଜବାନ୍' ଅଭିଯାନ ଆରମ୍ଭ କରିଛନ୍ତି। ଯୁବ ନ୍ୟାୟ ପାଇଁ ଉଦ୍ଦିଷ୍ଟ 'ଜୟ ଜବାନ୍' ଅଭିଯାନ ସମଗ୍ର ଦେଶରେ ୩ଟି ପର୍ଯ୍ୟାୟରେ କରାଯିବ ବୋଲି ଗୁରୁବାର କଂଗ୍ରେସ ଭବନରେ ଏଆଇସିସି ମୁଖପାତ୍ର ସଞ୍ଜୟ ନିରୁପମ କହିଛନ୍ତି।


**HDFC BANK** We understand your world

# AUCTION NOTICE FOR GOLD ORNAMENTS

The borrower (s) (whose details are provided in the table herein below), in particular, and the public, in general, are hereby informed that the below mentioned Loan account is overdue, and the borrower account holder has not responded to/ complied with the communications and notices send by HDFC Bank Limited (the "Bank") requesting the Borrower to clear his/her/their dues as per the documents in respect of the below mentioned Loan signed/accepted by the borrower (such documents, collectively " Loan Agreement") and therefore defaulted in terms thereof. The bank has in exercise of its rights as a pledge, decided to enforce the pledge and therefore hold a public auction of the gold ornaments pledged to the Bank as security for the loan for the purpose of selling the same and realizing / recovering the dues owed by the borrower to the Bank. **Kindly refer the below auctions schedule. In the event the auction of any pledged security cannot be conducted or concluded on the date mentioned below. Bank reserves the right to conduct or proceed with the said auction on any subsequent date.**

| AUCTIONS DATE | LOAN NO. | BORROWER'S NAME | LOAN AMOUNT | PLACE OF AUCTION |
|---|---|---|---|---|
| 22-02-2024 | 74462045 | SUJIT KUMAR DAS | 77100 | HDFC BANK LTD, 7&8, CUTTACK-PURI ROAD, JHARPARA, BHUBANESWAR-751006 |
| 22-02-2024 | 74413532 | NAMRATA MOHARANA | 32200 | |
| 22-02-2024 | 74622028 | NAMRATA MOHARANA | 26000 | |
| 17-02-2024 | 74077517 | HEMANTA SAHU | 100600 | HDFC BANK LTD, AT-KANDASARA, PO-NALCO NAGAR, ANGUL-759145 |
| 22-02-2024 | 74540718 | ANUJ KUMAR VERMA | 76000 | |
| 22-02-2024 | 74299039 | JITENDRA NAIK | 50500 | HDFC BANK LTD, AT-PANDUA, PO-KOTAGARA, AANLABARENI, DHENKANAL-759026 |
| 22-02-2024 | 74266368 | RUDRA KHILAR | 24300 | |
| 22-02-2024 | 73665407 | PRIYABRATA DHIR DEO | 120000 | HDFC BANK LTD, BAJRAKABATI ROAD, CUTTACK-753001 |
| 17-02-2024 | 73838716 | SAMBIT PATRA | 77800 | |
| 22-02-2024 | 73836427 | SARIKA CHAKRABARTY | 15180 | HDFC BANK LTD, BESIDE TAHASIL OFFICE, CHANDINI CHOWK, CUTTACK-753002 |
| 22-02-2024 | 74035165 | MANASH PRIYADARSHAN PATTNAYAK | 259700 | HDFC BANK LTD, BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 22-02-2024 | 73799373 | MAHESWAR MOHANTY | 150200 | |
| 22-02-2024 | 73821365 | ITI RANJAN SAHOO | 35100 | |
| 17-02-2024 | 73321037 | MANOJ KUMAR JENA | 119679 | HDFC BANK LTD, C/O-PRITI AUTO COMBINE, GOL BAZAR, SAMBALPUR-768001 |
| 22-02-2024 | 73798032 | KALPASHREE SUNANY | 48500 | HDFC BANK LTD, DURGA COMPLEX, JHARSUGUDA-768201 |
| 22-02-2024 | 73604223 | AMIT KUMAR BEHERA | 153000 | HDFC BANK LTD, F M CIRCLE, BALASORE-756001 |
| 22-02-2024 | 74535372 | RAMESH KUMAR PRADHAN | 153500 | HDFC BANK LTD, GROUND FLOOR, NEAR SAPTASHREE SCIENCE COLLEGE, MAIN ROAD CHIKITI PENTHA, GANJAM-761010 |
| 22-02-2024 | 73849183 | RASHMI RANJAN NAYAK | 46000 | HDFC BANK LTD, GROUND FLOOR, RAJENDRA VIHAR APARTMENT, BLOCK- D, FOREST PARK, BHUBANESWAR-751020 |
| 22-02-2024 | 74691527 | SURESH KHATUA | 39000 | HDFC BANK LTD, HATATOTA, TALCHER, ANGUL-759100 |
| 22-02-2024 | 73330832 | SUNITA KARAKARA | 171000 | HDFC BANK LTD, JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 22-02-2024 | 50200027471554 | CHITTARANJAN SAMAL | 991401 | |
| 22-02-2024 | 73175855 | UMESH KUMAR ROUT | 204000 | HDFC BANK LTD, MAHIPAL, KENDRAPARA-754211 |
| 22-02-2024 | 73813234 | KAIBALYA MOHAPATRA | 16500 | |
| 22-02-2024 | 73693592 | DEBIKA SAHU | 285000 | HDFC BANK LTD, MAIN ROAD, GOSANINUAGAON, BERHAMPUR-760003 |
| 17-02-2024 | 74497968 | SAKUNTALA SAMANTRAY | 103000 | HDFC BANK LTD, MAIN ROAD, NEAR RELIANCE TRENDS, BALUGAON-752030 |
| 22-02-2024 | 74315972 | RINA SUNANI | 179500 | HDFC BANK LTD, MANIKESWARI CHOWK, BHAWANIPATNA, KALAHANDI-766001 |
| 22-02-2024 | 74300003 | AMBALA SAI KUMAR | 251000 | HDFC BANK LTD, MARKET SQUARE, PARLAKHEMUNDI, GAJAPATI-761200 |
| 17-02-2024 | 74448385 | JENA DURJYODHANA | 115000 | |
| 17-02-2024 | 73853534 | TEJARAM SA | 225000 | HDFC BANK LTD, MISSION ROAD, SUNDARGARH-770001 |
| 22-02-2024 | 73840436 | SUNITA SWAIN | 102500 | |
| 22-02-2024 | 73806691 | JAYMINI CHOUDHURY | 60400 | |
| 22-02-2024 | 73845109 | PRITIMAYI NAIK | 21300 | |
| 22-02-2024 | 74311700 | KAMALA KHOSLA | 105000 | HDFC BANK LTD, NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 22-02-2024 | 73575161 | KUNI BEHERA | 41000 | HDFC BANK LTD, PAKALAVARI STREET, CITY POST OFFICE ROAD, GANJAM, BRAHMAPORE-760002 |
| 17-02-2024 | 73019884 | KLIZA RANI PATRO | 110700 | HDFC BANK LTD, PATRAPADA, KHURDA, BHUBANESWAR-751019 |
| 22-02-2024 | 74438476 | RAMAKANTA SAHOO | 34000 | |
| 22-02-2024 | 74322389 | DIPTI RANJAN ROUT | 501500 | HDFC BANK LTD, PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 22-02-2024 | 73765078 | ANSUMAN DASH | 112000 | |
| 22-02-2024 | 74148090 | SIBA MOHANTY | 41500 | |
| 22-02-2024 | 74130664 | SIDHESWAR ROUT | 115800 | HDFC BANK LTD, PLOT NO- 447, BHAGWAN TRADE CENTER , NEAR IFFCO SQUARE, ATHARBANKI, PARADEEP-754142 |
| 22-02-2024 | 73336793 | JANU RANA | 73293 | |
| 22-02-2024 | 73738397 | ARJUN KUMAR NAYAK | 30600 | |
| 22-02-2024 | 50200029268140 | RAVINDRA | 404752 | HDFC BANK LTD, PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024 |
| 22-02-2024 | 74267344 | BASU DEBANATH | 60000 | HDFC BANK LTD, PLOT NO 6, MAHANADI VIHAR, CUTTACK-753004 |
| 17-02-2024 | 73480126 | MAMATA ROUT | 51000 | |
| 22-02-2024 | 74178999 | MAMATA ROUT | 41000 | |
| 22-02-2024 | 73859760 | SAHADEV NAYAK | 56000 | |
| 22-02-2024 | 73836985 | NARENDRA DAS | 37800 | HDFC BANK LTD, PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 22-02-2024 | 73849563 | SABYASACHI DASH | 77500 | HDFC BANK LTD, S. N. PLAZA, N.H. - 5, NEULPUR, CHANDIKHOL-755024 |
| 22-02-2024 | 73585617 | TUSHAR RANJAN DASH | 57000 | |
| 22-02-2024 | 73824612 | JAGANNATH DEHURI | 50400 | |
| 22-02-2024 | 73816982 | SHARAT MALIK | 11200 | |
| 22-02-2024 | 74168266 | RAJKISHORE MALLIK | 80700 | HDFC BANK LTD, SALEPUR MAIN ROAD, SALEPUR, CUTTACK-754202 |
| 17-02-2024 | 73343332 | SABNAM KHANUM | 55500 | |
| 22-02-2024 | 73575664 | LIPIMAYEE MOHAPATRA | 19700 | |
| 22-02-2024 | 74098223 | M UMAMAHESWAR RAO | 1000000 | HDFC BANK LTD, SARGUNA STREET, ASKA ROAD, BRAHMAPUR-760006 |
| 22-02-2024 | 74382360 | JEETENDRA KUMAR PANIGRAHY | 85900 | |
| 22-02-2024 | 73824480 | NANDALAL NAYAK | 94900 | HDFC BANK LTD, WARD NO 10, JONK, KHARIAR ROAD, NUAPADA-766104 |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

**Date : 09-02-2024,**
**Place : ORISSA**

**Sd/- Authorised Officer,**
**HDFC BANK LTD.**



**झारखण्ड राज्य ग्रामीण पथ विकास प्राधिकरण (JSRRDA)**
**एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड**

## ई–निविदा आमंत्रण सूचना

ई–निविदा संख्या:- **303/2023-24** दिनांक :- 07.02.2024

मुख्य अभियंता, जे०एस०आर०आर०डी०ए०, राँची द्वारा निम्नविवरण के अनुसार e-procurement पद्धति से निविदा आमंत्रित की जाती है।

| क्र० सं० | आईडेन्टीफिकेशन संख्या/ पैकेज संख्या | प्रखण्ड का नाम | | कार्य का नाम | प्राक्कलित राशि अंक में (लाख में) | प्राक्कलित राशि अक्षर में (रूपये में) | कार्य समाप्ति की अवधि |
|---|---|---|---|---|---|---|---|
| 1 | 2 | 3 | | 4 | 5 | 6 | 7 |
| 1 | JH-M-JSR-10/2023-24 | गुड़ाबांधा | 1 | एल089 आर०ई०ओ० रोड से कुमड़ाशोल तक पथ का सुदृढ़ीकरण कार्य (लं० – 3.250 कि०मी०) | 1150.773 | ग्यारह करोड़ पचास लाख सतहत्तर हजार तीन सौ रू० मात्र | 15 महीना |
| | | गुड़ाबांधा | 2 | बेनागेड़िया रोड़ से खामानडीह तक पथ का सुदृढ़ीकरण कार्य। (लं0 – 5.300 कि०मी०) | | | |
| | | बहरागोड़ा | 3. | चित्तेश्वर रोड से कानिमहुली तक पथ का सुदृढ़ीकरण कार्य। (लं0 – 1.050 कि०मी०) | | | |
| | | गुड़ाबांधा | 4 | एल090 कैमा आर०ई०ओ० रोड से पुनासिया तक पथ का सुदृढ़ीकरण कार्य (लं0 – 2.400 कि०मी०) | | | |
| | | गुड़ाबांधा | 5 | एल091 आर०ई०ओ० रोड स्वर्गछिड़ा गोरांगपुर से पहाड़पुर तक पथ का सुदृढ़ीकरण कार्य (लं0 – 2. 600 कि०मी०) | | | |
| 2 | JH-M-JSR-11/2023-24 | मुसाबनी | 1 | मुसाबनी डुमरिया रोड से रामगाडरा तक पथ का सुदृढ़ीकरण कार्य (लं0 – 4.450 कि०मी०) | 996.458 | नौ करोड़ छियान्नबे लाख पैतालीस हजार आठ सौ रू० मात्र | 15 महीना |
| | | मुसाबनी | 2 | भण्डारवोरो गाँव से जादूगोड़ा तक पथ का सुदृढ़ीकरण कार्य (लं0 – 6.060 कि०मी०) | | | |
| | | मुसाबनी | 3 | सोमायडीह कोतोपा से छिपागली, गुमड़ीबेड़ा, नेत्राबेड़ा होते हुए पी०एम०जी०एस०वाई० रोड तक पथ का सुदृढ़ीकरण कार्य (लं0 – 8.600 कि०मी०) | | | |
| 3 | JH-M-JSR-12/2023-24 | चाकुलिया | 1 | एल083 – एल037 से फुलडीहा (VR 83) तक पथ का सुदृढ़ीकरण कार्य (लं0 – 2.000 कि०मी०) | 1452.822 | चौदह करोड़ बावन लाख बिरासी हजार दो सौ रू० मात्र | 15 महीना |
| | | चाकुलिया | 2 | श्यामसुन्दरपुर पथ से खैरबनी तक पथ का सुदृढ़ीकरण कार्य (लं0 – 0.800 कि०मी०) | | | |
| | | चाकुलिया | 3 | चाकुलिया बेंद रोड़ से तलपाल तक पथ का सुदृढ़ीकरण कार्य (लं0 – 3.700 कि०मी०) | | | |
| | | चाकुलिया | 4 | बेंद रोड से जगन्नाथपुर तक पथ का सुदृढ़ीकरण कार्य (लं0 – 5.500 कि०मी०) | | | |
| | | चाकुलिया | 5 | सरसबाद से बैकुठपुर तक पथ का सुदृढ़ीकरण कार्य (लं0 – 2.550 कि०मी०) | | | |
| | | चाकुलिया | 6 | आमड़ागरा से कनीमहुली तक पथ का सुदृढ़ीकरण कार्य (लं0 – 1.700 कि०मी०) | | | |
| 4 | JH-M-JSR-13/2023-24 | पोटका | 1 | पोटका प्रखण्ड अन्तर्गत टी08 से गुलुगत्री तक पथ का सुदृढ़ीकरण कार्य (लं0 – 7.200 कि०मी०) | 1463.473 | चौदह करोड़ तिरसठ लाख सैंतालीस हजार तीन सौ रू० मात्र | 15 महीना |
| | | पोटका | 2 | पोटका प्रखण्ड अन्तर्गत टी07 से चाटीकोचा तक पथ का सुदृढ़ीकरण कार्य (लं0 – 9.900 कि०मी०) | | | |
| | | पोटका | 3 | पोटका प्रखण्ड अन्तर्गत टिपासल से पालीडीह तक पथ का सुदृढ़ीकरण कार्य (लं0 – 1.700 कि०मी०) | | | |
| | | पोटका | 4 | पोटका प्रखण्ड अन्तर्गत एल0140 से जुरीपहाड़ी तक पथ का सुदृढ़ीकरण कार्य (लं0 – 6.200 कि०मी०) | | | |
| 5 | JH-M-JSR-14/2023-24 | चाकुलिया | 1 | जयनगर रोड़ से मधपुर तक पथ का सुदृढ़ीकरण कार्य (लं0 – 7.700 कि०मी०) | 1099.968 | दस करोड़ निन्यानवे लाख छियानवे हजार आठ सौ रू० मात्र | 15 महीना |
| | | चाकुलिया | 2 | एल085 –टी02 से कालिदासपुर तक पथ का सुदृढ़ीकरण कार्य (लं0 – 2.800 कि०मी०) | | | |
| | | चाकुलिया | 3 | जीरापाड़ा से दारिका तक पथ का सुदृढ़ीकरण कार्य (लं0 – 3.200 कि०मी०) | | | |
| | | चाकुलिया | 4 | एल028 सिसाखुन से रघुनाथपुर तक पथ का सुदृढ़ीकरण कार्य (लं0 – 2.100 कि०मी०) | | | |
| 6 | JH-M-JSR-15/2023-24 | पोटका | 1 | हरिणा से बागाबेड़ा गांव तक पथ का सुदृढ़ीकरण कार्य (लं0 – 1.250 कि०मी०) | 1295.308 | बारह करोड़ पन्चानबे लाख तीस हजार आठ सौ रू० मात्र | 15 महीना |
| | | पोटका | 2 | एल०54 पी०एम०जी०एस०वाई० रोड से तिरिलडीह तक पथ का सुदृढ़ीकरण कार्य (लं0 – 5.400 कि०मी०) | | | |
| | | पोटका | 3 | दिगरसाई पुराना आमदा से आर०डब्ल्यू०डी० रोड तक पथ का सुदृढ़ीकरण कार्य (लं0 – 1.726 कि०मी०) | | | |
| | | पोटका | 4 | उपरडीहा चांदनी चौक से जानमडीह चौक तक पथ का सुदृढ़ीकरण कार्य (लं0 – 1.300 कि०मी०) | | | |
| | | पोटका | 5 | देवली चौक से दिगरसाई भाया आमदा तक पथ का सुदृढ़ीकरण कार्य (लं0 – 4.900 कि०मी०) | | | |
| | | पोटका | 6 | जमदा से काटासोल मेन रोड भाया महलीसाई तक पथ का सुदृढ़ीकरण कार्य (लं0 – 2.650 कि०मी०) | | | |
| | | पोटका | 7 | भालकी से हरिणा मेन रोड तालासाई तक पथ का सुदृढ़ीकरण कार्य (लं0 – 2.800 कि०मी०) | | | |
| | | पोटका | 8 | काटोसोल मेन रोड से नारायणपुर भाया फुलझरी तक पथ का सुदृढ़ीकरण कार्य (लं0 – 3.025 कि०मी०) | | | |
| | | पोटका | 9 | मेजोगोड़ा से फुलझरी मुख्य पथ तक पथ का सुदृढ़ीकरण कार्य (लं0 – 2.050 कि०मी०) | | | |
| | | पोटका | 10 | हेसल अमला टोला चौक (शिवनाथ पात्रों के घर से) बरगीकोचा तक पथ का सुदृढ़ीकरण कार्य (लं0 – 3.950 कि०मी०) | | | |

2. वेबसाईट मे निविदा प्रकाशन की तिथि:–**16.02.2024**
3. ई–निविदा प्राप्ति की अंतिम तिथि एवं समय:– **28.02.2024** अपराह्न 5.00 बजे तक।
4. निविदा खोलने की तिथि एवं समय:–**29.02.2024** .अपराह्न 5.00 बजे।
5. निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता का कार्यालय, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड।
6. ई–निविदा प्रकोष्ठ का दूरभाष सं०– ..........................

विस्तृत जानकारी के लिए वेबसाईट **jharkhandtenders.gov.in** मे देखा जा सकता है।

मुख्य अभियंता
जे०एस०आर०आर०डी०ए०, राँची।

PR 318238 (Rural Work Department) 23-24 (D)

# ଭାରତ-ମ୍ୟାନ୍‌ମାର ଅବାଧ ଯାତାୟାତ ବନ୍ଦ

**ନୂଆଦିଲ୍ଲୀ,୮।୨:** ଭାରତ ଏବଂ ମ୍ୟାନ୍‌ମାର ମଧ୍ୟରେ ଅବାଧ ଯାତାୟାତ ବନ୍ଦ ହେବ। ଦୁଇ ଦେଶ ମଧ୍ୟରେ ରହିଥିବା ମୁକ୍ତ ଗମନାଗମନ ବ୍ୟବସ୍ଥା (ଏଫ୍‌ଏମ୍‌ଆର୍) ରଦ୍ଦ କରିଦିଆଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗୁରୁବାର ଏହା ଘୋଷଣା କରିଛନ୍ତି। ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ସୁନିଶ୍ଚିତ କରିବା ଏବଂ ମ୍ୟାନ୍‌ମାର ସୀମାକୁ ଲାଗି ରହିଥିବା ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ଜନସାଂଖ୍ୟିକୀୟ ସଂରଚନା ବଜାୟ ରଖିବା ନିମନ୍ତେ ଏଭଳି ନିଷ୍ପତ୍ତି ନିଆଯାଇଥିବା ଶାହା ଏକ୍ସ'ରେ ପୋଷ୍ଟ କରିଛନ୍ତି। ଭାରତ ଓ ମ୍ୟାନ୍‌ମାର ମଧ୍ୟରେ ରହିଥିବା ୧,୬୪୩ କିଲୋମିଟର ସୀମାରେ ତାରବାଡ଼ ଲଗାଯିବ ବୋଲି ଦୁଇଦିନ ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ। ମ୍ୟାନ୍‌ମାରର ଆଦିବାସୀ ଉଗ୍ରପନ୍ଥୀମାନେ ଭାରତ ମଧ୍ୟକୁ ପ୍ରବେଶକରି ନିଶା ଚୋର କାରବାର ଚଳାଇଥିବାରୁ ସୀମାନ୍ତରେ ବାଡ଼ ପାଇଁ ଇମ୍ଫାଲ ଉପତ୍ୟକାର ମାଇତି ଗୋଷ୍ଠୀ ଦୀର୍ଘଦିନ ହେଲା ଦାବି କରିଆସୁଥିଲେ।



କେରଳକୁ ଅନୁଦାନ ପ୍ରଦାନରେ ଅବହେଳା ଓ ପକ୍ଷପାତିତାକୁ ବିରୋଧ କରି ଗୁରୁବାର ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଏଲ୍‌ଡିଏଫ୍ ବିକ୍ଷୋଭ ଚଳାଇଥିବାବେଳେ ସେଥିରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରିନ୍ଦ କେଜ୍‌ରିୱାଲ, କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍, ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ ଅବଦୁଲ୍ଲା, ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା, ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ପ୍ରମୁଖ ଯୋଗଦେଇଛନ୍ତି।

# ମନମୋହନଙ୍କୁ ମୋଦିଙ୍କ ପ୍ରଶଂସା

ନୂଆଦିଲ୍ଲୀ,୮।୨

ପାର୍ଲାମେଣ୍ଟରେ ଗୁରୁବାର ସକାଳେ ଏକ ବିରଳ ସୌହାର୍ଦ୍ଦ୍ୟ ଦେଖିବାକୁ ମିଳିଥିଲା। ଅବସର ନେବାକୁ ଯାଉଥିବା ରାଜ୍ୟ ସଭା ସଦସ୍ୟମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ଏକ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଉପରେ ଭୋଟ ବେଳେ ମନମୋହନ ହୁଇଲ୍ ଚେୟାରରେ ପାର୍ଲାମେଣ୍ଟକୁ ଆସିଥିବା କଥା ମୋଦି ମନେପକାଇଥିଲେ। ନିଜର କର୍ତ୍ତବ୍ୟ ପ୍ରତି ସଚେତନ ରହିବାର ଏହା ଏକ ଉଦାହରଣ। ମନମୋହନ ଜଣେ ପ୍ରେରଣାର ଦୃଷ୍ଟାନ୍ତ ଥିଲେ। ମନମୋହନ କାହାକୁ ସମର୍ଥନ କଲେ, ତାହା ଭିନ୍ନ କଥା, ସେ କେବଳ ଗଣତନ୍ତ୍ରକୁ ସୁଦୃଢ଼ କରିବା ଉପରେ ବିଶ୍ୱାସ କରୁଥିଲେ ବୋଲି ମୋଦି କହିଛନ୍ତି। ସେ ଦୀର୍ଘଜୀବୀ ହୁଅନ୍ତୁ ଓ ଆମକୁ ମାର୍ଗଦର୍ଶନ ଦେଉଥାନ୍ତୁ ବୋଲି ପ୍ରଧାନମନ୍ତ୍ରୀ କାମନା କରିଛନ୍ତି। ସୂଚନାଯୋଗ୍ୟ, ଗତ ଅଗଷ୍ଟରେ ଦିଲ୍ଲୀ ସରକାରଙ୍କ ବ୍ୟାପାର ଉପରେ କେନ୍ଦ୍ରର ନିୟନ୍ତ୍ରଣ ପାଇଁ ଆସିଥିବା ବିଲ୍ ଉପରେ ଆଲୋଚନାରେ ଭାଗନେବାକୁ ମନମୋହନ ହୁଇଲ୍‌ଚେୟାରରେ ପାର୍ଲାମେଣ୍ଟ ଆସିଥିଲେ। ସେହିପରି ରାଷ୍ଟ୍ରପତି ନିର୍ବାଚନ ବେଳେ ମଧ୍ୟ ଭୋଟ ଦେବା ଲାଗି ସେ ହୁଇଲ୍‌ଚେୟାରରେ ଆସିଥିଲେ। ମନମୋହନ ୧୯୮୨ରୁ ୧୯୮୫ ରିଜର୍ଭ ବ୍ୟାଙ୍କ ଗଭର୍ନର ରହିବା ସହ ପି.ଭି. ନରସିଂହ ରାଓଙ୍କ ସରକାରରେ ଅର୍ଥମନ୍ତ୍ରୀ ରହିଥିଲେ। ସେ ୬ ଥର ଏମ୍‌ପି ରହିବା ସହ ୨୦୦୪ରୁ ୨୦୧୪ ପ୍ରଧାନମନ୍ତ୍ରୀ ରହିଥିଲେ।

# ସ୍କୁଲକୁ ବୋମାରେ ଉଡ଼ାଇବାକୁ ଧମକ

**ଚେନ୍ନାଇ, ୮।୨:** ଚେନ୍ନାଇର କେତେକ ସ୍କୁଲକୁ ବୋମାବିସ୍ଫୋରଣରେ ଉଡ଼ାଇବାକୁ ଗୁରୁବାର ଇମେଲ୍ ମାଧ୍ୟମରେ ଧମକ ମିଳିଥିଲା। ଖବର ପ୍ରଚାରହେବା ମାତ୍ରେ ଏହି ସବୁ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରମାନଙ୍କ ଅଭିଭାବକମାନେ ଭୟଭୀତ ହେଇ ନିଜ ପିଲାମାନଙ୍କୁ ନେବାକୁ ବିଦ୍ୟାଳୟକୁ ଚାଲିଆସିଥିଲେ। କୌଣସି ସମ୍ଭାବ୍ୟ ଅଘଟଣକୁ ଏଡ଼େଇବା ପାଇଁ ପାଇଁ ତୁରନ୍ତ ବୋମା ନିଷ୍କ୍ରିୟକାରୀ ଦଳକୁ ଘଟଣାସ୍ଥଳରେ ନିୟୋଜିତ କରାଯାଇଥିଲା। ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକରେ ସମସ୍ତ ଛାତ୍ରୀଛାତ୍ର, ସେମାନଙ୍କ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଭୟଭିତ ନହୋଇ ଶାନ୍ତ ରହିବାକୁ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଥିଲା। ସେପଟେ ଏହି ଧମକ ଭରା ଇମେଲ୍ କିଏ ସ୍କୁଲଗୁଡ଼ିକୁ ପଠାଇଥିଲା ସେନେଇ ତଦନ୍ତ କରାଯାଉଥିବା ବେଳେ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି କହିଛି ପୋଲିସ।

# ମଦ୍ରାସା ଭଙ୍ଗାକୁ ନେଇ ହିଂସା

## ପୋଲିସକୁ ଟେକାମାଡ଼, ବ୍ୟାପକ ପୋଡ଼ାଜଳା

## ଦେଖିବା ମାତ୍ରେ ଗୁଳି ନିର୍ଦ୍ଦେଶ

ହଲଦ୍ୱାନି,୮।୨

ଉତ୍ତରାଖଣ୍ଡର ହଲଦ୍ୱାନିରେ ପ୍ରଶାସନ ପକ୍ଷରୁ ଗୁରୁବାର ଏକ ବେଆଇନ ମଦ୍ରାସାକୁ ଭାଙ୍ଗିଦିଆଯିବାରୁ ବ୍ୟାପକ ହିଂସାକାଣ୍ଡ ଘଟିଛି। ଉତ୍ତ୍ୟକ୍ତ ଲୋକେ ପୋଲିସ ଉପରକୁ ଟେକାମାଡ଼ କରିବା ସହ ବହୁ ଗାଡ଼ି ପୋଡ଼ିଦେଇଛନ୍ତି। ହିଂସାକାଣ୍ଡରେ ସମ୍ପୃକ୍ତଙ୍କୁ ଦେଖିବା ମାତ୍ରେ ଗୁଳି ଚଳାଇବାକୁ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ନିର୍ଦ୍ଦେଶ ଦେଇଛନ୍ତି।

ଉତ୍ତେଜନାପୂର୍ଣ୍ଣ ସ୍ଥିତିକୁ ଦେଖି ହଲଦ୍ୱାନିକୁ ଅତିରିକ୍ତ ସୁରକ୍ଷା ବଳ ମଗାଯାଇଛି। ଧାମି ବରିଷ୍ଠ ଅଧିକାରୀମାନଙ୍କ ଏକ ବୈଠକ ଡାକିଛନ୍ତି। ବନଭୁଲପୁରା ଥାନା ନିକଟରେ ବେଆଇନ ଭାବେ ନିର୍ମିତ ମଦ୍ରାସାକୁ ହଲଦ୍ୱାନି ପୌରନିଗମ ଅଧିକାରୀମାନେ ଭାଙ୍ଗିଦେଇଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଦଳେ ଲୋକ ପୋଲିସ ଅଫସରଙ୍କ ଉପରକୁ ଟେକାମାଡ଼ କରିବାରୁ କେତେଜଣ ଆହତ ହୋଇଛନ୍ତି। ପୋଲିସ ଗାଡ଼ି ସମେତ ଅନେକ ଗାଡ଼ିକୁ ଉତ୍ତ୍ୟକ୍ତ ଲୋକେ ନିଆଁ ଲଗାଇଦେବା ସହ ଭଙ୍ଗାରୁଜା କରିଛନ୍ତି। ଲୋକେ ଏକ ଟ୍ରାନ୍ସଫର୍ମର ଜାଳିଦେଇଥିବାରୁ ଉକ୍ତ ଅଞ୍ଚଳ ଅନ୍ଧାରରେ ରହିଛି। ସ୍ଥାନୀୟ ଲୋକେ ଥାନାକୁ ଘେରାଉ କରି ରଖିଥିବାରୁ ସେଠାରେ ବହୁ ଖବରଦାତା ଓ ପ୍ରଶାସନିକ ଅଧିକାରୀ ଫସି ରହିଛନ୍ତି।



# ହେମନ୍ତ ସୋରେନ୍‌ଙ୍କ ଘରୁ ଜବତ ବିଏମ୍‌ଡବ୍ଲ୍ୟୁ ଧୀରଜଙ୍କର

ରାଞ୍ଚି/ନୂଆଦିଲ୍ଲୀ,୮।୨(ପି.ଟି.)

ଏକ ମନିଲଣ୍ଡରିଂ ମାମଲାରେ ଜେରା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ଝାଡ଼ଖଣ୍ଡର କଂଗ୍ରେସ ଏମ୍‌ପି ଧୀରଜ ପ୍ରସାଦ ସାହୁଙ୍କୁ ସମନ ଜାରି କରିଛି। ଉକ୍ତ ମାମଲାରେ ଇଡି ନିକଟରେ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଗିରଫ କରିଥିଲା। ଗତ ଡିସେମ୍ବରରେ ରାଜ୍ୟ ସଭା ସଦସ୍ୟ ଧୀରଜଙ୍କର ଓଡ଼ିଶାରେ ଥିବା ବୌଦ୍ଧ ଡିଷ୍ଟିଲେରି ପ୍ରା.ଲିଃରେ ଆୟକର ଚଢ଼ାଉ ବେଳେ ୩୫୧.୮ କୋଟି ଟଙ୍କାର ନଗଦ ଅର୍ଥ ଜବତ ହୋଇଥିଲ, ଯାହା ସର୍ବକାଳୀନ ରେକର୍ଡ ଥିଲା। ତାଙ୍କୁ ଶନିବାର ରାଞ୍ଚିସ୍ଥିତ ଇଡି କାର୍ଯ୍ୟାଳୟରେ ହାଜର ହେବାକୁ କୁହାଯାଇଛି। ସୋରେନ୍‌ଙ୍କ ସହ ସମ୍ପୃକ୍ତି ଏବଂ ତାଙ୍କ ବାସଭବନରୁ ଜବତ ହୋଇଥିବା ବିଏମ୍‌ଡବ୍ଲ୍ୟୁ ଏସ୍‌ୟୁଭିକୁ ନେଇ ଇଡି ଧୀରଜଙ୍କ ବିବୃତି ରେକର୍ଡ କରିବାକୁ ଚାହୁଁଛି। ସୋରେନଙ୍କ ଦକ୍ଷିଣ ଦିଲ୍ଲୀ ବାସଭବନରୁ ଇଡି ଅଧିକାରୀମାନେ ବିଏମ୍‌ଡବ୍ଲ୍ୟୁ ଜବତ କରିଥିଲେ। ଉକ୍ତ ଗାଡ଼ି ଧୀରଜଙ୍କର ଏବଂ ଏହାକୁ ବେମାନୀ ଭାବେ ରଖାଯାଇଥିଲା। ଧୀରଜଙ୍କ ଏକ ସଂସ୍ଥା ନାଁରେ ଏହାକୁ ପଞ୍ଜୀକୃତ କରାଯାଇଥିଲା। ଉକ୍ତ ମାମଲାରେ ଅନ୍ୟ କେତେଜଣଙ୍କୁ ମଧ୍ୟ ସମନ କରାଯାଇଛି। ଇଡି ସେମାନଙ୍କୁ ହେମନ୍ତ ସୋରେନଙ୍କ ସହ ମୁହାଁମୁହିଁ ଜେରା କରିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଜମି ଦୁର୍ନୀତି ସହ ସମ୍ପୃକ୍ତ ମନିଲଣ୍ଡରିଂ ମାମଲାରେ ସୋରେନଙ୍କୁ ଇଡି ଗତ ୩୧ ତାରିଖରେ ଗିରଫ କରିଥିଲା। ଗିରଫ ପୂର୍ବରୁ ସେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ।



ଧୀରଜ ପ୍ରସାଦ ସାହୁ



ବିଭିନ୍ନ ଦାବି ନେଇ ପାର୍ଲାମେଣ୍ଟ ଅଭିମୁଖେ ବାହାରିଥିବା ଚାଷୀଙ୍କୁ ପୋଲିସ ନଏଡ଼ା ଫ୍ଲାଏଓଭରଠାରେ ଅଟକାଉଛି।

# ହିଂସା ମଧ୍ୟରେ ପାକିସ୍ତାନରେ ମତଦାନ

ଇସ୍‌ଲାମାବାଦ,୮।୨(ପି.ଟି.)

■ଆତଙ୍କବାଦୀଙ୍କ ବିସ୍ଫୋରଣରେ ପୋଲିସ ସମେତ ୧୨ ମୃତ

■ମୋବାଇଲ, ଇଣ୍ଟରନେଟ୍ ସେବା ବନ୍ଦ

ପାକିସ୍ତାନରେ ହିଂସାକାଣ୍ଡ ମଧ୍ୟରେ ଗୁରୁବାର ମତଦାନ ଶେଷ ହୋଇଛି। ଆତଙ୍କବାଦୀଙ୍କ ଆକ୍ରମଣରେ ପୋଲିସ ସମେତ ୧୨ଜଣଙ୍କ ମୃତ୍ୟୁ ଘଟିଛି। ହିଂସା ରୋକିବା ପାଇଁ ମୋବାଇଲ ଏବଂ ଇଣ୍ଟରନେଟ୍ ସେବା ବନ୍ଦ ରହିଥିଲା। ଭୋଟ ଚାଲିଥିବାବେଳେ ଖାଇବର ପାଖ୍‌ତୁନ୍‌ଖ୍ୱା ପ୍ରଦେଶର ଡେରା ଇସ୍‌ମାଇଲ୍ ଖାନ୍ ଜିଲାରେ ଆତଙ୍କବାଦୀ ବିସ୍ଫୋରଣ ଘଟାଇବାରୁ ୫ ପୋଲିସ କର୍ମଚାରୀ ନିହତ ହେବା ସହ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ପୋଲିସ୍‌ର ଏକ ମୋବାଇଲ ଭ୍ୟାନ୍‌କୁ ଟାର୍ଗେଟ କରି ଆତଙ୍କବାଦୀ ପ୍ରଥମେ ଆଇଇଡି ବିସ୍ଫୋରଣ କରିବା ସହ ଗୁଳି ଚଳାଇଥିଲେ।

୧୨,୮୫,୮୫,୭୬୦ ପଞ୍ଜୀକୃତ ଭୋଟରଙ୍କ ମତଦାନ ଲାଗି ଗୁରୁବାରକୁ ଛୁଟି ଘୋଷଣା କରାଯାଇଥିଲା। ସକାଳ ୮ରୁ ମତଦାନ ଆରମ୍ଭ ହୋଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିଥିଲା। ଭୋଟ ଗଣନା ଆରମ୍ଭ ହୋଇଥିବାବେଳେ ଶୁକ୍ରବାର ସକାଳ ସୁଦ୍ଧା ଫଳାଫଳ ଜଣାପଡ଼ିଯିବ ବୋଲି କୁହାଯାଉଛି। ନୱାଜ ଶରିଫ୍‌ଙ୍କ ପାକିସ୍ତାନ ମୁସ୍‌ଲିମ୍ ଲିଗ୍-ନୱାଜ ନିର୍ବାଚନରେ ଏକକ ସଂଖ୍ୟାଗରିଷ୍ଠତା ହାସଲ କରିବା ଆଶା କରାଯାଉଛି।

ଦେଶବ୍ୟାପୀ ମୋବାଇଲ ଓ ଇଣ୍ଟରନେଟ ସେବା ବନ୍ଦ ଥିବାରୁ ରାଜନୈତିକ ଦଳଗୁଡ଼ିକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଭୋଟିଂ ପ୍ରକ୍ରିୟାର ସ୍ୱଚ୍ଛତାକୁ ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି। ଶାନ୍ତିଶୃଙ୍ଖଳାର ସହ ମତଦାନ ପାଇଁ ସାରା ଦେଶରେ ୬,୫୦,୦୦୦ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଜେଲରେ ଥାଇ ପୋଷ୍ଟାଲ ବାଲଟ ଜରିଆରେ ଭୋଟ ଦେଇଛନ୍ତି। ଇମ୍ରାନ୍‌ଙ୍କ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ ପାର୍ଟିକୁ ନିର୍ବାଚନ କମିଶନ ଦଳୀୟ ଚିହ୍ନ 'ବ୍ୟାଟ୍'ରୁ ବଞ୍ଚିତ କରିବା ସହ ସୁପ୍ରିମକୋର୍ଟ ଉକ୍ତ ନିଷ୍ପତ୍ତିକୁ କାଏମ ରଖିଥିଲେ। ଫଳରେ ଇମ୍ରାନଙ୍କ ଦଳୀୟ ପ୍ରାର୍ଥୀମାନେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିଥିଲେ।

ଫୁରସତ୍

# ସାଇକେଲ ଟାୟାରରେ ଡାଇନିଂ ଟେବୁଲ

**ନୂଆଦିଲ୍ଲୀ:** ଏକ ନିଆରା ଶୈଳୀରେ ଖାଦ୍ୟ ଖାଉଥିବା ଜଣେ ବ୍ୟକ୍ତିଙ୍କ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓ ଦେଖି ସମ୍ପୃକ୍ତ ବ୍ୟକ୍ତିଙ୍କ ଅନନ୍ୟ ପ୍ରତିଭାକୁ ପ୍ରଶଂସା କରିବାକୁ ବାଧ୍ୟ ହେଉଛନ୍ତି ସମସ୍ତେ। ଭିଡିଓରେ, ଇନ୍‌ଷ୍ଟାଗ୍ରାମ ବ୍ୟବହାରକାରୀ ଅବଦୁଲ ଜଲିଲ୍ ଖାଦ୍ୟ ସାମଗ୍ରୀ ରଖିବା ପାଇଁ ସାଇକେଲ ଟାୟାରରେ ନିର୍ମିତ ଏକ ଅଦ୍ଭୁତ ଟେବୁଲ ବ୍ୟବହାର କରୁଥିବା ଦେଖାଯାଉଛି। ନିଜ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଥିବା ଏକ ଭିଡିଓରେ ଅବଦୁଲ ଆରାମରେ ଏକ ଷ୍ଟୁଲ୍‌ରେ ବସିଛନ୍ତି ଓ ତାଙ୍କ ଠିକ୍ ସାମ୍‌ନାରେ ସାଇକେଲ ଟାୟାର୍ ଦ୍ୱାରା ନିର୍ମିତ ଏକ ନିଆରା ଟେବୁଲରେ ସାଲାଡ୍, ମାଛ ତରକାରି, ଡାଲି ଏବଂ ସିଝା ଅଣ୍ଡା ଭଳି ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ସୁନ୍ଦର ଭାବେ ରଖାଯାଇଛି। ନିଜ ଇଚ୍ଛା ମୁତାବକ ବ୍ୟଞ୍ଜନକୁ ଖାଇବା ପାଇଁ ସେ ସମ୍ପୃକ୍ତ ସାଇକେଲ ଟାୟାରଟିକୁ ଘୂରାଇ ଅତି ସହଜରେ ମନ ପସନ୍ଦର ସୁସ୍ୱାଦୁ ଖାଦ୍ୟକୁ ଉପଭୋଗ କରୁଛନ୍ତି। ଏହି ସାଇକେଲ୍ ଟେବୁଲ୍‌ର ଭିଡିଓ ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ୍‌ରେ ଲୋକମାନଙ୍କୁ ଭରପୂର ମନୋରଞ୍ଜନ ଯୋଗାଉଛି। ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀମାନେ ସମ୍ପୃକ୍ତ ବ୍ୟକ୍ତିଙ୍କ ଭିଡିଓ ଦେଖି ତାଙ୍କ ପ୍ରତିଭାକୁ ଜୋରଦାର ପ୍ରଶଂସା କରିବାରେ ଲାଗିଛନ୍ତି। ଅନେକ ଲୋକ ମଧ୍ୟ ଏହି ନିଆରା ଟେବୁଲ ଓ ଏହାର ବ୍ୟବହାରକୁ ନେଇ ମଜାଳିଆ ମନ୍ତବ୍ୟ ଦେଇଛନ୍ତି । ଏଭଳି ପ୍ରତିଭା ଭାରତ ବାହାରକୁ ଯିବା ଉଚିତ ନୁହେଁ ବୋଲି ଜଣେ ୟୁଜର୍ସ୍ ମନ୍ତବ୍ୟ ଦେଇଛନ୍ତି। ସେହିପରି ଏହା ସ୍ୱଳ୍ପ ବଜେଟରେ ଉତ୍ତମ ଭୋଜନ ହୋଇଥିବା ଅନ୍ୟ ଜଣେ ୟୁଜର୍ସ କମେଣ୍ଟ ଦେଇଛନ୍ତି।



# ନିଆଁଦାଉରୁ ପରିବାରକୁ ରକ୍ଷା କଲେ ସାହସୀ ବାଳକ

ବେଜିଂ: ସମସ୍ତେ ନିଜ ପରିବାର ପାଇଁ କଠିନ ପରିଶ୍ରମ କରିଥାନ୍ତି। ପରିବାରର ସୁରକ୍ଷା ପ୍ରତି ସମସ୍ତେ ଯତ୍ନବାନ ମଧ୍ୟ ରହିଥାନ୍ତି। କିନ୍ତୁ ସାହସିକତା ସହ ନିଜ ଜୀବନକୁ ବାଜି ଲଗେଇ ପରିବାର ଲୋକଙ୍କୁ ମୃତ୍ୟୁ ମୁଖରୁ ବଞ୍ଚାଇବା ସମସ୍ତଙ୍କ ପକ୍ଷେ ସମ୍ଭବ ହୁଏ ନାହିଁ । ଚାଇନାରୁ ମଧ୍ୟ ଏଭଳି ଏକ ମାମଲା ସାମ୍ନାକୁ ଆସିଛି, ଯେଉଁଠାରେ ଜଣେ ବାଳକ ସାହସିକତା ସହ ନିଜ ପରିବାରକୁ ମୃତ୍ୟୁ ମୁଖରୁ ବଞ୍ଚାଇଛି। ଘରେ ନିଆଁ ଲାଗି ଯାଇଥିବା ସମୟରେ ପିଲାଟି ସାହସିକତା ଦେଖାଇ ନିଆଁ ସହ ଖେଳି ନିଜ ପିତା ଏବଂ ଜେଜେମାଙ୍କୁ ବଞ୍ଚାଇବାକୁ ସକ୍ଷମ ହୋଇଛି। ଏହି ପୂରା ଘଟଣାର ଏକ ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଘରେ ନିଆଁ ଭିତରେ ଫସି ରହିଥିବା ବାପା ଓ ଜେଜେ ମା'ଙ୍କୁ ଉଦ୍ଧାର କରିବା ପାଇଁ ଏହି ବାଳକ ବାରମ୍ବାର ଚେଷ୍ଟା କରୁଥିବା ଭିଡିଓରୁ ଜଣାପଡୁଛି। ଦକ୍ଷିଣ ଚାଇନାର ୟାଙ୍ଗୟାଙ୍ଗ ନାମକ ଏହି ବାଳକର ଘରେ ହଠାତ ନିଆଁ ଲାଗିଯାଇଥିଲା, ଯାହା ପରେ ଘରେ ଉପସ୍ଥିତ ଥିବା ପିତା ଏବଂ ଜେଜେମା'ଙ୍କୁ ବଞ୍ଚାଇବା ପାଇଁ ସେ ନିଜ ଜୀବନକୁ ବିପଦରେ ପକାଇଥିଲା। ଘରେ ନିଆଁ ଲାଗିଥିବା ବେଳେ ୟାଙ୍ଗୟାଙ୍ଗ ପ୍ରଥମେ ଜେଜେମାଙ୍କୁ ସୁରକ୍ଷିତ ଭାବେ ଘରୁ ବାହାରକୁ ଆଣିଥିଲେ। ପରେ ସେ ତାଙ୍କ ପିତାଙ୍କ ପାଇଁ ଧୂଆଁରେ ପରିପର୍ଣ୍ଣ ଥିବା ଘର ଭିତରେ ପ୍ରବେଶ କରିଥିଲେ। କିଛିଥର ବିଫଳ ହେବା ପରେ ଶେଷରେ ନିଜ ପିତାଙ୍କୁ ମଧ୍ୟ ନିରାପଦରେ ବାହାରକୁ ଆଣିପାରିଥିଲେ ୟାଙ୍ଗୟାଙ୍ଗ । ଚାଇନାର ଏହି ବାଳକର ସାହସିକତାକୁ ଏବେ ସାମାଜିକ ଗଣମାଧ୍ୟମରେ ବହୁଳ ଭାବେ ପ୍ରଶଂସା କରାଯାଉଛି। ଏହି ବାଳକ ନିଜ ପରିବାରର ରକ୍ଷକ ହୋଇଥିବା ସାମାଜିକ ଗଣମାଧ୍ୟମରେ ଲେଖିଛନ୍ତି ଅନେକ ୟୁଜର୍ସ।



# ମା' ହେବେ ୟାମି ଗୌତମ

ମୁମ୍ବାଇ

ଚଳିତବର୍ଷ ବଲିଉଡ୍ ଅଭିନେତ୍ରୀ ୟାମି ଗୌତମଙ୍କ ପାଇଁ ଖୁସିର ବର୍ଷ ହେବାକୁ ଯାଉଛି । ଜଣେ ଛୋଟ ଅତିଥି ୟାମି ଏବଂ ତାଙ୍କ ସ୍ୱାମୀ ଆଦିତ୍ୟ ଧର୍‌ଙ୍କ ଘରେ ଶୀଘ୍ର ପହଞ୍ଚିବାକୁ ଯାଉଛନ୍ତି । 'ଆର୍ଟିକଲ ୩୭୦' ଚଳଚ୍ଚିତ୍ରର ପ୍ରମୋସନ ସମୟରେ ଗଣମାଧ୍ୟମରେ ୟାମି ଗର୍ଭବତୀ ଥିବାନେଇ ପ୍ରକାଶ ପାଇଥିବା ବିଭିନ୍ନ ରିପୋର୍ଟକୁ ସେ ସ୍ୱୀକାର କରିଛନ୍ତି। ତେବେ ଗର୍ଭଧାରଣ ବିଷୟରେ ଜାଣିବା ଦିନଠାରୁ ହିଁ ବହୁତ ଖୁସି ଥିବା କହିବା ସହ ଏହା ତାଙ୍କର ଦାୟିତ୍ୱବୋଧତାକୁ ଆହୁରି ବଢ଼ାଇଥିବା ସେ ପ୍ରକାଶ କରିଛନ୍ତି। ସ୍ୱାମୀ ଆଦିତ୍ୟଙ୍କ ଦ୍ୱାରା ନିର୍ମିତ 'ଆର୍ଟିକଲ ୩୭୦' ଚଳଚ୍ଚିତ୍ରରେ ୟାମି ମୁଖ୍ୟ ଭୂମିକାରେ ନଜର ଆସିଛନ୍ତି। ୨୩ ଫେବୃଆରୀରେ ଏହି ଫିଲ୍ମଟି ରିଲିଜ ହେବାକୁ ଥିବାବେଳେ ଗୁରୁବାର ଉଭୟ ୟାମି ଓ ଆଦିତ୍ୟ ଏହାର ପ୍ରମୋସନ କରିଛନ୍ତି। ସୂଚନାଯୋଗ୍ୟ, ୟାମି ଗୌତମ ଏବଂ ଆଦିତ୍ୟ ଧର୍ ଜୁନ୍ ୪, ୨୦୨୧ରେ ବିବାହ କରିଥିଲେ। 'ଉରି: ଦ ସର୍ଜିକାଲ୍ ଷ୍ଟ୍ରାଇକ୍' ସେଟରେ ପ୍ରଥମ ଥର ପାଇଁ ଉଭୟ ପରସ୍ପରକୁ ଭେଟି ଭଲ ପାଉଥିଲେ। ବର୍ତ୍ତମାନ ବିବାହର ୩ ବର୍ଷ ପରେ ଏହି ଦମ୍ପତି ପିତାମାତା ହେବାକୁ ଯାଉଛନ୍ତି।



ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର ୯ ଫେବୃଆରୀ, ୨୦୨୪
OSRTC
ଆମ ଓଡ଼ିଶା ନବୀନ ଓଡ଼ିଶା
ଘରେ ଘରେ ଲକ୍ଷ୍ମୀ
୭
DSPL-633




# ଲୋକଙ୍କୁ ଯୋଡ଼ିଛି, ଭରସା ଦେଇଛି

ଲକ୍ଷ୍ମୀ ବସ୍ ସେବା ପଞ୍ଚାୟତରୁ ବ୍ଲକ ଏବଂ ବ୍ଲକରୁ ଜିଲାକୁ ଗଡ଼ିବା ଦ୍ୱାରା ଲୋକଙ୍କୁ ଯୋଡ଼ିବାରେ ସହାୟକ ହୋଇପାରିଛି। ପୂର୍ବରୁ ଉପାନ୍ତ ଅଞ୍ଚଳର ଲୋକମାନେ ନିଜ ଅଞ୍ଚଳରୁ ବ୍ଲକ କିମ୍ବା ଜିଲା ସଦର ମହକୁମାକୁ ଯିବା ଆସିବା କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏପରିକି ଅଧିକ ଖର୍ଚ୍ଚାନ୍ତ ହେଉଥିଲେ। ହେଲେ ଏବେ ଲକ୍ଷ୍ମୀ ବସ୍ ଏହି ସବୁ ସମସ୍ୟା ଦୂର କରିଦେଇଛି। ମାତ୍ର ୫ଟଙ୍କାରେ ମହିଳା, ଛାତ୍ରୀଛାତ୍ର ଏବଂ ଦିବ୍ୟାଙ୍ଗମାନେ ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚି ପାରୁଛନ୍ତି। ବିଶେଷକରି ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ନିରନ୍ତର, ସୁଲଭ, ନିଶ୍ଚିତ ଏବଂ ସୁରକ୍ଷିତ ବସ୍ ଯାତ୍ରା ଯୋଗାଇବା ଲକ୍ଷ୍ୟରେ ରାଜ୍ୟ ସରକାର ଲକ୍ଷ୍ମୀ ବସ୍ ସେବା ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟିର ପ୍ରତିଫଳନ ସ୍ୱରୂପ ରାଜ୍ୟରେ ଗଡ଼ିପାରିଛି ଲକ୍ଷ୍ମୀ ବସ୍। ଲୋକେଶନ ଆକ୍ସେସିବଲ୍ ମଲ୍‌ଟିମୋଡାଲ ଇନିସିଏଟିଭ୍(ଲକ୍ଷ୍ମୀ) ଏବେ ଗ୍ରାମାଞ୍ଚଳରେ ଏକ ନୂଆ ପରିଚୟ ସୃଷ୍ଟି କରିପାରିଛି। ଲକ୍ଷ୍ମୀ ଯୋଜନାରେ ରାଜ୍ୟର ଗ୍ରାମାଞ୍ଚଳରେ ୧,୬୨୩ ବସ୍ ଚଳାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ୩,୧୭୮ କୋଟି ଟଙ୍କାର ବଜେଟ୍ ମଧ ମଞ୍ଜୁରୀ ହୋଇଛି। ଏହି ବସ୍ ସେବା ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତ, ବ୍ଲକ ମୁଖ୍ୟାଳୟ, ଜିଲା ସଦର ମହକୁମା, ପ୍ରମୁଖ ସହର ଏବଂ ବାଣିଜ୍ୟିକ ପେଣ୍ଠସ୍ଥଳୀକୁ ସଂଯୋଗ କରିବାର ଲକ୍ଷ୍ୟ ରଖିଥିବାବେଳେ ପ୍ରାଥମିକ ପର୍ଯ୍ୟାୟରେ ଏବେ ୯ଜିଲାରେ ଏହି ବସ୍ ସେବା ଚଳାଚଳ କରୁଛି।

## ସୁଗମ ଗ୍ରାମୀଣ ଯାତ୍ରାର ଅନ୍ୟନାମ 'ଲକ୍ଷ୍ମୀ'

ଗ୍ରାମ ପଞ୍ଚାୟତରୁ ବ୍ଲକ ଏବଂ ବ୍ଲକରୁ ଜିଲା ସହ ସଂଯୋଗ କରି ଜନସାଧାରଣ ପରିବହନ ବ୍ୟବସ୍ଥାରେ ସହଜ ରୂପାନ୍ତରଣ ପାଇଁ ଯେଉଁ ପରିକଳ୍ପନା କରାଯାଇଥିଲା, ତାହା ଏବେ ବାସ୍ତବ ରୂପ ନେଇଛି। ଲକ୍ଷ୍ମୀ ବସ୍ ଯୋଜନା ଦ୍ୱାରା ଉପଲବ୍ଧତା, ନିରାପତ୍ତା ଏବଂ ସେବା ଦକ୍ଷତାକୁ ବିକଶିତ କରାଯାଇପାରିଛି। ମହିଳା ସୁରକ୍ଷା ଉପରେ ବିଶେଷ ଧ୍ୟାନ ଦେଇ ବଜାର, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବାରେ ସମାନ ସୁବିଧା ସୁନିଶ୍ଚିତ କରିବା ସହ ଗ୍ରାମାଞ୍ଚଳ-ସହରୀ ବିଭେଦକୁ ଦୂର କରିବାକୁ ଏହି ଯୋଜନା ଲକ୍ଷ୍ୟ ରଖିଛି। ସାର୍ବଜନୀନ-ବେସରକାରୀ ସହଭାଗିତା ଏବଂ ସ୍ଥାୟିତ୍ୱକୁ ପ୍ରାଥମିକତା ଦେଇ, ଲକ୍ଷ୍ମୀ କେବଳ ପର୍ଯ୍ୟଟନ, ଅର୍ଥନୈତିକ ଅଭିବୃଦ୍ଧିକୁ ବଢ଼ାଏ ନାହିଁ ବରଂ ଏକ ଅଧିକ ଅନ୍ତର୍ଭୁକ୍ତୀକରଣ ଏବଂ ପରସ୍ପର ସହ ସଂଯୁକ୍ତ ଗୋଷ୍ଠୀର ସହଯୋଗିତାକୁ ମଧ୍ୟ ବିକଶିତ କରେ।



"ଲକ୍ଷ୍ମୀ ବସ୍ ସେବା ଆମମାନଙ୍କ ଜୀବନକୁ ସହଜ ଓ ସୁଗମ କରିପାରିଛି। ଗ୍ରାମାଞ୍ଚଳ ପରିବହନ ବ୍ୟବସ୍ଥାରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ।

**- ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ**



### ମାଲକାନଗିରି

୨୦୨୩ ଅକ୍ଟୋବର ୧୨ରେ ମାଲକାନଗିରି ଜିଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ଉପସ୍ଥିତିରେ ଲକ୍ଷ୍ମୀ ବସ୍ ସେବାର ଶୁଭାରମ୍ଭ କରିଥିଲେ। ମାଲକାନଗିରି ଜିଲା ସଦର ମହକୁମା ସହ ଜିଲାର ସମସ୍ତ ୧୧୧ ଗ୍ରାମ ପଞ୍ଚାୟତକୁ ଏହି ବସ୍ ସେବା ଯୋଡ଼ିଥିଲା। ଏପରି କି ଏହି ବସ୍ ପ୍ରଥମଥର ପାଇଁ ବଣ୍ଡା ଘାଟି, ଆଦିମ ଜନଜାତି ବସବାସ କରୁଥିବା ଦୁର୍ଗମ ଅଞ୍ଚଳକୁ ମଧ୍ୟ ଚଳାଚଳ କରିପାରିଛି।

### ଗଜପତି

୨୦୨୩ ଅକ୍ଟୋବର ୨୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଦିବାସୀ ବହୁଳ ଗଜପତି ଜିଲାରେ ୩୬ ବସ୍ ସେବାର ଶୁଭାରମ୍ଭ କରିଥିଲେ। ଜିଲାର ୧୨୬ ଗ୍ରାମ ପଞ୍ଚାୟତ, ୭ବ୍ଲକ ଏବଂ ଜିଲାର ସଦର ମହକୁମା ପାରଳାଖେମୁଣ୍ଡିକୁ ଏହି ବସ୍ ସଂଯୋଗ କରିଥିଲା। ଏଥିପାଇଁ ୬୯ଟି ନୂଆ ବସ୍‌ଷ୍ଟପ ତିଆରି କରାଯାଇଥିବାବେଳେ ୬୪ ବସ୍‌ଷ୍ଟପ୍‌ର ପୁନଃ ନବୀକରଣ କରାଯାଇଛି।

### କଳାହାଣ୍ଡି

୨୦୨୩ ନଭେମ୍ବର ୧ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳାହାଣ୍ଡି ଜିଲାରେ ଲକ୍ଷ୍ମୀ ବସ୍ ସେବାର ଶୁଭାରମ୍ଭ କରିଥିଲେ। ଜିଲାର ସମସ୍ତ ଗ୍ରାମ ପଞ୍ଚାୟତକୁ ସଂଯୋଗ କରିବା ପାଇଁ ୬୩ଟି ବସ୍‌ର ଶୁଭାରମ୍ଭ କରିଥିଲେ।

### କୋରାପୁଟ

୨୦୨୩ ଡିସେମ୍ବର ୧୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋରାପୁଟ ଜିଲାରେ ୬୩ଟି ବସ୍‌ର ଶୁଭାରମ୍ଭ କରିଥିଲେ। ଏହି ବସ୍ ଜିଲାର ୨୩୪ ପଞ୍ଚାୟତକୁ ସଂଯୋଗ କରିଥିଲା। ଏହାଦ୍ୱାରା ଜିଲାର ୩ଲକ୍ଷ ଲୋକ ଉପକୃତ ହୋଇପାରିଛନ୍ତି।

### ଦେବଗଡ଼, ଅନୁଗୋଳ, ଢେଙ୍କାନାଳ

୨୦୨୪ ଜାନୁଆରୀ ୩୧ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ ଦେବଗଡ଼, ଅନୁଗୋଳ, ଢେଙ୍କାନାଳ ଜିଲାର ୪୪୦ ପଞ୍ଚାୟତର ୧୦୧ ବସ୍‌ର ଲୋକାର୍ପଣ କରିଥିଲେ। ଏହାଦ୍ୱାରା ୨୭ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହୋଇପାରିବେ। ଦେବଗଡ଼ର ୬୯ ପଞ୍ଚାୟତରେ ୧୭ ବସ୍, ଅନୁଗୋଳ ଜିଲାର ୧୭୬ ପଞ୍ଚାୟତ ପାଇଁ ୨୯ ବସ୍ ଏବଂ ଢେଙ୍କାନାଳର ୧୯୫ ପଞ୍ଚାୟତ ପାଇଁ ୫୫ ବସ୍ ସେବାର ଶୁଭାରମ୍ଭ କରାଯାଇଛି।

### ନବରଙ୍ଗପୁର

୨୦୨୩ ନଭେମ୍ବର ୩୦ରେ ପ୍ରଥମ ପର୍ଯ୍ୟାୟରେ ନବରଙ୍ଗପୁର ଜିଲାର ୧୦ ବ୍ଲକ ସହ ୪୪ ପଞ୍ଚାୟତ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୪୪ ବସ୍‌ର ଶୁଭାରମ୍ଭ କରିଥିଲେ। ଏହି ବସ୍ ସେବା ଜିଲାର ଗ୍ରାମାଞ୍ଚଳର ଲୋକମାନଙ୍କୁ ସଦର ମହକୁମା ସହ ଯୋଡ଼ିବାରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଆରମ୍ଭ କରିଥିଲା।

### ରାୟଗଡ଼ା

୨୦୨୩ ନଭେମ୍ବର ୨୫ ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲା ପାଇଁ ଏକ ଶୁଭଦିନ ଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଏହି ଜିଲାରେ ୫୨ଟି ଲକ୍ଷ୍ମୀ ବସ୍ ଗଡ଼ିଥିଲା। ଏହି ବସ୍ ଜିଲାର ୧୮୨ ପଞ୍ଚାୟତକୁ ସଂଯୋଗ କରିଥିଲା। ଲକ୍ଷ୍ମୀ ଯୋଜନାରେ ମହିଳା, ଛାତ୍ରୀଛାତ୍ର ଏବଂ ଭିନ୍ନକ୍ଷମ ବ୍ୟକ୍ତିମାନେ ମାତ୍ର ୫ଟଙ୍କାରେ ସେମାନଙ୍କ ଗ୍ରାମରୁ ବ୍ଲକ ମୁଖ୍ୟାଳୟକୁ ଯାତ୍ରା କରିବାର ସୁବିଧା ପାଇ ପାରୁଛନ୍ତି।

ଘରେ ଘରେ ଲକ୍ଷ୍ମୀ



## ଲକ୍ଷ୍ମୀ ବସ୍ ସେବାର ମୂଳ ଲକ୍ଷ୍ୟ

- ସୁଲଭ ମୂଲ୍ୟ ଏବଂ ନିରନ୍ତର ବସ୍ ସେବା ଯୋଗାଇବା
- ଗ୍ରାମାଞ୍ଚଳରେ ଗତିଶୀଳତା ବୃଦ୍ଧି
- ନିର୍ଭରଯୋଗ୍ୟ ଏବଂ ଅର୍ଥନୈତିକ ସର୍ବସାଧାରଣ ପରିବହନ ବ୍ୟବସ୍ଥା
- ଆନ୍ତଃ ବ୍ଲକ ଏବଂ ଆନ୍ତଃ ଜିଲା ସଂଯୋଗୀକରଣ ପ୍ରାଥମିକ ଲକ୍ଷ୍ୟ
- ଭବିଷ୍ୟତରେ ଏକାଧିକ ସହର ମଧ୍ୟରେ ସଂଯୋଗ ଲକ୍ଷ୍ୟ
- ସହର ଏବଂ ଗ୍ରାମାଞ୍ଚଳ ମଧ୍ୟରେ ବିଭେଦ ଦୂର କରିବାର ପ୍ରୟାସ
- ମହିଳା, ଛାତ୍ରୀଛାତ୍ର, କୃଷକ ଏବଂ ଉଦ୍ୟୋଗପତି ସଶକ୍ତୀକରଣ
- ଗ୍ରାମାଞ୍ଚଳର ସାମାଜିକ ଏବଂ ଅର୍ଥନୈତିକ ବିକାଶ ଲକ୍ଷ୍ୟ
- ବସ୍ ମଧ୍ୟରେ ପଞ୍ଚତାରକା ଆରାମ ପ୍ରଦାନ

"ଗ୍ରାମାଞ୍ଚଳରେ ଲକ୍ଷ୍ମୀ ବସ୍ ସେବାର ଶୁଭାରମ୍ଭ ଲୋକମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ଏକ ନିଦର୍ଶନ। ଏହା ଲୋକମାନଙ୍କ ଗମନାଗମନରେ କେବଳ ଯେ, ସୁବିଧା ହେବ ତା' ନୁହେଁ ବରଂ ଏହା ଗ୍ରାମାଞ୍ଚଳ ଅର୍ଥନୀତି ବିକାଶରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହା ଖୁବ୍‌ଶୀଘ୍ର ରାଜ୍ୟର ସମସ୍ତ ଗ୍ରାମାଞ୍ଚଳକୁ ସଂଯୋଗ କରିବା ସହ ଗମନାଗମନ ବ୍ୟବସ୍ଥାକୁ ସୁଗମ କରିପାରିବ।

**- ଦୀପ୍ତେଶ ପଟ୍ଟନାୟକ, ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ, ଓଏସ୍‌ଆର୍‌ଟିସି**









OIPR-38002/13/0048/2324

## ସଂକ୍ଷେପରେ

### ଝରକା ତାଡ଼ି ଲୁଟିନେଲେ ଟଙ୍କା, ସୁନା ଅଳଙ୍କାର

ଛତିଆ,୮।୨(ସୌମ୍ୟରଞ୍ଜନ ସାହୁ)

ବଡ଼ଚଣା ବ୍ଲକ ଅନ୍ତର୍ଗତ ବୈରୀ ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି ବଢ଼ିବାରେ ଲାଗିଛି। ମଙ୍ଗଳବାର ରାତିରେ ଛତିଆ ଅମରାବତୀ ପାଟଣା ଗ୍ରାମର ଅଶୋକ ବିଶ୍ୱାଳଙ୍କ ଘର ଝରକା ତାଡ଼ି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କା ସହ ସୁନା ଅଳଙ୍କାର ଲୁଟି ନେଇଥିବା ବୈରୀ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ଥାନା ଅଧିକାରୀ ଶରତ କୁମାର ନାୟକ, ଛତିଆ ବିଟ ହାଉସ ଅଧିକାରୀ ମହେନ୍ଦ୍ର ସେଠୀ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛନ୍ତି। ସେହିପରି ଡିସେମ୍ବର ୧୮ରେ ଗୋଟିଏ ରାତିରେ ୬ ମନ୍ଦିରରୁ ସୁନା ଅଳଙ୍କାର ସହିତ ଦାନ ବାକ୍ସରୁ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଥିଲା। ଏଯାବତ ମନ୍ଦିର ଚୋରି ସମ୍ପର୍କରେ ପୋଲିସ କୌଣସି ସନ୍ଧାନ ପାଇନାହିଁ। ପୁନଶ୍ଚ ଛତିଆ ଅଞ୍ଚଳରୁ ଚୋରି ହେବା ଘଟଣା ଅଞ୍ଚଳବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି।

### ନେହେରୁ ଯୁବକେନ୍ଦ୍ର ଉପଦେଷ୍ଟା କମିଟି ସଦସ୍ୟ ହେଲେ ବିକ୍ରମ ବିଶ୍ୱାଳ

ପାଣିକୋଇଲି,୮।୨(ବିକାଶ ମଲ୍ଲିକ)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ



ନେହରୁ ଯୁବକେନ୍ଦ୍ର ସଙ୍ଗଠନର ଉପଦେଷ୍ଟା କମିଟି ସଦସ୍ୟ ଭାବେ ଯୁବନେତା ବିକ୍ରମ ବିଶ୍ୱାଳ ମନୋନୀତ ହୋଇଛନ୍ତି। କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁରଙ୍କ ସ୍ୱୀକୃତିକ୍ରମେ ବିଶ୍ୱାଳ ମନୋନୀତ ହୋଇଥିବାରୁ ସେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ବରିଷ୍ଠ ନେତା ସାରଦା ପ୍ରଧାନ, ଜିଲା ଭାଜପା ସଭାପତି ଗୌତମ ରାୟ ଓ ଭାଜପା ନେତା ବିଶ୍ୱଜିତ ନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଜିଲାରେ ଥିବା ବିଭିନ୍ନ ସାମାଜିକ ସଂଗଠନ ଓ କ୍ଲବଗୁଡ଼ିକୁ ଯୁବକେନ୍ଦ୍ର ସହ ଅନୁବନ୍ଧିତ କରି ଅନେକ ସାମାଜିକ ଓ ସଚେତନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ବିଶ୍ୱାଳ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

### କବିରାଜ, ଗ୍ରାମ ମୁରବି ଅବଧୂତ ରାଉତଙ୍କ ପରଲୋକ

ଧର୍ମଶାଳା,୮।୨(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ ଚହଟା ପଞ୍ଚାୟତ ଭାଲୁଖାଇ ଗ୍ରାମ ମୁରବୀ ଅବଧୂତ ରାଉତ(୮୪)ଙ୍କ ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ ଶଯ୍ୟାଶାୟୀ ଥିଲେ। ଗୁରୁବାର ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମରଶରୀରକୁ



ଗ୍ରାମ ପରିକ୍ରମା କରାଯାଇ ବ୍ରାହ୍ମଣୀ ନଦୀ ପଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ ପୁଅ ଅକ୍ଷୟ କୁମାର ରାଉତ ମୁଖାଗ୍ନି ଦେଇଥିଲେ। ରାଉତ ଜଣେ ବିଶିଷ୍ଟ କବିରାଜ ଥିଲେ। ରୋଗୀସେବା ତାଙ୍କର ମୁଖ୍ୟ କାର୍ଯ୍ୟଥିଲା। ଭାଲୁଖାଇ ଗ୍ରାମ ମୁରବୀ ଓ ଜଗନ୍ନାଥ ମନ୍ଦିରର ଅନ୍ୟତମ ପ୍ରତିଷ୍ଠାତା ଥିଲେ। ମୁନିସୀ ମେଲଣ କମିଟିର୨୦୦୧ରୁ ୨୦୧୮ପର୍ଯ୍ୟନ୍ତ କୋଷାଧ୍ୟକ୍ଷ କାର୍ଯ୍ୟଭାର ତୁଲାଇଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ପ୍ରାକ୍ତନ ଅଧ୍ୟକ୍ଷ କିଷାନ ପଣ୍ଡା, ଜିଲା ପରିଷଦ ସଦସ୍ୟ ଜଳଧର ମହାନ୍ତି, ସାମାଜିକ କର୍ମୀ କାହ୍ନୁଚରଣ ଦାଶ, ଗୋଲକ ଚନ୍ଦ୍ର ପଲେଇ, ଖବରଦାତା ରମାକାନ୍ତ ଜେନା, କୃଷକନେତା ବସନ୍ତ ପରିଡ଼ା, ବନମାଳୀ ରାଉତ, ଜଗନ୍ନାଥ କମିଟି ସଭାପତି ପ୍ରସନ୍ନ ବରାଳ, ବିଚିତ୍ର ସ୍ୱାଇଁ, ସୁଦୀପ୍ତ ସ୍ୱାଇଁ, ପ୍ରଫୁଲ୍ଲ ରାୟ, ବ୍ଲକ ଯୁବ ବିଜେଡି ସଭାପତି କ୍ଷୀତିଶ ନାୟକ, ଜିଲା ଛାତ୍ର ବିଜେଡି ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ଜାରକା ସରପଞ୍ଚ ସୁଦାମ ବେହେରା, ଯୁବନେତା ପ୍ରଭୁଦତ୍ତ ଜେନା ଓ ଜ୍ଞାନେନ୍ଦ୍ର ରାଉତ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ପୂର୍ବତନ ବିଧାୟକ ଗୁରୁଚରଣ ଟିକାୟାତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରମେଶ ପରିଡା ପ୍ରମୁଖ ତାଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି।

# ମଶା ଉପଦ୍ରବରେ ସହରବାସୀ ନୟାନ୍ତ

ଯାଜପୁର,୮।୨(ହର୍ଷବର୍ଦ୍ଧନ ବେହେରା)

- ବ୍ୟାସନଗରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ
- ନୂଆ ବସ୍ତି ଅଞ୍ଚଳରେ ରାସ୍ତା ନିର୍ମାଣ ପାଇଁ ଅର୍ଥ ଦାବିକୁ ନେଇ ଚର୍ଚ୍ଚା
- ଆବଶ୍ୟକତାଠାରୁ ଢେର ଗୁଣ ଅଧିକ ବିଲ୍ କରି ହରିଲୁଟ୍ ଅଭିଯୋଗ

ଘରୋଇକରଣ ହେଲେ ପରିମଳ ବ୍ୟବସ୍ଥା ସୁଧୁରିବ ବୋଲି ବ୍ୟାସନଗର ପୌରାଞ୍ଚଳବାସୀ ବହୁତ ଆଶା ରଖିଥିଲେ । ହେଲେ ଗତ କିଛି ବର୍ଷ ହେଲା ସବ୍ୟସାଚୀ ମହାକୁଡ ନାମକ ଏକ ଘରୋଇ ସଂସ୍ଥାକୁ ସଫେଇ ଦାୟିତ୍ୱ ଦେବା ପରେ ବ୍ୟାସନଗର ପୌର କର୍ତ୍ତୃପକ୍ଷ ମହରଗରୁ ଯାଇ କାନ୍ତାରରେ ପଡିଛନ୍ତି। ସହରର ବିଭିନ୍ନ ସ୍ଥାନରେ ଦିନ ଦିନ ଧରି ଆବର୍ଜନା ଉଠୁନାହିଁ। ନିୟୋଜିତ ସଫେଇ କର୍ମଚାରୀଙ୍କଠାରୁ ପ୍ରାୟ ୨ ଗୁଣା ଅଧିକ କର୍ମଚାରୀଙ୍କ ନାମରେ ବିଲ ଉଠାଣ ହେଉଛି। ଏଥିରେ ଭାଗବଣ୍ଟା କରି ସହରର ପରିମଳ ବ୍ୟବସ୍ଥା ପ୍ରତି କର୍ତ୍ତୃପକ୍ଷ ଆଖି ବୁଜି ଦେଇଛନ୍ତି। ଫଳରେ ସମ୍ପୃକ୍ତ ୱାର୍ଡବାସୀ କୁଢ କୁଢ ଅଳିଆ,ଆବର୍ଜନା ଓ ନର୍ଦ୍ଦମାନର ଦୁର୍ଗନ୍ଧରେ ଦହଗଞ୍ଜ ହେଉଛନ୍ତି। ମଶାଙ୍କ ବଂଶ ବୃଦ୍ଧି ପାଇଛି। ଦିନବେଳା ବି ଘରେ ଶାନ୍ତିରେ ବସି ହେଉନାହିଁ । କଠିନ ବର୍ଜ୍ୟବସ୍ତୁର ଠିକ ପରିଚାଳନା କରି ନ ପାରିବା ଅଭିଯୋଗରେ ଏହି ପୌରାଞ୍ଚଳ ଖୁବଶୀଘ୍ର ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଫାଶରେ ପଡିବାର ସମ୍ଭାବନା ସୃଷ୍ଟି କରିଛି।

ଏନ୍‌ଜିଟି କୌଣସି ବର୍ଜ୍ୟବସ୍ତୁକୁ ଖୋଲା ସ୍ଥାନରେ ପକାଇବା ଏବଂ ଆବର୍ଜନା ସ୍ଥାନରେ ଜଳାଇବା ପାଇଁ ସମ୍ପୂର୍ଣ୍ଣ ନିଷେଧ କରିଛି । ଏହାର ବ୍ୟତିକ୍ରମ ଦୃଷ୍ଟିଗୋଚର ହେଲେ ଖିଲାପକାରୀଙ୍କଠାରୁ ପରିବେଶୀୟ କ୍ଷତିପୂରଣ ବାବଦରେ ଜୋରିମାନା ସ୍ୱରୂପ ୫ ହଜାର ଟଙ୍କା ଓ ସମୂହ ଆବର୍ଜନା ଜଳାଇଲେ ୨୫ ହଜାର ଟଙ୍କା ଭୂରାଜସ୍ୱ ଆକାରରେ ଆଇନ ଅନୁଯାୟୀ ଆଦାୟ କରାଯିବ । କିନ୍ତୁ ଯାଜପୁର ଜିଲାର ବ୍ୟାସନଗର ପୌରପରିଷଦ ଏହି ନିର୍ଦ୍ଦେଶକୁ ଅବମାନନା କରି ଚାଲିଛନ୍ତି। ଏହି ସହରର ପରିସୀମା କ୍ରମଶଃ ବଢିବାରେ ଲାଗିଛି। କିନ୍ତୁ ନୂତନ ବସ୍ତି ଅଞ୍ଚଳକୁ ରାସ୍ତାଘାଟ, ଡ୍ରେନେଜ ଓ ପାନୀୟ ଜଳ ସୁବିଧା ଦେବାରେ ପୌର ପରିଷଦ ବିଫଳ ହୋଇଛି। ନୂତନ ବସ୍ତି ଅଞ୍ଚଳକୁ



୧୪ ନମ୍ବର ୱାର୍ଡରେ ଥିବା ପରିତ୍ୟକ୍ତ ଡ୍ରେନ୍।

ପକ୍କା ରାସ୍ତା ଓ ଡ୍ରେନେଜ ନିର୍ମାଣ କରିବାକୁ ପୌର ପରିଷଦ କର୍ତ୍ତୃପକ୍ଷ ଓ ନିର୍ବାଚିତ ଲୋକ ପ୍ରତିନିଧି କୁଆଡେ ୨୦ ହଜାର ଟଙ୍କା ଲେଖାଏଁ ଦାବି କରୁଥିବା ଶୁଣିବାକୁ ମିଳିଛି। କିନ୍ତୁ ସମ୍ପୃକ୍ତ ବସ୍ତି ଅଞ୍ଚଳବାସୀ ଏହି ଅର୍ଥ ଦେଇ ନ ପାରିଲେ ଡ୍ରେନେଜ ଓ ପରିବେଶ ସମସ୍ୟାରେ ସେମାନେ ରୁନ୍ଧି ହେଉଛନ୍ତି । ଦେଶରେ ବ୍ୟବସ୍ଥାଗତ ଦୃଷ୍ଟିରୁ ପୌରାଞ୍ଚଳକୁ ପ୍ରଶାସନିକ ବ୍ୟବସ୍ଥାରୁ ମୁକ୍ତ କରାଯାଇଛି। ସହରବାସୀଙ୍କ ମତଦାନରେ କାଉନସିଲ ଓ ପୌରାଧକ୍ଷା ନିର୍ବାଚିତ ହେଉଛନ୍ତି । ଯଦ୍ୱାରା ସେମାନେ ନିଜ ଅଞ୍ଚଳର ବିକାଶର ପରିଭାଷା ନିଜେ ସ୍ପଷ୍ଟ କରି ତାଙ୍କ ସହରକୁ ଆହୁରି ବିକାଶମୁଖର କରି ପାରିବେ । କିନ୍ତୁ ବ୍ୟାସନଗର ପୌରପରିଷଦ ଅଞ୍ଚଳରେ ବିକାଶର ଗତି ଓଲଟା ହୋଇଯାଇଛି। ସହରର ପରିମଳ ବ୍ୟବସ୍ଥା ପାଇଁ ଆସୁଥିବା ଅନୁଦାନ ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ପାରୁନାହିଁ । ଲୋକଙ୍କ ଆଶା ଭରସାକୁ ନିଜ ସ୍ୱାର୍ଥରେ ଅଧିକ ନିୟୋଜିତ କରାଯାଉଛି । ଜଣେ କାଉନସିଲରଙ୍କ ସହ ଏନେଇ ଆଲୋଚନା ବେଳେ ସେ କହିଥିଲେ ନିର୍ବାଚନ ସମୟରେ ଯେଉଁ ଅର୍ଥ ଖର୍ଚ୍ଚ କରାଯାଉଛି, ତାହା କିଭଳି ଆଉ ଆଦାୟ ହୋଇ ପାରିବ। ଏଭଳିଭାବେ ଅଧକ୍ଷା ଓ କାଉନସିଲରଙ୍କ ପାରିବାପଣିଆ ଓ ବିକାଶର ଦୃଷ୍ଟିଭଙ୍ଗୀ ଅଭାବରୁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ମହତ୍ୱାକାଂକ୍ଷୀ ଯୋଜନାଗୁଡ଼ିକର ଅପମାନ ହେଉଛି ବୋଲି ସାଧାରଣରେ ମତପ୍ରକାଶ ପାଉଛି । ସହରର ସଫେଇ କାର୍ଯ୍ୟ ପାଇଁ ମାସିକ ପାଖାପାଖି ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ଠିକାସଂସ୍ଥା ପକ୍ଷରୁ ଆବଶ୍ୟକ ସଫେଇ କର୍ମଚାରୀ ନିୟୋଜନ ନ କରି କେବଳ ଲାଭ ଜଗିବାରେ ବ୍ୟସ୍ତ ଥିବା କୁହାଯାଉଛି। ଏହାଦ୍ୱାରା ରାସ୍ତାପାର୍ଶ୍ୱରୁ ମଇଳା, ଡ୍ରେନ ଆଦୌ ସଫା ହେଉ ନ ଥିବାରୁ ମଶାଙ୍କ ଉତ୍ପାତ ଚରମସୀମାରେ ପହଞ୍ଚିଛି । କୌଣସି ମଶା ମରା ଔଷଧ କାମରେ ଲାଗୁନାହିଁ । ପ୍ରାୟ ୬ ମାସ ହେବ ସହରର ଅଧିକାଂଶ ଡ୍ରେନ ସଫା ହୋଇନାହିଁ । ଡ୍ରେନରେ ଆବଶ୍ୟକ ମଶାତେଲ ସିଞ୍ଚନ କରାଯାଉ ନାହିଁ । ଏଥିପାଇଁ ଆସୁଥିବା ଅନୁଦାନକୁ ଠିକାସଂସ୍ଥା ଓ ପୌର କର୍ତ୍ତୃପକ୍ଷ ମିଳିମିଶି ଚଳୁ କରୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି ।

ଏ ସଂକ୍ରାନ୍ତରେ ବ୍ୟାସନଗର ପୌର ପରିଷଦର ନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ରଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ କଲ ଗ୍ରହଣ କରି ନ ଥିଲେ।

### ଚାନ୍ଦପୁର ମହାବୀର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ପାଣିକୋଇଲି,୮।୨(ବିକାଶ ମଲ୍ଲିକ)

ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଚାନ୍ଦପୁର ଗ୍ରାମର ମହାବୀର କ୍ରିକେଟ କ୍ଲବ ଆନୁକୂଲ୍ୟରେ ମହାବୀର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଯାଇଛି। ମୁଖ୍ୟଅତିଥିଭାବେ ସାମାଜିକ କର୍ମୀ ସୂର୍ଯ୍ୟମଣି ପଣ୍ଡା ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ୯ ଦିନ ବ୍ୟାପୀ ପ୍ରତିଯୋଗିତା ଚାଲୁ ରହିବ। ୧୫ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ମ୍ୟାଚ୍ ଟିଏସ୍‌କେ ବନାମ ମାମାସ ଟଏସ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମାମାସ ଟଏସ୍ ଟସ ଜିଣି ବ୍ୟାଟିଂ କରି ନିର୍ଦ୍ଧାରିତ ୯ ଓଭରରେ ସମସ୍ତ ଉଇକେଟ ହରାଇ ୬୪ ରନ ସଂଗ୍ରହ କରିଥିଲା। ଟିଏସ୍‌କେ ୭ଓଭରରେ ୬୫ ରନ କରି ବିଜୟୀ ହୋଇଥିଲା। ମ୍ୟାଚ୍‌କୁ ଶିବ ପରିଡ଼ା ଓ ବାଦଲ ସାମଲ ପରିଚାଳନା କରିଥିଲେ। ସ୍କୋରରଭାବେ କଳ୍ପନା ପରିଡ଼ା, ବଳରାମ ସାହୁ ଓ ଭାଷ୍ୟକାରଭାବେ ଅଂଶୁମାନ ସ୍ୱାଇଁ ଓ ମୁଣିନ ଯୋଗଦାନ କରିଥିଲେ। କ୍ଲବ ପକ୍ଷରୁ ଅମରେଶ ସ୍ୱାଇଁ, ମନ୍ମଥ ପଣ୍ଡା, ଦେବେନ୍ଦ୍ର ଦାସ, ରଞ୍ଜିତ ପରିଡ଼ା, ଦେବୀପ୍ରସାଦ ସ୍ୱାଇଁ, ଆଶୀର୍ବାଦ ସ୍ୱାଇଁ, ରାକେଶ ସ୍ୱାଇଁ, ପବିତ୍ର ନାୟକ, ସନ୍ଦୀପ ସେନାପତି, ଆଦିତ୍ୟ ସ୍ୱାଇଁ, ପ୍ରଭାକର ସ୍ୱାଇଁ, ପ୍ରଦୀପ ପଣ୍ଡା, ବ୍ରଜ ସ୍ୱାଇଁ ଓ ସରୋଜ ସ୍ୱାଇଁ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ୪ ପଞ୍ଚାୟତରେ ସଚେତନତା ଶିବିର



ଶିବିରରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଉଛି।

ଝୁମ୍ପୁରୀ,୮।୨(ସରୋଜ ନାୟକ)

ଦଶରଥପୁର ବ୍ଲକ୍‌ର ୪ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ନିକଟ ସନ୍ତୋଷୀ ମା' ମନ୍ଦିର ପରିସରରେ ଦଶରଥପୁର ପଞ୍ଚାୟତ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ପରିଷଦ ସଭ୍ୟ ସରୋଜ ମହାପାତ୍ର ସଭାପତିତ୍ୱ କରିଥିଲେ। ବିରଜାପୁର ପଞ୍ଚାୟତର ବରହଗ୍ଗା କୃଷିମେଳା ପଡ଼ିଆଠାରେ ସରପଞ୍ଚ ନିରାକାର ସାହୁଙ୍କ ସଭାପତିତ୍ୱ, ଅକରପଡ଼ା ଶ୍ରୀଧରପୁର ଛକଠାରେ ସରପଞ୍ଚଙ୍କ ପ୍ରତିନିଧି ଅଶୋକ ନାୟକଙ୍କ ସଭାପତିତ୍ୱ ଓ ଗୋପାଳପୁର ପଞ୍ଚାୟତର ପୀର ଛକଠାରେ ସରପଞ୍ଚ ଏସ୍‌କେ ନାଦରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହିସବୁ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ ଯୋଗଦେଇ ବିକାଶର ଭିତ୍ତିଭୂମି ଏବେ ସହରରେ ନୁହେଁ ଗ୍ରାମାଞ୍ଚଳରେ ଶିଖର ଛୁଇଁଛି ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ବିଡିଓ ଆକାଶ ପଟ୍ଟନାୟକ, ବିଞ୍ଝାରପୁର ବିଧାୟିକାଙ୍କ ପ୍ରତିନିଧି ପ୍ରଦୀପ ମହାନ୍ତି, ଆଦିକନ୍ଦ ସନ୍ଧିବିଗ୍ରହ, ସୁଜାତା ସାହୁ, ଜିଲା ପରିଷଦ ସଭ୍ୟ ପାର୍ଥସାରଥି ମହାପାତ୍ର, ମାମିନା ମଲ୍ଲିକ, ମନସ୍ୱିନୀ ଦାସ, ନୀନାରାଣୀ ସାମଲ, ଦଶରଥପୁର ସରପଞ୍ଚ ମୀନାରାଣୀ ବେହେରା, ସମିତିସଭ୍ୟ ପ୍ରଶାନ୍ତ ମଲ୍ଲିକ, ବିରଜାପୁର ସମିତିସଭ୍ୟ ସୁଶୀଲ ରାୟ, ଅକରପଡ଼ା ସରପଞ୍ଚ ଭାରତୀ ନାୟକ, ବିଜେଡି ନେତା ମୁକ୍ତିକାନ୍ତ ପଣ୍ଡା, ଦଶରଥପୁର ସରପଞ୍ଚଙ୍କ ପ୍ରତିନିଧି ଧର୍ମରାଜ ଧୀର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

ବ୍ଲକ୍‌ର ସର୍ବଶ୍ରେଷ୍ଠ ସରପଞ୍ଚଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ବିରଜାପୁର ସରପଞ୍ଚ ନିରାକାର ସାହୁ ଓ ଚମ୍ପେଇପାଳ ସରପଞ୍ଚ ହିମାଂଶୁ ନାୟକ, ବ୍ଲକ୍‌ର ଏନ୍‌ଆର୍‌ଇଜିଏସ୍‌ରେ ସର୍ବଶ୍ରେଷ୍ଠ କାର୍ଯ୍ୟ କରି ପୁରସ୍କୃତ ହୋଇଥିବା ଗ୍ରାମନନ୍ଦିରପୁର ସରପଞ୍ଚ ସଂଯୁକ୍ତା ମହାନ୍ତି, ଜୟନ୍ତରା ସରପଞ୍ଚ ସ୍ନିଗ୍ଧାମଞ୍ଜରୀ ରାଉତ, ଦଶରଥପୁର ସରପଞ୍ଚ ମୀନାରାଣୀ ବେହେରାଙ୍କ ସହ ଅବସରପ୍ରାପ୍ତ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଶିକ୍ଷାବିତ୍, ୨୦ରୁ ଉର୍ଦ୍ଧ୍ୱ ଚାଷୀ ଓ ବ୍ଲକ୍‌ର ସମସ୍ତ ଖବରଦାତାଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ସମନ୍ୱିତ ଶିଶୁ ବିକାଶ ବିଭାଗ, କୃଷି, ଉଦ୍ୟାନ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଶିବିରରେ ସେମାନଙ୍କ ବିଭିନ୍ନ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ଯୁବନେତା ଦେବେନ୍ଦ୍ର ଦାସ, ବିଷ୍ଣୁଚରଣ ବେହେରା, ଅକରପଡ଼ା ସମିତି ସଭ୍ୟଙ୍କ ପ୍ରତିନିଧି ସେକ୍ ଅସଲାମ, ମୀର ଆଜାଦ୍, ରବୀନ୍ଦ୍ର ରାଉତ, ଚନ୍ଦ୍ରକାନ୍ତ ମହାପାତ୍ର ଓ ଲକ୍ଷ୍ମୀନାରାୟଣ କର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ଯୁବତୀଙ୍କ ସନ୍ଦେହ ଜନକ ମୃତ୍ୟୁ

ସିଂହପୁର,୮।୨ (ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ଥାନା ଅନ୍ତର୍ଗତ ଜରି ପଞ୍ଚାୟତ ନାଉବାଙ୍କ ଗ୍ରାମର ଜଣେ ୨୩ ବର୍ଷୀୟା ଯୁବତୀଙ୍କ ସନ୍ଦେହଜନକଭାବେ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ରାଜେଶ୍ୱରୀ ନାୟକ। ବୁଧବାର ରାତିରେ ରାଜେଶ୍ୱରୀ ତାଙ୍କ ମା'ଙ୍କ ସହ ଶୋଇଥିଲେ। ରାତି ପ୍ରାୟ ୩ଟାରେ ମା'ଙ୍କ ନିଦ ଭାଙ୍ଗିବାରୁ ରାଜେଶ୍ୱରୀ ସେଠାରେ ନ ଥିବା ଦେଖିବାକୁ ପାଇଥିଲେ। ପରେ ସେ ପରିବାର ଲୋକଙ୍କୁ ଡାକିବା ସହିତ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ରାଜେଶ୍ୱରୀ ଅନ୍ୟଏକ ବଖରାରେ ଦଉଡି ଲଗାଇ ଝୁଲିପଡିଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ଏହାକୁ ନେଇ ପରିବାର ପକ୍ଷରୁ ଗୁରୁବାର ଜରି ଫାଣ୍ଡିରେ ଅଭିଯୋଗ କରାଯାଇଥିଲା। ପରେ ବିଞ୍ଝାରପୁର ଥାନା ଅଧିକାରୀ ଅଂଶୁମାଳା ଦାସଙ୍କ ତତ୍ତ୍ୱାବଧାନରେ ପୋଲିସ କର୍ମଚାରୀ ପହଞ୍ଚି ଘଟଣାର ତଦନ୍ତ କରିବା ସହିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଅପରାହ୍ନରେ ସାଇଣ୍ଟଫିକ ଟିମ୍ ପହଞ୍ଚି ତଦନ୍ତ କରିଥିଲା। ଯୁବତୀଙ୍କ ମୃତ୍ୟୁର କାରଣ ଜଣାପଡି ନ ଥିବା ବେଳେ ଏହା ଏକ ଆତ୍ମହତ୍ୟା ବୋଲି କୁହାଯାଉଛି। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଅନ୍ୟପକ୍ଷରେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

## ରବୀନ୍ଦ୍ରଙ୍କ ପରିବାର ଘର ପାଇବାରୁ ବଞ୍ଚିତ



ବରୀ,୮।୨(ମହେନ୍ଦ୍ର ସ୍ୱାଇଁ)

### ପ୍ରଶାସନର ପ୍ରତିଶ୍ରୁତି ପାଣିର ଗାର

ବରୀ ବ୍ଲକ କାର୍ଯ୍ୟାଳୟ ପରିସରରୁ ମାତ୍ର ୨ କିଲୋମିଟର ଦୂରରେ ଥିବା ଅଲିପୁର ପଞ୍ଚାୟତ ଭବାନୀପୁର ଗ୍ରାମର ରବୀନ୍ଦ୍ର ନାଥଙ୍କ ପରିବାର ପକ୍କାଘର ପାଇବାରୁ ବଞ୍ଚିତ ହୋଇଛନ୍ତି। ରବୀନ୍ଦ୍ରଙ୍କ ପରିବାର କହିଲେ ବିଧବା ମା' ଓ ଦିବ୍ୟାଙ୍ଗ ଭଉଣୀ। ରବୀନ୍ଦ୍ରଙ୍କ ନାମ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ୧୧୨ କ୍ରମିକ ସଂଖ୍ୟାରେ ଥିଲା। ମାତ୍ର ତଦନ୍ତକାରୀ ଅଧିକାରୀଙ୍କ ଲାଞ୍ଚଖୋର ମନୋଭାବ ଯୋଗୁ ତାଙ୍କ ନାମକୁ ବାଦ୍ ଦିଆଯାଇ ଅନ୍ୟ ଜଣକୁ ଘର ଦିଆଯାଇଥିଲା। ଏକଥା ଜାଣିବା ପରେ ରବୀନ୍ଦ୍ରଙ୍କ ପରିବାର ସମେତ ବରୀ ଅଞ୍ଚଳର ଯୁବ ସାମାଜିକ କର୍ମୀମାନେ ୧୯।୧୨।୨୦୨୩ରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନଶନରେ ବସିଥିଲେ। ବ୍ଲକ ପ୍ରଶାସନ ନିଜର ତ୍ରୁଟି ଅନୁଭବ କରିବା ପରେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠୀ ପହଞ୍ଚି ୧୪।୦୧।୨୦୨୪ ସୁଦ୍ଧା ଚଞ୍ଚକତା କରିଥିବା ଅଧିକାରୀଙ୍କ ଅର୍ଥରେ ରବୀନ୍ଦ୍ରଙ୍କୁ ଘର ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। କିନ୍ତୁ ପ୍ରଶାସନ ତରଫରୁ ଦିଆଯାଇଥିବା ପ୍ରତିଶ୍ରୁତି ଏଯାଏ ପାଳନ କରାଯାଇନାହିଁ। ଫଳରେ ରବୀନ୍ଦ୍ର, ବିଧବା ମା' ଓ ତାଙ୍କ ଦିବ୍ୟଙ୍ଗ ଭଉଣୀ ବହୁ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ଏହା ପ୍ରଶାସନର ପାରିବାପଣିଆ ପଦାରେ ପକାଇଛି। ତେଣୁ ଏ ଦିଗରେ ଜିଲାପାଳ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।

### ଘର ଗ୍ରିଲ୍ ଭାଙ୍ଗି ବାଇକ ଚୋରି ଅଭିଯୋଗ

ଧର୍ମଶାଳା,୮।୧(ବଟକୃଷ୍ଣ ପରିଡା)

ଧର୍ମଶାଳା ଥାନା ଅନ୍ତର୍ଗତ ନୂଆଗାଁରେ ବୁଧବାର ରାତିରେ ଜଣକ ଘର ଗ୍ରୀଲ ଭାଙ୍ଗି ଦୁର୍ବୃତ୍ତ ବାଇକ୍ ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ଗାଁର ପ୍ରସନଜିତ ରାୟଙ୍କ ଘରେ ରାତିରେ ପରିବାର ଲୋକେ ଶୋଇଥିଲେ। ସକାଳେ ଓଆର-୦୫-ଏଲ-୧୪୩୩ନଂ. କଳାରଙ୍ଗର ଆପାଚି ବାଇକ୍ ନ ଥିବା ପରିବାର ଲୋକେ ଦେଖିଥିଲେ। ଏଥିସହିତ ଘର ଗ୍ରୀଲ ଭଙ୍ଗା ଯାଇଥିଲା। ଏନେଇ ପ୍ରସନଜିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର

ଛତିଆ,୮।୨(ସୌମ୍ୟରଞ୍ଜନ ସାହୁ)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଚମ୍ପାପୁର ପ୍ରାକ୍ତନ ସରପଞ୍ଚ ବାସୁଦେବ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ପଲ୍ଲୀ ମଙ୍ଗଳ ସଭାପତି ସଞ୍ଜୟ ସ୍ୱାଇଁ, ଅମର ମହାନ୍ତି ଓ ନେଳିଆ ସରପଞ୍ଚ ଜୟନ୍ତୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହୋଇଥିବା ଜିଲାର ଶ୍ରେଷ୍ଠ ସିଆର୍‌ସିସି ରଶ୍ମିରଞ୍ଜନ ଷେଣ୍ଣଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ସ୍ୱାବଲମ୍ବୀ ହୋଇଥିବା ସ୍ୱୟଂସହାୟିକା ଗୋଷ୍ଠୀ ସଭ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୁମାର ଗୋବିନ୍ଦ ଓ ତାଙ୍କ ସାଥି ସଙ୍ଗୀତ ପରିବେଷଣ କରିଥିଲେ। କୁନି କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଛତିଆ ସମିତିସଭ୍ୟ ଦୀପକ ସାହୁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଧ୍ୟାରାଣୀ ମଲିକ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଭାଗ୍ୟଧର ମଲିକ, ରଞ୍ଜିତା ସାହୁ, ସାମାଜିକ କର୍ମୀ ମାଧବାନନ୍ଦ ମହାପାତ୍ର, ଧୀରେନ୍ଦ୍ର ବେହେରା, କପିଳ ରାଉତ, ପ୍ରଦୋଷ ନାଥ, ସର୍ବେଶ୍ୱର ରାଉଳ, ଦିଲୀପ ରଣାଙ୍କ ସମେତ ବହୁ ଜନସାଧାରଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



ସଚେତନତା ଶିବିରରେ ଯୋଗଦେଇଥିବା ଅତିଥିମାନେ।

# ନୀଳପଥର ଲୁଟ୍ ରୋକାଯାଉନି

### ୨ ନୀଳପଥର ବୋଝେଇ ଟ୍ରକ୍ ଜବତ ପରେ ତରିକା ବଦଳାଇଛନ୍ତି ମାଫିଆ

କାଳିଆପାଣି,୮।୨(ଅସିତ ମହାନ୍ତ)

ଯାଜପୁର ଜିଲା ବୈତାରୀ ସଂରକ୍ଷିତ ଟିକରପଡ଼ା ଜଙ୍ଗଲରୁ ନୀଳପଥର ଲୁଟ୍ ଚାଲିଛି। ହେଲେ ଏହାକୁ ରୋକାଯାଉନାହିଁ। ଏହା ଉପରେ ବାହାର ରାଜ୍ୟ ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ମାତ୍ର ଏକଥା ବନ ବିଭାଗ ଅଧିକାରୀ ଜାଣି ଅଜଣା ପରି ହେଉଥିବା ଅଭିଯୋଗ ହୋଇଛି।ବାରମ୍ବାର ନୀଳପଥର ଲୁଟ୍ ଅଭିଯୋଗ ପରେ ଜାନୁଆରୀ ୨୧ରେ ମଧ୍ୟପ୍ରଦେଶ ଯାଉଥିବା ନୀଳପଥର ବୋଝେଇ ୨ ଟ୍ରକ୍‌କୁ ବନ ବିଭାଗ ଜବତ କରିଥିଲା। ଏଥିସହିତ ୨ ଗାଡ଼ି ଚାଳକ ଓ ଜଣେ ହେଲ୍‌ପରଙ୍କୁ ଗିରଫ କରିଥିଲା। ଏହାପରେ ଏବେ ମାଫିଆମାନେ ତରିକା ବଦଳାଇ ବ୍ୟାପକଭାବେ ନୀଳ ପଥର ଚୋରାଚାଲାଣ କରୁଛନ୍ତି।

ବିଶେଷସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଟିକରପଡ଼ା ମାଓବାଦୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ସେ ଅଞ୍ଚଳକୁ ଯାତାୟାତ ନ ଥିଲା। ୨୦୧୦ରେ ଟିକରପଡ଼ା ଅଞ୍ଚଳକୁ ଆଇଏପି ଯୋଜନାରେ କଂକ୍ରିଟ ରାସ୍ତା ହେବାପରେ ଟିକରପଡ଼ା ଗାଁକୁ ଯୋଗାଯୋଗ ହୋଇଥିଲା। ତେଣୁ ସେ ଅଞ୍ଚଳକୁ ବାହାର ଲୋକଙ୍କ ଯାତାୟାତ ହେବାରୁ ମୂଲ୍ୟବାନ ନୀଳପଥର ଉପରେ ମାଫିଆଙ୍କ ନଜର ପଡ଼ିଥିଲା। ମାଫିଆ ସ୍ଥାନୀୟ ଲୋକଙ୍କ ଦ୍ୱାରା କମ ମୂଲ୍ୟରେ ପଥର ସଂଗ୍ରହ କରି ବେଧଡ଼କଭାବେ ଚାଲାଣ କରୁଛନ୍ତି। ସେ ସମୟରେ କାଳିଆପାଣି ଥାନା ଅଧିକାରୀ ଥିବା ଯୁବରାଜ ସ୍ୱାଇଁ ପଥର ମାଫିଆଙ୍କୁ ଗିରଫ କରିବା ସହ ଚାଲାଣ ହେଉଥିବା ପଥରକୁ ସୁଦୂର ରାଜସ୍ଥାନରୁ ପଥର ଜବତ କରିଥିଲେ। ଥାନା ଅଧିକାରୀଙ୍କ ବଦଳି ପରେ ପଥର ମାଫିଆ ପୁଣି ସ୍ଥାନୀୟ ଲୋକଙ୍କୁ ଧରି ରାତ୍ରିରେ ପଥର ଭଙ୍ଗାଉଛନ୍ତି। ପଥର ଭାଙ୍ଗିବା ପରେ ଆସି ସାଇଜ ଅନୁଯାୟୀ ମୂଲ୍ୟ ଧାର୍ଯ୍ୟ କରୁଛନ୍ତି। ପଥର ଭଙ୍ଗାଯାଇ ଗାଡ଼ି ଆସି ପାରୁଥିବା ଅଞ୍ଚଳକୁ ମୁଣ୍ଡରେ ବୋହି ଅଣାଯାଇଛି। ପରେ ସିମେଣ୍ଟ ବସ୍ତାରେ ପ୍ୟାକେଟ କରି ପିକଅପ୍ ଭ୍ୟାନରେ ଚାଲାଣ କରାଯାଉଛି। ପ୍ରତିଦିନ ମାଫିଆମାନେ ବେଧଡ଼କ ପଥର ଚାଲାଣ କରୁଥିବା ଅଞ୍ଚଳଲୋକେ ଅଭିଯୋଗ କରିଛନ୍ତି। ଟମକା ଫରେଷ୍ଟର ଓ ଟମକା ପୋଲିସ ତୀକ୍ଷ୍ଣ ନଜର ରଖିଥିବାରୁ ମାଫିଆ ବନ ବିଭାଗର କେତେଜଣ କର୍ମଚାରୀଙ୍କୁ ହାତ କରି ଟମକା ରାସ୍ତା ବଦଳାଇ କାଳିଆପାଣି ଥାନା ଦେଇ କାମାକ୍ଷାନଗର ରାସ୍ତାରେ ଗାଡ଼ି ନେଉଥିବା ନିଜ ନାମ ଗୋପନ ରଖି ବନ ବିଭାଗର ଜଣେ କର୍ମଚାରୀ ପ୍ରକାଶ କରିଛନ୍ତି।



ଅନ୍ୟପକ୍ଷରେ ସରକାର ସୁକିନ୍ଦା ଖଣି ଅଞ୍ଚଳରୁ କ୍ରୋମାଇଟ ଉତ୍ପାଦନ କରି ଦେଶ ଓ ରାଜ୍ୟ ରାଜକୋଷ ସମୃଦ୍ଧ କରୁଥିବାବେଳେ ନୀଳପଥରକୁ ଖଣିଠୁ ଜଙ୍ଗଲ ବିଭାଗ ପର୍ଯ୍ୟନ୍ତ ଅଣଦେଖା କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ଏ ସମ୍ପର୍କରେ କାଳିଆପାଣି ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକଙ୍କୁ ପଚାରିବାରେ ସେ କହିଛନ୍ତି, ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏବେ ଦେଖିବାକୁ ଅପେକ୍ଷା କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

# ପୋଖରୀରୁ ହରିଣ ଉଦ୍ଧାର



କୁଜଙ୍ଗ, ୮।୨ (ମନୋଜ ପ୍ରଧାନ)

କୁଜଙ୍ଗ ବନାଞ୍ଚଳ ଅଧୀନ ନୂଆଗଡ଼ ଗାଁର ଏକ ପୋଖରୀରେ ପଡ଼ିଥିବା ହରିଣ ଉଦ୍ଧାର କରାଯାଇଛି। ବୁଧବାର ରାତିରେ ଏକ ହରିଣ ପୋଖରୀରେ ପଡିଯିବା ଫଳରେ ଆଉ ବାହାରି ପାରି ନ ଥିଲା। ସକାଳୁ ଗ୍ରାମବାସୀ ହରିଣଟି ପୋଖରୀରେ ପଡିଥିବା ଦେଖି କୁଜଙ୍ଗ ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ପହଞ୍ଚି ହରିଣଟିକୁ ଉଦ୍ଧାର କରି କୁଜଙ୍ଗ ବନ ବିଭାଗ କାର୍ଯ୍ୟାଳୟକୁ ଆଣିଥିଲା। ପରେ ଉଦ୍ଧାର ହରିଣଟିକୁ ନେଇ ଜଟାଧାର ବଡତଣ୍ଡା ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ରେଞ୍ଜର ରଞ୍ଜନ ମିଶ୍ର କହିଛନ୍ତି।

# ନିର୍ବାଚନକୁ ଦୃଷ୍ଟିରେ ରଖି କାର୍ଯ୍ୟାଦେଶ ଦିଅ

ଜଗତ୍‌ସିଂହପୁର, ୮।୨ (ପ୍ରମୋଦ କୁମାର ନାୟକ)



ବୈଠକରେ ଆରଡିସି ରଞ୍ଜନ କୁମାର ଦାସ ଓ ପ୍ରଶାସନିକ ଅଧିକାରୀମାନେ।

## କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଜଗତ୍‌ସିଂହପୁର ଜିଲା ଗସ୍ତ

ସାଧାରଣ ନିର୍ବାଚନ ପାଖେଇ ଆସିଲାଣି। ତା'ପୂର୍ବରୁ ଯେଉଁ କାମ ହେବା କଥା ସେଗୁଡିକର କାର୍ଯ୍ୟାଦେଶ ଦେଇଦିଅ। ଆଉ ଯେଉଁମାନଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି ସେ କ୍ଷେତ୍ରରେ କାମ ତ୍ୱରାନ୍ୱିତ କର। ବଡ଼କଥା ହେଲା କାର୍ଯ୍ୟ କଲାବେଳେ ଲୋକମାନଙ୍କ ବିଶ୍ୱାସଭାଜନ ହେବା ପାଇଁ ଶତଚେଷ୍ଟା କର। ଗୁରୁବାର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ରଞ୍ଜନ କୁମାର ଦାସ ଦିନିକିଆ ଜଗତ୍‌ସିଂହପୁର ଗସ୍ତରେ ଆସି ଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କୁ ଏହି ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ବୈଠକରେ ଆର୍‌ଡିସି ଜିଲାର ବିଭିନ୍ନ ରାଜସ୍ୱ ଓ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ଚାପମୁକ୍ତ ହୋଇ କାମ କରିବାକୁ ପରାମର୍ଶ ଦେଇଥିଲେ। ସେ କହିଥିଲେ, ଆଗାମୀ ଦିନରେ ନିଜକୁ ସଜାଗ ଓ ସତର୍କ ରଖି ସ୍ୱଚ୍ଛ ଭାବେ କାର୍ଯ୍ୟ ସମ୍ପାଦନ କରିବାକୁ ହେବ। ବିଭିନ୍ନ ବ୍ଲକର ବିଡିଓ, ତହସିଲଦାର, ୨ ପୌର ପରିଷଦର ନିର୍ବାହୀ ଅଧିକାରୀ, ପରିବହନ, ଅବକାରୀ, ଜଳ ସମ୍ପଦ, ରାସ୍ତା ଓ କୋଠାବାଡ଼ି ଆଦି ବିଭାଗର ଅଧିକାରୀ ଓ ଅଧୀକ୍ଷଣ ଯନ୍ତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ଓ ସମ୍ପୂର୍ଣ୍ଣତା ବିଷୟରେ ଗୁରୁତ୍ୱ ଦେଇଥିଲେ। ଏଥିସହ ପୌର ପରିଷଦଦ୍ୱୟରେ ନୂତନ ଏବଂ ଇନୋଭେଟିଭ ଉପାୟରେ ଉନ୍ନତୀକରଣ କରିବା ଉପରେ ଜୋର ଦେଇଥିଲେ। ଅବକାରୀ ବିଭାଗର ସମୀକ୍ଷାବେଳେ ପୋଲିସ ଓ ପ୍ରଶାସନର ସମନ୍ୱୟରେ କମିଟି ବୈଠକ ଆୟୋଜନ କରି ଏନ୍‌ଫୋର୍ସମେଣ୍ଟ ବଢ଼ାଇବା ପାଇଁ ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟ ପ୍ରସଙ୍ଗ ଯଥା ଜିଲା ସଦର ମହକୁମା ହସ୍ପିଟାଲ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା, ମୋ ଘର, ଅମୃତ ସରୋବର, ଆମ ଓଡ଼ିଶା ନବୀନ ଓଡ଼ିଶା, ବସ୍ତ୍ରାଣ୍ଡ, ଲକ୍ଷ୍ମୀବସ୍ ଯୋଜନା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ମିଶନ ଶକ୍ତି, ଅଙ୍ଗନୱାଡି କେନ୍ଦ୍ର ଓ ଭିନ୍ନକ୍ଷମ ସହାୟତା ଆଦି ଉପରେ ବିଶଦ ଆଲୋଚନା କରିଥିଲେ। ସେହିପରି ରାଜସ୍ୱ ବିଭାଗର ଜବରଦଖଲ ମାମଲା, ମ୍ୟୁଟେସନ, ସାର୍ଟିଫିକେଟ, କନଭର୍ସନ, ସରକାରୀ ଜମି ସୁରକ୍ଷା ଓ ସିକ୍କିମ ପଟ୍ଟା ଫଇସଲା ଆଦି ମାମଲା ଉପରେ ସମୀକ୍ଷା କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଅନିତା ପାତ୍ର, ଲଗ୍ନଜିତ ରାଉତ, ପାରାଦୀପ ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବିଡିଓ, ତହସିଲଦାରମାନେ ଉପସ୍ଥିତ ଥିଲେ। ପରେ ଆର୍‌ଡିସି ଜିଲା ମୁଖ୍ୟ ଚିକିତ୍ସାଳୟ, ଜିଲା ଉପନିବନ୍ଧକଙ୍କ କାର୍ଯ୍ୟାଳୟ, ଜଗତ୍‌ସିଂହପୁର ଥାନା, ଜଗତ୍‌ସିଂହପୁର ପୌର ପରିଷଦ କାର୍ଯ୍ୟାଳୟ, ଜଗତ୍‌ସିଂହପୁର ବ୍ଲକ ଓ ତହସିଲ କାର୍ଯ୍ୟାଳୟ, ସିଂଘାରପୁର ପଞ୍ଚାୟତସ୍ଥିତ ମିନି ଷ୍ଟାଡିୟମ ଓ ମିଶନ ଶକ୍ତି କାଫେ ପରିଦର୍ଶନ କରିଥିଲେ। ବୈଠକରେ ଜିଲାପାଳ ପାରୁଲ ପଟାୱାରି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ବିଭିନ୍ନ ବିଭାଗୀୟ ଯୋଜନା ଓ ପ୍ରକଳ୍ପ ଆଦିର ଅଗ୍ରଗତି ସମ୍ପର୍କରେ ଅବଗତ କରାଇଥିଲେ।

# ଆତ୍ମରକ୍ଷା ନାରୀ ସଶକ୍ତୀକରଣର ମୁଖ୍ୟ ଦିଗ

ଏରସମା,୮।୨ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ୧୮ତାରିଖରୁ ଆରମ୍ଭ ହୋଇଥିବା ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ସସ୍ମିତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏରସମା ଥାନା ଆଇଆଇସି ନିରଞ୍ଜନ ଦାସ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ହୋଇ ବାଳିକାମାନେ ଆତ୍ମରକ୍ଷା କୌଶଳ ଶିକ୍ଷା କରିବା ଦ୍ୱାରା ନାରୀ ସଶକ୍ତିକରଣ ସମ୍ଭବ ହେବ ବୋଲି କହିଥିଲେ। ଏଥିରେ ଉତ୍କଳ କରାଟେ ବିଦ୍ୟାଳୟର ମାଷ୍ଟର ଟ୍ରେନର ପୂଜା ସାଇଁ, ଶ୍ରାବଣୀ ପ୍ରିୟଦର୍ଶିନୀ ରାଉତ ଉପସ୍ଥିତ ହୋଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା ପ୍ରଦାନ କରିଥିଲେ। ଉଦ୍‌ଯାପନ ସଭାରେ କଲେଜ ଅଧ୍ୟକ୍ଷ ଅଶୋକ କୁମାର ଗିରି, ଯୁକ୍ତ ୨ ବିଭାଗର ଅଧ୍ୟକ୍ଷ ବିଭୂରଞ୍ଜନ ଦାସ, କଲେଜ ପ୍ରଶାସନିକ ଅଧିକାରୀ ଅଶୋକ କୁମାର ସାମଲ ପ୍ରମୁଖ ଉପସ୍ଥିତ ହୋଇ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଶର୍ମିଷ୍ଠା ପଣ୍ଡା, ଲିଜାଲିନ ଗଛାୟାତ, ଅମ୍ବିକା ଭୁୟାଁ,ପ୍ରଜ୍ଞା ପ୍ରିୟଦର୍ଶିନୀ ବାରିକ, ସସ୍ମିତା ଦାସ, ବର୍ଷା ମଣ୍ଡଳ, ବର୍ଷା ପ୍ରିୟଦର୍ଶିନୀ ଜେନା, ଜିଜ୍ଞାସା ରାଉତରାୟ, ଶୁଭସ୍ମିତା ନାୟକ, ସୁଚିସ୍ମିତା ଦାସ, ରୂପାଲୀ ସେଠୀ ପ୍ରମୁଖ ଯୁକ୍ତ ୨ କଳା, ବିଜ୍ଞାନ, ବାଣିଜ୍ୟ ବିଭାଗର ୧୮୦ଜଣ ଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଅଧ୍ୟାପିକା ଡ. ତିଥି ରାୟ ଧନ୍ୟବାଦ ଦେଇଥିଲେ।




ଅତିଥିଙ୍କ ଗହଣରେ ପ୍ରମାଣ ପତ୍ର ସହ ପ୍ରଶିକ୍ଷିତ ଛାତ୍ରମାନେ।

# ୫ ଭିନ୍ନକ୍ଷମଙ୍କୁ ଆର୍ଥିକ ସହାୟତା ପ୍ରଦାନ



ଭିନ୍ନକ୍ଷମ ମହିଳାମାନଙ୍କୁ ଅତିଥିମାନେ ସହାୟତା ପ୍ରଦାନ କରୁଛନ୍ତି।

କେନ୍ଦ୍ରାପଡ଼ା, ୮।୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହର ମାଧପୁରସ୍ଥ ପୁର୍ନବାସ ଅନୁଷ୍ଠାନ ପକ୍ଷରୁ ୫ ଜଣ ଭିନ୍ନକ୍ଷମ ମହିଳାଙ୍କୁ ଆର୍ଥିକ ସହାୟତା ଦେବା ସହ ସ୍ୱାବଲମ୍ବୀ ପାଇଁ ଗୁରୁବାର ପ୍ରୋତ୍ସାହିତ କରିଛନ୍ତି। ମହିଳାମାନେ ହେଉଛନ୍ତି କ୍ଷୁଦ୍ରଦ୍ୟୋଗୀ ମାର୍ଶାଘାଇର ତୃପ୍ତିମୟୀ ଦାସ, ଖମାଙ୍ଗର ସୁନିତା ଚାନ୍ଦ, ସଂଗ୍ରାମପୁର ଶାସନର ସଞ୍ଜୁକ୍ତା ଦାସ, ଡାଙ୍ଗମାଳର ସୁମତି ବିଶ୍ୱାଳ ଓ କରିଲୋପାଟଣାର ଅର୍ଣ୍ଣପୂର୍ଣ୍ଣା ସାମଲ। ଏଥିପାଇଁ ପୁର୍ନବାସ ନିକଟ ଏକ କଲ୍ୟାଣ ମଣ୍ଡପରେ ଭିନ୍ନକ୍ଷମ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ଭିନ୍ନକ୍ଷମ କମିଶନର ପ୍ରତତୀ ହରିଚନ୍ଦନ ଯୋଗ ଦେଇଥିଲେ। ପୁର୍ନବାସ ପକ୍ଷରୁ ଆର୍ଥିକ ସହାୟତା ୫ ଭିନ୍ନକ୍ଷମ ମହିଳାଙ୍କୁ ଆତ୍ମ ସମ୍ମାନ ଯୋଗାଇବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଏଡିଏମ୍ ପୀତାମ୍ବର ସାମଲ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ଯୋଗ ଦେଇଥିଲେ। ପ୍ରୋତ୍ସାହନ ରାଶି ପ୍ରଦାନ ସମ୍ପର୍କରେ ଅନୁଷ୍ଠାନର ଉପଦେଷ୍ଟା ଡ. ବିରଜା ରାଉତରାୟ କହିଥିଲେ, ସମାଜରେ ଉଭୟ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଅବହେଳିତ ହୋଇ ରହିଥିବା ଭିନ୍ନକ୍ଷମ ମହିଳାଙ୍କୁ ଆତ୍ମ ସମ୍ମାନ ଓ ଜୀବିକା ପାଇଁ ବହୁ ସମସ୍ୟା ହେଉଛି। ଅନୁଷ୍ଠାନ ପକ୍ଷରୁ ଏପରି ଭିନ୍ନକ୍ଷମଙ୍କ ପାଇଁ ଥେରାପି ଓ ସହାୟତା କେନ୍ଦ୍ର ଚାଲୁ ରହିଛି। ଅନୁଷ୍ଠାନର କାଉନସିଲର ସଞ୍ଜୀବ କୁମାର ଜେନା, ରଞ୍ଜନ ସ୍ୱାଇଁ, ମନୋଜ ବିଶ୍ୱାଳ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଛାତ୍ରୀଛାତ୍ରମାନେ ହିଁ ବିଦ୍ୟାଳୟର ଗୌରବ

ଆଳି, ୮।୨ (ବନମାଳୀ ସେନାପତି)




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ଛାତ୍ରୀଛାତ୍ରମାନେ ହେଉଛନ୍ତି ବିଦ୍ୟାଳୟର ଗୌରବ। ସେମାନଙ୍କର ଫଳାଫଳ ବିଦ୍ୟାଳୟକୁ ବହୁ ଉଚ୍ଚକୁ ନେଇପାରେ ବୋଲି ଶରତ କୁମାର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଆଳିର ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ଠିକ୍ ଭାବେ ପାଠ ପଢ଼ିଲେ ଭବିଷ୍ୟତ ଉଜ୍ଜ୍ୱଳମୟ ହେବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ତଥା ଗାଳ୍ପିକ ବନମାଳୀ ସେନାପତି ପିଲାମାନଙ୍କୁ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଆମର ପୂର୍ବପୁରୁଷମାନେ ତ୍ୟାଗ ସ୍ୱୀକାର କରିଥିଲେ ତାହା ଆମେ ଭୁଲିଯିବା ଉଚିତ ନୁହେଁ। ଆମ ସଂସ୍କୃତି ଆମକୁ ତ୍ୟାଗର କଥା କୁହେ କେବେ ଭୋଗର କଥା କୁହେ ନାହିଁ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଶିକ୍ଷକ ବିଜୟ କୁମାର ବୋଇତ, ପରିଚାଳନା ପରିଷଦ ସଭାପତି ପ୍ରଶାନ୍ତ ସେନାପତି, ସଦସ୍ୟ ଗଣେଶ୍ୱର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ ସାହୁ ମଞ୍ଚ ସଂଯୋଜନା କରିଥିଲା ବେଳେ ପ୍ରକାଶ ଚନ୍ଦ୍ର ନାଏକ ସହଯୋଗ କରିଥିଲେ। ଉତ୍ସବର ଶେଷ ଭାଗରେ ପୂର୍ବରୁ କରାଯାଇଥିବା ବାର୍ଷିକ କ୍ରୀଡାର କୃତୀ ଛାତ୍ରୀଛାତ୍ର ଓ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ପିଲାମାନଙ୍କୁ ମୁଖ୍ୟ ଅତିଥି ଓ ଅତିଥିମାନେ ପୁରସ୍କୃତ କରିଥିଲେ।

# ୨ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର

ତିର୍ତ୍ତୋଲ,୮।୨ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକର ୨ଟି ପଞ୍ଚାୟତ ପିମ୍ପଳମାଧବ ଓ ତେନ୍ତୁଳିପଦାରେ ଗୁରୁବାର ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପିମ୍ପଳମାଧବ ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସରପଞ୍ଚ ଅଶୋକ କୁମାର ନାୟକ ସଭାପତିତ୍ୱ କରିଥିଲେ। ଯୁବନେତା ସ୍ମୃତିରଞ୍ଜନ ନାୟକ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା ଯୋଗଦେଇ ରାଜ୍ୟ ସରକାରଙ୍କ ଏକାଧିକ ଜନମଙ୍ଗଳ ଯୋଜନାର କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ ମହିଳା ଓ ପୁରୁଷମାନଙ୍କୁ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ବିଡିଓ ସତ୍ୟଜିତ ସ୍ୱାଇଁ, ସମିତି ସଭ୍ୟା ଶୁଚିସ୍ମିତା ନାୟକ, ଜିପିଓ ବିଶ୍ୱଜିତ ମହାପାତ୍ର, ଯୁବ ବିଜେଡି ସଭାପତି ଜଗଦୀଶ ସ୍ୱାଇଁ, ସୁକାନ୍ତ ଦାସ, ପ୍ରଦୀପ ନାୟକ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ରିସୋର୍ସ କୋ-ଅର୍ଡିନେଟର ବସନ୍ତ ପାଢ଼ୀ, ସନ୍ତୋଷ ନାୟକ, ବିଷ୍ଣୁ ଚରଣ ଆଚାର୍ଯ୍ୟ, ସୁକାନ୍ତ ଦାସ, ଏମ୍‌ବିକେ ଉର୍ମିଳା ଦାସ, ସିଆର୍‌ପି ତପୋଇ ନାୟକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ ପଞ୍ଚାୟତର ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ ପ୍ରାଧାପକ ଉତ୍ତମ ନାୟକ, ଅକ୍ଷୟ ନାୟକ, ଅବସରପ୍ରାପ୍ତ ଶିକ୍ଷକ ବ୍ରଜକିଶୋର ନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଏସ୍‌ଏଚ୍‌ଜି ଓ ବିଭିନ୍ନ ସରକାରୀ ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ସେହିଭଳି ତେନ୍ତୁଳିପଦା ପଞ୍ଚାୟତରେ ସରପଞ୍ଚ ସରୋଜିନୀ ପରିଜାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ଅତିରିକ୍ତ ବିଡିଓ ସତ୍ୟଜିତ ସ୍ୱାଇଁ, ସାମାଜିକ କର୍ମୀ ଜୟନ୍ତ ପରିଜା ପ୍ରମୁଖ ଯୋଗ ଦେଇଥିଲେ।

# ନଡ଼ିଆବରେଇରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ପାଟକୁରା, ୮।୨ (ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ନଡିଆବରାଇ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସରପଞ୍ଚ ସନ୍ତୋଷ ମାହାଲୀଙ୍କ ସଭାପତିତ୍ୱରେ ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ, ଆତ୍ମା ଅଧ୍ୟକ୍ଷ ବାସୁଦେବ ବେହେରା, ସରପଞ୍ଚ ଅମୀୟ ଜେନା, ପୂର୍ବତନ ସରପଞ୍ଚ ଅଶୋକ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିଥିଲେ। ଯୋଗ୍ୟ ହିତାଧିକାରୀଙ୍କୁ ଖାଉଟି କାର୍ଡ, ଆବାସ, ବାର୍ଦ୍ଧକ୍ୟ ଭତ୍ତା, ବିଜୁ ସ୍ୱାସ୍ଥ୍ୟ ବୀମା କାର୍ଡ ଯୋଗାଇ ଦିଆଯାଇଛି ବୋଲି ସରପଞ୍ଚ କହିଥିଲେ। ସାମାଜିକ କର୍ମୀ ଅମୀୟ ପରିଜା ଧନ୍ୟବାଦ ଦେଇଥିଲେ।

# ନିମ୍ନମାନର ରାସ୍ତା କାର୍ଯ୍ୟକୁ ବିରୋଧ କରି ବିଡିଓଙ୍କୁ ଅଭିଯୋଗ

ରାଜକନିକା,୮।୨ (ସଞ୍ଜୟ କୁମାର ଦାଶ)



ଗାଁର ଯୁବକମାନେ ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

ରାଜକନିକା ବ୍ଲକ ଅଧୀନ ଆଖୁଳିପଡ଼ା ପଞ୍ଚାୟତର ବର୍ତ୍ତନୀ ପାତ୍ରସାହି ଗାଁର ଯୁବକମାନେ ନିମ୍ନମାନର ରାସ୍ତା କାର୍ଯ୍ୟକୁ ବିରୋଧ କରି ଗୁରୁବାର ବିଡିଓଙ୍କୁ ଦାବିପତ୍ର ଦେଇଛନ୍ତି। ସୂଚନାଯୋଗ୍ୟ, ବର୍ତ୍ତନୀ ପାତ୍ରସାହି ଗାଁରେ ଥିବା ଅଙ୍ଗନୱାଡି କେନ୍ଦ୍ର ନିକଟର ଏକ ନୂତନ ରାସ୍ତା ନିର୍ମାଣ ହେଉଛି। ଉକ୍ତ ରାସ୍ତାଟି ଅତ୍ୟନ୍ତ ନିମ୍ନମାନର ହେଉଥିବା ଏବଂ ଏହି ରାସ୍ତା ତଳେ ଆଉ ଏକ ରାସ୍ତା ପୋତାଯାଇ ନୂଆ ରାସ୍ତା ନିର୍ମାଣ କରାଯାଇଛି। ଏମିତିକି ସୂଚନା ଫଳକ ନ ଥାଇ ରାସ୍ତା କାମ ହେଉଛି। ଏହାକୁ ବିରୋଧ କରି ଗାଁର ଯୁବକ ସୌଭାଗ୍ୟ ପାତ୍ର, ପୂର୍ଣ୍ଣଚନ୍ଦ୍ର ପାତ୍ର, ପ୍ରକାଶ ପାତ୍ର, କୁନା ପାତ୍ର, ଗଣେଶ ପାତ୍ର, ବିଶ୍ୱଜିତ ପାତ୍ର, ଗୋପି ପାତ୍ର, ରାଜୁ ପାତ୍ର, ପପୁ ପାତ୍ର, ବସନ୍ତ ପାତ୍ର ଓ ରଞ୍ଜନ ପାତ୍ରଙ୍କ ସମେତ ଯୁବକମାନେ ବିଡିଓ ପୃଥ୍ୱୀରାଜ ପରିଡାଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ପରିଡାଙ୍କୁ ପଚାରିବାରେ, ଅଭିଯୋଗ ପାଇଲା ପରେ ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

# ସେମିରେ କୋଳିଡ଼ିହ, ମହୁ ଟିମ୍

ଆଳି,୮।୨ (ବନମାଳୀ ସେନାପତି)

## ମୌନବ୍ରତ ସ୍ମାରକୀ କ୍ରିକେଟ

ଆଳି ବ୍ଲକ ନମୌଜା ବେତାର ଯୁବ କ୍ରିକେଟ୍ ତାରକା ଦିବଂଗତ ମୌନବ୍ରତ ପରିଡ଼ାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ୧୫ତମ ମୌନବ୍ରତ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଖେଳରେ ଅତିଥି ଭାବେ ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ ଦାଶ ଓ କ୍ରୀଡାବିତ୍ ଭଗବାନ ନାୟକ ଯୋଗ ଦେଇ ଖେଳକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପରେ ଆୟୋଜିତ ପ୍ରଥମ ମ୍ୟାଚ ମା' ଖରାଖାଇ ଟିମ୍ ଓ କୋଳିଡିହ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖରାଖାଇ ଟସ୍ ଜିତି ବ୍ୟାଟିଂ କରି ୧୦ ଓଭରରେ ୬ ଉଇକେଟ ହରାଇ ୯୯ ରନ କରିଥିଲା। ଜବାବରେ କୋଳିଡିହ ୯.୧ ଓଭରରେ ୭ ଉଇକେଟ ହରାଇ ୧୦୦ ରନ କରି ମ୍ୟାଚ ଜିତି ସେମିରେ ପ୍ରବେଶ କରିଥିଲା। ଦ୍ୱିତୀୟ ମ୍ୟାଚ ମହୁ ଓ ଭାଟପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ମହୁ ଟିମ୍ ବ୍ୟାଟିଂ କରି ୧୦ ଓଭରରେ ୬ ଉଇକେଟ ହରାଇ ୧୨୪ ରନ କରିଥିଲା। ଜବାବରେ ଭାଟପଡ଼ା ୯.୧ ଓଭରରେ ସମସ୍ତ ଉଇକେଟ ହରାଇ ୬୮ ରନ କରି ପରାଜିତ ହୋଇଥିଲା। ମହୁ ଟିମ୍ ବିଜୟୀ ହୋଇ ସେମିରେ ପ୍ରବେଶ କରିଥିଲା। ଅମ୍ପାୟର ଭାବେ ସନ୍ତୋଷ ନାୟକ ଓ ସୌମ୍ୟ ରଞ୍ଜନ ସ୍ୱାଇଁ ଖେଳ ପରିଚାଳନା କରିଥିଲେ।

# ଶୃଙ୍ଖଳା ଦଳର ମୁଖ୍ୟ ଅସ୍ତ୍ର

ରଘୁନାଥପୁର,୮।୨ (ରାଜେନ୍ଦ୍ର ନାରାୟଣ ସିଂହ)

## ବିଜେଡିର ବରିଷ୍ଠ କର୍ମକର୍ତ୍ତା ବୈଠକ




ବୈଠକରେ ଯୋଗ ଦେଇଥିବା ବିଜେଡି ନେତା ଓ କର୍ମୀମାନେ।

ରଘୁନାଥପୁର ବ୍ଲକ ପୂରଣ ଓଡପଡାସ୍ଥିତ ପ୍ରମିଳା ମଣ୍ଡପରେ ବ୍ଲକ ବିଜେଡି ବରିଷ୍ଠ କର୍ମକାର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ସହ ପର୍ଯ୍ୟବେକ୍ଷକ ଗିରୀଶ ଚନ୍ଦ୍ର ଦାଶ, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ସୋଲାର ମିଶ୍ର, ଜିଲା ସଭାପତି ରବିନାରାୟଣ ଜେନା ଓ ବ୍ଲକସ୍ତରୀୟ କର୍ମକର୍ତ୍ତା ଏବଂ ଶତାଧିକ ବରିଷ୍ଠ କର୍ମୀ ଉପସ୍ଥିତ ଥିଲେ। ଏଥିରେ ଅସନ୍ତୁଷ୍ଟ ଗୋଷ୍ଠୀର ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଜତ ପାତ୍ର, ଚିକିଣିଆ ସରପଞ୍ଚ ବିଷ୍ଣୁ ଚରଣ ସେଠି ଓ କେତେଜଣ ସୀମିତ କର୍ମୀ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ପୂର୍ବତନ ଅଧ୍ୟକ୍ଷ ପାତ୍ର କୁହନ୍ତି ଯେ, ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ଦଳୀୟ ଏକତା ଅତ୍ୟନ୍ତ ଜରୁରୀ। ଶୃଙ୍ଖଳା ଦଳର ମୁଖ୍ୟ ଅସ୍ତ୍ର। ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ନିର୍ଦ୍ଦେଶକ୍ରମେ ଦଳୀୟ ପ୍ରାର୍ଥୀ ଯେପରି ବହୁ ଭୋଟ ବ୍ୟବଧାନରେ ନିର୍ବାଚିତ ହୁଅନ୍ତି ଜଣେ ଶୃଙ୍ଖଳିତ କର୍ମୀ ଭାବେ ସେଥିପ୍ରତି ମୁଁ ବଦ୍ଧପରିକର ବୋଲି ପାତ୍ର ପ୍ରକାଶ କରିଥିଲେ। ନିର୍ବାଚନ ପାଖେଇ ଆସୁଥିବାରୁ ତୃଣମୂଳସ୍ତରକୁ ଯାଇ ଲୋକଙ୍କ ସେବା କରିବା ସହ ବିଭିନ୍ନ ଯୋଜନାରୁ ବାଦ୍ ପଡିଥିବା ବ୍ୟକ୍ତି ତଥା ପରିବାରଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେବାପାଇଁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ସମସ୍ତେ ମିଳିମିଶି ଦଳୀୟ କାର୍ଯ୍ୟକୁ ଆଗେଇ ନେବାପାଇଁ ଉପସ୍ଥିତ କର୍ମୀମାନେ ଶପଥ ନେଇଥିଲେ। ବ୍ଲକ ସଭାପତି ଦେବାଶିଷ ତ୍ରିପାଠୀ ଏଥିରେ ପୌରୋହିତ୍ୟ କରିଥିବାବେଳେ ମହିଳା ସଭାପତି ଶାନ୍ତିଲତା ଦ୍ୱିବେଦୀ, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ଓଡ଼ିଶା ମୋ ପରିବାର ଉପଦେଷ୍ଟା ସୁରେନ୍ଦ୍ରନାଥ ମହାପାତ୍ର, ଜିଲା ଯୁବ ସମ୍ପାଦକ ମାନସ ଦାସ,ପ୍ରଭୁଦତ୍ତ ମହାନ୍ତି, ଜିଲା ପରିଷଦ ସଭ୍ୟା ରିନାରାଣୀ ମଲ୍ଲିକ ଓ ଇତିଶ୍ରୀ ମଲ୍ଲିକ, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ,ବରିଷ୍ଠ କର୍ମକର୍ତ୍ତା ଓ କର୍ମୀମାନେ ଉପସ୍ଥିତ ଥିଲେ।

# ଶିବିରରେ ୫୨ ୟୁନିଟ୍ ରକ୍ତ ସଂଗୃହୀତ

ପାଟକୁରା, ୮।୨ (ରବୀନ୍ଦ୍ର ନାଥ ବାରିକ)

କେନ୍ଦ୍ରୀୟ ରେଡକ୍ରସ ସଂସ୍ଥା କଟକ ଓ ସାମାଜିକ ଅନୁଷ୍ଠାନ ହାପି ଲିଭିଙ୍ଗ ଫାଉଣ୍ଡେଶନ ମିଳିତ ସହଯୋଗରେ ସ୍ୱର୍ଗତ ଘନଶ୍ୟାମ ଲେଙ୍କାଙ୍କ ଉଦ୍ଦେଶ୍ୟରେ ଗରଦପୁର ବ୍ଲକ ଲଛମନଜୀଉ ମହାପୁରୁଷ ପୀଠ ଚାଞ୍ଚୋଳଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୫୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ପ୍ରସିଦ୍ଧ ବାସ୍ତୁଶାସ୍ତ୍ରବିତ୍ ଡ. ମନୋଜ କୁମାର ଲେଙ୍କାଙ୍କ ସଂଯୋଜନାରେ ଶିବିରକୁ ଜିଲା ପରିଷଦ ସଭ୍ୟ ସତ୍ୟାନନ୍ଦ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ବଂଶୀଧର ସାମଲ, ଜିଲା କଂଗ୍ରେସ କମିଟି ଉପସଭାପତି ନିରଞ୍ଜନ ରାଉତ, ପୂର୍ବତନ ଶିକ୍ଷକ ମଦନମୋହନ ସାମଲ, ପୂର୍ବତନ ଜିଲା ପରିଷଦ ସଭ୍ୟ ସନ୍ତୋଷ ଜେନା, ସୁବାସ ସାମଲ, ସାମାଜିକ କର୍ମୀ ଲେଲିନ କୁମାର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ଏହାକୁ କେନ୍ଦ୍ରୀୟ ରେଡକ୍ରସ ସଂସ୍ଥାର ଡା. କିଶୋର ବେହେରା, ବୈଷୟିକ ସହାୟକ ରଞ୍ଜନ କୁମାର ଦାସ, ଅବିନାଶ ଦାସ, ପ୍ରସନ୍ନ ସ୍ୱାଇଁ, ପ୍ରଶାନ୍ତ ବାରିକ, କୀର୍ତ୍ତନ ତନ୍ତୀ ଓ ପ୍ରକାଶ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

# ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଜଣାଅ

ଡେରାବିଶ, ୮।୨ (ବେବର୍ତ୍ତା ଅଜୟ ଦାସ)

## ନରସିଂହପୁରରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଡେରାବିଶ ବ୍ଲକ ଅଧୀନ ନରସିଂହପୁର ପଞ୍ଚାୟତ ଅଧୀନ ତିଲଙ୍ଗଠାରେ ଗୁରୁବାର ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାର ସଫଳ ରୂପାୟନ ଉଦ୍ଦେଶ୍ୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ନରସିଂହପୁର ସରପଞ୍ଚ ସୁଧୀର କୁମାର ଖଟୁଆ ଅଧ୍ୟକ୍ଷତା କରି ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ବିଭିନ୍ନ ପ୍ରକଳ୍ପ ଓ ରାଜ୍ୟ ସରକାରଙ୍କ ବିଭନ୍ନ ଜନହିତକର ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପାଟକୁରା ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପାଟକୁରା ନିର୍ବାଚନମଣ୍ଡଳୀରେ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ଯୋଜନାକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଉପସ୍ଥିତ କର୍ମୀମାନଙ୍କୁ କହିଥିଲେ। ମୁଖ୍ୟବକ୍ତା ଭାବେ ଡେରାବିଶ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ନିଜ ବକ୍ତବ୍ୟରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ବ୍ଲକର ୨୬ଟି ପଞ୍ଚାୟତକୁ ୧୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ମହିଳାଙ୍କୁ ସଶକ୍ତକରଣ କରିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ମିଶନଶକ୍ତି ଗୃହ ନିର୍ମାଣ ଓ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ କରାଯିବା ଉପରେ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଦାଶରଥି ଜେନା, ପୂର୍ବତନ ସମିତିସଭ୍ୟ ଶ୍ରୀମନ୍ତ ରାଉତରାୟ, ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ଏବିଇଓ ଖଗେଶ୍ୱର ନାୟକ, ଏବିଡିଓ ଭଞ୍ଜ କିଶୋର ନାୟକ, ବ୍ଲକ ମଙ୍ଗଳ ଅଧିକାରୀ ରଶ୍ମି ଦେବୀ, ସମିତିସଭ୍ୟ ଅନନ୍ତ କିଶୋର ଜେନା ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ତିଳୋତ୍ତମା ରାଉତ ଧନ୍ୟବାଦ ଦେଇଥିଲେ। କଳାକାର ନିରାକାର ମହାରଣାଙ୍କ ଦ୍ୱାରା ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ଏମ୍‌ବିକେ, ସମସ୍ତ ସିଆର୍‌ସିଙ୍କ ସମେତ ଏସ୍‌ଏଚ୍‌ଜିର ସଦସ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଆର୍‌ଏସ୍ ସତ୍ୟବାଦୀ ସାହୁ, ସୁରେଶ ଚନ୍ଦ୍ର ଦାଶ, ବାପିନ ସାହୁ, ପ୍ରଶାନ୍ତ ରାଉତ ଓ ସମସ୍ତ ୱାର୍ଡସଭ୍ୟାସଭ୍ୟ ପରିଚାଳନା କରିଥିଲେ।

## ସଂକ୍ଷେପରେ

### କୀଟନାଶକ ପିଇ ମହିଳାଙ୍କ ମୃତ୍ୟୁ

**ଗୋପାଳପୁର,୮।୨(ନବୀନ ରାଜ ଆଚାରୀ)**

ଗୋପାଳପୁର ଥାନା ଅଧୀନ ବଡ଼ କୁଶସ୍ଥଳୀ ଗ୍ରାମର ଜଣେ ମହିଳାଙ୍କ କୀଟନାଶକ ପିଇ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେ ହେଲେ ଅନିତା ବିଷୋୟୀ,(୪୭)। ଏହି ଥାନା ଅଧିନ ବଡ଼ କୁସ୍ଥଳୀ ଗ୍ରାମରେ ବୁଧୁବାର କୌଣସି କାରଣକୁ ନେଇ ଅନିତା କୀଟନାଶକ ପିଇ ଦେଇ ତାଙ୍କ ଝିଅକୁ ଫୋନ ଯୋଗେ ଜଣାଇଥିଲେ । ଝିଅ ତୁରନ୍ତ ବାପା ବାବୁଲା ବିଷୋୟୀଙ୍କୁ ଜଣାଇଥିଲେ। ବାବୁଲା ଘରେ ପହଞ୍ଚି ସ୍ତ୍ରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏ ନେଇ ଗୁରୁବାର ବାବୁଲା ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨/୨୪ରେ ଏକ ଅପମୃତ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଘଟଣାର ତଦନ୍ତ ଚାଲିଥିବା ନେଇ ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି।

### ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଭଞ୍ଜନଗର,୮।୨(ବାବୁଲା ପ୍ରଧାନ)**

ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏନସିସି ନାଭାଲ ୱିଙ୍ଗ ପରିଦର୍ଶନରେ ଗୁରୁବାର କମାଣ୍ଡିଙ୍ଗ ଅଫିସର ଡି ଜେ. ସିଂ ଆସିଥିଲେ। ଶ୍ରୀ ସିଂ କ୍ୟାଡେଟମାନଙ୍କୁ କିଭଳି ଭବିଷ୍ୟତ ଉଜ୍ଜ୍ୱଳମୟ ହୋଇପାରିବ ସେ ନେଇ କହିଥିଲେ। ୮ ଦିନ ଧରି କଲେଜରେ ଚାଲିଥିବା ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆତ୍ମରକ୍ଷା ତାଲିମ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଅଧ୍ୟକ୍ଷ ରାଜେନ୍ଦ୍ର ଦାସ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ସଂଯୋଜିକା ଅଧ୍ୟାପିକା ତୃପ୍ତିମୟୀ ଦାସ ବିବରଣୀ ପଠନ କରିଥିଲେ। ପ୍ରାଧାପିକା ଆରତିବାଳା ପ୍ରଧାନ, ପ୍ରାଧାପକ ବିଭାସ ଦାସ, ପି ହରିଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଂଯୋଜକ ଡ. ରବୀନ୍ଦ୍ର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଇତିଶ୍ରୀ ସ୍ୱାଇଁ, ରିତା ଖଟେଇ ତାଲିମ ପ୍ରଦାନ କରିଥିଲେ।

### କୀର୍ତ୍ତନ ଦାସ ଜିଲ୍ଲା ଭାଜପା ଏସ୍‌ସି ମୋର୍ଚ୍ଚା ସଭାପତି

**ରମ୍ଭା,୮।୨(ବନବାସୀ ସେଠୀ)**

ଗଞ୍ଜାମ ଜିଲ୍ଲା ଭାଜପା ଏସି ମୋର୍ଚ୍ଚା ସଭାପତି ଭାବେ କୀର୍ତ୍ତନ ଦାସଙ୍କୁ ମନୋନୀତ କରାଯାଇଛି। ଦଳ ପକ୍ଷରୁ ତାଙ୍କୁ ଯେଉଁ ଗୁରୁ ଦାୟିତ୍ୱ ପ୍ରଦାନ କରିଛି ତାହା ସେ ସୂଚାରୁ ରୂପେ ତୁଲାଇବେ ବୋଲି ପ୍ରକାଶ କରିଛନ୍ତି। ଜିଲ୍ଲା ଦାୟିତ୍ୱ ମିଳିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ସେ ୩୦ ବର୍ଷ ହେଲା ଭାରତୀୟ ଜନତା ପାର୍ଟିରେ ରହି ଦଳ ପାଇଁ କାର୍ଯ୍ୟ କରିଆସୁଛନ୍ତି। ପୂର୍ବରୁ ୧୫ ନମ୍ବର ଜିଲ୍ଲା ପରିଷଦ ସଭ୍ୟ, ଗଞ୍ଜାମ ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟ, ସୁବଳୟା ସମବାୟ ସମିତି ସଭାପତି, ଗଞ୍ଜାମ ଜିଲ୍ଲା ବାଉରୀ ଓ ଖାଦାଳ କୂଳ ମହାସଙ୍ଘର ସାଧାରଣ ସମ୍ପାଦକ, ପାଲୁରୁ ତାଲୁକା ବାଲ୍ମୀକି ଦାସ କୂଳ ମହାସଂଘର ସାଧାରଣ ସମ୍ପାଦକ, ଭାଜପା ହୁମ୍ମା ମଣ୍ଡଳ ସଭାପତି, ୨୦୧୯-୨୦୨୩ ଭାଜପା ରାଜ୍ୟ ଏସସି ମୋର୍ଚ୍ଚା ସମ୍ପାଦକ ଭାବରେ କାର୍ଯ୍ୟ ସମ୍ପାଦନ କରିଆସିଛନ୍ତି।

# ଧାନମଣ୍ଡି ପରିଚାଳନାରେ ଅବ୍ୟବସ୍ଥା

**ପାରଳାଖେମୁଣ୍ଡି, ୮।୨ (ଗିରିଧାରୀ ପରିଛା):**

ଗଜପତି ଜିଲ୍ଲା ଗୋଷାଣି ବ୍ଲକର ବିଭିନ୍ନ ଧାନମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ହେଉଥିବା ଅଭିଯୋଗ ହୋଇଛି। ପ୍ରଥମେ ଦିଆଯାଇଥିବା ଟାର୍ଗେଟ ପୂରଣ ହୋଇଯାଇଥିବା ବେଳେ ଦ୍ୱିତୀୟ ଟାର୍ଗେଟ ଦିଆଯାଇନାହିଁ । ସେପଟେ ଚାଷୀମାନେ ଖଳାରେ ଧାନ ରଖି ଟୋକନ ଧରି ବୁଲୁଛନ୍ତି। କେତେକ ଚାଷୀଙ୍କ ଟୋକନ ଧାର୍ଯ୍ୟ ତାରିଖ ତଥା ମଣ୍ଡିରେ ଧାନ ଜମା ଦେବା ପାଇଁ ହୋଇଥିବା ନିର୍ଦ୍ଧାରିତ ତାରିଖ ପୂରଣ ହୋଇଯାଇଛି। ଧାନ ଖଳାରେ ଧାନମଣ୍ଡିକୁ ନେବା ପାଇଁ ପ୍ରସ୍ତୁତ କରି ଖଳାରେ ରଖିଥିବା ଧାନଗୁଡିକ ମୁକୁଳା ପଡିଥିବାରୁ ନାନାଦି ଭୟ ଘାରିଛି ଚାଷୀଙ୍କୁ। ବର୍ତ୍ତମାନ ସୁଦ୍ଧା ଜିଲାରେ ବହୁ ଧାନ ଗଦାରେ ନିଆଁ ଲାଗିବା ନଜିର ରହିଛି। ଅଦିନିଆ ବର୍ଷା ପଡିବା ଆଦି ଭୟ ଘାରିଥିବା ବେଳେ ବାରହା ପଶି ନଷ୍ଟ କରିବା ଭୟ ମଧ୍ୟ ଘାରିଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଏପଟେ ଜିଲା ଯୋଗାଣ ବିଭାଗ ଦ୍ୱିତୀୟ ଥର ଲାଗି ଟାର୍ଗେଟ ଦେଇଥିବା କଥା କହିଛନ୍ତି । ମଣ୍ଡି ତଥା ସମବାୟ ସଂସ୍ଥାଗୁଡିକ ଜଣାଇଛନ୍ତି ଯେ, କୌଣସି ବିଭାଗୀୟ ଚିଠି ନ ଆସିବାରୁ ଆମ୍ଭେମାନେ ଚାଷୀଙ୍କ ଟୋକନ ପଞ୍ଜିକୃତ କରିପାରୁନାହୁଁ। ବିଭାଗୀୟ ଚିଠି ପହଞ୍ଚିଲେ ତୁରନ୍ତ ପଞ୍ଜିକୃତ କରିବୁ। ବିଭାଗର ଏପରି ଖାମଖିଆଲି ମନୋବୃତ୍ତି ଯୋଗୁଁ ଚାଷୀମାନେ ଚିନ୍ତିତ ଥିବା କହିଛନ୍ତି। ପଞ୍ଜିକୃତ ନିମନ୍ତେ ଦୂରଦୂରାନ୍ତରୁ ଆସି ଦିନତମାମ ଅପେକ୍ଷା କରୁଥିବା କହିଥିବା ବେଳେ ଏମଏମଡିଏଫ ଅନୁସାରେ ପାଖ ମିଲକୁ ଟ୍ୟାଗ ହେବା କଥା କିନ୍ତୁ ଗୋଷାଣି ବ୍ଲକରୁ କାଶୀନଗର ବ୍ଲକର ମିଲର୍ ବା ଧାନ ମଣ୍ଡିକୁ କିପରି ଦିଆଯାଇଛି, ଗୋଷାଣି ବ୍ଲକ ମିଲରଙ୍କୁ ଧାନ ଗ୍ରହଣ କରି କାହିଁକି ଟାର୍ଗେଟ ଦିଆଗଲା ନାହିଁ, ନିର୍ଦ୍ଦିଷ୍ଟ କେତେକ ମିଲରଙ୍କୁ ପ୍ରୋତ୍ସାହନ ଦେଇ ଡିସି କରାଯାଇଛି ଓ ରଖାଯାଇଛି ଏବଂ ଟାର୍ଗେଟ ଦିଆଯାଇଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏଥିପାଇଁ ଦାୟୀ କିଏ ଆଦିକୁ ନେଇ ଜିଲା ଯୋଗାଣ ଅଧିକାରୀଙ୍କ ଉଦ୍ଦେଶ୍ୟରେ ପ୍ରଶ୍ନ କରିଛନ୍ତି। ସେହିପରି ଗୋଷାଣି ବ୍ଲକର ଚାଷୀଙ୍କୁ କାଶୀନଗର ବ୍ଲକର ମିଲରଙ୍କ ନିକଟକୁ ଧାନ ପଠାଯାଉଛି, ଯାହାକି ଚାଷୀଙ୍କୁ ଜାଣିଶୁଣି ହଇରାଣ କରୁଛନ୍ତି ବୋଲି ମଧ୍ୟ ପ୍ରକାଶ କରିଛନ୍ତି। ତୁରନ୍ତ ଏ ଦିଗରେ ଯୋଗାଣ ବିଭାଗ ହସ୍ତକ୍ଷେପ କରି ସମାଧାନ ନ କରେ ତେବେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।



ଅଭିଯୋଗ କରିଥିବା ଚାଷୀ।

# ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଆସିକା,୮।୨(ସୁରେନ୍ଦ୍ର ନାଥ ସାହୁ)**

ଆସିକା ବ୍ଲକ ନିମିନା ପଞ୍ଚାୟତରେ ଗୁରୁବାର ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ପଞ୍ଚାୟତସ୍ତରୀୟ ସଚେତନତା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବିଦ୍ୟାନ୍ତ କୁମାର ଚର୍ଚ୍ଚିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ନାହାକ, ବିଡିଓ ଫକୀର ଚରଣ ପରିଡା, ବିଧାୟିକାଙ୍କ ପ୍ରତିନିଧି ତଥା ଗଂଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଜିଲା ପରିଷଦ ସଦସ୍ୟ ଅନିମା ପରିଡା, ତନ୍ମୟୀ ନାହାକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ପରିଡା, ଆତ୍ମାର ଅଧ୍ୟକ୍ଷ ରାଜେଶ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସୂଚନା ଦିଆଯାଇଥିଲା ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଚିକିଟି,୮।୨(ପ୍ରକାଶ ଚନ୍ଦ୍ର ସାହୁ)**

ଚିକିଟିଗଡ଼ ସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଗତ ୮ଦିନ ଧରି ଯୁକ୍ତ ଦୁଇ ପ୍ରଥମ ବର୍ଷ ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚିକିଟି ମହାବିଦ୍ୟାଳୟର ଅଧ୍ୟକ୍ଷ ଡା ଭବାନୀ ପ୍ରସାଦ ପଣ୍ଡା ଯୋଗ ଦେଇଥିବା ବେଳେ ଆଇଆର୍‌ପିଏମ ବିଭାଗର ଅଧ୍ୟାପକ ସନାତନ ଗୌଡ଼ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ରସାୟନ ବିଜ୍ଞାନର ଅଧ୍ୟାପିକା ଓ ଏହି ଶିବିରର ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ମଧୁସ୍ମିତା ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ ଶିବିରରେ ୭ ଦିନର ବିବରଣୀ ଦେଇଥିଲେ। ଏହି ଶିବିରର ପ୍ରଶିକ୍ଷକ ଭାବରେ ଯୋଗ ଦେଇଥିବା ସନ୍ଧ୍ୟାରାଣୀ ମହାରଣା ଓ ରୋହିଣୀ ଖଣ୍ଡୱାଲ୍ ଯୋଗଦେଇଥିବା ବେଳେ ଅଧ୍ୟକ୍ଷ ଡ଼ା ପଣ୍ଡା ଶିବିରରେ ଅଂଶ ଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିବା ସହ ଶିକ୍ଷାର ସଦୁପଯୋଗ କରିବା ପାଇଁ ଉପଦେଶ ଦେଇଥିଲେ। ଅଧିକାରୀ ରଶ୍ମିତା ଶବର ଧନ୍ୟବାଦ୍ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡା ବିଶ୍ୱନାଥ ପାଣିଗ୍ରାହୀ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ତାଲିମ ଶିବିରରେ ଉପସ୍ଥିତ ଛାତ୍ରୀ।

### ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ଦିଗପହଣ୍ଡି, ୮।୨(ଅଶେଷ ନାଥ ମିଶ୍ର):**

ଦିଗପହଣ୍ଡି ବ୍ଲକ ବାସୁଦେବପୁର ପଞ୍ଚାୟତ ଅନ୍ତର୍ଗତ ପଡିଆ ପୁରୁଷୋତ୍ତମପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ କୋରେଶ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମିତି ସଭ୍ୟ ଭି .ରାମାରାଓ ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଏବିଇଓ ବାଳା ମାଝୀ, ବିଶ୍ୱବା ପାଇକ, କନିଷ୍ଠ ଯନ୍ତ୍ରୀ ଇଂ. ତପସ୍ୱିନୀ ପାଢ଼ୀ, କାନାରା ବ୍ୟାଙ୍କ ଶାଖା ପରିଚାଳକ ପ୍ରଜ୍ଞା ରଞ୍ଜନ ସାହୁ, ଦିଗପହଣ୍ଡି ଏନ୍‌ଏସ କ୍ଲଷ୍ଟର ସିଆରସିସି ଅନୀଲ ଦାସ, ଗୋକର୍ଣ୍ଣପୁର କ୍ଲଷ୍ଟର ସିଆରସିସି ବାସୁଦେବ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲକ୍ଷ୍ମଣ ଗୌଡ, ସାମାଜିକ କର୍ମୀ ଯୁଧିଷ୍ଠିର ନାୟକ ପ୍ରମୁଖ ଅନ୍ୟତମ ଅତିଥି ରୂପେ ମଞ୍ଚାସୀନ ଥିଲେ। ପ୍ରଧାନଶିକ୍ଷକ ପି . ଜଗଦୀଶ ଦୋରା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବ୍ଲକ ଏନପିଏସ ଶିକ୍ଷକ ସଂଘ ସଭାପତି ରାଜେନ୍ଦ୍ର ଗୌଡ ମଞ୍ଚ ପରିଚାଳନା କରିଥିଲେ। ସିଆରସିସି ମେନସନ ପ୍ରଧାନ, ଶିକ୍ଷକ ଦାସରଥୀ ବେଶ୍ରା, କେ. ଭରତ ବେହେରା, ବାବୁ ଗୌଡ, କେ . ସ୍ୱପ୍ନାଙ୍କ ସମେତ ଅଭିଭାବକ ଓ ବିଦ୍ୟାଳୟ କର୍ତ୍ତୃପକ୍ଷ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।

### ଆଦର୍ଶ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

**ଧରାକୋଟ,୮।୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ)**

ଧରାକୋଟ ବ୍ଲକ କୁସଗୁମାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଅଧ୍ୟକ୍ଷ ଦୁର୍ଯ୍ୟୋଧନ ଦୋରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ତହସିଲଦାର ଲମ୍ବୋଦର ମାରାଣ୍ଡି ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଅପରାଜିତା ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କବାଡି, ଖୋଖୋ, ଲମ୍ଫଡିଆଁ, ଉଚ୍ଚଡିଆଁ, ଫୁଟବଲ ପ୍ରତିଯୋଗିତା ହୋଇଥିଲା। କ୍ରୀଡ଼ା ଶିକ୍ଷକ ଦୀପକ ପରିଡ଼ା ସମସ୍ତ କ୍ରୀଡ଼ାକୁ ସଫଳ ପରିଚାଳନା କରିଥିଲେ। ସିନିୟର ବାଳକ ବିଭାଗରେ ଅଂଶୁମାନ ସ୍ୱାଇଁ, ବାଳିକା ବିଭାଗରେ ଅଂଶୁପା ପ୍ରଧାନ ଚାମ୍ପିୟନ ହୋଇଥିବା ବେଳେ ଜୁନିୟର ବାଳକ ବିଭାଗରେ ଏ ରାଜ ଶେଖର ଶରାବ,ବାଳିକା ବିଭାଗରେ ମିନାକ୍ଷୀ ପାତ୍ର ଚାମ୍ପିୟନ ହୋଇଛନ୍ତି। ସମସ୍ତ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଲୋକନୃତ୍ୟ ପ୍ରତିଯୋଗିତା




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

**ବୁଗୁଡ଼ା,୮।୨(କାଳିଚରଣ ଦାଶ)**

ବୁଗୁଡ଼ା ଶ୍ରୀବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ଓଡ଼ିଆ ଲୋକନୃତ୍ୟ ପ୍ରତିଯୋଗିତା ହୋଇଯାଇଛି। ଅଧ୍ୟକ୍ଷ ମନୋଜ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏବଂ ଅଧ୍ୟାପକ ବିଭୂତି ଭୂଷଣ ମିଶ୍ର ସଂଯୋଜନାରେ ଅନୁଷ୍ଠିତ ଉକ୍ତ ପ୍ରତିଯୋଗିତାରେ ଅନେକ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ପ୍ରଭାକର ଡ଼ାକୁଆ ଓ ସନାତନ ବେହେରୁକ, ଡ଼େମୋନଷ୍ଟ୍ରେଟର୍ କଳ୍ପନା କୁମାରୀ ପଣ୍ଡା ପ୍ରମୁଖଙ୍କ ଦ୍ୱାରା ପରିଚାଳିତ ଉକ୍ତ ପ୍ରତିଯୋଗିତା ହୋଇଥିଲା। ଛାତ୍ରୀ ରେଶମା ରାଣୀ ବିଷୋୟୀ ପ୍ରଥମ, କଲ୍ୟାଣୀ ଜେନା ଦ୍ୱିତୀୟ, ମାମାଲି ସାହୁ ଓ ରୂପଶ୍ରୀ ଗୌଡ଼ ଯୁଗ୍ମ ଭାବେ ତୃତୀୟ ହୋଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନେଇ ଜିଲାପାଳଙ୍କ ସମୀକ୍ଷା



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ସମୀକ୍ଷା କରୁଛନ୍ତି।।

**ଶେରଗଡ଼, ୮।୨(ସୂର୍ଯ୍ୟନାରାୟଣ ଦାଶ):**

ଆସନ୍ତା ସପ୍ତାହରେ ମୁଖ୍ୟମନ୍ତ୍ରୀଙ୍କ ଶେରଗଡ଼ ଗସ୍ତ କାର୍ଯ୍ୟକ୍ରମ ଥିବାରୁ ଏ ନେଇ ସମୀକ୍ଷା କରିଛନ୍ତି ଜିଲାପାଳ ଦିବ୍ୟଜୋତି ପରିଡ଼ା। ଗୁରୁବାର ଜିଲାପାଳ ଶେରଗଡ ନୂତନ ବସଷ୍ଟାଣ୍ଡ ନିକଟ ଏକ ପଡିଆରେ ପହଞ୍ଚି ହେଲିପେଡ କାମ ତୁରନ୍ତ ଆରମ୍ଭ କରିବାକୁ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ସୋମନାଥ ତ୍ରିପାଠୀଙ୍କୁ କହିଥିଲେ। ସଭାସ୍ଥଳ ସମ୍ପର୍କରେ ବିଡିଓ ଶିବାଶିଶ ବରାଳ, ତହସିଲଦାର ତ୍ରିଦେବ ରଥଙ୍କ ସହିତ ଆଲୋଚନା କରିଥିଲେ। ପରେ ଜଳସେଚନ ବିଭାଗ, କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ ବିଭାଗର ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ପରେ ସ୍ଥାନୀୟ ବିଜେଡି ନେତାମାନଙ୍କ ସହ ଆଲୋଚନା କରିଥିଲେ। ଭିଡ ନିୟନ୍ତ୍ରଣ ପାଇଁ ଜୋନ ଅନୁଯାୟୀ ନେବା ଆଣିବା କରିବାକୁ ନେତାଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳଙ୍କ ପରିଦର୍ଶନ ସମୟରେ ଉପଜିଲାପାଳ ଅନିଲ କୁମାର ସେଠୀ, ହରଭଙ୍ଗା ଜଳସେଚନ ଅଧୀକ୍ଷଣ ଯନ୍ତ୍ରୀ ରାଜୀବ କୁମାର ପଣ୍ଡିତ, ହିଞ୍ଜିଳି ବିଡିଓ ଓ ଯନ୍ତ୍ରୀ କେଦାର ପ୍ରସାଦ ପଣ୍ଡା, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ବରିଷ୍ଠ ନେତା ହୀନ ବେହେରା, ହୃଷିକେଶ ପାଢୀ, ପ୍ରମୋଦ କୁମାର ପାତ୍ରଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

### ସିଏସ୍‌ପି ପ୍ଲସ କାର୍ଯ୍ୟରେ ସାମିଲ ଦାବିକଲେ ବ୍ୟାଙ୍କ ସଖୀ

**ଛତ୍ରପୁର,୮।୨(ସନ୍ତୋଷ ପାଢ଼ୀ):**

ଗଞ୍ଜାମ ଜିଲାର ମୁଖ୍ୟାଳୟ ଛତ୍ରପୁର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଜିଲାର ବିଭିନ୍ନ ପଞ୍ଚାୟତର ବ୍ୟାଙ୍କ ସଖୀମାନେ ଗୁରୁବାର ନିଜର ଦାବି ନେଇ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ୨୦୨୧ରେ ଏମାନେ ମିଶନ ଶକ୍ତିର ସଦସ୍ୟା ଅଟନ୍ତି ଏବଂ ଏମାନେ ପଞ୍ଚାୟତରେ ବ୍ୟାଙ୍କ ସଖୀ ଭାବେ ନିଯୁକ୍ତି ପାଇ ବିନା ଅର୍ଥରାଶିରେ ୪ ବର୍ଷ ଧରି କାର୍ଯ୍ୟ ସମ୍ପାଦନ କରିଥିଲେ। କିନ୍ତୁ ବର୍ତ୍ତମାନ ପଞ୍ଚାୟତରେ ସିଏସପି ପ୍ଲସ ଭାବେ ନିଯୁକ୍ତି ଦିଆଯିବା ଶୁଣିବାକୁ ଏମାନେ ପାଇଛନ୍ତି। ତେଣୁ ଆମ ଭବିଷ୍ୟତ ଅନ୍ଧାର ଘେରକୁ ଚାଲିଯିବ ବୋଲି ଏମାନେ କହିଛନ୍ତି । ତେଣୁ ଆମକୁ ସିଏସପି ପ୍ଲସ କାର୍ଯ୍ୟ କରିବାର ସୁଯୋଗ ଦିଆଯାଉ ବୋଲି ଦାବି କରିଛନ୍ତି। ମିଶନ ଶକ୍ତିର ଡିପିସିଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି।

# ଅତିରିକ୍ତ ଜିଲାପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଛତ୍ରପୁର,୮।୨(ଦିଲୀପ ସାମଲ):**

ବରିଷ୍ଠ ଓଏଏସ ଅଧିକାରୀ ତଥା ଗଞ୍ଜାମ ଜିଲା ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସଙ୍କୁ ଗୁରୁବାର ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଏହି ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ଓ ଦେବବ୍ରତ ସାହୁ, ଡେପୁଟି କଲେକ୍ଟର ଦୟାସିନ୍ଧୁ ପରିଡା, ଡେପୁଟି କଲେକ୍ଟର (ନିର୍ବାଚନ) ରାଜେଶ ଏକା, ଜିଲା କ୍ରୀଡା ଅଧିକାରୀ ସନ୍ତୋଷ କୁମାର ସାହୁ, ଆସିଷ୍ଟାଣ୍ଡ କଲେକ୍ଟର ଓମ ପ୍ରକାଶ ପରିଡାଙ୍କ ସମେତ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ ପ୍ରମୁଖ ଶ୍ରୀମତୀ ଖେସଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଶ୍ରୀମତୀ ଖେସ ଗତ ୨୦୨୧ ମେ' ୧୧ ତାରିଖରେ ଅତିରିକ୍ତ ଜିଲାପାଳ (ସାଧାରଣ) ଭାବେ ଦାୟିତ୍ୱ ନେଇଥିଲେ। ବର୍ତ୍ତମାନ ତାଙ୍କର ଜଳ ଗବେଷଣା ବିଭାଗ, ଭୁବନେଶ୍ୱରର ଅତିରିକ୍ତ ସଚିବ ଭାବେ ବଦଳି ହୋଇଛି।

### ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସ୍ୱାଗତ




ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସ୍ୱାଗତ କରାଯାଉଛି।

**ଭଞ୍ଜନଗର,୮।୨(ବାବୁଲା ପ୍ରଧାନ):**

ଭଞ୍ଜନଗର ଏନଏସିର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ମୁରଲୀ କୃଷ୍ଣ ପଣ୍ଡା କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହି ଅବସରରେ ଏନଏସି କର୍ମଚାରୀମାନେ ନୂତନ ଇଓଙ୍କୁ ସ୍ୱାଗତ କରିଥିଲେ। ସେ ଗୁଡ଼ାରୀରୁ ବଦଳି ହୋଇ ଏଠାକୁ ଆସିଛନ୍ତି। ଏଠାରେ ପୂର୍ବରୁ ଥିବା ଆଶୁତୋଷ ଗୌରବ କର କେନ୍ଦ୍ରାପଡ଼ା ମ୍ୟୁନିସପାଲିଟିକୁ ନିର୍ବାହୀ ଅଧିକାରୀ ଭାବେ ବଦଳି ହୋଇ ଯାଇଛନ୍ତି।

# ଚେରମାରିଆ ଟିମ୍ ଫାଇନାଲରେ



## କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଧରାକୋଟ,୮।୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ)**

ଧରାକୋଟ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ଚାଲିଥିବା ଚିତ୍ତରଞ୍ଜନ ମେମୋରିଆଲ ଟ୍ରଫିର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ନୂଆଗଡ଼ ଫ୍ରେଣ୍ଡସ୍ କ୍ରିକେଟ କ୍ଲବ ଏବଂ ଚେରମାରିଆ ଡେଲିସିୟସ୍ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ନୂଆଗଡ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇ ୨୦ ଓଭର୍‌ରେ ୬ଟି ଉଇକେଟ ହରାଇ ୧୪୬ ରନ୍ ସଂଗ୍ରହ କରିଥିଲା। ଜବାବ୍‌ରେ ଚେରମାରିଆ ଟିମ୍ ୧୪ ଓଭର୍ ଖେଳି ୨ ଉଇକେଟ୍ ହରାଇ ୧୪୯ ରନ୍ ସଂଗ୍ରହ କରି ମ୍ୟାଚ ଜିତିବା ସହ ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ରବିବାର ଫାଇନାଲ ମ୍ୟାଚ ଆସିକା ପାନାସୋନିକ କ୍ରିକେଟ କ୍ଲବ୍ ଏବଂ ଚେରମାରିଆ ଡେଲିସିୟଶ୍ କ୍ରିକେଟ କ୍ଲବ ମଧ୍ୟରେ ହେବ। ଦ୍ୱିତୀୟ ସେମିଫାଇନାଲରେ ଶିକ୍ଷାବିତ୍ ରାଧାମୋହନ ଜେନା ମୁଖ୍ୟଅତିଥି, ଠିକାଦାର ନବଘନ ଭଞ୍ଜ, ସମାଜିକ କର୍ମୀ ରଜନୀ କାନ୍ତ ଜେନା,ଧରଣୀ ଧର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାବିତ୍ ପ୍ରଶାନ୍ତ କୁମାର ଡାକୁଆ ଧାରା ବିବରଣୀ ପ୍ରଦାନ କରିଥିଲେ। ମ୍ୟାଚକୁ ଅଶ୍ୱିନୀ ବିଷୋୟୀ, ମନୋଜ ସତପଥି ପରିଚାଳନା କରିଥିବାବେଳେ ୟଙ୍ଗ କ୍ରିକେଟ କ୍ଲବର ବାପୁନି ସ୍ୱାଇଁ, ଦିଲୀପ୍ ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ରାସ୍ତା ବନ୍ଦକଲେ ଗଞ୍ଜାମ ଥାନା ପୋଲିସ

## ଜିଲାପାଳ, ଏସପିଙ୍କୁ ଭେଟିଲେ ୪ ଗ୍ରାମବାସୀ

**ଛତ୍ରପୁର,୮।୨(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ଗ୍ରାମପଞ୍ଚାୟତର ଚାରିଖଣ୍ଡ ଗ୍ରାମ ବିଞ୍ଚଣାପଲ୍ଲୀ, ପାଳିବନ୍ଧ, ପୁରୁଣାବନ୍ଧ ଓ କୁଣ୍ଡାପୁଟୁ ଗ୍ରାମର ଶହ ଶହ ଗ୍ରାମବାସୀ ଛତ୍ରପୁର ଆସି ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କୁ ଭେଟିବା ସହ ଗଞ୍ଜାମ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ସୂଚନା ମୁତାବକ, ବହୁ ବର୍ଷ ଧରି ପାଳିବନ୍ଧ ଗ୍ରାମପଞ୍ଚାୟତର ଲୋକମାନେ ବିଞ୍ଚଣାପଲ୍ଲୀ ଛକ ଦେଇ ଜାତୀୟ ରାଜପଥକୁ ବାହାରି ସମସ୍ତ କାର୍ଯ୍ୟ ଯଥା ଶିକ୍ଷା, ଗମନାଗମନ, ବାଣିଜ୍ୟ କରିବା ପାଇଁ ସହରକୁ ଯାଉଥିଲେ । କିନ୍ତୁ ଗତ କିଛିଦିନ ହେଲା ଗଞ୍ଜାମ ଥାନା ଅଧିକାରୀ ସେହି ପଥକୁ ଅସ୍ଥାୟୀ ଭାବେ ବନ୍ଦ କରିଦେବା ଯୋଗୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ୪ଟି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି । ତେଣୁ ଏହାକୁ ବିରୋଧ କରି ଗୁରୁବାର ପଞ୍ଚାୟତବାସୀ ଅତିରିକ୍ତ ଜିଲ୍ଲାପାଳ ଓ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଯଦି ୧୫ ଦିନ ମଧ୍ୟରେ ଏହାର ସମାଧାନ ନ ହୁଏ, ତାହାହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ଗଞ୍ଜାମ ଏସପି ଜଗମୋହନ ମୀନା କହିଛନ୍ତି, ଏହି ରାସ୍ତା ଦୁର୍ଘଟଣା ସ୍ଥାନ ରୂପେ ଚିହ୍ନଟ ହୋଇଥିବା ଯୋଗୁ ଜନସାଧାରଣଙ୍କ ଜୀବନ ସୁରକ୍ଷା ଦୃଷ୍ଟିକୋଣରୁ ଏହାକୁ ବନ୍ଦ କରାଯାଇଛି । ଏହା ଉପରେ ପୁଣି ଥରେ ତଦନ୍ତ କରି ନିଷ୍ପତ୍ତି ନିଆଯିବ।



ଜିଲାପାଳ ଓ ଏସ୍‌ପିଙ୍କୁ ଭେଟିବାକୁ ଯାଇଥିବା ୪ ଗ୍ରାମବାସୀ।

# ବ୍ରାହ୍ମଣୀ ନଦୀରୁ ଜଳ ନମୁନା ସଂଗ୍ରହ

**ଯାଜପୁର,୮।୨(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲା ବ୍ରାହ୍ମଣୀ ଏବଂ ଏହାର ଶାଖା ଖରସ୍ରୋତା ନଦୀତଟବର୍ତ୍ତୀ ଅଞ୍ଚଳର ୯ଟି ସ୍ଥାନରୁ ଗୁରୁବାର ସେଣ୍ଟ୍ରାଲ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡ(ସିପିସିବି) ପକ୍ଷରୁ ନଦୀଜଳ ନମୁନା ସଂଗ୍ରହ କରାଯାଇଛି। କବାଟବନ୍ଧ, ମାର୍ଥାପୁର, ଦେଉଳକଣା, କୁସୁମପୁର, ଯୋକଡିଆ ଆଦି ସ୍ଥାନରୁ ଉକ୍ତ ଜଳ ନମୁନା ସଂଗ୍ରହ ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସିପିସିବିର ଏକ ୪ ଜଣିଆ ବିଶେଷଜ୍ଞ ପ୍ରତିନିଧି ଦଳ ଏହି ତଦନ୍ତ ପ୍ରକ୍ରିୟାରେ ସାମିଲ ହୋଇଥିବା ସୂଚନା ମିଳିଛି।

ଯାଜପୁର ଜିଲା ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀ ଗର୍ଭରେ କଳିଙ୍ଗନଗର ଶିଳ୍ପାଞ୍ଚଳର ଗଣ୍ଡାନାଳ ସମେତ ରତ୍ନଗର୍ଭା,ସୁକିନ୍ଦାର ଡମଶାଳା ନଦୀ ମିଶିଛି। ଗଣ୍ଡାନାଳ ଓ ଡମଶାଳା ନଦୀ ପାଣିରେ ଉଭୟ ଖଣି ଓ ଶିଳ୍ପର ବର୍ଜ୍ୟବସ୍ତୁ ମିଶି ବ୍ରାହ୍ମଣୀ ନଦୀକୁ ପ୍ରଦୂଷିତ କରୁଥିବା ପୂର୍ବରୁ ଅଭିଯୋଗ ହୋଇ ଆସୁଛି। ଏହାବାଦ ଉପରମୁଣ୍ଡରେ ଅନୁଗୋଳ ଓ ରାଉରକେଲାର ସହର ସମେତ ବିଭିନ୍ନ ଶିଳ୍ପାନୁଷ୍ଠାନଗୁଡ଼ିକର ବର୍ଜ୍ୟବସ୍ତୁ ମିଶିବା ଫଳରେ ଏହାର ପାଣି ତୀବ୍ର ଜହର ହେଉଛି। ଏହାର ପ୍ରତିବାଦରେ ଜନ ଆନ୍ଦୋଳନ ହେବା ସହିତ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଗତ ୨୮।୮।୨୦୧୫ ତାରିଖରେ ହାଇକୋର୍ଟ ସେହି ଜନସ୍ୱାର୍ଥ ମାମଲାର ବିଚାର କରି ଗଣ୍ଡାନାଳର ଜଳ ପ୍ରଦୂଷଣକୁ ନେଇ ରାଜ୍ୟର ମୁଖ୍ୟ ଶାସନ ସଚିବ, ଶିଳ୍ପ, ଖଣି, ଜଳ ସମ୍ପଦ, ଜଙ୍ଗଲ ଓ ପରିବେଶ ସଚିବଙ୍କ ସମେତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର ଅଧ୍ୟକ୍ଷ, ସିପିସିବିର ଅଧ୍ୟକ୍ଷ ଏବଂ ଝାରସୁଗୁଡ଼ା, ଯାଜପୁର, ତାଳଚେର ଓ କେନ୍ଦୁଝର ଜିଲାପାଳଙ୍କୁ ପକ୍ଷଭୁକ୍ତ କରିଥିଲେ। ବ୍ରାହ୍ମଣୀ ଓ ଏହାର ଶାଖାନଦୀଗୁଡ଼ିକର ଜଳ ପ୍ରଦୂଷଣ ମୁକ୍ତ କରିବାକୁ ହାଇକୋର୍ଟ ପକ୍ଷରୁ ହୋଇଥିବା ରାୟରେ ପ୍ରକାଶ ପାଇଥିଲା। ଏହି କ୍ରମରେ ଗତ ୨୪।୯।୨୦୧୫ରେ ଗଣ୍ଡାନାଳାର ଜଳ ପ୍ରଦୂଷଣକୁ ରୋକିବାକୁ ତାହାର ତଟବର୍ତ୍ତୀ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସିଇଟିପି(ସେଣ୍ଟ୍ରାଲ ଇଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ) ଲଗାଇବାକୁ ଏସ୍‌ପିସିବି ପକ୍ଷରୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ଏହାକୁ କେହି ମାନି ନ ଥିଲେ। ଏହାପରେ ନିୟମିତ ବ୍ୟବଧାନରେ ସିପିସିବି ଓ ଏସ୍‌ପିସିବି ପକ୍ଷରୁ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀର ବିଭିନ୍ନ ସ୍ଥାନରୁ ନଦୀଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଉଛି। ଉକ୍ତ ପରୀକ୍ଷାରେ ବ୍ରାହ୍ମଣୀ ନଦୀଜଳରେ ଉଦ୍ଦିଷ୍ଟ ପରିମାଣଠାରୁ ଢେର ଗୁଣ ଅଧିକ ବାୟୋଲୋଜିକାଲ ଅକ୍ସିଜେନ ଡିମାଣ୍ଡ(ବିଓଡି), ଟୋଟାଲ କୋଲିଫର୍ମ(ଟିସି), ଡିଜଲଭଡ୍ ଅକ୍ସିଜେନ(ଡିଓ) ପ୍ରଭୃତି ମାରାତ୍ମକ ଦ୍ରବ୍ୟ ବାହାରୁଥିବା ଜଣାପଡିଛି। ଏହିକ୍ରମରେ ୨୦୨୩ ଜାନୁଆରୀଠାରୁ ଡିସେମ୍ବର ପର୍ଯ୍ୟନ୍ତ ରାଜ୍ୟରେ ପ୍ରବାହିତ ୧୧ ନଦୀ ସମୂହ ମଧ୍ୟରୁ ୧୨୯ ସ୍ଥାନରେ ଜଳର ବ୍ୟବହାରିକ ଗୁଣବତ୍ତାକୁ ପରୀକ୍ଷା କରାଯାଇଥିଲା। ସେଥିରୁ ୧୩ଟି ସ୍ଥାନରେ ବିଓଡି ଓ ଟିସି, ଗୋଟିଏ ସ୍ଥାନରେ ବିଓଡି, ୨ଟି ସ୍ଥାନରେ ଡିଓ ଓ ୧୦ଟି ସ୍ଥାନରେ ଟିସି ଉର୍ଦ୍ଧ୍ୱ ମାନରୁ ଅଧିକ ଥିବା ଜଣାପଡିଛି। ଏହାପୂର୍ବରୁ ଗତ ୨୦।୯।୨୦୧୮ରେ ନଦୀଜଳର ପ୍ରଦୂଷଣ ନିରାକରଣ ପାଇଁ ଜଙ୍ଗଲ ଓ ପରିବେଶ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀଙ୍କ ନେତୃତ୍ୱରେ ଏକ ୫ ଜଣିଆ କମିଟି ଗଠନ କରିବାକୁ ଏନ୍‌ଜିଟି ରାୟରେ ନିର୍ଦ୍ଦେଶ ଜାରି ହୋଇଥିଲା। ହାଇକୋର୍ଟ ଓ ଏନ୍‌ଜିଟିର ନିର୍ଦ୍ଦେଶ ଅନୁସାରେ ବ୍ରାହ୍ମଣୀ ନଦୀ ତଟବର୍ତ୍ତୀ ଉପରୋକ୍ତ ଅଞ୍ଚଳରେ ଏଯାଏ ସିଇଟିପି ଲାଗି ପାରିନାହିଁ। ତେଣୁ କଳିଙ୍ଗନଗର ଶିଳ୍ପାଞ୍ଚଳର ୧୦ରୁ ଊର୍ଦ୍ଧ୍ୱ କାରଖାନା ବ୍ରାହ୍ମଣୀ ଓ ଏହାର ଉପନଦୀ ଖରସ୍ରୋତାରୁ ନିର୍ମଳ ପାଣି ନେଇ ସ୍ଥାନୀୟ ଅଞ୍ଚଳକୁ ଗରଳ ଛାଡୁଛି। ଏହାବାଦ୍ ରତ୍ନଗର୍ଭା ସୁକିନ୍ଦା ଖଣି ପରିସରର ବର୍ଷା ପାଣି ଡମଶାଳା ଦେଇ ବ୍ରାହ୍ମଣୀରେ ମିଶୁଛି। ତେଣୁ ଏହିସବୁର ପ୍ରତିକାର ପାଇଁ ସିପିସିବି ପକ୍ଷରୁ ଜଳ ନମୁନା ସଂଗ୍ରହ ହୋଇଥିବା ଅନୁମାନ କରାଯାଇଛି। ତେବେ ସିପିସିବି କମିଟିରେ ସ୍ଥାନୀୟ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟର କୌଣସି ଅଧିକାରୀ ସାମିଲ ହୋଇ ନ ଥିବା ଜଣାପଡିଛି।



ବ୍ରାହ୍ମଣୀ ନଦୀ।

- ସିପିସିବିର ୪ ଜଣିଆ ପ୍ରତିନିଧି ଦଳ ସାମିଲ
- ଏସ୍‌ପିସିବିର ଅଧିକାରୀଙ୍କୁ ଅଣଦେଖା
- ନଦୀତଟବର୍ତ୍ତୀ ଅଞ୍ଚଳରେ ପ୍ରତିଷ୍ଠା ହେଲାନି ସିଇଟିପି

## ରାଜପଥରେ ବାଇକ୍ ଆରୋହୀଙ୍କୁ ଲୁଟ୍, ୩ ଗିରଫ

**ପାଣିକୋଇଲି,୮।୨ (ବିକାଶ ମଲ୍ଲିକ)**



ମଣିଚରଣ ମଳିକ



ବିଶୁ ମଳିକ



ବିକ୍ରମ ମଳିକ

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସିଙ୍ଗଡ଼ା ପୋଲ ଉପରେ କୁଆଖିଆରୁ ପାଣିକୋଇଲି ଆଡ଼କୁ ବାଇକରେ ଫେରୁଥିବା ୨ ଆରୋହୀଙ୍କୁ ଅଟକାଇ ସେମାନଙ୍କ ସୁନାଚେନ ଓ ମୁଦି ଛଡ଼ାଇ ନେବା ସହିତ ମରଣାନ୍ତକ ଆକ୍ରମଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ତଥା ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ତଣ୍ଡରା ପଞ୍ଚାୟତର ବିକ୍ରମ ମଳିକ, ଗୋଳେଇପୁର ପଞ୍ଚାୟତ ଅନ୍ତର୍ଗତ ସୋଡିଗ୍ରାମର ବିଶୁ ଜେନା ଓ ମଣି ମଳିକ।

ଅଭିଯୋଗ ମୁତାବକ, ପାଣିକୋଇଲିସ୍ଥିତ ମା' ତାରିଣୀ ମନ୍ଦିର ପୂଜକ ସୂର୍ଯ୍ୟମଣି ପଣ୍ଡାଙ୍କ ସ୍ତ୍ରୀ ଜାନକୀ ପଣ୍ଡା ଓ ତାଙ୍କ ସାନ ଭାଇ ସରୋଜ ଏକ ଏକାଦଶାହ କାର୍ଯ୍ୟରେ ଯୋଗଦାନ କରି କୁଆଖିଆରୁ ନିଜ ବାଇକରେ ପାଣିକୋଇଲି ଫେରୁଥିଲେ। ରାତି ପ୍ରାୟ ୭ଟାରେ ଗୋଳେଇପୁର ପଞ୍ଚାୟତ ଅନ୍ତର୍ଗତ ସିଙ୍ଗଡ଼ା ଓଭରବ୍ରିଜ ନିକଟରେ ତିନି ଯୁବକ ସେମାନଙ୍କୁ ଅଟକାଇବା ସହିତ ଜାନକୀ ପିନ୍ଧିଥିବା ଦୁଇ ଭରିରୁ ଊର୍ଦ୍ଧ୍ୱ ଓଜନର ସୁନାଚେନକୁ ଛଡ଼ାଇ ନେଇଥିଲେ। ଜାନକୀଙ୍କ ଦିଅର ସରୋଜ ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ନିସ୍ତୁକ ମାଡ଼ ମାରିବା ସହିତ ପାଖରେ ଥିବା ଏକ ମଦ ବୋତଲରେ ଆକ୍ରମଣ କରିଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ପହଞ୍ଚିଯିବାରୁ ଦୁଇ ଯୁବକ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ବିକ୍ରମ ଧରା ପଡ଼ିଯାଇଥିଲେ। ବିକ୍ରମଙ୍କୁ ନେଇ ପୋଲିସ ଜେରା କରିବାରୁ ସେ ଉକ୍ତ ଘଟଣାରେ ଜଡ଼ିତ ଥିବା ଅନ୍ୟ ବିଶୁ ଓ ମଣିଙ୍କ ନାମ ପ୍ରକାଶ କରିଥିଲା। ପରେ ପୋଲିସ ସମସ୍ତଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା ନଂ.୮୪/୨୪ ରୁଜୁ ହୋଇଥିବା ଏସ୍‌ଆଇ ତଥା ତଦନ୍ତକାରୀ ଅଧିକାରୀ ପ୍ରକାଶ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## ଅଟୋ ଓଲଟି କଳାକାର ମୃତ, ୭ ଆହତ

**ବାଲିକୁଦା,୮।୨(ତାପସ ସ୍ୱାଇଁ)**

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ବଘେଇପୁର ରାସ୍ତାରେ ଏକ ଡାଲା ଅଟୋ ଭାରସାମ୍ୟ ହରାଇ ବିଲକୁ ଖସିପଡ଼ିଛି । ଫଳରେ ସେଥିରେ ଥିବା ଜଣେ କଳାକାରଙ୍କ ମୃତ୍ୟୁ ଘଟିଥିବାବେଳେ ୭ ଜଣ ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ଏହି ଥାନା ଅନ୍ତର୍ଗତ ନହରଣା ଗାଁର ଇନ୍ଦ୍ରମଣି ଗୋଚ୍ଛାୟତ (୭୫)। ଆହତମାନେ ହେଲେ ଦଶବାଟିଆ ଗାଁର ବାବାଜୀ ଗୋଚ୍ଛାୟତ, ବାନାମ୍ବର ବେହେରା, ମହେଶ୍ୱର ବେହେରା, ଖାଲଗାଁ ଗାଁର ବେହୁଲା ଜେନା, କୁନ୍ଦପୁର ଗାଁର ରବୀନ୍ଦ୍ର ଜେନା ଓ ବାଲିପାଟଣା ଗାଁର ବାବାଜୀ ଦଳାଇ ଏବଂ କରୁଣାକର ବେହେରା । ସେମାନଙ୍କୁ ପ୍ରଥମେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ବାବାଜି ଦଳାଇ ଓ ବାବାଜି ଗୋଚ୍ଛାୟତଙ୍କ ସମେତ କରୁଣାକର, ମହେଶ୍ୱରଙ୍କ ଅବସ୍ଥା ଗୁରୁତର ହେବାରୁ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ଜଗତ୍‌ସିଂହପୁର ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ଏହି ଥାନା ଅନ୍ତର୍ଗତ ଅନନ୍ତପୁର ଫାଣ୍ଡି ପୋଲିସ ପୋଲିସ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଇନ୍ଦ୍ରମଣିଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି ।

ମିଳିଥିବା ସୂଚନା ଅନୁଯାୟୀ, ବାଲିକୁଦା ବ୍ଲକ ବରମୁଣ୍ଡଳୀ ପଞ୍ଚାୟତର ବାଲିଜୋରିଠାରେ ଅନୁଷ୍ଠିତ ହେଉଥିବା ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଘୋଡ଼ାନାଚ ପରିବେଷଣ ପାଇଁ ଏହି ୮ଜଣ କଳାକାର ଏକ ଡାଲା ଅଟୋରେ ଯାଉଥିଲେ। ଏହି ସମୟରେ ଅଟୋରେ ଦିଆଯାଇଥିବା ଧୂପବତିରୁ ଖଣ୍ଡେ ନିଆଁ ଝୁଲ ଆସି ଗାଡ଼ି ଚାଳକ ହଡ଼ା ବେହେରାଙ୍କ ଗୋଡ଼ରେ ପଡ଼ିଥିଲା। ଫଳରେ ସେ ଚମକି ପଡ଼ିଥିଲେ। ଏହି ସମୟରେ ଗାଡ଼ିଟି ନିୟନ୍ତ୍ରଣ ହରାଇ ରାସ୍ତାରୁ ବିଲ ଭିତରକୁ ଓଲଟି ପଡ଼ିଥିଲା । ଖବରପାଇ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଡାଲା ଅଟୋକୁ ଜବତ କରି ଫାଣ୍ଡିକୁ ଆଣିଛି। ଏହି ଘଟଣା ପରେ ଚାଳକ ବେହେରା ଫେରାର ହୋଇଯାଇଛନ୍ତି।

- ଘୋଡ଼ାନାଚ ପରିବେଷଣ ପାଇଁ ଯାଉଥିଲେ
- ଚାଳକଙ୍କ ଗୋଡ଼ରେ ଧୂପବତିର ନିଆଁ ଝୁଲ ପଡ଼ିବାରୁ ଭାରସାମ୍ୟ ହରାଇଲେ

## ୨ ଯୁବକଙ୍କୁ ଉଠାଇନେଲା ପଟ୍ଟାମୁଣ୍ଡାଇ ପୋଲିସ

**ସିଂହପୁର,୮।୨ (ଅନଙ୍ଗ ଉଦୟ ବେଉରିଆ)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନରେ ଏକ ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଅଭିଯୁକ୍ତଙ୍କୁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୋଲିସ ବିଞ୍ଝାରପୁର ଥାନା ଅଞ୍ଚଳରୁ ଉଠାଇ ନେଇଛି। ସେମାନେ ହେଲେ ବିଞ୍ଝାରପୁର ଥାନା ଅନ୍ତର୍ଗତ ମାଁସଡ଼ା ଅଞ୍ଚଳର ଜ୍ୟୋତି ପ୍ରକାଶ ଦାସ ଓ ଫତେପୁର ପଞ୍ଚାୟତ ବଂଶୀପୁର ଗ୍ରାମର ସୁଦାମ ସାହୁ। ଏହାସହିତ ଲୁଟ ଘଟଣାରେ ବ୍ୟବହୃତ ଏକ କାରକୁ ମଧ୍ୟ ପୋଲିସ ଜବତ କରିଛି। ଜଣେ ବ୍ୟକ୍ତିଙ୍କ ଘରେ ପଶି ଅଭିଯୁକ୍ତ ତାଙ୍କ ପରିବାର ଲୋକଙ୍କୁ ଭୟଭୀତ କରିବା ସହ ଲୁଟ କରିଥିଲେ। ଏନେଇ ଲୁଟର ଶିକାର ବ୍ୟକ୍ତି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୭/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଦୀପ୍ତାଞ୍ଜଳି



@ କାହ୍ନା



@ ସୁଶାନ୍ତ



@ ପ୍ରଭାସ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପଟ୍ଟାମୁଣ୍ଡାଇ ବ୍ଲକ୍ ସମ୍ମୁଖରେ ଧାରଣା

**ପଟ୍ଟାମୁଣ୍ଡାଇ, ୮।୨ (ଅକ୍ଷୟ ବିଶ୍ୱାଳ)**

### ମେଡିକାଲ କଲେଜ ପ୍ରତିଷ୍ଠା ଦାବି

କେନ୍ଦ୍ରାପଡ଼ା ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ପ୍ରତି ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଧାରଣା ଦିଆଯାଇଥିଲା। ଏହି ଉପଲକ୍ଷେ ମିଳିତ କ୍ରିୟାନୁଷ୍ଠାନ କମିଟିର ପଟ୍ଟାମୁଣ୍ଡାଇ ବ୍ଲକ ଆବାହକ ଶିକ୍ଷାବିତ୍ ରାଜକୁମାର ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରତିବାଦ ସଭାରେ କମିଟିର ଜିଲା ସଭାପତି ପ୍ରଫେସର ଅଜୟ ସାମଲ, ସମ୍ପାଦକ ଆଇନଜୀବୀ ରମଣୀରଞ୍ଜନ ରାଉତରାୟ, ପ୍ରଫେସର ରମେଶ ଚନ୍ଦ୍ର ଜେନା, ପ୍ରଫେସର ଭରତ ଚନ୍ଦ୍ର ପାତ୍ର, ପ୍ରଫେସର କୈଳାସ ପାତ୍ର, କମିଟି ଜିଲା ଆବାହକ ଗୟାଧର ଧଳ, ଜନଶକ୍ତି ପାର୍ଟି ରାଜ୍ୟ ସଭାପତି ଆଇନଜୀବୀ ପ୍ରଦୀପ ଦାଶ, ଭାଗୀରଥୀ ଜେନା, ଜିଲା ଭାଜପା ଅନସୂଚୀତ ମୋର୍ଚ୍ଚା ସଭାପତି ମାଧବାନନ୍ଦ ମଲିକ, ଜିଲା କଂଗ୍ରେସ ପଛୁଆବର୍ଗ ଅଧ୍ୟକ୍ଷ ମଳୟ ଦାସ, ରାମକୃଷ୍ଣ ଦାଶ, ଶିକ୍ଷକ କସ୍ତୁରୀ ଚରଣ ସ୍ୱାଇଁ, ଅବସର କର୍ମଚାରୀ ସଂଘ ସମ୍ପାଦକ ଚତୁଃଭୁଜ ରାଉଳ, ଶିକ୍ଷକ ନେତା ପ୍ରମୋଦ ନାୟକ, କମିଟିର ବ୍ଲକ ସମ୍ପାଦକ ଦାଶରଥି ସାହୁ, କୈଳାସ ସେଠୀ ଓ ନରେଶ ମଲିକ, ଅଭୟ ସ୍ୱାଇ, କୃଷକନେତା ପାରେଶ୍ୱର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ଓଡ଼ିଶାରେ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସର୍ବୋପରି ଡାକ୍ତର ଅଭାବ ଦୂର କରିବାକୁ ରାଜ୍ୟ ସରକାର ଓଡ଼ିଶାର ୧୮ଟି ଜିଲାରେ ମେଡିକାଲ କଲେଜ ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି। ମାତ୍ର ବିଡମ୍ବନାର ବିଷୟ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ କର୍ମଭୂମି କେନ୍ଦ୍ରପଡ଼ାରେ ଅଦ୍ୟାବଧି ମେଡିକାଲ କଲେଜ ପ୍ରତିଷ୍ଠା ହୋଇପାରିଲାନାହିଁ। କେନ୍ଦ୍ରପଡ଼ା ଜିଲାରେ ରେଳ ଯୋଗାଯୋଗ ସୁବିଧା ସାଙ୍ଗକୁ ଶିଳ୍ପ ପ୍ରତିଷ୍ଠା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାରୁ ଜିଲାରେ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଜିଲାବାସୀଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଜିଲା ସଦର ମହକୁମାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା କରିବା ଅବଶ୍ୟକ ହୋଇପଡ଼ିଛି। କେନ୍ଦ୍ରପଡ଼ା ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ନେଇ ଦଳମତ ନିର୍ବିଶେଷରେ ବିଭିନ୍ନ ରାଜନୈତିକ ଓ ଗଣସଙ୍ଗଠନ ପ୍ରତିନିଧିଙ୍କୁ ନେଇ ଗଠିତ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅତିତରେ ଜିଲାପାଳ ଅଫିସ ସମ୍ମୁଖରେ ଦୀର୍ଘଦିନ ଧରି ଧାରଣ, ଅନଶନ, ଆନ୍ଦୋଳନ କରାଯିବ ପରେ ଏହି ଦାବିକୁ ଅଧିକ ସୁଦୃଢ଼ ଓ ଶାଣିତ କରିବା ପାଇଁ ଆନ୍ଦୋଳନକୁ ବ୍ଲକସ୍ତରକୁ ନିଆଯାଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, କମିଟି ପକ୍ଷରୁ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମୁଖରେ ଧାରଣା ଦିଆଯିବା ସହ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପଟ୍ଟାମୁଣ୍ଡାଇ ବିଡିଓ ଶୁଭ୍ରାଂଶୁ ସାହୁଙ୍କୁ ପ୍ରଦାନ କରଯାଇଥିଲା।



ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମୁଖରେ ଧାରଣାରତ ମିଳିତ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ।

## ଭୋଟର କ୍ରମାଗତ ଭିନ୍ନ ଦଳର ନୂଆ ନେତୃତ୍ୱ ବାଛୁଛନ୍ତି

**ପଟ୍ଟାମୁଣ୍ଡାଇ, ୮।୨ (କଳ୍ପତରୁ ନାୟକ)**

### ରାଜନଗର ନିର୍ବାଚନମଣ୍ଡଳୀ

**ପାଖେଇ ଆସୁଛି ୨୦୨୪ ସାଧାରଣ ନିର୍ବାଚନ**



ଅଲେଖ ଜେନା



ଅଂଶୁମାନ ମହାନ୍ତି



ଧ୍ରୁବ ସାହୁ

ପାଖେଇ ଆସୁଛି ସାଧାରଣ ନିର୍ବାଚନ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଜିଲା ରାଜନଗର ନିର୍ବାଚନମଣ୍ଡଳୀର ନେତାମାନେ ତତ୍ପର ହୋଇଉଠିଲେଣି। ଏଭଳିସ୍ଥଳେ ପାନଦୋକନଠାରୁ ଆରମ୍ଭ କରି ବାଟଘାଟରେ କିଏ କେଉଁ ଦଳରୁ ପ୍ରାର୍ଥୀ ହେବ ସେ ନେଇ ଚର୍ଚ୍ଚା ଚାଲିଛି। ବିଭିନ୍ନ ଦଳରୁ ଆଶାୟୀଙ୍କ ଚଳପ୍ରଚଳ ବଢ଼ିଲାଣି। କଳେବଳେ କୌଶଳେ ଭୋଟରଙ୍କ ମନ ଜିଣିବା ପାଇଁ ପ୍ରାର୍ଥୀମାନେ ବିଭିନ୍ନ ପ୍ରଲୋଭନ ଦେଖାଇବା ସହ ଗାଁମୁହାଁ ହେବାରୁ ନିର୍ବାଚନୀ ବାତାବରଣ ଉଷ୍ମ ହେବାକୁ ଲାଗିଲାଣି। ପଟ୍ଟାମୁଣ୍ଡାଇ ବ୍ଲକର ୧୯ଟି ପଞ୍ଚାୟତ ଓ ପୌରାଞ୍ଚଳର ୨୦ ୱାର୍ଡ ଏବଂ ରାଜନଗର ବ୍ଲକର ୨୯ଟି ପଞ୍ଚାୟତକୁ ନେଇ ରାଜନଗର ନିର୍ବାଚନମଣ୍ଡଳୀର ବିଗତ ୩ଟି ନିର୍ବାଚନର ଫଳାଫଳକୁ ଅନୁଶୀଳନ କଲେ ସ୍ପଷ୍ଟ ହୋଇଯାଏ ଭୋଟର କ୍ରମାଗତ ଭାବେ ଭିନ୍ନ ଭିନ୍ନ ଦଳର ନୂଆ ନେତୃତ୍ୱଙ୍କୁ ବାଛିଛନ୍ତି।

୨୦୦୯ ପୂର୍ବରୁ ରାଜନଗର-ମହାକାଳପଡ଼ାରୁ କ୍ରମାଗତ ଭାବେ ୭ଥର ନିର୍ବାଚିତ ହୋଇ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନଳିନୀକାନ୍ତ ମହାନ୍ତି ରାଜ୍ୟ ରାଜନୀତିରେ ପ୍ରଭାବ ବିସ୍ତାର କରିଥିଲେ। ସୀମା ପୁନଃ ନିର୍ଦ୍ଧାରଣ ପରେ ୨୦୦୯ ପ୍ରଥମ ପଟ୍ଟାମୁଣ୍ଡାଇ-ରାଜନଗର ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଅଲେଖ ଜେନା କଂଗ୍ରେସ ପ୍ରାର୍ଥୀ ସ୍ୱର୍ଗତ ମହାନ୍ତିଙ୍କୁ ପରାସ୍ତ କରି ନିର୍ବାଚିତ ହୋଇଥିଲେ। ସେବେଠୁ ରାଜନଗରରେ ପରିବର୍ତ୍ତନର ଧାରା ଚାଲିଛି। ନଳିନୀଙ୍କ ଅବର୍ତ୍ତମାନରେ ୨୦୧୪ ବିଧାନସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଭାବେ ତାଙ୍କ ପୁତ୍ର ଯୁବନେତା ଅଂଶୁମାନ ମହାନ୍ତି ବିଜେଡି ପ୍ରାର୍ଥୀ ଧ୍ରୁବ ସାହୁଙ୍କୁ ପରାସ୍ତ କରି ନିର୍ବାଚିତ ହେବା ସହ ନିଜର ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। କାରଣ ଶେଷ ମୁହୂର୍ତ୍ତରେ ଅଲେଖଙ୍କୁ ବାଦ୍ ଦେଇ ବିଜେଡି ଯୁବ ନେତା ଧ୍ରୁବଙ୍କୁ ବାଛିଥିଲା। ହେଲେ ଧ୍ରୁବଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ୨୦୧୯ରେ ବିଜେଡିରୁ ଅନେକ ଆଶାୟୀ ପ୍ରାର୍ଥୀ ଥିଲେ ସୁଦ୍ଧା ଦଳ ଧ୍ରୁବଙ୍କୁ ରଣାଗନରେ ଛାଡ଼ିଥିଲା। କଂଗ୍ରେସ ନେତା ଅଂଶୁମାନଙ୍କ ସହ ତାଙ୍କୁ କଡ଼ା ଟକ୍କରର ସମ୍ମୁଖୀନ ହେବାକୁ ପଡ଼ିଥିଲେ ସୁଦ୍ଧା ବିପୁଳ ଭୋଟରେ ବିଜୟୀ ହୋଇ ବର୍ତ୍ତମାନର ବିଧାୟକ ଅଛନ୍ତି। ଅଲେଖ ଭାଜପାରୁ ପ୍ରାର୍ଥୀ ହୋଇ ପରାଜୟ ବରଣ କରିଥିଲେ। ମାତ୍ର ୨୦୨୪ ନିର୍ବାଚନରେ ରାଜନଗର ଆସନ ଦଖଲ ପାଇଁ ଶାସକ ବିଜେଡି, ବିରୋଧୀ କଂଗ୍ରେସ ଓ ଭାଜପା ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିବା ସହିତ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛନ୍ତି। ବିଜେଡି ପକ୍ଷରୁ ବର୍ତ୍ତମାନର ବିଧାୟକ ସାହୁ ପୁନରାୟ ଟିକେଟ ଆଶାରେ ସଙ୍ଗଠନକୁ ସୁଦୃଢ଼ କରିବାରେ ଲାଗିପଡିଛନ୍ତି। ଦଳରେ ତାଙ୍କ ବ୍ୟତୀତ ଏକାଧିକ ଟିକେଟ ଦାବିଦାର ବାହାରିବା ତାଙ୍କ ଅନୁଗତ ଶିବିର ପାଇଁ ଚିନ୍ତାର ବିଷୟ ହୋଇଛି। ଯାହା ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ଏକାଧିକ ଆଶାୟୀ ବାହାରିବା ଓ ଦଳୀୟ କନ୍ଦଳ ତେଜିବା ଯୋଗୁ ଧ୍ରୁବଙ୍କୁ ବେଶ୍ କସରତ କରିବାକୁ ପଡ଼ିଥିଲା।

ଅନ୍ୟପକ୍ଷରେ ଗତ ୩ଟି ନିର୍ବାଚନକୁ ଲକ୍ଷ୍ୟ କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବିବାଦୀୟ, ନିର୍ମଳ ଓ ସ୍ୱଚ୍ଛ ଭାବମୂର୍ତ୍ତି ପାଇଁ ରାଜ୍ୟ ରାଜନୀତିରେ ୨୦୦୯ରେ ୪୦ ପ୍ରତିଶତ ତାଙ୍କର ନିଜସ୍ୱ ଭୋଟ ଥିବାବେଳେ ତାହା ୨୦୧୪କୁ ୩୦ରୁ ୩୫, ୨୦୧୯ରେ ୨୫ ପ୍ରତିଶତ ଭୋଟ ରହିଆସିଥିବା ବେଳେ ୨୦୨୪କୁ ତାହା ୧୫ ପ୍ରତିଶତ ହୋଇଯାଇଛି ବୋଲି ରାଜନୈତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି। ଯଦି ବିଜେଡି ସୁପ୍ରିମୋ ୨୦୨୪ ନିର୍ବାଚନରେ ରାଜନଗରରୁ ଉପଯୁକ୍ତ ପ୍ରାର୍ଥୀଙ୍କୁ ଚୟନ ନ କରନ୍ତି ତା'ହେଲେ ବିଜେଡି ପରାଜୟର ସ୍ୱାଦ ଚାଖିବ ବୋଲି ସମୀକ୍ଷକମାନେ କହିଲେଣି।

ଅପରପକ୍ଷରେ କଂଗ୍ରେସ ନେତା ଅଂଶୁମାନଙ୍କ ନେତୃତ୍ୱ ପଞ୍ଚାୟତ ନିର୍ବାଚନ ହେଉ ଅବା ପୌର ନିର୍ବାଚନ, ସବୁଠି କଂଗ୍ରେସ ଦଳ ଶାସକ ବିଜେଡିକୁ ଅଡ଼ୁଆରେ ପକାଇ ଆସିଛି। ଗତ ଜିଲା ପରିଷଦ ନିର୍ବାଚନରେ କଂଗ୍ରେସ ଗୋଟିଏ ବି ଜୋନ୍ ହାତେଇବାକୁ ସମର୍ଥ ହୋଇ ନ ଥିଲେ ମଧ୍ୟ ଭଲ ପ୍ରତିଦ୍ୱନ୍ଦ୍ୱିତା କରିଥିଲା। ଏଣେ ଅଲେଖ ଜେନା ଭାଜପାରେ ଯୋଗ ଦେବା ପରଠାରୁ ୨ ସମାନ୍ତରାଳ ଗୋଷ୍ଠୀ ସୃଷ୍ଟି ହେବା ଦଳର ଶକ୍ତି ବୃଦ୍ଧି କରିବା ବଦଳରେ ଦଳ ପାଇଁ ସମସ୍ୟା ସୃଷ୍ଟି କରିଛି। ପୁରୁଣା ଭାଜପା ଓ ନୂଆ ଭାଜପା ମଧ୍ୟରେ ଛକାପଞ୍ଝା ଲାଗି ରହିବା ଫଳରେ ଦଳ ପଛକୁ ଟାଣି ହେଉଛି। ୨୦୧୯ ନିର୍ବାଚନରେ ଦଳ ୧୫.୫୩ ପ୍ରତିଶତ ଭୋଟ ପାଇ ତୃତୀୟ ସ୍ଥାନରେ ଥିଲା। ସେତେବେଳେ ୪୫.୯୩ ପ୍ରତିଶତ ଭୋଟ ପାଇ ବିଜେଡି ପ୍ରଥମ ଓ ୩୫.୨୨ ପ୍ରତିଶତ ଭୋଟ ପାଇ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହିଥିଲା। ରାଜନଗର ନିର୍ବାଚନମଣ୍ଡଳୀରେ କଂଗ୍ରେସ-ବିଜେଡିର ଦ୍ୱନ୍ଦ୍ୱଯୁଦ୍ଧରେ ଭାଜପା କେତେ ନିର୍ଣ୍ଣାୟକ ଭୂମିକା ନେଇପାରୁଛି ତାହା ଉପରେ ଏବେ ସବୁରି ନଜର ରହିଛି। ତେବେ ଉଭୟ ବିଜେଡି ଓ ଭାଜପାରେ ଦଳୀୟ କନ୍ଦଳ, ଏକାଧିକ ଆଶାୟୀଙ୍କ ଭିଡ଼ ଭଳି କିଛି ସମସ୍ୟା ରହିଛି, ଯେଉଁଥିରୁ ଫାଇଦା ଉଠାଇବାକୁ କଂଗ୍ରେସ ଅପେକ୍ଷା କରିରହିଛି ବୋଲି ସମୀକ୍ଷକମାନେ ମତ ରଖିଛନ୍ତି।

# ଡିଏଚ୍ଏଚ୍ ଲିଫ୍ଟରେ ନାବାଳିକାଙ୍କୁ ଅସଦାଚରଣ

ନୟାଗଡ଼,୮।୨(ଲୋକନାଥ ମିଶ୍ର)



ପୋଲିସ ହେପାଜତରେ ଥିବା ଅଭିଯୁକ୍ତ ।

■ଅଭିଯୁକ୍ତ ସଫେଇ କର୍ମଚାରୀ ଅଟକ
■ଚେତାଶୂନ୍ୟ ପରେ ଅଭିଯୁକ୍ତ ଫେରାର
■ରୋଗଣା ମା' ପାଇଁ ଔଷଧ ନେବାକୁ ଆସୁଥିଲେ ପୀଡ଼ିତା

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍ଏଚ୍) ଲିଫ୍ଟରେ ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ସଫେଇ କର୍ମଚାରୀ ଅସଦାଚରଣ କରିଛନ୍ତି । ଏହି ଘଟଣା ଜଣାପଡିବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଛି। ନାବାଳିକା ଲିଫ୍ଟରେ ଚେତାଶୂନ୍ୟ ହେବାପରେ ଅଭିଯୁକ୍ତ ସ୍ୱାସ୍ଥ୍ୟ କର୍ମଚାରୀ ଲିଫ୍ଟ ଛାଡି ପଳାଇ ଯାଇଛନ୍ତି। ରୋଗଣୀ ମା'ପାଇଁ ନିରାମୟ କେନ୍ଦ୍ରରୁ ଔଷଧ ଆଣିବାକୁ ଲିଫ୍ଟରେ ଯାଉଥିବାବେଳେ ନାବାଳିକାଙ୍କ ସହ ଏଭଳି ଘଟଣା ଘଟିଛି । ଏନେଇ ନୟାଗଡ଼ ଟାଉନ ଥାନାରେ ପୀଡ଼ିତାଙ୍କ ବାପା ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ଅଭିଯୁକ୍ତ କୁହାଯାଉଥିବା ନୂଆଗାଁ ଥାନା ମହିପୁର ଗାଁର ପ୍ରତାପ କୁମାର ନାହାକ(୪୦)ଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି।

ଅଭିଯୋଗ ଅନୁଯାୟୀ, ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଞ୍ଚଳର ଜଣେ ମହିଳାଙ୍କ ୨ କିଡ୍‌ନୀ ଖରାପ ହୋଇଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗତ ୨୩ ତାରିଖରେ ଭର୍ତ୍ତି କରାଯାଇଥିଲା। ସେ ଏବେ ମେଡିସିନ ୱାର୍ଡରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ସେବା କରିବା ପାଇଁ ପାଖରେ ୧୫ ବର୍ଷର ଝିଅ ଅଛନ୍ତି। ବୁଧବାର ରାତି ପ୍ରାୟ ୯ଟାରେ ମା'ଙ୍କ ପାଇଁ ଔଷଧ ନେବାକୁ ଝିଅ ଲିଫ୍ଟରେ ତଳ ମହଲାର ନିରାମୟ କେନ୍ଦ୍ରକୁ ଆସୁଥିଲେ। ଏହି ସମୟରେ ଜିଲା ମୁଖ୍ୟ ଚିକିତ୍ସାଳୟର ସଫେଇ କର୍ମଚାରୀ ପ୍ରତାପ ଲିଫ୍ଟରେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିବା ସହ ତାଙ୍କ ଶରୀରର ବିଭିନ୍ନ ଅଙ୍ଗକୁ ସ୍ପର୍ଶ କରିଥିଲେ । ପୀଡ଼ିତା କାନ୍ଦିବାରୁ ମା' ଓ ଝିଅକୁ ହତ୍ୟା ଧମକ ଦେଇ ପ୍ରତାପ ତାଙ୍କ ସହ ଅସଦାଚରଣ କରିଥିଲେ। ଏପରି ପରିସ୍ଥିତିରେ ପୀଡ଼ିତା ଲିଫ୍ଟରେ ଅଚେତ ହୋଇ ପଡ଼ିବାରୁ ପ୍ରତାପ ଭୟରେ ପଳାଇ ଯାଇଥିଲେ । କେତେଜଣ ଲୋକ ପୀଡ଼ିତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ନାବାଳିକା ୨ ଦିନ ହେଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

ଏନେଇ ପୀଡ଼ିତାଙ୍କ ବାପା କୁହନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟରେ ଅସଦାଚରଣ ଓ ବଳାତ୍କାର ଉଦ୍ୟମ ପରି ଘଟଣା ଛୋଟ କଥା ନୁହେଁ । ଏଭଳି ଘଟଣା ପରେ ଲିଫ୍ଟରେ ଯିବାକୁ ଝିଅ ବୋହୂମାନେ ଭୟ କଲେଣି । ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚୁରା କରୁଛି । ତେବେ ଅଭିଯୁକ୍ତଙ୍କୁ ଚାକିରିରୁ ବହିଷ୍କାର କରାଯିବା ସହ କଠୋର ଦଣ୍ଡରେ ଦଣ୍ଡିତ କରିବାକୁ ସେ ଅନୁରୋଧ କରିଛନ୍ତି । ନୟାଗଡ଼ ଟାଉନ ଥାନା ଆଇଆଇସି ବିଜୟା ସାହୁ ଓ ନୟାଗଡ଼ ଏସ୍‌ଡିପିଓ ସ୍ନେହାଶିଷ ସାହୁ କୁହନ୍ତି, ଅଭିଯୋଗ ପରେ ପୋଲିସ ସଫେଇ କର୍ମଚାରୀ ପ୍ରତାପଙ୍କୁ ଅଟକ ରଖି ପଚରାଉଚୁରା କରୁଛି । ଶୁକ୍ରବାର ଉଭୟଙ୍କୁ ଡାକ୍ତରୀ ମାଇନା କରାଯିବ । ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୪୫/୨୪)ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି ଉଭୟେ କହିଛନ୍ତି ।

# ତୃତୀୟ ଦିନରେ ନାଗରିକ ମଞ୍ଚର ଧାରଣା



ଧାରଣାରେ ବସିଥିବା ନାଗରିକ ମଞ୍ଚର କର୍ମକର୍ତ୍ତା।

ନୟାଗଡ଼,୮।୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକରେ ରହିଥିବା ଶରଣକୁଳ ଅଞ୍ଚଳର ବିକାଶ ଓ ଏଠାରେ ହୋଇଥିବା ଦୁର୍ନୀତିର ତଦନ୍ତ ଉଦ୍ଦେଶ୍ୟରେ ଶରଣକୁଳ ଥାନା ସମ୍ମୁଖ ବାପୁଜୀ ସେବା ସଂଘ ପରିସରରେ ଚାଲୁ ରହିଥିବା ଧାରଣା ତୃତୀୟ ଦିବସରେ ପହଞ୍ଚିଛି ।

ଅଭିଯୋଗ ଅନୁଯାୟୀ, ଚିନାମାଳି ଗହିରରେ ଜଳସେଚନର ସୁବିଧା କରାଯାଉ । ଧାନ କୁଇଣ୍ଟାଲ ପିଛା ଚାଷୀ ଧାନ ମଣ୍ଡିରେ ୩୨୦୦ ଟଙ୍କା ବିକ୍ରି କରୁ । ଏଥି ସହ କୁଇଣ୍ଟାଲ ପିଛା ବୋନସ ୧୨୦୦ ଟଙ୍କା ରଖିବାର ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ସେହିଭଳି ଶରଣକୁଳକୁ ଏନ୍ଏସିର ମାନ୍ୟତା, ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ସଂଖ୍ୟା ବୃଦ୍ଧି ପରି ଅନୁରୂପ ଦାବି ରହିଛି । ଚିଟ୍‌ଫଣ୍ଡ ଟଙ୍କା ଜମାକାରୀଙ୍କୁ ଫେରସ୍ତ, ବସୁଧା ଯୋଜନାକୁ ସଫଳ କରାଇବା, ୫-ଟି ଯୋଜନାରେ ସ୍କୁଲରେ ହୋଇଥିବା କାର୍ଯ୍ୟର ତଦନ୍ତ, ଶରଣକୁଳ ଅଞ୍ଚଳରେ ଶୀତଳଭଣ୍ଡାର ସ୍ଥାପନ କରିବା ମଧ୍ୟ ଦାବି ରହିଛି। ଧାରଣା ୨ ଦିନ ଧରି ଚାଲୁ ରହିବା ପରେ ଓଡ଼ଗାଁ ତହସିଲଦାର ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ । ତେବେ ଦାବି ପୂରଣ ନେଇ ଲିଖିତ ପ୍ରତିଶ୍ରୁତି ନ ଦେବାରୁ ଧାରଣା ପ୍ରତ୍ୟାହୃତ ନ ହୋଇ ପୁଣି ଚାଲୁ ରହିଥିଲା । ଶରଣକୁଳ ନାଗରିକ ମଞ୍ଚ ସଭାପତି ଋଷିଆ ପ୍ରଧାନ ଓ ସମ୍ପାଦକ କବୀର ପ୍ରଧାନଙ୍କ ଉପସ୍ଥିତିରେ ପୂର୍ବତନ ଜିଲା ପରିଷଦ ସଭ୍ୟ ମଦନ ନନ୍ଦ, ଶରଣକୁଳ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ମନୋରଞ୍ଜନ ମହାପାତ୍ର, ଶତ୍ରୁଘ୍ନ ରାଉତ, ଅବସରପ୍ରାପ୍ତ ସୈନିକ ରବି ମିଶ୍ର ଓ କୁମାର ବରାଡ ପ୍ରମୁଖ ଗୁରୁବାର ଧାରଣା ଦେଇଥିଲେ । ପ୍ରଶାସନ ଆନ୍ଦୋଳନକାରୀଙ୍କ ଦାବୀ ପୂରଣ ନ କଲେ ଆନ୍ଦୋଳନ ପ୍ରତ୍ୟାହୃତ ହେବ ନାହିଁ ବୋଲି ଚେତାବନୀ ଦିଆଯାଇଛି ।

# ମଶାରି ଭିତରୁ ଟାଣିନେଇ ବୃଦ୍ଧଙ୍କୁ କଚାଡ଼ି ଦେଲା ଦନ୍ତା

**ରଣପୁର,୮।୨(ସୁକାନ୍ତ କିଶୋର ଡାକୁଆ):** ନୟାଗଡ଼ ଜିଲା ରଣପୁର କଦମଝୋଲାଗ୍ରାମରେ ବୁଧବାର ମଧରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଘରେ ମଶାରୀ ଟାଣି ଶୋଇଥିବା ଜଣେ ବୃଦ୍ଧଙ୍କୁ ଏକ ଦନ୍ତାହାତୀ ଶୁଣ୍ଢରେ ଟାଣି ନେଇ କଚାଡ଼ି ଦେବା ଫଳରେ ସେ ଗୁରୁତର ହୋଇଛନ୍ତି। ପରିବାର ଲୋକଙ୍କ ସହିତ ଗ୍ରାମବାସୀ ତାଙ୍କୁ ପ୍ରଥମେ ଟାଙ୍ଗୀ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଗତ କିଛିଦିନହେବ ଜଙ୍ଗଲରେ ରହୁଥିବା ୨୦ରୁ ଉର୍ଦ୍ଧ୍ୱ ହାତୀପଲରୁ ଗୋଟିଏ ଦନ୍ତା ଏକୁଟିଆ ଜଙ୍ଗଲ ଓ ଆଖପାଖ ଗ୍ରାମରେ ବୁଲୁଥିଲା । ଏଥିରେ ଲୋକମାନେ ଭୟଭୀତ ହୋଇ ରହୁଥିଲେ। ବୁଧବାର ରାତିରେ ଗଣେଶ ନାୟକ(୬୫) ଘରେ ମଶାରୀ ବାନ୍ଧି ଶୋଇଥିଲେ । ହାତୀଟି ତାଙ୍କ ଘରର ଟାଟି କବାଟ ଭାଙ୍ଗି ଘରେ ପଶିବାକୁ ଉଦ୍ୟମ କରିଥିଲା । ଏହାପରେ ଖାଦ୍ୟ ଭାବି ମଶାରୀ ଭିତରୁ ଶୁଣ୍ଢରେ ବୃଦ୍ଧଙ୍କୁ ଟେକି ନେଇ କଚାଡ଼ି ଦେଇଥିଲା । ଗଣେଶ ହାତୀ କବଳରୁ ଖସିଯିବାକୁ ଦୌଡ଼ିବାକୁ ଚେଷ୍ଟା କରିଥିଲେ ମଧ୍ୟ ହାତୀଟି ତାଙ୍କୁ ଆକ୍ରମଣ କରିଥିଲା । ଫଳରେ ତାଙ୍କ ହାତ ହାଡ଼ ଭାଙ୍ଗିଯିବା ସହିତ ପେଟରେ କ୍ଷତ ସୃଷ୍ଟି ହୋଇଛି ।



ଆହତ ଗଣେଶଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି ।

# ପାନୀୟ ଜଳ ପାଇଁ ଲୋକେ ହନ୍ତସନ୍ତ

ଦଶପଲ୍ଲା,୮।୧
(ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକର ଆଦିବାସୀ ବହୁଳ କଳସଆଖମଣ ପଞ୍ଚାୟତର କାଣିପଦର ଗ୍ରାମରେ ପାନୀୟ ଜଳର ଅଭାବ ଯୋଗୁ ଲୋକମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଉକ୍ତ ଗ୍ରାମରେ ସୋଲାର ପ୍ରକଳ୍ପ ମାଧ୍ୟମରେ ପାନୀୟ ଜଳଯୋଗାଣ ହୋଇଥାଏ। କିନ୍ତୁ ଉକ୍ତ ପ୍ରକଳ୍ପ ଅଚଳ ହୋଇପଡିଥିବାରୁ ଜନସାଧାରଣ ଦୀର୍ଘ ଦିନ ହେଲା ପାନୀୟ ଜଳଯୋଗାଣ ବନ୍ଦ ହୋଇଯାଇଛି । ଏହାର ମରାମତି କରିବା ପାଇଁ ବିଭାଗୀୟ କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଇନାହିଁ। ଏ ସମ୍ପର୍କରେ ଗୁରୁବାର ବିଭାଗୀୟ କାର୍ଯ୍ୟାଳୟକୁ ପୁନର୍ବାର ଦାବି ପତ୍ର ପ୍ରଦାନ କରି ମରାମତି ପାଇଁ ଦାବି କରାଯାଇଛି । ଏହା ଯଦି ମରାମତି ଶିଘ୍ର କରା ନ ଯାଏ ଆନ୍ଦୋଳନ କରାଯିବ ବୋଲି ପୂର୍ବତନ ଜିଲାପରିଷଦ ସଭ୍ୟ କିଶୋର ଦଳବେହେରା କହିଛନ୍ତି।

# ପୋଖରୀରେ ବୁଡ଼ି ବୃଦ୍ଧା ମୃତ

ଭାପୁର,୮।୨
(ଭରତ କୁମାର ବେହେରା )

ନୟାଗଡ଼ ଜିଲା ଫତେଗଡ଼ ଥାନା ଅନ୍ତର୍ଗତ ଭାପୁର ପଞ୍ଚାୟତ ନିହଲପ୍ରସାଦ ଗ୍ରାମରେ ଜଣେ ବୃଦ୍ଧା ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି । ସେ ହେଲେ ବୈକୁଣ୍ଠ ପାଳଙ୍କ ସ୍ତ୍ରୀ ରମା ପାଳ (୬୧)। ଗୁରୁବାର ସକାଳ ପ୍ରାୟ ୯ଟା ବେଳେ ସେ ସ୍ନାନ କରିବାକୁ ଯାଇଥିଲେ। ପୋଖରୀରେ ଗାଧୋଉଥିବା ବେଳେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ିଯାଇଥିଲେ। ଗ୍ରାମର କେତେଜଣ ଯୁବକ ତାଙ୍କୁ ଉଦ୍ଧାର କରି ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭାପୁର ଫାଣ୍ଡି ଅଧିକାରୀ ସଞ୍ଜୟ କୁମାର ପରିଡା ଓ ପୋଲିସ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି । ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଦୀପ୍ତାଞ୍ଜଳି



@ କାହ୍ନା



@ ସୁଶାନ୍ତ



@ ପ୍ରଭାସ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କେରଳ ସଙ୍ଗତି ଦିବସ ପାଳିତ

**ବାମପନ୍ଥୀ ସରକାରଙ୍କୁ କେନ୍ଦ୍ରର ଆର୍ଥିକ କଟକଣାକୁ ବିରୋଧ**

**ନୟାଗଡ଼,୮।୨(ଲୋକନାଥ ମିଶ୍ର):** ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇ(ଏମ୍) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇ କେରଳ-ସଙ୍ଗତି ଦିବସ ଗୁରୁବାର ପାଳନ କରାଯାଇଛି। କେରଳର ବାମପନ୍ଥୀ ସରକାରକୁ କେନ୍ଦ୍ରର ଆର୍ଥିକ କଟକଣାର ବିରୋଧ କରାଯାଇ ସମାଲୋଚନା କରାଯାଇଛି। ସିପିଆଇ(ଏମ୍) ବରିଷ୍ଠ ନେତା ବିଶ୍ୱନାଥ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରି କହିଥିଲେ ଭାଜପା ସରକାର ଜାଣିଶୁଣି କେରଳ ରାଜ୍ୟର ପ୍ରଗତିଶୀଳ ବାମପନ୍ଥୀ ସରକାରକୁ ଆର୍ଥିକ ସଙ୍କଟ ଭିତରକୁ ଠେଲିବା ପାଇଁ ନାନାପ୍ରକାର ଆର୍ଥିକ କଟକଣା ଲାଗୁ କରୁଛନ୍ତି। କେନ୍ଦ୍ର ସରକାରଙ୍କ ପଦକ୍ଷେପ ଭାରତର ସଙ୍ଘୀୟ ଗଣତନ୍ତ୍ର ଉପରେ କୁଠାରାଘାତ କରିଛି। ରାଜ୍ୟ,କେନ୍ଦ୍ର ସମ୍ପର୍କରେ ତିକ୍ତତା ବୃଦ୍ଧି କରୁଛି। କେରଳ ରାଜ୍ୟର ପ୍ରଗତିଶୀଳ ପଦକ୍ଷେପକୁ ରୋକ ଲଗାଇବା ପାଇଁ କେନ୍ଦ୍ରୀୟ ପ୍ରତିନିଧି ରାଜ୍ୟପାଳଙ୍କୁ ହତିଆର ଭାବେ ବ୍ୟବହାର କରୁଛନ୍ତି। ସିପିଆଇ(ଏମ୍) ପକ୍ଷରୁ ଜୋରଦାର ପ୍ରତିବାଦ କରାଯିବ ବୋଲି କହିଛନ୍ତି। ପରେ ସିପିଆଇ(ଏମ୍)ର ପ୍ରତିନିଧିମାନେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳ ସ୍ୱାଧଦେବ ସିଂହଙ୍କ ଜରିଆରେ ପଠାଇଛନ୍ତି। ବିକ୍ଷୋଭରେ ସୁରେଶ ସ୍ୱାଇଁ, ଏସ.ଏ.କରିମ, କୁଳମଣି ପୃଷ୍ଟି ପ୍ରମୁଖ ସାମିଲ ହୋଇଥିଲେ।

# ଅଚଳାବସ୍ଥା ପରେ ଅଙ୍ଗନୱାଡି କେନ୍ଦ୍ରରେ ତାଲା ଝୁଲିଲା

ନୟାଗଡ/ନୂଆଗାଁ ,୭।୨
(ଲୋକନାଥ ମିଶ୍ର/ଧନେଶ୍ୱର ସାହୁ)



ଅଙ୍ଗନୱାଡି କାର୍ଯ୍ୟାଳୟରେ ତାଲା ଝୁଲୁଛି।

■ଲୋକେ ସିଡିପିଓଙ୍କ ତଦନ୍ତକୁ କଲେ ବିରୋଧ
■ଅଙ୍ଗନୱାଡି କର୍ମୀଙ୍କୁ ବହିଷ୍କାର ଦାବି
■ସକାଳ ଜଳଖିଆରେ ବାହାରୁଥିଲେ ମଲା ପିମ୍ପୁଡି ଓ ଜନ୍ଦା
■ଶିଶୁଙ୍କୁ ମାରପିଟ୍ ଓ ଜାତିଆଣ ଆକ୍ଷେପ କରାଯାଉଥିଲା

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସିକ୍ରିଡା ପଞ୍ଚାୟତ ବଡବାରଣା ସରକାରୀ ପ୍ରାଥମିକ ବିଦ୍ୟାଳୟ କୃଷ୍ଣପ୍ରସାଦ-୨ ଅଙ୍ଗନୱାଡି କେନ୍ଦ୍ରରେ ଦୀର୍ଘ ୨ମାସ ହେଲା ଲାଗି ରହିଥିବା ଅଚଳାବସ୍ଥା ପରେ କେନ୍ଦ୍ରରେ ଗାଁ ଲୋକ ଗୁରୁବାର ତାଲା ପକାଇ ଦେଇଛନ୍ତି। ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ ବାରମ୍ବାର ଅଭିଯୋଗ ପରେ ଘଟଣାର ତଦନ୍ତ ନ କରି ନୂଆଗାଁ ସିଡିପିଓ ଘଟଣାକୁ ସମାଧାନ କରିବାକୁ ଆସିବା ପରେ ଗାଁ ଲୋକ ଉତ୍ତେଜିତ ହୋଇ ଏହାର ପ୍ରତିବାଦ କରିଛନ୍ତି । ଅଙ୍ଗନୱାଡି କର୍ମୀଙ୍କୁ ବହିଷ୍କାର କରା ନ ଗଲେ କେନ୍ଦ୍ରରୁ ତାଲା ଖୋଲିବନି ବୋଲି ଗାଁ ଲୋକ ଚେତାବନୀ ଦେଇଛନ୍ତି ।

ଶିଶୁଙ୍କୁ ଦିଆଯାଉଥିବା ସକାଳ ଜଳଖିଆରେ ମଲା ପିମ୍ପୁଡି ଓ ଜନ୍ଦା ବାହାରିବା ପରି ଅଭିଯୋଗ ହୋଇ ଆସୁଥିଲା । ସେହିପରି ଶିଶୁଙ୍କୁ କେନ୍ଦ୍ରରେ ମାରପିଟ୍ ଓ ଜାତିଆଣ ଆକ୍ଷେପ କରାଯାଉଥିବାର ଅଭିଯୋଗ ରହିଥିଲା। ପ୍ରତିବାଦ କଲେ ଅଭିଭାବକଙ୍କୁ ଗାଳିଗୁଲଜ ଓ ଜାତିଆଣ ଆକ୍ଷେପ କରାଯାଉଥିଲା। ଅଙ୍ଗନୱାଡି କର୍ମୀଙ୍କ ଔଦ୍ଧତ୍ୟ ନେଇ ଗାଁ ଲୋକ ଜିଲାପାଳ, ଜିଲା ସମାଜ ମଙ୍ଗଳ ଅଧିକାରୀ ଓ ସିଡିପିଓଙ୍କ ନିକଟରେ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା । ଏଭଳିସ୍ଥଳେ ଅଭିଭାବକମାନେ ଶିଶୁକୁ ଅଙ୍ଗନୱାଡି କେନ୍ଦ୍ରକୁ ନ ଛାଡି ୨ମାସ ହେଲା ପ୍ରତିବାଦ କରିଥିଲେ। ଅଙ୍ଗନୱାଡି କର୍ମୀ ଓ ଗାଁ ଲୋକଙ୍କ ମଧ୍ୟରେ ବିବାଦ କାରଣରୁ କୃଷ୍ଣପ୍ରସାଦ ୨ ଅଙ୍ଗନୱାଡି କେନ୍ଦ୍ରରେ ୨ମାସ ହେଲା ଅଚଳାବସ୍ଥା ଦେଖା ଦେଇଥିଲା।

କୃଷ୍ଣପ୍ରସାଦ-୨ ଅଙ୍ଗନବାଡି କେନ୍ଦ୍ରରେ ମଙ୍ଗଳପୁର, ବଡବାରଣା, ଅମେଇମୁହାଁ ଓ ଦୁମଦୁମାପଲି ଗ୍ରାମର ୧୩ ଜଣ ଶିଶୁ ପାଠ ପଢୁଛନ୍ତି। ଏଠାରେ ଅଙ୍ଗନୱାଡି କର୍ମୀ ରୋସାଲିନ ମହାନ୍ତି ଓ ସହାୟିକା ରୂପାଲି ଅପରାଜିତା ମହାନ୍ତି ନିଯୁକ୍ତି ପାଇଛନ୍ତି। ଏନେଇ ବଡବାରଣା ଗାଁର ସଭାପତି ସମୀର ମହାନ୍ତି କୁହନ୍ତି, ଶିଶୁମାନଙ୍କୁ ଶ୍ରେଣୀ ଗୃହରେ ଅଙ୍ଗନୱାଡି କର୍ମୀ ଠିକରେ ପାଠ ପଢ଼ାଉ ନ ଥିଲେ। ଶିଶୁଙ୍କୁ ଟିକେ ଟିକେ କଥାରେ ଗାଳିଗୁଲଜ ଓ ମାରପିଟ୍ କରନ୍ତି। ଅଭିଭାବକ ପ୍ରତିବାଦ କଲେ ତାଙ୍କୁ ଗାଳିଗୁଲଜ ଓ ଜାତିଆଣ ଆକ୍ଷେପ କରନ୍ତି। ଗାଁ ଲୋକ ଓ ଅଭିଭାବକଙ୍କର ଅଭିଯୋଗକୁ ଅଙ୍ଗନୱାଡି କର୍ମୀ ସବୁବେଳେ ଅଣଦେଖା କରନ୍ତି। ନିର୍ଯାତନା ବଢ଼ି ଚାଲିବା ପରେ ଗାଁଲୋକ ଜିଲାପାଳ, ଜିଲା ସମାଜ ମଙ୍ଗଳ ଅଧିକାରୀ, ସିଡିପିଓଙ୍କୁ ଅଭିଯୋଗ ବାରମ୍ବାର କରି ସୁଫଳ ପାଇଲେ ନାହିଁ। ଶେଷରେ ଗୁରୁବାର ସିଡିପିଓ ବିବାଦକୁ ସମାଧାନ କରିବାକୁ ଆସିଥିଲେ। ହେଲେ ଗାଁ ଲୋକ ସମାଧାନକୁ ଅରାଜି ହୋଇଥିଲେ। ଏପରିକି ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ବହିଷ୍କାର ଦାବିକୁ ଅଡି ବସି ଅସଫଳ ହେବାରୁ ଗୁରୁବାର ଠାରୁ କେନ୍ଦ୍ରରେ ତାଲା ପକାଇଛନ୍ତି। ଗାଁଲୋକଙ୍କୁ ହଇରାଣ କରିବାକୁ ବାସନ୍ଦ ପରି ମିଥ୍ୟା ଅଭିଯୋଗ ଆଣି ଅଙ୍ଗନୱାଡି କର୍ମୀ ଗାଁ ଲୋକଙ୍କୁ ଭାଗ ଭାଗ କରି ବିବାଦକୁ ଭିନ୍ନ ରୂପ ଦେବାକୁ ଉଦ୍ୟମ କରୁଛନ୍ତି । ପୁଣି ଶାଶୁ ଶ୍ୱଶୁର ଓ ପୁଅ ବୋହୂ ମାରପିଟ୍ ଘଟଣାରେ ଶାଶୁ ଶ୍ୱଶୁରକୁ ଗାଁ ଲୋକ ସହଯୋଗ କରି ଅଙ୍ଗନୱାଡି କର୍ମୀଙ୍କୁ ବହିଷ୍କାର କରିବାକୁ ଲାଗି ପଡିଥିବା ଅଭିଯୋଗ ମଧ୍ୟ ମିଥ୍ୟା ବୋଲି କହି ନ୍ୟାୟ ମାଗିଛନ୍ତି।

ଅମେଇମୁହାଁ ଗାଁ ସମ୍ପାଦକ ଉପେନ୍ଦ୍ର ନାୟକ କୁହନ୍ତି,ଅଙ୍ଗନୱାଡି କର୍ମୀ ପାଠ ପଢ଼ାଇବା ବଦଳରେ ରାଜନୀତି କରୁଛନ୍ତି। କେନ୍ଦ୍ରକୁ ପିଲେ ପାଠପଢ଼ି ଯିବେ ନାଁ କେବଳ ଖାଇବାକୁ ଯିବେ ବୋଲି ପ୍ରଶ୍ନ କରିଛନ୍ତି। କେନ୍ଦ୍ରରେ ଜଳଖିଆ, ପାଠପଢ଼ାରେ ଅବ୍ୟବସ୍ଥା ବିରୋଧରେ ଗାଁଲୋକ ଏକାଠି ହୋଇ ନ୍ୟାୟ ମାଗିଛନ୍ତି। ଅଙ୍ଗନୱାଡି କର୍ମୀ ରୋସାଲିନ ମହାନ୍ତି କୁହନ୍ତି, ଗତ ଡିସେମ୍ବର ୧୬ରେ ଆମ ପରିବାରରେ ଶାଶୁ ଶ୍ୱଶୁର ବନାମ ପୁଅ ବୋହୂଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ଏହି ଘଟଣାରେ ଗାଁଲୋକ ମିଳିତ ହୋଇ ଶାଶୁ ଶ୍ୱଶୁରଙ୍କୁ ସହଯୋଗ କରି ମୋତେ ବହିଷ୍କାର କରିବାକୁ ଉଦ୍ୟମ କରିଛନ୍ତି। ମୋ ନାଁରେ ବିଭିନ୍ନ ପ୍ରକାରର ମିଥ୍ୟା ଅଭିଯୋଗ କରି ମୋତେ ହଇରାଣ କରିବାକୁ ଚେଷ୍ଟା କରୁଛନ୍ତି। ପୁଣି ଅଙ୍ଗନୱାଡି କେନ୍ଦ୍ରରେ ସହାୟିକା ମୋତେ କାଢ଼ି ନିଜେ ପାଠ ପଢ଼ାଇବାକୁ ଗାଁ ଲୋକଙ୍କ ସହ ମିଶି ମୋତେ ହଇରାଣ କରୁଛି। ନିଜେ କେନ୍ଦ୍ରକୁ ଆସୁନାହାନ୍ତି କିନ୍ତୁ ମୁଁ କାମ ଠିକରେ କରୁନି ଅଭିଯୋଗ କରୁଛନ୍ତି। ବଡବେରଣା କେନ୍ଦ୍ରକୁ ୫ଜଣ ଶିଶୁ ଆସୁଥିବାବେଳେ ୪ଜଣଙ୍କୁ ଗାଁ ଲୋକ ବନ୍ଦ କରିଦେଲେ। କେବଳ ଜଣେ ଶିଶୁଙ୍କୁ ନେଇ ମୁଁ ପ୍ରତିଦିନ ଡ୍ୟୁଟି କରୁଛି। ଅନ୍ୟପକ୍ଷେ ଅମେଇମୁହାଁ ଗାଁରେ ପଡାପୃଷ୍ଟି ଯୋଜନାରେ ୬ ଶିଶୁଙ୍କୁ ଖାଦ୍ୟ ବଣ୍ଟନ କରାଯାଉଛି। ପାରିବାରିକ ବିବାଦକୁ କେନ୍ଦ୍ରରେ ନ ଶୁଣିବାକୁ ମୋ ପରାମର୍ଶକୁ ଗାଁଲୋକ ମାନୁ ନାହାନ୍ତି। ମୁଁ ନ୍ୟାୟରେ ଥିବାବେଳେ ଡ୍ୟୁଟି ଠିକରେ କରୁଥିବାରୁ ସବୁ ପ୍ରକାରର ତଦନ୍ତକୁ ସ୍ୱାଗତ କରୁଛି ବୋଲି କହିଥିଲେ। ଅନ୍ୟପକ୍ଷେ କାନ୍ଦି କାନ୍ଦି କହିଛନ୍ତି ଗାଁଲୋକ ମୋତେ ଓ ମୋ ପରିବାରକୁ ବାସନ୍ଦ କରିଛନ୍ତି। ମୋ ଶିଶୁକନ୍ୟାକୁ ଅଙ୍ଗନୱାଡି କେନ୍ଦ୍ରରେ ବିଷ ଦେଇ ମାରି ଦେବାକୁ ଓ ମିଥ୍ୟା ମୋକଦ୍ଦମାରେ ଫସାଇ ଜେଲ ପଠାଇ ଦେବାକୁ ଧମକ ଦେଇଥିବା କହିଛନ୍ତି। ନୂଆଗାଁ ସିଡିପିଓ ଶୁଭ୍ରକେଶୀ ମଲ୍ଲିକ କୁହନ୍ତି, ଗାଁଲୋକ ଓ ଅଙ୍ଗନୱାଡି କର୍ମୀଙ୍କ ମଧ୍ୟରେ ଦେଖା ଦେଇଥିବା ବିବାଦକୁ ସମାଧାନ କରିବାକୁ ମୁଁ ଓ ନୂଆଗାଁ ସେକ୍ସନ ସୁପରଭାଇଜର ଗୁରୁବାର କେନ୍ଦ୍ରକୁ ଯାଇଥିଲୁ। କେନ୍ଦ୍ର ବାରଣ୍ଡାରେ ଆଲୋଚନା ହୋଇଥିଲା। ହେଲେ କିଛି ନିର୍ଯାସ ବାହାରିଲାନି। ଗାଁଲୋକ ଅଙ୍ଗନୱାଡି କର୍ମୀଙ୍କ ବହିଷ୍କାର ଦାବି କରୁଥିବା ବେଳେ ତାହା ମୋ କ୍ଷମତା ବାହାରେ ଅଟେ। ମୁଁ ଘଟଣା ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଇବି ବୋଲି କହିଛନ୍ତି। ଜିଲା ସମାଜ ମଙ୍ଗଳ ଅଧିକାରୀ ଅର୍ଚ୍ଚନା କଅଁର କୁହନ୍ତି, ଘଟଣାର ତଦନ୍ତ ଚାଲିଛି। ତଦନ୍ତ ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ କହିଛନ୍ତି।

# ଶିକ୍ଷା: ସମୃଦ୍ଧ ଜୀବନ ପାଇଁ ୩୩,୮୬୫ କୋଟି



ରାଜ୍ୟର ଅନ୍ୟତମ ପ୍ରମୁଖ କ୍ଷେତ୍ର ଶିକ୍ଷା ପାଇଁ ରାଜ୍ୟ ସରକାର ବଜେଟରେ ୩୩୮୬୫ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୨୪୭୬୪ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସେହିପରି ମୋ ସ୍କୁଲ ଅଭିଯାନ ଅଧୀନରେ ରାଜ୍ୟ ସରକାର ୫୨୧ କୋଟି ଟଙ୍କା ଖର୍ଚ୍ଚ କରିବେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୮୮୦ କୋଟି ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ୫-ଟି ଅଧୀନରେ ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ ଯୋଜନା ପାଇଁ ୧୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ୧୭୮ କୋଟି ଟଙ୍କାର ରାଜ୍ୟ ସହାୟତା ସହିତ ପିଏମ୍ ପୋଷଣ ପାଇଁ ୧୧୭୫ କୋଟି ଟଙ୍କା ଏବଂ ୪୭୬ କୋଟି ଟଙ୍କାର ରାଜ୍ୟ ସହାୟତା ସହିତ ସମଗ୍ର ଶିକ୍ଷା ପାଇଁ ୪୭୧୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସରକାରୀ ଅନୁଦାନପ୍ରାପ୍ତ, ବ୍ଲକ୍ ଗ୍ରାଣ୍ଟ ହାଇସ୍କୁଲ୍, ସଂସ୍କୃତ ଟୋଲ୍ ଏବଂ ମଦ୍ରାସାର ୯ମ ଶ୍ରେଣୀରେ ପଢୁଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ମାଗଣା ସାଇକେଲ୍ ଯୋଗାଇଦେବା ନିମନ୍ତେ ଗଙ୍ଗାଧର ମେହେର ଶିକ୍ଷା ମାନକ କୃଷି ଯୋଜନା ଅଧୀନରେ ୩୯୦ କୋଟି ଟଙ୍କା ବ୍ୟୟ ହେବ। ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ର ପରିଧାନ ଯୋଜନା ପାଇଁ ୧୦୮ କୋଟି ଟଙ୍କା, ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନାରେ ୧୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ପାଇଁ ରାଜ୍ୟ ସରକାର ବଜେଟରେ ୩୪୭୦ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ ନିମନ୍ତେ ୨୦୫ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। କମ୍ପ୍ୟୁଟରୀକରଣ ଏବଂ ଇ-ଗଭର୍ନାନ୍ସ ପାଇଁ ୧୧୬ କୋଟି ଟଙ୍କା, ବେସରକାରୀ ମହାବିଦ୍ୟାଳୟଗୁଡ଼ିକ ନିମନ୍ତେ ଅନୁଦାନ ବାବଦରେ ୬୮୩ କୋଟି ଟଙ୍କା, ଯୁବ କଲ୍ୟାଣ କାର୍ଯ୍ୟକ୍ରମ ପାଇଁ ୬୭ କୋଟି ଏବଂ ଉଚ୍ଚଶିକ୍ଷା ମେଧାବୃତ୍ତି ପାଇଁ ୮୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଓଡ଼ିଶା ୟୁନିଭର୍ସିଟି ରିସର୍ଚ୍ଚ ଆଣ୍ଡ ଇନୋଭେଶନ ଇନ୍‌ସେଣ୍ଟିଭେଶନ୍ ପ୍ଲାନ୍ ନିମନ୍ତେ ୩୬ କୋଟି ଟଙ୍କା ଏବଂ ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟ ଲାଗି ୫୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଦକ୍ଷତା ବିକାଶ ବୈଷୟିକ ଶିକ୍ଷା ପାଇଁ ୧୫୮୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଓଡ଼ିଶା ଦକ୍ଷତା ବିକାଶ ପ୍ରକଳ୍ପ ଅଧୀନରେ ଶିଳ୍ପ ସହ ଜଡ଼ିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ଏବଂ ରାଜ୍ୟର ଯୁବତୀଯୁବକଙ୍କ ନିଯୁକ୍ତି ଦକ୍ଷତା ବୃଦ୍ଧି ପାଇଁ ୧୦୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। କ୍ଲାଉଡ୍ କମ୍ପ୍ୟୁଟିଂ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ଅଗମେଣ୍ଟେଡ୍ ରିଆଲିଟି-ଭର୍ଚୁଆଲ୍ ରିଆଲିଟି, ତଥ୍ୟ ବିଜ୍ଞାନ, ୩-ଡି ପ୍ରିଣ୍ଟିଂ ଭଳି ଭବିଷ୍ୟତ ଟେକ୍ନୋଲୋଜିରେ ଏକ ଲକ୍ଷ ଯୁବକଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ନୂଆ 'ଓଡ଼ିଶା ଯୋଜନା'ରେ ୧୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରାଜ୍ୟ ସରକାର ସ୍ୱରୋଜଗାର ଯୋଜନା ମିଶନ ପାଇଁ ୫୨ କୋଟି ଟଙ୍କା ଖର୍ଚ୍ଚ କରିବେ। ସେହିପରି ବୈଷୟିକ ବିଶ୍ୱବିଦ୍ୟାଳୟ, ଇଞ୍ଜିନିୟରିଂ କଲେଜ, ପଲିଟେକ୍ନିକ୍ ଓ ଆଇଟିଆଇର ବିକାଶ ପାଇଁ ୧୭୫ କୋଟି ଟଙ୍କା ବ୍ୟୟ କରିବେ। ଭୁବନେଶ୍ୱରସ୍ଥିତ ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ (ଓୟୁଟିଆର୍) ପାଇଁ ୨୦୦ କୋଟି ଟଙ୍କା ଏବଂ ବୁର୍ଲାର ଭିସ୍ୟୁଟ୍ ନିମନ୍ତେ ୨୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

## ୪ ମାସ ପାଇଁ ବିଭାଗ ଅନୁଯାୟୀ ଆବଣ୍ଟନ (ହଜାର ଟଙ୍କାରେ ହିସାବ)

| | |
|---|---|
| ୧ | ଗୃହ ବିଭାଗ-୩୮୨୯,୫୮,୦୩ |
| ୨ | ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ-୨୯୭,୦୬,୧୪ |
| ୩ | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ-୭୩୬,୧୩, ୨୧ |
| ୪ | ଆଇନ ବିଭାଗ-୩୭୦,୩୫,୦୬ |
| ୫ | ଅର୍ଥ ବିଭାଗ-୧୩୮୩,୦୪,୦୩ |
| ୬ | ବାଣିଜ୍ୟ ବିଭାଗ-୮୭,୮୮,୪୯ |
| ୭ | ନିର୍ମାଣ ବିଭାଗ-୫୪୦୯,୦୦,୦୦ |
| ୮ | ଓଡ଼ିଶା ବିଧାନସଭା-୩୫,୭୯,୧୪ |
| ୯ | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ-୧୩୨୫,୧୧,୪୫ |
| ୧୦ | ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ-୯୯୬୮,୫୬,୦୫ |
| ୧୧ | ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ-୨୩୩୯,୪୯,୫୫ |
| ୧୨ | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ-୮୨୬୪,୯୫,୧୭ |
| ୧୩ | ଗୃହ ନିର୍ମାଣ ଓ ନଗର ଉନ୍ନୟନ-୪୧୮୦,୮୭,୨୦ |
| ୧୪ | ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ-୧୨୭,୧୯,୯୮ |
| ୧୫ | କ୍ରୀଡ଼ା ଓ ଯୁବସେବା ବିଭାଗ-୫୯୯,୬୭,୯୮ |
| ୧୬ | ଯୋଜନା ଓ ସଂଯୋଜନ ବିଭାଗ-୫୪୪୬,୪୧,୯୫ |
| ୧୭ | ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ-୧୦୧୯୮,୨୯,୭୭ |
| ୧୮ | ସାଧାରଣ ଅଭିଯୋଗ ଓ ପେନ୍‌ସନ ପ୍ରଶାସନ-୧,୧୨,୦୦ |
| ୧୯ | ଶିଳ୍ପ ବିଭାଗ-୩୫୯,୦୫,୧୩ |
| ୨୦ | ଜଳ ସମ୍ପଦ ବିଭାଗ-୬୨୬୬,୦୬,୦୮ |
| ୨୧ | ପରିବହନ ବିଭାଗ-୧୩୬୮,୮୧,୯୬ |
| ୨୨ | ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ -୮୫୯,୦୬,୩୦ |
| ୨୩ | କୃଷି ଓ କୃଷକ ସଶକ୍ତୀକରଣ ବିଭାଗ-୩୩୦୯,୮୪,୯୭ |
| ୨୪ | ଇସ୍ପାତ ଓ ଖଣି ବିଭାଗ-୨୦୦,୨୬,୯୩ |
| ୨୫ | ସୂଚନା ଓ ଲୋକ ସମ୍ପର୍କ ବିଭାଗ-୫୮,୭୬,୯୭ |
| ୨୬ | ଅବକାରୀ ବିଭାଗ-୧୦୦,୦୮,୯୪ |
| ୨୭ | ବିଜ୍ଞାନ ଓ ବୈଷୟିକ ବିଭାଗ-୫୦,୪୨,୨୦ |
| ୨୮ | ଗ୍ରାମ୍ୟ ଉନ୍ନୟନ ବିଭାଗ-୪୪୭୦,୦୦,୦୦ |
| ୨୯ | ସଂସଦୀୟ ବ୍ୟାପାର ବିଭାଗ-୩୪,୫୧,୫୩ |
| ୩୦ | ଶକ୍ତି ବିଭାଗ-୧୬୫୨,୫୦,୬୬ |
| ୩୧ | ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗ-୧୨୪,୯୪,୫୬ |
| ୩୨ | ପର୍ଯ୍ୟଟନ ବିଭାଗ-୩୭୬,୭୦,୮୯ |
| ୩୩ | ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ-୭୯୯,୮୫,୬୬ |
| ୩୪ | ସମବାୟ ବିଭାଗ- ୯୧୯,୧୯,୬୭ |
| ୩୫ | ସରକାରୀ ଉଦ୍ୟୋଗ ବିଭାଗ- ୪,୬୧,୭୭ |
| ୩୬ | ମହିଳା ଓ ଶିଶୁ ବିକାଶ ବିଭାଗ- ୨୦୨୧,୫୮,୨୪ |
| ୩୭ | ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ- ୧୪୯,୪୩,୮୪ |
| ୩୮ | ଉଚ୍ଚ ଶିକ୍ଷା ବିଭାଗ- ୧୩୯୪,୯୮,୦୧ |
| ୩୯ | ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ- ୭୦୯,୩୧,୬୧ |
| ୪୦ | ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ- ୩୨୪,୮୫,୮୮ |
| ୪୧ | ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ -୧୮୭୯,୫୫,୯୦ |
| ୪୨ | ବିପର୍ଯ୍ୟୟ ପରିଚାଳନା - ୭୮୭୦,୨୮,୮୩ |
| ୪୩ | ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ- ୮୯,୪୨,୯୭ |
| ୪୪ | ମିଶନ ଶକ୍ତି ବିଭାଗ- ୧୧୪୬,୦୦,୩୧ |

## ମିଶନ ଶକ୍ତି: ୨୭୬୧ କୋଟି

ରାଜ୍ୟ ସରକାର ନାରୀ ଶକ୍ତିର ବିକାଶ ନିମନ୍ତେ ଗୁରୁତ୍ୱ ଦେଇ ଆସୁଥିବାବେଳେ ଏହି କାମଚଳା ବଜେଟରେ ୨୦୨୪-୨୫ରେ ମିଶନ ଶକ୍ତି କାର୍ଯ୍ୟ ପାଇଁ ୨୭୬୧ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ୧୧୬୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଏବଂ ସେମାନଙ୍କ ସଂଘକୁ ଆର୍ଥିକ ସହାୟତା ନିମନ୍ତେ ୧୧୭୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ୪୧୭ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

## ପର୍ଯ୍ୟଟନର ବିକାଶ ପାଇଁ ୮୧୮ କୋଟି



ପର୍ଯ୍ୟଟନ କ୍ଷେତ୍ରର ସାମଗ୍ରିକ ବିକାଶ ପାଇଁ ୮୧୮ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ଦିଆଯାଇଛି। ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଓ ପରିଚାଳନା ପାଇଁ ୪୪୧ କୋଟି ଟଙ୍କା ଖର୍ଚ୍ଚ ହେବ। ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନାରେ ୩୦ କୋଟି ଟଙ୍କା ଏବଂ ପର୍ଯ୍ୟଟନର ପ୍ରୋତ୍ସାହନ ପାଇଁ ୨୭୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପ୍ରସାଦ ଯୋଜନାରେ ୫୦ କୋଟି ଟଙ୍କା ବ୍ୟୟ ହେବ।

## ଓଡ଼ିଆ ଭାଷା, ସଂସ୍କୃତି, ଐତିହ୍ୟର ପ୍ରଚାର ପାଇଁ ୨୨୦ କୋଟି

ଓଡ଼ିଆ ଭାଷା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାର ୨୨୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ରାଜ୍ୟ ସଂଗ୍ରହାଳୟ ଓ ଗବେଷଣା ପାଇଁ ୧୨ କୋଟି ଟଙ୍କା, ସଂସ୍କୃତି ନିର୍ଦ୍ଦେଶାଳୟ ନିମନ୍ତେ ୬୯ କୋଟି ଟଙ୍କା, ବୌଦ୍ଧ ସ୍ମାରକୀ ଏବଂ ଐତିହ୍ୟର ସଂରକ୍ଷଣ ଲାଗି ୧୫ କୋଟି ଏବଂ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ୭୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।



### ଗ୍ରୀନ ବଜେଟ

ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଗୃହରେ ଗ୍ରୀନ ବଜେଟ ଉପସ୍ଥାପନ କରିଛନ୍ତି। ଏହାର ପେନ୍ ଡ୍ରାଇଭ ଗ୍ରହଣ କରି ଖୁସି ଲାଗିଲା। ଗ୍ରୀନ ବଜେଟ ଉପସ୍ଥାପନରେ ଓଡ଼ିଶା ଏକ ପ୍ରମୁଖ ରାଜ୍ୟ ଭାବେ ପରିଗଣିତ ହୋଇପାରିଛି। — ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ

## ମହିଳା ଓ ଶିଶୁ ବିକାଶ

ମହିଳା ଓ ଶିଶୁ କେନ୍ଦ୍ରିତ ନୀତି କଲ୍ୟାଣମୂଳକ ପଦକ୍ଷେପ ପାଇଁ ମୋଟ ୫,୦୧୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଆଶୀର୍ବାଦ ଯୋଜନା ଅଧୀନରେ ୭୮ କୋଟି ଟଙ୍କା ପ୍ରଦାନ କରାଯାଇଥିବାବେଳେ ମମତା ଯୋଜନାରେ ୫୨୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା (ଏମ୍ଏସ୍‌ପିୱାଇ) ପାଇଁ ୫୫୪ କୋଟି ଟଙ୍କା ପ୍ରଦାନ କରାଯାଇଛି। ମାଳତୀ ଦେବୀ ପ୍ରାକ୍ ବିଦ୍ୟାଦଳୟ ପରିଧାନ ଯୋଜନାରେ ପିଲା ପିଛା ଦୁଇଟି ୟୁନିଫର୍ମ, ଗୋଟିଏ ଜୋତା ଓ ଗୋଟିଏ ସ୍ୱେଟର ଯୋଗାଣ ପାଇଁ ୯୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏଥିସହ ସମନ୍ୱିତ ଶିଶୁ ବିକାଶ ଯୋଜନାର କାର୍ଯ୍ୟକାରିତା ପାଇଁ ଆଇସିଡିଏସ୍ ନିମନ୍ତେ ରାଜ୍ୟ ସହାୟତା ବାବଦକୁ ୧,୩୬୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

## ସ୍ୱାସ୍ଥ୍ୟ: ଜୀବନର ଯତ୍ନ ପାଇଁ ୧୯,୯୫୯ କୋଟି

ରାଜ୍ୟ ସରକାର ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ଆଗତ କରିଥିବା କାମଚଳା ବଜେଟରେ ଜନସ୍ୱାସ୍ଥ୍ୟ ସେବା ପାଇଁ ମୋଟ ୧୯,୯୫୯ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି, ଯାହାକି ଗତବର୍ଷ ତୁଳନାରେ ୨୪% ଅଧିକ ଏବଂ ଏହା ରାଜ୍ୟ ବଜେଟର ୮%। ମୋଟ ବ୍ୟୟବରାଦ ମଧ୍ୟରୁ ଆମ ହସ୍ପିଟାଲ ଯୋଜନା ପାଇଁ ୧୩୧୪ କୋଟି ଟଙ୍କା ଏବଂ ପରିବାର କଲ୍ୟାଣ ଯୋଜନା ନିମନ୍ତେ ୬୯୮ କୋଟି ଟଙ୍କା ପ୍ରଦାନ କରାଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପାଇଁ ୫୪୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ ଅଧୀନରେ ୨୯୯୨ କୋଟି ଟଙ୍କା ବ୍ୟୟ ହେବ। ଏଥିରେ ମେଡିକାଲ ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ସହାୟତା ନିମନ୍ତେ ୫୬୦ କୋଟି ଟଙ୍କା ଅନ୍ତର୍ଭୁକ୍ତ ରହିଛି। ଭୁବନେଶ୍ୱରସ୍ଥିତ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ନିମନ୍ତେ ୫୦ କୋଟି ଟଙ୍କା ଖର୍ଚ୍ଚ ହେବ। ଜାତୀୟ ସ୍ୱାସ୍ଥ୍ୟ ମିଶନ ନିମନ୍ତେ ୧୬୬୦ କୋଟି, ପ୍ରଧାନମନ୍ତ୍ରୀ-ଆୟୁଷ୍ମାନ୍ ଭାରତ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ମିଶନ ଯୋଜନା ଲାଗି ୩୩୮ କୋଟି ଏବଂ ଆୟୁଷ ମିଶନ ପାଇଁ ୨୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରୋଗ ନିୟନ୍ତ୍ରଣ ଓ ଔଷଧ କ୍ରୟ ପାଇଁ ରାଜ୍ୟ ସରକାର ୧୨୫ କୋଟି ଟଙ୍କା ବ୍ୟୟ କରିବେ।





## କ୍ରୀଡ଼ା ଓ ଯୁବସେବା

୨୦୨୪-୨୫ରେ କ୍ରୀଡ଼ା କ୍ଷେତ୍ର ପାଇଁ ୧.୩୦୫ କୋଟି ଯଙ୍କା ବ୍ୟୟବରାଦ କରାଯାଇଛି।କ୍ରୀଡ଼ା ଏବଂ କ୍ରୀଡ଼ା ଭିତ୍ତିଭୂମିର ବିକାଶ ଓ ପରିଚାଳନା ପାଇଁ ୮୫୨ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିପରି କ୍ରୀଡ଼ା ଶିକ୍ଷାର ପ୍ରୋତ୍ସାହନ ପାଇଁ ୩୪୫ କୋଟି ଟଙ୍କା ପ୍ରଦାନ କରାଯାଇଛି।

## ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ

ବନ ବିଭାଗ କ୍ଷେତ୍ର ପାଇଁ ୨୦୨୪-୨୫ରେ ୧୨୧୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବନୀକରଣ ଓ ବନ୍ୟାପ୍ରାଣୀ କାର୍ଯ୍ୟକଳାପ ନିମନ୍ତେ କାମ୍ପା ଅଧୀନରେ ୯୨୭ କୋଟି ଟଙ୍କା ବ୍ୟୟ ହେବ। ରାଜ୍ୟରେ ସବୁଜ ଆବରଣ ବୃଦ୍ଧି ପାଇଁ ୩୫ କୋଟି ଟଙ୍କା ଏବଂ ଆମ ଜଙ୍ଗଲ ଯୋଜନା ନିମନ୍ତେ ୧୦ କୋଟି ଟଙ୍କା ପ୍ରସ୍ତାବ ଦିଆଯାଇଛି। ନନ୍ଦନକାନନ ପ୍ରାଣୀ ଉଦ୍ୟାନ ବିକାଶ ଲାଗି ୬୬ କୋଟି ଟଙ୍କା ଏବଂ ଗ୍ରୀନ୍ ମହାନଦୀ ମିଶନ ଅଧୀନରେ ୪୨ କୋଟି ଟଙ୍କା ଖର୍ଚ୍ଚ ହେବ। ଇକୋ ଟୁରିଜମ୍‌ର ବିକାଶ ଓ ପ୍ରୋତ୍ସାହନ ପାଇଁ ୩୦ କୋଟି ଟଙ୍କା, ହାତୀ ଚଲାପଥ ସମେତ ବନ୍ୟପ୍ରାଣୀ ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ୧୯ କୋଟି ଟଙ୍କା ଏବଂ ଆର୍ଦ୍ରଭୂମି ସଂରକ୍ଷଣ ତଥା ବିକାଶ ପାଇଁ ୫ କୋଟି ଟଙ୍କା ବ୍ୟୟ ହେବ।

## କୃଷି କ୍ଷେତ୍ର: ୨୮,୯୪୪ କୋଟି



୨୦୨୪-୨୫ କୃଷି ବଜେଟ୍ ଅଧୀନରେ ୨୮,୯୪୪ କୋଟି ଟଙ୍କାର ବ୍ୟୟବରାଦ ହୋଇଛି, ଯାହା କି ଗତବର୍ଷର ବ୍ୟୟବରାଦଠାରୁ ୧୭ ପ୍ରତିଶତ ଅଧିକ। ରାଜ୍ୟ ଯୋଗାଣ ନିଗମ ଦ୍ୱାରା ଧାନ କ୍ରୟ କାର୍ଯ୍ୟ ନିମନ୍ତେ ୨୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଖାଦ୍ୟ କ୍ରୟ, ସଂରକ୍ଷଣ ଏବଂ ଗୋଦାମ ପରିଚାଳନା ବ୍ୟବସ୍ଥା ପାଇଁ ୬୮୫କୋଟି ଟଙ୍କା ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା(ପିଡିଏସ୍) ଦୋକାନଗୁଡ଼ିକର ଅଟୋମେଶନ ବା ସ୍ୱୟଂକ୍ରିୟ ପାଇଁ ୨୪ କୋଟି ବ୍ୟୟବରାଦ କରାଯାଇଛି। କାଳିଆ ଯୋଜନାରେ ୧୯୩୫ କୋଟି ଟଙ୍କାର ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ବ୍ୟବସ୍ଥା କରାଯାଇଛି। ସେହିପରି କୃଷି ଗବେଷଣା, ଶିକ୍ଷା ଓ ଭିତ୍ତିଭୂମି ପାଇଁ ଓୟୁଏଟିକୁ ୧୮୧ କୋଟି ଟଙ୍କାର ଅନୁଦାନ ବ୍ୟବସ୍ଥା କରାଯାଇଛି। ଉଦ୍ୟାନ କୃଷି ଫସଲ ପ୍ରୋତ୍ସାହନ ଏବଂ ଉଦ୍ୟାନ କୃଷି କ୍ଷେତ୍ରର ସାମଗ୍ରିକ ଅଭିବୃଦ୍ଧି ନିମନ୍ତେ ବିଭିନ୍ନ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ୟାନ କୃଷି ବିକାଶ କାର୍ଯ୍ୟକ୍ରମ ଅଧୀନରେ ୪୮୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଫସଲ ଉତ୍ପାଦନ ପରିଚାଳନା ଦିଗରେ ୧,୬୧୦ କୋଟି ଟଙ୍କା ଏବଂ କଫି ମିଶନ ପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବାଣିଜ୍ୟିକ କୃଷି ଉଦ୍ୟୋଗ ପ୍ରତିଷ୍ଠା ଏବଂ କୃଷି ଉପକରଣ ଏବଂ ଡିଜେଲ ପମ୍ପ ସେଟ୍‌କୁ ଲୋକପ୍ରିୟ କରିବା ପାଇଁ ପୁଞ୍ଜି ବିନିଯୋଗ ସବ୍‌ସିଡି ବାବଦରେ ୫୮୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ସୌର ଜଳନିଧି ଅଧୀନରେ ଅଧିକ ଜମିକୁ ନିଶ୍ଚିତ ଜଳସେଚନ ଯୋଗାଇ ଦେବା ପାଇଁ ୨୭୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା(ଆର୍‌କେଭିୱାଇ) ଅଧୀନରେ ୧୫୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ସାର ଏବଂ ବିହନ ପାଇଁ ସୁଧମୁକ୍ତ ଋଣ ଯୋଗାଇବା ପାଇଁ କର୍ପସ ପାଣ୍ଠି ନିମନ୍ତେ ୨୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। କୃଷି ଋଣ ଉପରେ ସୁଧ ସବ୍‌ସିଡି/ରିହାତି ବାବଦରେ ୮୩୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସମବାୟ ସଂସ୍ଥାକୁ ଆର୍ଥିକ ସହାୟତା ବାବଦରେ ୨୪୬ କୋଟି ଟଙ୍କା ଏବଂ ସମବାୟ କୋଅପରେଟିଭ ବ୍ୟାଙ୍କ ନିମନ୍ତେ ଅଂଶଧନ ସହାୟତା ବାବଦରେ ୧୬୫ କୋଟି ଟଙ୍କା ପ୍ରଦାନ କରାଯାଇଛି।

ଓଡ଼ିଶା ରାଜ୍ୟ ସମବାୟ ବିପଣନ ମହାସଂଘ ଲିମିଟେଡ୍ ମାଧ୍ୟମରେ ଅଣଧାନ ଫସଲ କ୍ରୟ ପାଇଁ ୧୦୦ କୋଟି ଟଙ୍କାର କର୍ପସ ପାଣ୍ଠି ପ୍ରଦାନ କରାଯାଇଛି। ସମବାୟ ବ୍ୟାଙ୍କଗୁଡ଼ିକର ଆଧୁନିକୀକରଣ ପାଇଁ ୩୨ କୋଟି ଟଙ୍କା ଏବଂ ଗୋଦାମ ଗୃହ ଭିତ୍ତିଭୂମି ପାଣ୍ଠି ପାଇଁ ୨୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ଦୁଗ୍ଧ ଓ ପଶୁସମ୍ପଦ ପରିଚାଳନାର ବିକାଶ ପାଇଁ 'ରାଷ୍ଟ୍ରୀୟ ପ୍ରାଣୀଧନ ବିକାଶ ଯୋଜନା- ଶ୍ୱେତ ବିପ୍ଳବ' ଯୋଜନା ଅଧୀନରେ ୨୨୦ କୋଟି ଟଙ୍କା ପ୍ରଦାନ କରାଯାଇଛି।

## ସଡ଼କ, ରେଳପଥ ଓ ପରିବହନ



କାମଚଳା ବଜେଟରେ ସଡ଼କ, ସେତୁ, ବିମାନବନ୍ଦର ଏବଂ ରେଲ୍‌ୱେ ଅଧୀନରେ ୨୧୦୦୪ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି। ସଡ଼କ ସୁରକ୍ଷା ପାଣ୍ଠିକୁ ୪୫ କୋଟି, ଓଡ଼ିଶା ସଡ଼କ ସୁରକ୍ଷା ସୋସାଇଟିକୁ ଅନୁଦାନ ନିମନ୍ତେ ୪୫ କୋଟି ଏବଂ ଦୁର୍ଘଟଣାଜନିତ ଅନୁକମ୍ପା ପାଣ୍ଠିକୁ ୧୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ସଡ଼କ ବିକାଶ କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସରକାର ୬୧୯୪ କୋଟି ଟଙ୍କା ଏବଂ ବିଜୁ ଏକ୍ସପ୍ରେସ୍ ୱେ ନିମନ୍ତେ ୧୦୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ରାଜ୍ୟରେ ରେଳ ପ୍ରକଳ୍ପର ବିକାଶ ପାଇଁ ୭୦୦ କୋଟି ଟଙ୍କା ଏବଂ ବେସାମରିକ ବିମାନ ଚଳାଚଳ ନିମନ୍ତେ ୩୭୨ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି। ସେହିପରି ଓଡ଼ିଶାରେ ମେଟ୍ରୋ ରେଳର ବିକାଶ ପାଇଁ ୧୦୦୦ କୋଟି ଟଙ୍କା ପ୍ରସ୍ତାବ ଦିଆଯାଇଛି। ବିଦ୍ୟୁତ୍ ଚାଳିତ ଯାନ ନୀତି ଅଧୀନରେ ରାଜ୍ୟ ସରକାର ସବ୍‌ସିଡି ନିମନ୍ତେ ୯୦ କୋଟି ଟଙ୍କା ବ୍ୟୟ କରିବେ। ରାଜ୍ୟରେ ଲୋକଙ୍କ ପାଇଁ ନିଶ୍ଚିତ ଓ ସୁଲଭ ପରିବହନ ସୁବିଧା ନିମନ୍ତେ ରାଜ୍ୟ ସରକାର ନୂଆ ଯୋଜନା 'ଲକ୍ଷ୍ମୀ' ଲାଗି ୧୧୯୧ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି।

## ଶକ୍ତି



ରାଜ୍ୟରେ ଗୁଣାତ୍ମକ ଓ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ପାଇଁ ଏହି ବଜେଟରେ ୪,୩୫୨ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରହିଛି। ବିଜୁ ଗ୍ରାମ ଜ୍ୟୋତି ଯୋଜନା ପାଇଁ ୫୦ କୋଟି ଟଙ୍କା, ଡିଡିୱାଇ ଗ୍ରାମ ବିଦ୍ୟୁତୀକରଣ ଯୋଜନା ପାଇଁ ୫୬ କୋଟି ଟଙ୍କା, ବିଜୁ ସହରାଞ୍ଚଳ ବିଦ୍ୟୁତୀକରଣ ଯୋଜନା ପାଇଁ ୫କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ପାଣ୍ଠି (ରିନ୍ୟୁଏବଲ ଏନର୍ଜି ଡେଭଲପ୍‌ମେଣ୍ଟ ଫଣ୍ଡ) ପାଇଁ ୬୭ କୋଟି ଟଙ୍କା ଏବଂ ଜିଇଡିସିଓଏଲ୍‌କୁ ଭିତ୍ତିଭୂମି ସହାୟତା ପାଇଁ ୪୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ କାର୍ଯ୍ୟକ୍ରମ ଅଧୀନରେ ୩୪୧ କୋଟି ଟଙ୍କା ପ୍ରଦାନ କରାଯାଇଛି, ଯେଉଁଥିରୁ ୫୦ କୋଟି ଟଙ୍କା ବିପର୍ଯ୍ୟୟ ପ୍ରତିରୋଧକ ଶକ୍ତି ବ୍ୟବସ୍ଥା ପାଇଁ ଉଦ୍ଦିଷ୍ଟ।

**ଖସିଲା ଶେୟାର ବଜାର**

**ନୂଆଦିଲ୍ଲୀ:** ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ପୁଞ୍ଜି ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୭୨୪ (୭୨୩.୫୭) ପଏଣ୍ଟ କମି ୭୧,୪୨୮(୭୧,୪୨୮.୪୩) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ରେ ମଧ ୨୧୩ (୨୧୨.୫୫) ପଏଣ୍ଟ ହ୍ରାସ ଘଟି ୨୧,୭୧୮(୨୧,୭୧୭.୯୫) ଅଙ୍କରେ କାରବାର ଶେଷ ହୋଇଥିଲା।


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଆରାଧ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭୁବନେଶ୍ୱରରେ ଖଣି ମନ୍ତ୍ରଣାଳୟର ରୋଡ୍ ଶୋ

## ୨୦ କ୍ରିଟିକାଲ ଓ ଷ୍ଟ୍ରାଟେଜିକ୍ ଖଣିଜ ବ୍ଲକ୍‌ର ନିଲାମ

ଭୁବନେଶ୍ୱର,୮।୨ (ଅଭୟ ଦାଶ)

ଚଳିତ ବର୍ଷ କେନ୍ଦ୍ର ଖଣି ମନ୍ତ୍ରଣାଳୟ ପକ୍ଷରୁ ଭୁବନେଶ୍ୱରଠାରେ ଏକ ରୋଡ୍ ଶୋ'ର ଆୟୋଜନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ,ସଂସଦୀୟ ବ୍ୟାପାର, କୋଇଲା ଏବଂ ଖଣି ମନ୍ତ୍ରୀ ପ୍ରହ୍ଲାଦ ଜୋଷୀଙ୍କ ଦ୍ୱାରା ୨୦୨୩ ନଭେମ୍ବରରେ ରୋଡ୍ ଶୋ' ଆରମ୍ଭ ହୋଇଥିଲା। ବିଶେଷକରି କ୍ରିଟିକାଲ୍ ଏବଂ ଷ୍ଟ୍ରାଟେଜିକ୍ ମିନେରାଲ୍ସର ନିଲାମୀକୁ ସଫଳ କରିବା ପାଇଁ ଭୁବନେଶ୍ୱରଠାରେ ଏକ ରୋଡ୍ ଶୋ' ନିକଟରେ ଆୟୋଜିତ ହୋଇଥିଲା। ଉକ୍ତ ଶୋ'ରେ ଆଞ୍ଚଳିକ ଆଶାୟୀ ବିଡର ଓ ଅନ୍ୟମାନେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଖଣି ମନ୍ତ୍ରଣାଳୟ ଓ




ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସମେତ ନାଲ୍‌କୋ ସିଏମ୍‌ଡି ଶ୍ରୀଧର ପାତ୍ର ଏବଂ ଖଣି ମନ୍ତ୍ରଣାଳୟର ନିଯୁକ୍ତ ଅଧିକାରୀ ତଥା ଯୁଗ୍ମ ସଚିବ ଡ.ବୀଣା କୁମାରୀ ଡର୍ମାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶୋ'ରେ ଆଶାୟୀ ବିଡର, ଶିଳ୍ପ ପରାମର୍ଶଦାତା ଏବଂ ଖଣିଜ ଅନୁସନ୍ଧାନ ଏଜେନ୍ସିଗୁଡ଼ିକଙ୍କ ସହ ବିସ୍ତୃତ ଆଲୋଚନା ଏବଂ ନିଲାମ ପ୍ରକ୍ରିୟା ବିଷୟରେ ସମ୍ଭାବ୍ୟ ବିଡରମାନଙ୍କୁ ମାର୍ଗଦର୍ଶନ ଦେବା ଏହି ରୋଡ୍ ଶୋ'ର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ସେହିଭଳି ପ୍ରଥମ ପର୍ଯ୍ୟାୟରେ ମୋଟ ୨୦ଟି କ୍ରିଟିକାଲ୍ ଏବଂ ଷ୍ଟ୍ରାଟେଜିକ୍ ଖଣିଜ ବ୍ଲକ ନିଲାମ କରାଯାଉଛି। ଏଥିମଧ୍ୟରେ ୧୬ଗୋଟି କମ୍ପୋଜିଟ୍ ଲାଇସେନ୍ସ ସହ ୪ଗୋଟି ମାଇନିଂ ଲିଜ୍ ଅନ୍ତର୍ଭୁକ୍ତ ରହିଛି। ସେହିପରି ଉକ୍ତ ଖଣିଜ ପଦାର୍ଥଗୁଡ଼ିକ ମଧ୍ୟରେ ଗ୍ରାଫାଇଟ୍, ଗ୍ଲୁକୋନାଇଟ୍, ଲିଥିୟମ୍, ରେୟାର ଆର୍ଥ ଏଲିମେଣ୍ଟ, ମଲିବଡେନମ୍, ନିକେଲ୍, ପୋଟାସ, ପ୍ଲାଟିନମ ଗ୍ରୁପ ଏଲିମେଣ୍ଟ ଏବଂ ଫସ୍‌ଫୋରାଇଟ୍ ବ୍ଲକଗୁଡ଼ିକ ବିହାର, ଛତିଶଗଡ, ଗୁଜରାଟ, ଝାଡ଼ଖଣ୍ଡ, ଓଡ଼ିଶା, ତାମିଲନାଡୁ, ଉତ୍ତରପ୍ରଦେଶ ଏବଂ ଜମ୍ମୁକଶ୍ମୀର ଭଳି ରାଜ୍ୟରେ ରହିଥିବାବେଳେ ୪ଗୋଟି ବ୍ଲକ ଓଡ଼ିଶାରେ ଅବସ୍ଥିତ ରହିଛି। ଅପରପକ୍ଷରେ ଆଧୁନିକ ବୈଷୟିକ ଜ୍ଞାନକୌଶଳ, ଅର୍ଥନୈତିକ ଅଭିବୃଦ୍ଧି ଏବଂ ଜାତୀୟ ନିରାପତ୍ତା କ୍ଷେତ୍ରରେ କ୍ରିଟିକାଲ୍ ଏବଂ ଷ୍ଟ୍ରାଟେଜିକ୍ ମିନେରାଲ୍ସର ଭୂମିକା ଉପରେ ନାଲ୍‌କୋର ସିଏମ୍‌ଡି ପାତ୍ର ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

ସେହିଭଳି ଖଣି ମନ୍ତ୍ରଣାଳୟର ନିଯୁକ୍ତ ଅଧିକାରୀ ତଥା ଯୁଗ୍ମ ସଚିବ ଡ. ବୀଣା କୁମାରୀ ଡର୍ମାଲ କହିଛନ୍ତି, ଅକ୍ଷୟ ଶକ୍ତି, ପ୍ରତିରକ୍ଷା, ବୈଷୟିକ ଶିଳ୍ପ ପ୍ରୟୋଗ ଇତ୍ୟାଦି କ୍ଷେତ୍ରରେ ବିଭିନ୍ନ ଖଣିଜ ପଦାର୍ଥର ବ୍ୟାପକ ପ୍ରୟୋଗ ରହିଛି। ଏପରିକି ଅର୍ଥନୈତିକ ଅଭିବୃଦ୍ଧି ଏବଂ ଜାତୀୟ ନିରାପତ୍ତାରେ ଏଗୁଡ଼ିକ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ସେ ବିସ୍ତୃତ ମତପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଟେଣ୍ଡର ଡକ୍ୟୁମେଣ୍ଟ ବିକ୍ରିର ଶେଷ ତାରିଖ ୨୦୨୪ ଫେବୃଆରୀ ୧୩ ରହିଥିବାବେଳେ ଚଳିତ ବର୍ଷ ଫେବୃଆରୀ ୨୦ ବିଡ୍ ଦାଖଲ ପାଇଁ ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ଏହା ପରେ ଇ-ନିଲାମ ପ୍ରକ୍ରିୟା ଆରମ୍ଭ ହେବ। ଅଧିକ ତଥ୍ୟ www.mstcecommerce.com/auctionhome/mlcl/index.jspରେ ଉପଲବ୍ଧ ରହିଛି।

# ବଜାରରେ କାଇନେଟିକ୍ ଗ୍ରୀନ୍‌ର ଇ-ଲୁନା




ଭୁବନେଶ୍ୱର,୮।୨

ଦେଶର ପ୍ରମୁଖ ବୈଦ୍ୟୁତିକ ଯାନ ନିର୍ମାତା(ଇଲେକ୍ଟ୍ରି ଭେଇକିଲ ବା ଇଭି) କାଇନେଟିକ୍ ଗ୍ରୀନ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଇ-ଲୁନା'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଆନୁଷ୍ଠାନିକ ଉନ୍ମୋଚନ ସହ ବଜାର ପ୍ରବେଶ କରାଇଥିଲେ। ଏହି ଅବସରରେ କାଇନେଟିକ୍ ଗ୍ରୀନ୍‌ର ପ୍ରତିଷ୍ଠାତା ତଥା ସିଇଓ ସୁଲାଜା ଫିରୋଡିଆ ମୋଟୱାନି କହିଛନ୍ତି, ଇ-ଲୁନା ଉନ୍ମୋଚନ କାଇନେଟିକ୍ ଗ୍ରୀନ୍ ପାଇଁ ଏକ ଗର୍ବର ମୁହୂର୍ତ୍ତ ହୋଇଥିଲାବେଳେ ଲୁନାର ଉତ୍ତରାଧିକାରୀଙ୍କ ପାଇଁ ଏକ ଅତୀତ ସ୍ମୃତିର ପ୍ରତ୍ୟାବର୍ତ୍ତନ ହୋଇଛି। ସେହିପରି କାଇନେଟିକ୍ ଗ୍ରୁପ୍‌ର ଚେୟାରମ୍ୟାନ୍ ଡ. ଅରୁଣ ଫିରୋଡିଆ କହିଛନ୍ତି,ପୁନର୍ଜନ୍ମ କାଇନେଟିକ୍ ଯାତ୍ରାରେ ଇ-ଲୁନା ଏକ ବଡ଼ ନୂତନ ମାଇଲଖୁଣ୍ଟକୁ ସୂଚାଇଥାଏ। ଅପରପକ୍ଷରେ ଇ-ଲୁନା ମଲ୍‌ବେରି ରେଡ୍, ମୋତି ହଳଦିଆ, ନାଇଟ୍ ଷ୍ଟାର୍ ବ୍ଲାକ୍, ଓସିନ୍ ବ୍ଲୁ ଏବଂ ସ୍ପାର୍କଲିଙ୍ଗ୍ ଗ୍ରୀନ୍ ସହିତ ୫ଟି ଆକର୍ଷଣୀୟ ଧାତବ ରଙ୍ଗର ପରିସର ମଧ୍ୟରେ ଶୁଭାରମ୍ଭ ହେବ।


## ଜନ୍ମଦିନ ଶୁଭେଚ୍ଛା



**ଆରାଧ୍ୟା ପ୍ରିୟଦର୍ଶିନୀ**

ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ସେ ତୋତେ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ।

ଶୁଭେଚ୍ଛା ସହ: ବାପା: ଉମାକାନ୍ତ ବେହେରା, ମାଆ: ସ୍ମିତାରାଣୀ ବେହେରା, ଜେଜେବାପା: ପରିକ୍ଷିତ ବେହେରା, ଜେଜେମାଆ: ସ୍ୱର୍ଣ୍ଣଲତା ବେହେରା

ଧ-୨୪୭୩


# ଖିମ୍‌ଜୀ ଜୁଏଲର୍ସର ନୂତନ ଅଭିଯାନ

ଭୁବନେଶ୍ୱର,୮।୨

ଖିମ୍‌ଜୀ ଜୁଏଲର୍ସର ନୂତନ ଅଭିଯାନ 'ନୋ କମ୍ପ୍ରମାଇଜ'(ସାଲିସ ବିହୀନ)ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି ପ୍ରତିଷ୍ଠାନର ସଦ୍ୟତମ ବ୍ରାଇଡାଲ ଜୁଏଲେରି କ୍ୟାମ୍ପେନିଂ ଆରମ୍ଭ ହୋଇଯାଇଛି। ଏକ ତାଜା ବ୍ରାଣ୍ଡ ପରିଚିତ ଏବଂ କାରିଗରିର ଏକ ଦୃଢ ପ୍ରତିବଦ୍ଧତାକୁ ନେଇ ଖିମ୍‌ଜୀ ଜୁଏଲର୍ସ ଏହି ଅଭିଯାନ ଆରମ୍ଭ କରିଛି, ଯାହା ଭାରତରେ ବ୍ରାଇଡାଲ (କନ୍ୟା ନିମନ୍ତେ ଉଦ୍ଦିଷ୍ଟ) ଜୁଏଲେରିର ରୂପ ରେଖକୁ (ସଂଜ୍ଞା) ପୁନଃ ନିର୍ଦ୍ଧାରଣ କରୁଛି।

ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଆମର ଐତିହ୍ୟ ପିଢି ପରେ ପିଢି ମାଷ୍ଟର କାରିଗର ଦ୍ୱାରା ନିମଜ୍ଜିତ ରହି ଆସିଛି,ଯେଉଁମାନେ କଳାର କାଳଜୟୀ ପିସ୍‌ଗୁଡିକ ସୃଷ୍ଟି କରିବାରେ ନିଜକୁ ଉତ୍ସର୍ଗ କରିଛନ୍ତି। ଆମ ବ୍ରାଣ୍ଡ୍ ଆମ ରିଟେଲ କ୍ଷେତ୍ରର ଅଭ୍ୟୁତ୍‌ଥାନ ଓ ପରିବର୍ଦ୍ଧନ କରୁଥିବାବେଳେ ଅତୁଳନୀୟ ଗୁଣ ମାନ ଯୋଗାଇଦେବାକୁ ଆମର ପ୍ରତିବଦ୍ଧତା ଅତୁଟ ରହିଛ। ଆମେ ବିବାହକାଳୀନ ଜୁଏଲେରି ସହିତ ଗଭୀର ଭାବ ପ୍ରବଣତାର ସମ୍ପର୍କକୁ ଭଲ ଭାବେ ବୁଝିଛୁ। ଆମର ଅଭିଯାନ 'ସାଲିସବିହୀନ'କାରିଗରିର ଦୀର୍ଘସ୍ଥାୟୀ ପରମ୍ପରା ଏବଂ ବିବାହ ସହିତ ଜଡିତ ଆନନ୍ଦ ଓ ଗୌରବର ଆକାଂକ୍ଷିତ ମୁହୂର୍ତ୍ତଗୁଡିକୁ ପାଳନ କରୁଛି। ଚଳିତ ବର୍ଷର ବ୍ରାଇଡାଲ ସିଜନ ନିମନ୍ତେ ଆମର ସମ୍ଭାରଗୁଡିକ ମଧ୍ୟରେ ଓଜନଦାର ହାର ସେଟ୍, ଚୋକର, କୁନ୍ଦନ ଓ ଜଡାଉ କାମ, ଏନାମେଲ କାମର ଜୁଏଲେରି, କଡା ଏବଂ ଅନ୍ୟାନ୍ୟ ଅଳଙ୍କାର ଆଦି ରହିଛି।

# ଜିଓ-ବିପିର ସ୍ୱତନ୍ତ୍ର କ୍ୟାମ୍ପେନିଂ



ଭୁବନେଶ୍ୱର,୮।୨

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ରିଲାଏନ୍ସ ଗ୍ରୁପ୍‌ର ଅନ୍ୟତମ କମ୍ପାନୀ ଜିଓ-ବିପି ପକ୍ଷରୁ 'ୟୁ-ଡିଜର୍ଭ-ମୋର'ଶୀର୍ଷକ ଏକ ସ୍ୱତନ୍ତ୍ର କ୍ୟାମ୍ପେନିଂର ଶୁଭାରମ୍ଭ କରାଯାଇଛି। ବିଶେଷକରି ଏହି ଅଭିଯାନ ୪.୩% ପର୍ଯ୍ୟନ୍ତ ମାଇଲେଜ୍ ଏବଂ ପେଟ୍ରୋଲ ପ୍ରଦାନ କରୁଥିବା ଡିଜେଲକୁ ସ୍ପର୍ଶ କରିଥାଏ, ଯାହା ଅନ୍ତର୍ଜାତୀୟସ୍ତରରେ ବିକଶିତ ବେସ୍‌ପୋକ 'ଏକ୍ଟିଭ'ଟେକ୍ନୋଲୋଜି ମାଧ୍ୟମରେ ଇଞ୍ଜିନଗୁଡ଼ିକୁ ୧୦ଏକ୍ସ କ୍ଲିନର ରଖିଥାଏ। ଏହା ଶୀଘ୍ର ବଢୁଥିବା ଜିଓ-ବିପି ପଲ୍ସ ଇଭି ଚାର୍ଜିଂ ପଏଣ୍ଟ ନେଟ୍‌ୱାର୍କ ସହିତ କୌଣସି ଅତିରିକ୍ତ ମୂଲ୍ୟରେ ନ ଥାଏ। ସେହିଭଳି ଜିଓ-ବିପି ମୋବିଲିଟି ଷ୍ଟେଶନର ଦେଶବ୍ୟାପୀ ନେଟ୍‌ୱର୍କରେ ଅନ୍ୟାନ୍ୟ ସୁବିଧା ଆଦି ଉପଲବ୍ଧ ରହିଥାଏ। ଉଲ୍ଲେଖଯୋଗ୍ୟ, ଦେଶର ଏକ ଅଗ୍ରଣୀ ମୋବିଲିଟି ସମାଧାନ ପ୍ରଦାନକାରୀ 'ଜିଓ-ବିପି' (ରିଲାଏନ୍ସ ବିପି ମୋବିଲିଟି ଲିମିଟେଡ୍‌ର ଅପରେଟିଂ ବ୍ରାଣ୍ଡ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଆଣ୍ଡ ବିପିର ଇନ୍ଧନ ଏବଂ ଖୁଚୁରା ମିଳିତ ଉଦ୍ୟମ)ର ନୂତନ ଅଭିଯାନ 'ୟୁ-ଡିଜରଭ-ମୋର'ଅଭିଯାନ ଆରମ୍ଭ କରାଯାଇଛି। ବିଶେଷକରି ଏହା ଇଣ୍ଡିଆର ଇନ୍ଧନ ଅଭିଜ୍ଞତାକୁ ବଢାଇବାରେ ଗ୍ରାହକଙ୍କୁ ବେଶ୍ ସାହାଯ୍ୟ କରିବ।


# Classified Everyday

0674-2580101, 2549949



**REAL ESTATE**

**SALE**

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ଏବଂ SUM-2 (Hospital) ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ - 9658562429. D-75906

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛତାବର Bypass sqft.-500/-. 9776974912. D-75904

ମୋର ଘରବାଡ଼ି ଜମି ହଂସପାଳ ବାଲିଅନ୍ତାରେ ବିକ୍ରି କରିବାକୁ ଚାହୁଁଛି। (Bank Loan available) Excuse broker. 9437765989. D-75902

ଭୁବନେଶ୍ୱର ଖୋର୍ଦ୍ଧା ପିତାପଲ୍ଲି ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 7504861292. D-75292



**FOR RENT**

400sqft. commercial space (Swain Complex) on NH-316 near Pallavi Mandap, Mangaraj Point. M- 9348194296, 7978076354. D-75194



**Healthcare**

Full body massage in homely atmosphere in all therapy. Mob: 8114881641. D-73448

**Newly open SPA positively health benefits with expert therapist. 9090400507.** D-75198

Positively health benefited SPA expert therapist at Nayapalli. Contact: 7846814019. D-75196

**Relax, Refresh your body, Mind at Saikrupa Spa with best therapies. 8984068077.** D-2369

Newly open SPA positively health benefits with expert therapist. 9040286886. D-75199

Refreshments body massage Therapy with experience therapists, Ashirvad Panchakarma Spa, Keshari Mall, Bhubaneswar. 8926173473. D-46569

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

I, Bibhuti Behera, S/o- Rabindra Behera, resident of ward No.-1, Kandagadia, P.O.- Pariorada, P.S.- Tangi, Dist.- Khordha, PIN-752023, Odisha declare by this affidavit No.-197 dtd. 06.02.24 that now onwards I shall be known as BIBHUTI BHUSAN BEHERA for all future purposes. D-2466

Affidavit No. 753, dt-5.2.2024, before Executive Magistrate, Balasore. I Pravat Nalini Panda, W/o Rabindra Kumar Panda. My daughter name has changed from "Satyabhama Panda" to "Sureswari Panda". Henceforth, She shall be known as "Sureswari Panda" D/o Rabindra Kumar Panda, At- Barapada, P.O.- Haripur, P.S.- Khaira, Dist.- Balasore for all purposes. D-2474

I, Choudhury Sumitra Dash, W/o-Choudhury Durga Prasad Dash, residentofAt-Bhingarpur, PO-Bhatpatna, P.S.- Balianta, Dist.-Khordha, Odisha declare by this Affidavit No.- 69AA 350066, dtd.07.02.2024 that I have changed my name from Sumitra Padhy to Choudhury Sumitra Dash. That Sumitra Padhy and Choudhury Sumitra Dash is one and same person. Now onwards I shall be known as Choudhury Sumitra Dash for all future purposes. D-2465

By virtue of affidavit sworn before the Notary Public, Cuttack, dated 29.01.2024, I Swapnarani Mohanty, D/o- Harish Chandra Mohanty, Resident of At- Bidyadharapur, P.O- Nayabazar, P.S.- Chauliaganj, Dist.- Cuttack, PIN-753004, Odisha declare that I have changed my full name from swapna Sudarshan Mukhi to Swapnarani Mohanty. Henceforth. I shall be known as Swapnarani Mohanty for all purpose. D-2469

By virtue of an affidavit No-190/18-01-24, As per Aadhaar ID Anuradha Samal, W/o Biranchi Narayan Samal, At/ P.O.- Korigan, P.S.- Bhandaripokhari, Bhadrak, Odisha, but Nirupama Samal reflected in my voter ID. So I declared that Nirupama Samal and Anuradha Samal is one & same person. So it's use for LIC, Pol No.- 559318835 And any other future purposes. D-2471

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

By virtue of an affidavit No- 973 dated 06.02.2024, sworn before Executive Magistrate, Bhadrak. I Pramodini Satapathy (64 yrs), W/o- Laxmidhar Panda, Vill- Jagannathpur (New Colony), P.S.- Bhadrak(T), Dist.- Bhadrak hereby declare that my name has recorded as Pramodini Panda in my R.C. book of my Vehicle No- OR22C9932. Henceforth, Pramodini Satapathy and Pramodini Panda is same and one person. D-2473

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# CLASSIFIED DISPLAY

MORE SPACE • SAME PRICE

TARIFF (GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**NEW DUPLEX SALE**

Ready to move new 4BHK duplex with Garage near Patia RTO Office, Nandanbihar Land- 1600 sqft, Construction- 2830 sqft, Fixed Price- 1.25Crore

7978450312
9439585947

**ADMISSION OPEN**

**B.Ed, M.Ed, B.P.Ed.**

Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**୰ କେଦାର ସେନାପତି**

ଗ୍ରାମ: କୁହା, ସୁନ୍ଦରପଦା, ଭୁବନେଶ୍ୱର
ଆବିର୍ଭାବ: ୦୧.୦୧.୧୯୪୨
ତିରୋଧାନ: ୩୦.୦୧.୨୦୨୪

ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ଆଜି ଆପଣଙ୍କର ଏକାଦଶାହ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

:: ଶୋକସନ୍ତପ୍ତ ::
ସ୍ତ୍ରୀ: ତିଳୋତମା ସେନାପତି, ପୁତ୍ର: ମିହିର, ଶିଶିର, ପୁତ୍ରବଧୂ: ସବିତା, କବିତା, କନ୍ୟା: ନିନିଆ, ଶିନିଆ, ସୁକାନ୍ତି, ଜାମାତା: ଅନାମ, ବାବୁଲି, ଗୁଲୁରା, ନାତି: ରମା, ବର୍ଷି, ନାତୁଣୀ: ରୋଶନୀ, କିରନ, ମିକିନା, ନିକି ଓ ପରିବାରବର୍ଗ।

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଲକ୍ଷ୍ମଣ ବେହେରା**

ଗ୍ରାମ: ମଠପାଲି (ଭତରା), ପୋ: ଧନୁପାଲି, ଜିଲ୍ଲା: ସମ୍ବଲପୁର

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।

ଆବିର୍ଭାବ: ୦୨।୦୩।୧୯୫୦
ତିରୋଧାନ: ୩୦।୦୧।୨୦୨୪

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ପରିବାର, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଜୟକୃଷ୍ଣ ପଣ୍ଡା**

ଓଲ୍ଡ ଟାଉନ୍, ଭୁବନେଶ୍ୱର
ଆବିର୍ଭାବ: ୧୯୩୨, ଜାନୁୟାରୀ ୨୯
ତିରୋଧାନ: ୨୦୨୨, ଫେବୃୟାରୀ ୦୧

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ।

# କୋହଲିଙ୍କ ଅନୁପସ୍ଥିତି ଭାରତ ପାଇଁ ବଡ଼ କ୍ଷତି

**ଚେନ୍ନାଇ,୮।୨(ପି.ଟି.):** ବିରାଟ କୋହଲିଙ୍କ ଅନୁପସ୍ଥିତି ଭାରତ ପାଇଁ ବଡ କ୍ଷତି ବୋଲି କହିଛନ୍ତି ପୂର୍ବତନ ଇଂଲଣ୍ଡ ଅଧିନାୟକ ନାସିର୍ ହୁସେନ୍। ଇଂଲଣ୍ଡ ବିପକ୍ଷ ପ୍ରଥମ ଦୁଇ ଟେଷ୍ଟରୁ କୋହଲି ବିଶ୍ରାମ ନେଇଥିଲେ। ବ୍ୟକ୍ତିଗତ କାରଣ ଦର୍ଶାଇ କୋହଲି ବିଶ୍ରାମ ନେଇଥିବା ବେଳେ ସେ ସମ୍ପୂର୍ଣ୍ଣ ଟେଷ୍ଟ ସିରିଜ୍‌ରୁ ବାଦ୍ ପଡିବା ନେଇ ଆଲୋଚନା ହେଉଛି। ତେବେ କେବଳ ଏହା ଭାରତ ପାଇଁ ନୁହେଁ, ଟେଷ୍ଟ ସିରିଜ୍ ପାଇଁ ଓ ବିଶ୍ୱ କ୍ରିକେଟ ପାଇଁ ବଡ କ୍ଷତି ବୋଲି କହିଛନ୍ତି ହୁସେନ୍। ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ଦୁଇ ମ୍ୟାଚ ଶେଷ ହୋଇଥିବା ବେଳେ ଏହା ବର୍ତ୍ତମାନ ୧-୧ ସ୍ଥିତିରେ ରହିଛି। କୋହଲିଙ୍କ ପ୍ରତ୍ୟାବର୍ତ୍ତନକୁ ନେଇ ବିସିସିଆଇ ନୀରବତା ଅବଲମ୍ବନ କରିଥିବା ବେଳେ ନାସିର ହୁସେନ ଏହାକୁ କ୍ରିକେଟ୍‌ର କ୍ଷତି ବୋଲି କହିଛନ୍ତି। ଏକ ସାକ୍ଷାତକାରରେ ହୁସେନ୍ ଏହି ବୟାନ ଦେଇଛନ୍ତି। ସେ କହିଛନ୍ତି କୋହଲି କ୍ରିକେଟର ଏକ ବଡ ବ୍ରାଣ୍ଡ, ତେଣୁ ତାଙ୍କ ଅନୁପସ୍ଥିତି ସମସ୍ତଙ୍କୁ ନିଶ୍ଚୟ ପ୍ରଭାବିତ କରିବ। ଅନ୍ୟ ପଟରେ ଦୀର୍ଘ ୧୫ ବର୍ଷ ଧରି କୋହଲି କ୍ରିକେଟର ସେବା କରି ଆସିଛନ୍ତି। ତେଣୁ ଆବଶ୍ୟକ ବ୍ରେକ୍ ନେବାରେ କୌଣସି ଅସୁବିଧା ନାହିଁ ବୋଲି କହିଛନ୍ତି ହୁସେନ୍। ତେବେ କୋହଲିଙ୍କ ଅନୁପସ୍ଥିତି କାରଣରୁ ଆଣ୍ଡରସନ୍-କୋହଲି ଲଢେଇ ଦେଖିବାରୁ ଫ୍ୟାନମାନେ ବଞ୍ଚିତ ହେବେ ବୋଲି ସେ କହିଛନ୍ତି। ସିରିଜର ତୃତୀୟ ଟେଷ୍ଟ ମ୍ୟାଚ୍ ରାଜକୋଟରେ ଖେଳାଯିବ।

# ଏଫଆଇଏଚ୍ ପ୍ରୋ-ଲିଗ୍‌ରୁ ଓହରିଲେ ବରୁଣ

**ବଳାତ୍କାର ମାମଲା**

ନୂଆଦିଲ୍ଲୀ, ୮।୨(ପି.ଟି.)


ବରୁଣ କୁମାର

ପୋକ୍ସୋ ଆଇନ ଅନୁସାରେ ବଳାତ୍କାର ମାମଲାରେ ଫସିଯାଇଥିବା ଅର୍ଜୁନ ପୁରସ୍କାର ବିଜେତା ଭାରତୀୟ ହକି ଖେଳାଳି ବରୁଣ କୁମାର ଆଇନଗତ ଲଢେଇ ପାଇଁ ଭୁବନେଶ୍ୱରରେ ଖେଳାଯିବାକୁ ଥିବା ଏଫଆଇଏଚ୍ ପୁରୁଷ ହକି ଲିଗ୍‌ରୁ ଓହରିଯାଇଛନ୍ତି। ଅଭିଯୋଗକାରିଣୀ ତାଙ୍କଠାରୁ ଟଙ୍କା ଲୁଟିବା ଲାଗି ପ୍ରଚେଷ୍ଟା କରିଥିବା ସେ ପାଲଟା ଅଭିଯୋଗ କରିଛନ୍ତି। ହକି ଇଣ୍ଡିଆ ୨୮ବର୍ଷୀୟ ହକି ଖେଳାଳିଙ୍କୁ ନ୍ୟାଶନାଲ ଡ୍ୟୁଟିରୁ ଜରୁରୀ ଛୁଟି ପ୍ରଦାନ କରିଛି। ଜଣେ ମହିଳାଙ୍କ ଅଭିଯୋଗ କ୍ରମେ ବେଙ୍ଗାଲୁରୁ ପୋଲିସ ବରୁଣଙ୍କ ବିରୋଧରେ ଏକ ମାମଲା ଦରଜ କରିଛି। ୨୨ବର୍ଷୀୟା ଏହି ମହିଳା ଗତ ସୋମବାର ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ୨୦୧୮ରେ ଇନ୍‌ଷ୍ଟାଗ୍ରାମ ଜରିଆରେ ବରୁଣଙ୍କ ସହିତ ତାଙ୍କର ସମ୍ପର୍କ ସ୍ଥାପନ ହୋଇଥିଲା। ହକି ଖେଳାଳି ଜଣକ ମିଥ୍ୟା ବିବାହ ପ୍ରତିଶ୍ରୁତି ଦେଇ ତାଙ୍କୁ ଅନେକ ଥର ବଳାତ୍କାର କରିଛନ୍ତି। ବରୁଣ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀଙ୍କ ନିକଟକୁ ଲେଖିଥିବା ତାଙ୍କ ଚିଠିରେ ଦର୍ଶାଇଛନ୍ତି ଯେ, ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗ ମିଥ୍ୟା ଅଟେ। ଏକ୍ଷେତ୍ରରେ ସରକାରୀ କଳର ଅପବ୍ୟବହାର କରାଯାଇଛି। ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗ ସେ ଗଣମାଧ୍ୟମ ସୂତ୍ରରୁ ଜାଣିବାକୁ ପାଇଥିଲେ। ଏହି ମାମଲାରେ କୌଣସି ପୋଲିସ ଅଫିସିଆଲ ତାଙ୍କୁ ଏପର୍ଯ୍ୟନ୍ତ ପଚରାଉଚରା କରିନାହାନ୍ତି। ସେ ଜଣେ ଅର୍ଜୁନ ପୁରସ୍କାର ବିଜେତା। ଭାରତୀୟ ହକି ଦଳ ପାଇଁ ଖେଳୁଛନ୍ତି। ମହିଳା ଜଣକ ଜାଣିଛନ୍ତି ଏହି ମାମଲା ମୋ କ୍ୟାରିୟର ଓ ଭାବମୂର୍ତ୍ତି ଉପରେ ଆଞ୍ଚ ଆଣିବ। ମୋ'ଠାରୁ ଅର୍ଥ ଲୁଟିବା ଅଭିପ୍ରାୟରେ ସେ ଏଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଭୁବନେଶ୍ୱରରେ ପ୍ରୋ-ଲିଗ୍ ହକି ଖେଳିବା ଲାଗି ବରୁଣ ଭାରତୀୟ ଦଳ ସହିତ ଭୁବନେଶ୍ୱରରେ ଥିଲେ। ଏହି ମାମଲା ତାଙ୍କୁ ଉଭୟ ମାନସିକ ଓ ଶାରୀରିକ ଭାବେ ଅସୁସ୍ଥ କରିଛି। ଆଇନଗତ ପ୍ରତିକାର ପାଇଁ ତାଙ୍କୁ ଜରୁରୀ ଛୁଟି ପ୍ରଦାନ କରିବା ଲାଗି ସେ ତାଙ୍କ ଚିଠିରେ ଅନୁରୋଧ କରିଥିଲେ। ତିର୍କୀଙ୍କ ବ୍ୟତୀତ ସେ ପୁରୁଷ ଦଳର ମୁଖ୍ୟ କୋଚ୍ କ୍ରେଗ୍ ଫଲ୍‌ଟନ ଏବଂ ହକି ଇଣ୍ଡିଆ ସାଧାରଣ ସମ୍ପାଦକ ଭୋଳାନାଥ ସିଂଙ୍କ ନିକଟକୁ ମଧ୍ୟ ଅନୁରୂପ ଏକ ଚିଠି ପଠାଇଛନ୍ତି।

ସୂଚନାଯୋଗ୍ୟ, ମହିଳା ଜଣକ ତାଙ୍କ ଏଫ୍‌ଆଇଆର୍‌ରେ ଉଲ୍ଲେଖ କରିଛନ୍ତି ଯେ, ୨୦୧୮ରେ ଇନ୍‌ଷ୍ଟାଗ୍ରାମ୍‌ରେ ସମ୍ପର୍କ ସ୍ଥାପିତ ହେବାପରେ ବରୁଣ ତାଙ୍କୁ ଭେଟିବା ଲାଗି ଚାହିଁଥିଲେ। ତାଙ୍କର କେତେଜଣ ସାଥୀ ବିଶ୍ୱାସ ଜନ୍ମାଇବା ପରେ ଉଭୟଙ୍କ ମଧ୍ୟରେ ବନ୍ଧୁତ୍ୱ ସ୍ଥାପନ ହୋଇଥିଲା ଏବଂ ସେମାନଙ୍କ ମଧ୍ୟରେ ସମ୍ପର୍କ ଗଢି ଉଠିଥିଲା। ମହିଳାଙ୍କ କହିବା ଅନୁଯାୟୀ, ବରୁଣ ୨୦୧୯ ଜୁଲାଇରେ ତାଙ୍କୁ ବେଙ୍ଗାଲୁରୁସ୍ଥିତ ଏକ ହୋଟେଲକୁ ନେଇଥିଲେ। ସେତେବେଳେ ସେ ଜଣେ ନାବାଳିକା ଥିବା ଜାଣି ସୁଦ୍ଧା ହକି ଖେଳାଳି ଜଣକ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ଖବର ଅନୁସାରେ ପୀଡ଼ିତା ଜଣକ ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସରେ ଜଣେ ଭଲିବଲ ଖେଳାଳି ଭାବେ ତାଲିମ ନେଉଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ ହୋଇଥିଲା। ବର୍ତ୍ତମାନ ସେ ଆଉ ଜଣେ ଆଥ୍‌ଲେଟ ହୋଇ ରହିନାହାନ୍ତି। ସେ ଜଣେ ଏୟାର ହୋଷ୍ଟେସ ଭାବେ କାର୍ଯ୍ୟରତ। ମହିଳା ଜଣକ ଅଭିଯୋଗ କରିଛନ୍ତି ଯେ, ଗତବର୍ଷ ବରୁଣଙ୍କ ପିତାଙ୍କ ପରଲୋକ ଘଟିଥିଲା। ଏହାପରେ ସେ ତାଙ୍କ ଫୋନ୍ କଲ୍ କିମ୍ବା ମେସେଜର ଜବାବ ଦେବା ବନ୍ଦ କରିଦେଇଥିଲେ। ଏଫ୍‌ଆଇଆର୍ ଅନୁସାରେ ପିତାଙ୍କ ଦେହାନ୍ତ ପରେ ବରୁଣ ତାଙ୍କୁ ଥରେ ଭେଟିଥିଲେ, କିନ୍ତୁ ସେ କ୍ରମେ ଦୂରେଇ ଯାଇଥିଲେ। ମହିଳା ଜଣକ କହିଛନ୍ତି, ଏହା ପୂର୍ବରୁ ସେ ପ୍ରଥମେ ଯେତେବେଳେ ପୋଲିସର ଦ୍ୱାରସ୍ଥ ହେଲେ ସେତେବେଳେ ବରୁଣ ତାଙ୍କ ସହିତ ପୁଣି ଯୋଗାଯୋଗ ଆରମ୍ଭ କରିଦେଇଥିଲେ। ମାତ୍ର ବିବାହ କଥା ଉଠାଇବାରୁ ସେ ହକି ଖେଳାଳି ଜଣକ ପୁଣି ଦୂରେଇ ଯାଇଥିଲେ ଏବଂ ଚାପ ସୃଷ୍ଟି କରିବା ଲାଗି ଚେଷ୍ଟା କଲେ ତାଙ୍କ ଫଟୋଗୁଡ଼ିକ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିଦେବେ ବୋଲି ଧମକ ଦେଇଥିଲେ।

# ପାର୍ବତୀଙ୍କୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୮।୨ (ତପନ ସ୍ୱାଇଁ)



ସୁପର ମାଷ୍ଟର୍ସ ଗେମ୍ସ ଆଣ୍ଡ ସ୍ପୋର୍ଟ୍ସ ଫେଡେରେଶନ ଆନୁକୂଲ୍ୟରେ ଗୋଆର ବାମ୍ବୋଲିମ୍ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଜାତୀୟ ମାଷ୍ଟର୍ସ ଗେମ୍ସରେ ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଆଥଲେଟ୍ ପାର୍ବତୀ ସେଠୀ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଆଥଲେଟିକ୍ସରେ ତିନି ଦଶନ୍ଧି ଧରି ସଫଳତା ଅର୍ଜନ ସହ ରାଜ୍ୟକୁ ଗର୍ବିତ କରିଥିବା ପାର୍ବତୀ ମହିଳା ଡିସକସ୍ ଥ୍ରୋ ଇଭେଣ୍ଟରେ ଏହି କୃତୀତ୍ୱ ହାସଲ କରିଛନ୍ତି। ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ପ୍ରତିଯୋଗିତାରେ ପାର୍ବତୀ ଶଟ୍‌ପୁଟ୍ ଇଭେଣ୍ଟରେ ମଧ୍ୟ ଭାଗନେବେ। ଏଥିରେ ମଧ୍ୟ ସେ ସ୍ୱର୍ଣ୍ଣ ପଦକ ଜିତିବେ ବୋଲି ଆଶା ରଖିଛନ୍ତି।

# ସୃଷ୍ଟି, ପ୍ରତ୍ୟାଶାଙ୍କ ସଫଳତା

ଭୁବନେଶ୍ୱର,୮।୨(ସରୋଜ ଜେନା)

ଚେନ୍ନାଇର ଏସ୍‌ଆରଏମ୍ ୟୁନିଭର୍ସିଟିରେ ଅନୁଷ୍ଠିତ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସନ୍ତରଣ ଚାମ୍ପିୟନଶିପରେ ସଫଳତା ହାସଲ କରିଛନ୍ତି ଓଡ଼ିଶା ଆଇଆଇଏସ୍ ସନ୍ତରଣ ହାଇ ପର୍ଫମାନ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଥିବା ସୃଷ୍ଟି ଉପାଧ୍ୟାୟ ଓ ପ୍ରତ୍ୟାଶା ରାୟ। ଉତ୍କଳ ବିଶ୍ୱ ବିଦ୍ୟାଳୟର ପ୍ରତିନିଧିତ୍ୱ କରୁଥିବା ପ୍ରତ୍ୟାଶା ୬ ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ସାମିଲ ରହିଛି। ଅନ୍ୟ ପକ୍ଷରେ ସୃଷ୍ଟି ଯାଦବପୁର ବିଶ୍ୱ ବିଦ୍ୟାଳୟର ପ୍ରତିନିଧିତ୍ୱ କରି ୪ ପଦକ ହାସଲ କରିଥିଲେ। ଏହା ମଧ୍ୟରେ ୨ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ସାମିଲ ରହିଛି।


ସୃଷ୍ଟି ଉପାଧ୍ୟାୟ ଓ ପ୍ରତ୍ୟାଷା ରାୟ।

# ଏଫେଲ୍ ଟାୱାର ଭଗ୍ନାବଶେଷରେ ଅଲିମ୍ପିକ୍ସ ପଦକ

**ପ୍ୟାରିସ୍,୮।୨(ପି.ଟି.):** ଆସନ୍ତା ପ୍ୟାରିସ୍ ଅଲିମ୍ପିକ୍ସରେ ଦିଆଯିବାକୁ ଥିବା ପଦକରେ ବ୍ୟବହାର ହେବ ଏଫେଲ୍ ଟାୱାରର ଭଗ୍ନାବଶେଷ। ଫଳରେ ପ୍ରତିଯୋଗୀମାନଙ୍କୁ ମିଳିବାକୁ ଥିବା ସମସ୍ତ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକରେ ଏହି ଐତିହାସିକ ସ୍ଥାନର ଏକ ଅଂଶ ରହିବ। ଏଫେଲ୍ ଟାୱାରର ଭାଙ୍ଗି ଯାଇଥିବା ଏକ ୬ କୋଣିଆ ଲୁହା ଖଣ୍ଡକୁ ପଲିସ୍ କରାଯାଇ ସମସ୍ତ ପଦକରେ ସାମିଲ କରାଯାଇଛି। ଗୁରୁବାର ପଦକର ଡିଜାଇନ୍ ସାମ୍ନାକୁ ଆସିଥିବା ବେଳେ ଆୟୋଜକ କମିଟି ଏହା ସ୍ପଷ୍ଟ କରିଛି। ଚଳିତ ବର୍ଷ ୩୬୬୦୦ ପ୍ରତିଯୋଗୀ ଏଥିରେ ଅଂଶ ଗ୍ରହଣ କରୁଥିବା ବେଳେ ପଦକ ବିଜେତାମାନେ ଫ୍ରାନ୍ସ ଇତିହାସର ଏକ ଅଂଶ ନିଜ ସହ ନେବାରେ ସମର୍ଥ ହେବେ। ୩୩୦ ମିଟର ବା ୧୦୮୩ ଫୁଟ ଉଚ୍ଚ ଏଇଫିଲ ଟାୱାର ୧୮୦୩୮ ଖଣ୍ଡ ଲୁହାରେ ନିର୍ମିତ। ଫରାସୀ ବିପ୍ଳବର ଶତବାର୍ଷିକୀ ଅବସରରେ ୧୮୮୯ରେ ଏହାର ନିର୍ମାଣ କରାଯାଇଥିଲା।

# ଓଡ଼ିଶା ପୁରୁଷ ଦଳ ପ୍ରି-କ୍ୱାର୍ଟରରେ

**ଜାତୀୟ ଜୁନିୟର ବାସ୍କେଟବଲ ଚାମ୍ପିୟନଶିପ୍**


ଓଡ଼ିଶା ବାସ୍କେଟବଲ୍ ଦଳ।

ଭୁବନେଶ୍ୱର, ୮।୨ (ବିଜୟ ରଣା)

କିଟ୍ ୟୁନିଭର୍ସିଟି ପରିସରରେ ଚାଲିଥିବା ୭୩ତମ ଜାତୀୟ ଜୁନିୟର ବାସ୍କେଟବଲ ଚାମ୍ପିୟନଶିପ୍ (ପୁରୁଷ ଓ ମହିଳା) ଓଡ଼ିଶା ପୁରୁଷ ଦଳ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କିଟ୍ ଓ କିସ୍ ୟୁନିଭର୍ସିଟି ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଦ୍ୱାରା ମିଳିତ ଭାବେ ଆୟୋଜିତ ଏହି ଟୁର୍ନାମେଣ୍ଟର ୫ମ ଦିବସରେ ଓଡ଼ିଶା ୯୩-୮୧ରେ ଉତ୍ତରାଖଣ୍ଡକୁ ପରାସ୍ତ କରିଛି। ଅନ୍ୟପକ୍ଷରେ ମହିଳା ବିଭାଗରେ ପଶ୍ଚିମବଙ୍ଗ ୪୧-୧୫ରେ ଓଡ଼ିଶାକୁ ହରାଇ ଦେଇଛି। ପୁରୁଷ ବିଭାଗରେ ଖେଳାଯାଇଥିବା ଅନ୍ୟମ୍ୟାଚ୍‌ଗୁଡ଼ିକରେ ଉତ୍ତର ପ୍ରଦେଶ, ଚଣ୍ଡିଗଡ଼, ଦିଲ୍ଲୀ, ମହାରାଷ୍ଟ୍ର, ଗୁଜରାଟ ଓ ହିମାଚଳ ପ୍ରଦେଶ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ସେହିପରି ମହିଳା ବିଭାଗରେ ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ, ଗୁଜରାଟ, ରାଜସ୍ଥାନ, ତେଲେଙ୍ଗାନା, ଦିଲ୍ଲୀ ଓ ଝାଡ଼ଖଣ୍ଡ ସେମାନଙ୍କ ମ୍ୟାଚ ଜିତିଛନ୍ତି। ସୂଚନାଯୋଗ୍ୟ, ଏହି ଚାମ୍ପିୟନଶିପ୍‌ରେ ମୋଟ ୯୦୦ରୁ ଊର୍ଦ୍ଧ୍ୱ ଖେଳାଳି ଭାଗ ନେଇଛନ୍ତି।

# ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ଭାରତ

ଭୁବନେଶ୍ୱର,୮।୨
(ସରୋଜ ଜେନା)

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମହିଳା ପ୍ରୋ ଲିଗ୍ ହକି ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ରହିଛ ଭାରତ। କ୍ରମାଗତ ୩ଟି ମ୍ୟାଚ୍ ହାରି ସାରିଥିବା ଭାରତ ଶୁକ୍ରବାର ଆମେରିକା ବିପକ୍ଷରେ ଏହାର ପରବର୍ତ୍ତୀ ମ୍ୟାଚ୍ ଖେଳିବ। ଦଳ ଏହି ମ୍ୟାଚ୍‌କୁ ଜିତିବା ସହ ପ୍ରତ୍ୟାବର୍ତ୍ତନ ପାଇଁ ଚେଷ୍ଟା କରିବ। ଭାରତ ଏହାର ପ୍ରଥମ ମ୍ୟାଚରେ ଚାଇନା ନିକଟରୁ ୧-୨ରେ ହାରିଥିଲା। ପରବର୍ତ୍ତୀ ମ୍ୟାଚରେ ନେଦରଲାଣ୍ଡ୍ସ ୧-୩ରେ ଜିତିଥିବା ବେଳେ ଅଷ୍ଟ୍ରେଲିଆ ମଧ୍ୟ ୩-୦ରେ ଜିତି ନେଇଥିଲା। ପ୍ରଥମ ମ୍ୟାଚ୍‌ରେ ଆମ ନିକଟରେ ବିଜୟ ସୁଯୋଗ ରହିଥିଲେ ମଧ୍ୟ ଆମେ ଏହାର ଫାଇଦା ନେଇପାରି ନ ଥିଲୁ ବୋଲି କହିଛନ୍ତି ଭାରତୀୟ ଅଧିନାୟିକା ସବିତା ପୁନିଆ। ତେବେ ପରବର୍ତ୍ତୀ ମ୍ୟାଚ୍‌ଗୁଡିକରେ ଆମେ ଅନେକ ଭୁଲ କରିଛୁ ବୋଲି ସେ ସ୍ୱୀକାର କରିଛନ୍ତି। ପ୍ରତ୍ୟେକ ପରାଜୟ ଆମକୁ ମାନସିକ ଭାବରେ ଦୃଢ଼ କରିଛି। ଆମେ ଏଥିରୁ ଅନେକ ଜିନିଷ ଶିଖିବାକୁ ପାଇଛୁ। ଦକ୍ଷତାର ପ୍ରଦର୍ଶନ ପାଇଁ ଆମେରିକା ବିପକ୍ଷ ମ୍ୟାଚ୍ ଆମ ପାଇଁ ସୁଯୋଗ ବୋଲି କହିଛନ୍ତି ସବିତା। ଏହା ସହ ଚଳିତ ଲିଗ୍‌ରେ ପ୍ରଥମ ବିଜୟ ହାସଲ କରିବାର ଏହା ପ୍ରକୃଷ୍ଟ ସୁଯୋଗ ବୋଲି ସେ କହିଛନ୍ତି। ଭାରତ ପରି ଆମେରିକା ମଧ୍ୟ କ୍ରମାଗତ ୩ ପରାଜୟ ବରଣ କରିଛି।

# ନୀରଜଙ୍କୁ ସମ୍ମାନିତ କଲା ସୁଇଜରଲାଣ୍ଡ ଟୁରିଜମ୍

ଲାଉସାନେ,୮।୨(ପି.ଟି.)


ଫଳକ ଉନ୍ମୋଚନ କରୁଛନ୍ତି ନୀରଜ ଚୋପ୍ରା।

ଭାରତୀୟ ଜାଭେଲିନ୍ ତାରକା ନୀରଜ ଚୋପ୍ରାଙ୍କୁ ସମ୍ମାନିତ କରିଛି ସୁଇଜରଲାଣ୍ଡ ଟୁରିଜମ୍। ଟପ୍ ଅଫ୍ ୟୁରୋପ୍ ଭାବରେ ପରିଚିତ ସୁଇଜରଲାଣ୍ଡର ଜଙ୍ଗଫ୍ରାଉଜୋର ଆଇସ୍ ପ୍ୟାଲେସ୍‌ରେ ନୀରଜଙ୍କ ନାମର ଏକ ଫଳକ ପ୍ରସ୍ତୁତ କରାଯାଇଛି। ନୀରଜଙ୍କ ସଫଳତମ କ୍ୟାରିୟରକୁ ଏହି ଫଳକରେ ସ୍ଥାନିତ କରାଯାଇଛି। ଏହା ସହିତ ପୂର୍ବରୁ ସୁଇଜରଲାଣ୍ଡ ଟୁରିଜମକୁ ନୀରଜ ଏକ ଜାଭେଲିନ୍ ଉପହାର କରିଥିଲେ। ଉକ୍ତ ଜାଭେଲିନ୍‌ଟି ଫଳକ ସହିତ ରହିଛି। ଗୁରୁବାର ନୀରଜ ଏହି ଫଳକ ଉନ୍ମୋଚନ କରିଥିଲେ। ଐତିହାସିକ ଆଇସ୍ ପ୍ୟାଲେସ୍‌ରେ ସ୍ଥାନ ପାଇବାରେ ନୀରଜ ତୃତୀୟ କ୍ରୀଡାବିତ୍। ପୂର୍ବରୁ ଟେନିସ୍ ତାରକା ରୋଜର ଫେଡେରର ଓ ଗଲ୍ଫର ରୋରୀ ମ୍ୟାକଲୋରୀଙ୍କ ନାମଫଳକ ଏଠାରେ ସ୍ଥାନିତ ହୋଇଛି।

ଆଇସ୍ ପ୍ୟାଲେସରେ ସ୍ଥାନିତ ଫଳକଟି କ୍ରୀଡା ପ୍ରତି ଥିବା ସମ୍ମାନ ଓ ଭଲପାଇବାର ପ୍ରତୀକ ବୋଲି ସୁଇଜରଲାଣ୍ଡ ଟୁରିଜମ୍ ପକ୍ଷରୁ କୁହାଯାଇଛି। ସେହିପରି ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ନୀରଜ ଚୋପ୍ରା ଏହି ସମ୍ମାନ ପାଇଁ ଧନ୍ୟବାଦ ଜଣାଇଛନ୍ତି। ସୁଇଜରଲାଣ୍ଡରେ ମିଳିଥିବା ଭଲପାଇବା ଓ ସମ୍ମାନ ପାଇ ମୁଁ କୃତଜ୍ଞ। ସୁଦୃଶ୍ୟ ଆଇସ୍ ପ୍ୟାଲେସରେ ମୋ ଫଳକ ରହିବା ମୋ ପାଇଁ ଗର୍ବର ବିଷୟ ବୋଲି କହିଛନ୍ତି ନୀରଜ। ଟପ୍ ଅଫ୍ ୟୁରୋପରେ ଛିଡା ହୋଇଥିବା ବେଳେ ଏହା ମୋତେ ଟପ୍ ଅଫ୍ ୱାର୍ଲ୍ଡ ମନେହେଉଛି ବୋଲି ନୀରଜ କହିଛନ୍ତି।

# ଲିଙ୍ଗରାଜ ଚ୍ୟାଲେଞ୍ଜ କପ୍ ଭଲିବଲ

ପୁରୁଣା ଭୁବନେଶ୍ୱର, ୮।୨
(ସୁବାସ ପ୍ରଧାନ)

ଲିଙ୍ଗରାଜ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୁଲ୍ୟରେ ୧୪ତମ ଲିଙ୍ଗରାଜ ଚ୍ୟାଲେଞ୍ଜ କପ୍ ଏକଦିବସୀୟ ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଶୁକ୍ରବାର ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ରାଜ୍ୟର ଶ୍ରେଷ୍ଠ ୪ ଦଳ କିଟ୍ ବିଶ୍ୱବିଦ୍ୟାଳୟ, ଇଷ୍ଟ କୋଷ୍ଟ ରେଲୱେ, ସ୍ପୋର୍ଟ୍ସ ହଷ୍ଟେଲ ଭୁବନେଶ୍ୱର ଓ ରେନବୋ କ୍ଲବ ଭାଗନେବେ। ଭାଗ ନେଉଥିବା ଦଳଗୁଡିକରେ ଜାତୀୟ ସ୍ତରର ଖେଳାଳିଙ୍କ ଉପସ୍ଥିତି ପ୍ରତିଯୋଗିତାକୁ ଆକର୍ଷଣୀୟ କରିବ ବୋଲି ଆଶା କରାଯାଉଛି। କ୍ଲବର ବରିଷ୍ଠ ସଦସ୍ୟ ଅଭିରାମ ନାୟକଙ୍କ ଗତ କିଛିଦିନ ପୂର୍ବରୁ ପରଲୋକ ଘଟିଛି। ତେଣୁ ଆଗାମୀ ପ୍ରତିଯୋଗିତାକୁ ତାଙ୍କ ପ୍ରତି ଉତ୍ସର୍ଗ କରାଯାଇଛି ବୋଲି ଲିଙ୍ଗରାଜ ସ୍ପୋର୍ଟ୍ସ ଆସୋସିଏଶନ ସଭାପତି ବାବୁ ସିଂ ଓ ସମ୍ପାଦକ ରଜତ କୁମାର ତ୍ରିପାଠୀ ପ୍ରକାଶ କରିଛନ୍ତି।

# ଫାଇନାଲରେ ଭାରତ-ଅଷ୍ଟ୍ରେଲିଆ

**୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ**



ଅଷ୍ଟ୍ରେଲିଆକୁ ଜିତାଇବା ପରେ ଉଲ୍ଲସିତ ରାଫ୍ ମ୍ୟାକ୍‌ମିଲାନ।

ବେନୋନି,୮।୨

ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଦିନିକିଆ କ୍ରିକେଟ ବିଶ୍ୱକପର ଫାଇନାଲରେ ପ୍ରବେଶ କରିଛି ଅଷ୍ଟ୍ରେଲିଆ। ଗୁରୁବାର ପାକିସ୍ତାନକୁ ୧ ଉଇକେଟରେ ପରାସ୍ତ କରିବା ସହ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି ଅଷ୍ଟ୍ରେଲିଆ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୪୮.୫ ଓଭରରେ ୧୭୯ ରନ୍‌ରେ ଅଲଆଉଟ ହୋଇଥିଲା। ୧୮୦ ରନ୍‌ର ପିଛା କରୁଥିବା ଅଷ୍ଟ୍ରେଲିଆ ୫ ବଲ୍ ବାକି ଥାଇ ମ୍ୟାଚ୍ ଜିତି ନେଇଥିଲା। ଦ୍ୱିତୀୟ ଦଳ ଭାବରେ ଫାଇନାଲରେ ପ୍ରବେଶ କରିଥିବା ବେଳେ ରବିବାର ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଫାଇନାଲ ଖେଳାଯିବ।

ପାକିସ୍ତାନ ପକ୍ଷରୁ ଅଜନ ଆୱେସ୍ ଓ ଆରାଫତ ମିହ୍ନାସ୍ ୫୨ ରନ୍ ଲେଖାଏ କରିଥିଲେ। ଓପନର ଶାମିଲ ହୁସେନ୍ ୧୭ ରନ୍ କରିଥିବା ବେଳେ ୮ ଜଣ ଖେଳାଳି ୨ ଅଙ୍କ ଛୁଇଁ ପାରି ନ ଥିଲେ। ଅଜନ ୯୧ ବଲ୍ ଖେଳି ୩ ଚୌକା ମାରିଥିଲେ। ଅନ୍ୟ ପକ୍ଷରେ ୭ ନମ୍ବର ସ୍ଥାନରେ ବ୍ୟାଟିଂ କରିଥିବା ଆରାଫତ ୬୧ ବଲ୍ ଖେଳି ୯ ଚୌକା ମାରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଟମ୍ ଷ୍ଟ୍ରେକର ୨୪ ରନ୍‌ରେ ୬ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଲି ବିଅର୍ଡମାନ, କାଲମ ଭିଡଲର, ରାଫ ମାକମିଲାନ ଓ ଟମ୍ କ୍ୟାମ୍ପବେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୮୦ ରନ୍ ଲକ୍ଷ୍ୟର ପିଛା କରୁଥିବା ଅଷ୍ଟ୍ରେଲିଆର ଆରମ୍ଭ ବେଶ ଦୟନୀୟ ରହିଥିଲା। ଦଳ ୫୯ ରନ୍‌ରେ ୪ ଉଇକେଟ ହରାଇ ସଙ୍କଟରେ ପଡିଥିଲା। ତେବେ ଓପନର ହ୍ୟାରୀ ଡିକ୍ସନ ୫୦ ରନ୍ କରିଥିଲେ। ଦଳୀୟ ସ୍କୋର ୧୦୨ରେ ଡିକ୍ସନ ଆଉଟ ହୋଇଥିଲେ। ଡିକ୍ସନ ୭୫ ବଲ୍ ଖେଳି ୫ ଚୌକା ମାରିଥିଲେ। ନିମ୍ନ ମଧ୍ୟକ୍ରମରେ ଓଲିଭର ପିକ(୪୯), ଟମ୍ କ୍ୟାମ୍ପବେଲ୍(୨୫) ଓ ରାଫ୍ ମ୍ୟାକ୍‌ମିଲାନ୍(୧୯)ଙ୍କ ଉପଯୋଗୀ ଅବଦାନ ଫଳରେ ଅଷ୍ଟ୍ରେଲିଆ ବିଜୟୀ ହୋଇଥିଲା।ବିଜୟ ପାଇଁ ୧୬ ରନ୍ ଆବଶ୍ୟକ ଥିବା ବେଳେ ଅଷ୍ଟ୍ରେଲିଆ ଲଗାତାର ୨ ଉଇକେଟ ହରାଇଥିଲା। ତେବେ ମ୍ୟାକମିଲାନ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ଦଳକୁ ବିଜୟୀ କରିଥିଲେ। ପାକିସ୍ତାନ ପକ୍ଷରୁ ଅଲୀ ରାଜା ୪ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଆରାଫତ ମିହ୍ନାସ ୨, ଉବେଦ୍ ଶାହା ଓ ନଭିଦ୍ ଖାନ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

# ଡ୍ରିମ୍ସରେ ଆଜିଠୁ ଓଡ଼ିଶା ବନାମ ଉତ୍ତରାଖଣ୍ଡ

**ରଣଜୀ ଟ୍ରଫି**

ଭୁବନେଶ୍ୱର, ୮।୨ (ତପନ ସ୍ୱାଇଁ)

କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଓଡ଼ିଶା ଓ ଉତ୍ତରାଖଣ୍ଡ ମଧ୍ୟରେ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। ଗ୍ରୁପ୍ 'ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ଚଳିତ ସିଜନରେ ଏହାର ୬ଷ୍ଠ ମ୍ୟାଚ ଖେଳିବ। ପୂର୍ବରୁ ଖେଳିଥିବା ୫ ମ୍ୟାଚରୁ ଦଳ ଗୋଟିଏରେ ବିଜୟୀ ହୋଇଥିବାବେଳେ ୨ଟି ହାରିଛି ଏବଂ ୨ଟି ଡ୍ର ରଖିଛି। ୧୨ ପଏଣ୍ଟ ସହିତ ଓଡ଼ିଶା ଦଳ ପଏଣ୍ଟ ଟେବୁଲର ୫ମ ସ୍ଥାନରେ ରହିଛି। ଭଦୋଦରାରେ ବରୋଦାଠାରୁ ୧୪୭ ରନରେ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଇନ୍ଦୋରରେ ଅନୁଷ୍ଠିତ ପରବର୍ତ୍ତୀ ମ୍ୟାଚକୁ ମଧ୍ୟ ପ୍ରଦେଶ ସହ ଡ୍ର ରଖିଥିଲା। ତେବେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ୩ ପଏଣ୍ଟ ପାଇଥିଲା। ଡ୍ରିମ୍ସରେ ଅନୁଷ୍ଠିତ ତୃତୀୟ ମ୍ୟାଚରେ ଜମ୍ମୁ-କଶ୍ମୀରଠାରୁ ଦଳ ୨ ଉଇକେଟରେ ପରାଜିତ ହୋଇଥିଲା। ୪ର୍ଥ ମ୍ୟାଚରେ ପ୍ରତିପକ୍ଷ ହିମାଚଳ ପ୍ରଦେଶକୁ ୨୩୮ ରନରେ ହରାଇ ସିଜନର ପ୍ରଥମ ବିଜୟ ସ୍ୱାଦ ଚାଖିଥିଲା ଓଡ଼ିଶା। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ପୁଡୁଚେରୀ ବିପକ୍ଷ ୫ମ ମ୍ୟାଚକୁ ଦଳ ଡ୍ର ରଖିଥିଲେ ହେଁ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ୩ ପଏଣ୍ଟ ପାଇଥିଲା। ଆଉ ୨ଟି ମ୍ୟାଚ ବାକି ଥିବା ବେଳେ ଓଡ଼ିଶା ପାଇଁ ମ୍ୟାଚ ଜିତିବା ଗୁରୁତ୍ୱପୂର୍ଣ୍ଣ।

# ଶୀର୍ଷ ସ୍ଥାନ ବଜାୟ ଲକ୍ଷ୍ୟରେ ଓଏଫସି

**ଇଣ୍ଡିଆନ୍ ସୁପର ଲିଗ୍**

ଭୁବନେଶ୍ୱର,୮।୨
(ସରୋଜ ଜେନା)


ସର୍ଗିଓ ଲୋବେରା ଏବଂ ଲେନି ରୋଡ୍ରିଗୁଏଜ୍।

ଇଣ୍ଡିଆନ୍ ସୁପର ଲିଗ୍‌ରେ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ପରସ୍ପର ମୁହାଁମୁହିଁ ହେବେ ଓଡ଼ିଶା ଏଫ୍‌ସି(ଓଏଫ୍‌ସି) ଓ ଏଫ୍‌ସି ଗୋଆ। ପଏଣ୍ଟ ଟେବୁଲର ପ୍ରଥମ ଦୁଇ ସ୍ଥାନରେ ଥିବା ଏହି ମ୍ୟାଚ୍ ଜିତିବା ଦଳ ଟେବୁଲର ଶୀର୍ଷସ୍ଥାନ ହାସଲ କରିବ। ଓଏଫ୍‌ସି ଏହାର ପୂର୍ବ ମ୍ୟାଚ୍‌ରେ ହାଇଦ୍ରାବାଦ ଏଫ୍‌ସି ବିପକ୍ଷରେ ୩-୦ରେ ବିଜୟୀ ହୋଇଥିଲା। ଏହି ବିଜୟ ସହ ଓଏଫ୍‌ସି ପଏଣ୍ଟ ଟେବୁଲର ଶୀର୍ଷକୁ ଉଠିଥିଲା। ଉଭୟ ଦଳ ମଧ୍ୟରେ ଖେଳା ଯାଇଥିବା ଅନ୍ତିମ ଆଇଏସ୍‌ଏଲ୍ ମ୍ୟାଚ୍‌କୁ ୩-୨ରେ ଜିତି ନେଇଥିଲା ଏଫ୍‌ସି ଗୋଆ। ଫତୋର୍ଦା ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚର ଅନ୍ତିମ ମିନିଟରେ ଜୟ ଗୁପ୍ତା ନିର୍ଣ୍ଣାୟକ ଗୋଲ ସ୍କୋର କରିଥିଲେ। ତେବେ ନିକଟରେ ସୁପର କପ୍‌ରେ ଏହାର ପ୍ରତିଶୋଧ ନେଇଥିଲା ଓଏଫ୍‌ସି। ୨-୦ରେ ବିଜୟ ସହ ସୁପର କପ୍ ସେମିରେ ପ୍ରବେଶ କରିଥିଲା ଦଳ। ଆଇଏସ୍‌ଏଲ୍‌ର ଚଳିତ ସିଜନରେ ଏଫ୍‌ସି ଗୋଆ ୧୧ ମ୍ୟାଚ୍‌ରୁ ୨୭ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଓଏଫ୍‌ସି ୧୪ ମ୍ୟାଚ୍‌ରୁ ୩୦ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଛି। ଏଫ୍‌ସି ଗୋଆ ଚଳିତ ସିଜନରେ ଗୋଟିଏ ବି ମ୍ୟାଚ୍ ହାରି ନ ଥିବା ବେଳେ ଏହା ଓଏଫ୍‌ସି ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବ।

ତେବେ ସର୍ଗିଓ ଲୋବେରାଙ୍କ ଦଳ ବିଗତ ୧୦ ମ୍ୟାଚ୍‌ରେ ଅପରାଜେୟ ରହିଛି। ଏହି ଅପରାଜେୟ ଧାରା ଜାରି ରଖିବା ସହ ପଏଣ୍ଟ ଟେବୁଲରେ ଶୀର୍ଷ ସ୍ଥାନ ବଜାୟ ରଖିବା ପାଇଁ ଦଳ ପ୍ରୟାସ କରିବ। ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଏବଂ ଲେନି ରୋଡ୍ରିଗୁଏଜ୍ ଯୋଗ ଦେଇଥିଲେ। ଗୋଆ ଏକ ଶକ୍ତିଶାଳୀ ଦଳ ଏହା ନିଃସନ୍ଦେହ। ତେବେ ଓଏଫ୍‌ସି ଏହି ମ୍ୟାଚ୍ ଜିତିବାକୁ ସମସ୍ତ ପ୍ରୟାସ କରିବ ବୋଲି କହିଥିଲେ ଲୋବେରା। ଦଳ ଅଧିକ ଆଗକୁ ଚିନ୍ତା ନ କରି ଏହି ମ୍ୟାଚ୍ ଉପରେ ଫୋକସ୍ କରିବା ଉଚିତ ବୋଲି ଲୋବେରା କହିଥିଲେ।

# କ୍ରସ୍‌ବୋ ଶୁଟର ଭଉଣୀଭାଇ

**ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ଯାଇ ବିଶ୍ୱସ୍ତରରେ ଭାରତକୁ ପରିଚିତ କରାଇପାରିଛନ୍ତି ରାୟଗଡ଼ାର ୨ ଭଉଣୀ ଭାଇ। କ୍ରସବୋ ଶୁଟିଂକୁ କ୍ୟାରିୟର କରିଥିବା ଏହି ଦୁଇଜଣ ହେଲେ ଏ. ନେହା ପଟ୍ଟନାୟକ ଓ ଏ. ଲୋହିତ ପଟ୍ଟନାୟକ। ରାଇଫଲ ଶୁଟିଂକୁ ଆପଣେଇ ଆଗାମୀ ଦିନରେ ଅଲିମ୍ପିକ୍ସ ପଦକ ଜିତିବା ସେମାନଙ୍କର ଲକ୍ଷ୍ୟ ବୋଲି ପ୍ରକାଶ କରିଛନ୍ତି।**


ନେହା ଓ ଲୋହିତ

ରାୟଗଡ଼ା ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ଯାଇ ବିଶ୍ୱସ୍ତରରେ ଭାରତକୁ ପରିଚିତ କରାଇପାରିଛନ୍ତି ୨ ଭଉଣୀଭାଇ। ରାୟଗଡ଼ା ସହର ହାଉସିଂ ବୋର୍ଡ ୨ୟ ଲାଇନ୍‌ରେ ରହୁଥିବା ଏ. ମାଙ୍ଗା ପଟ୍ଟନାୟକ ଓ ଏ.ଆନନ୍ଦ ପଟ୍ଟନାୟକଙ୍କ ଝିଅ ଏ. ନେହା ପଟ୍ଟନାୟକ (୨୩) ଏବଂ ପୁଅ ଏ. ଲୋହିତ ପଟ୍ଟନାୟକ (୨୧)। ଜାତୀୟ ଏବଂ ବିଶ୍ୱ କ୍ରସ୍‌ବୋ ପ୍ରତିଯୋଗିତାରେ ପଦକ ହାସଲ କରି ରାୟଗଡ଼ା ଜିଲା ପାଇଁ ଗୌରବ ଆଣିଛନ୍ତି। କେବଳ ସେତିକି ନୁହେଁ, ନେହା ରାୟଗଡ଼ାରେ ଅନ୍ୟ ମହିଳା କ୍ରୀଡାବିତ୍‌ଙ୍କ ପାଇଁ ଉଦାହରଣ ମଧ୍ୟ ପାଲଟିଛନ୍ତି। ତାଙ୍କ କହିବା ଅନୁଯାୟୀ, ପିଲାଟି ଦିନରୁ କ୍ରୀଡ଼ା ପ୍ରତି ଥିଲା ଅହେତୁକ ଆଗ୍ରହ ଓ କିଛି ଭିନ୍ନ କରିବାର ଚିନ୍ତାଧାରା। ଯାହା ତାଙ୍କୁ ଆଜି କ୍ରସ୍‌ବୋ ଶୁଟର୍ କରିବାରେ ସାହାଯ୍ୟ କରିଛି। ନେହା ବିଶାଖାପାଟଣା ସଂସ୍କୃତି ଗ୍ଲୋବାଲ ବିଦ୍ୟାଳୟରେ ଯୁକ୍ତ ୨ରେ ପଢ଼ିବା ସମୟରେ ପ୍ରତି ଦିନ ଗୋଟେ ଗୋଟେ ଆକ୍ଟିଭିଟି ରହିଥିଲା। ଯେଉଁଥିରେ କ୍ରସ୍‌ବୋ ଶୁଟ୍ ଥିଲା। ସେଠାରେ ସେ ଅଭ୍ୟାସ କରିବା ପରେ ଆଗ୍ରହ ବଢ଼ିବା ସହ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ କରିବାରେ ଲାଗିଥିଲେ। ପରେ ସେ ଭାରତର ତାରକା ଶୁଟର୍ ଅଭିନବ ବିନ୍ଦ୍ରାଙ୍କୁ ୟୁଟ୍ୟୁବ୍‌ରେ ଦେଖି ଶୁଟିଂ କରିବାକୁ ଅନୁପ୍ରାଣିତ ହୋଇଥିଲେ।

ସେ ଆଗ୍ରାରେ ଅନୁଷ୍ଠିତ ଜାତୀୟ କ୍ରସ୍‌ବୋ ଶୁଟିଂରେ ପ୍ରଥମ ବର୍ଷ ସ୍ୱର୍ଣ୍ଣ, ୨ୟ ବର୍ଷ ଜାତୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ, ୩ୟ ବର୍ଷ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ବିଶ୍ୱ କ୍ରସ୍‌ବୋ ଚାମ୍ପିୟନଶିପ୍‌ରେ ପ୍ରଥମେ ସ୍ୱର୍ଣ୍ଣ ଓ ପରେ ରୌପ୍ୟ ପଦକ ହାସଲ କରିଛନ୍ତି। ଏପର୍ଯ୍ୟନ୍ତ ସର୍ବମୋଟ ୫ଟି ପଦକ ହାସଲ କରି ସାରିଛନ୍ତି ନେହା। ବିଶ୍ୱ କ୍ରସ୍‌ବୋ ପ୍ରତିଯୋଗିତାରେ ସ୍ୱିଡେନ୍, ୟୁକେ, ୟୁଏସ୍‌ଏ, ପର୍ତ୍ତୁଗାଲ, ଏଷ୍ଟୋନିଆ, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ ଓ ଭାରତ ଆଦି ୮ଟି ଦେଶ ଭାଗ ନେଇଥିଲେ। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ଗୌରବ ଆଣିଛନ୍ତି ନେହା। ଅଲିମ୍ପିକରେ ରାଇଫଲ ଶୁଟିଂ ପାଇଁ ଚୟନ କରାଯାଉଛି। ତେଣୁ ସେ ଏବେ ଉଭୟ କ୍ରସ୍‌ବୋ ଏବଂ ରାଇଫଲ ଶୁଟିଂ ପାଇଁ ବିଶାଖାପାଟଣା ଏବଂ ହାଇଦ୍ରାବାଦରେ ତାଲିମ ନେଉଛନ୍ତି। ଶୁଟିଂ ପାଇଁ ମାନସିକ ଏକାଗ୍ରତାର ଆବଶ୍ୟକ ଥିବାରୁ ନେହା ମେଡିଟେଶନ କରୁଥିବା କହିଛନ୍ତି। ଆଗାମୀ ଦିନରେ ରାଇଫଲ ଶୁଟିଂ କରି ଅଲିମ୍ପିକ୍ସରେ ଭାଗ ନେଇ ଭାରତ ପାଇଁ ବିଜେତା ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ପ୍ରତ୍ୟେକ ବିଦ୍ୟାଳୟ ଏବଂ କଲେଜରେ କ୍ରୀଡାର ସୁଯୋଗ ସହ ପ୍ରୋତ୍ସାହନ ରହିଲେ ରାୟଗଡ଼ାର ଅନେକ ମହିଳା କ୍ରୀଡାବିତ୍‌ଙ୍କ ପ୍ରତିଭା ଆହୁରି ଆଗକୁ ଯିବ ବୋଲି ସେ କହିଛନ୍ତି। ଏକ ଘରୋଇ କଲେଜରେ ବିଏସ୍‌ସି ଶେଷ ପରେ ସେ ଏବେ ଖେଳ ପ୍ରତି ଧ୍ୟାନ ଦେଉଥିବା କହିଛନ୍ତି।

ସେହିପରି ତାଙ୍କ ଭାଇ ଏ. ଲୋହିତ ପଟ୍ଟନାୟକ (୨୧) ନର୍ସରୀରୁ ୧୦ମ ପର୍ଯ୍ୟନ୍ତ ରାୟଗଡ଼ାରେ ପଢ଼ିବା ପରେ ଏବେ ଗୁଣୁପୁରର ଏକ ଘରୋଇ କଲେଜରେ ଯୁକ୍ତ ୨ ସମାପ୍ତ କରିଛନ୍ତି। ତେବେ ନିଜ ବଡ଼ ଭଉଣୀ ଏ. ନେହାଙ୍କୁ ଦେଖି ଅନୁପ୍ରାଣିତ ହେବା ପରେ ଗତ ୨ ବର୍ଷ ହେବ କ୍ରସ୍‌ବୋ ଶୁଟିଂ ଆରମ୍ଭ କରିଛନ୍ତି। ଏହାମଧ୍ୟରେ ୨୦୨୨ରେ ଆଗ୍ରାରେ ଅନୁଷ୍ଠିତ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ପ୍ରଥମେ ବିଫଳ ହୋଇଥିଲେ, ପରେ ପୁଣି କଠିନ ପରିଶ୍ରମ କରି ଜାତୀୟସ୍ତରରେ ଜୁନ୍ ୨୦୨୨ରେ ହୋଇଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ରୌପ୍ୟ ପଦକ ହାସଲ କରିଛନ୍ତି। ପରେ ବିଶ୍ୱ କ୍ରସ୍‌ବୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଆଗକୁ ଆହୁରି ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟ ଥିବା ଲୋହିତ କହିଛନ୍ତି।

–ଭାଗ୍ୟଶ୍ରୀ ମିଶ୍ର, ରାୟଗଡ଼ା


ପୁରସ୍କାର ଗ୍ରହଣ ଅବସରରେ ଏ. ନେହା ପଟ୍ଟନାୟକ

# କ୍ରୀଡ଼ା ପ୍ରତିଭାଙ୍କ ମଧ୍ୟରେ ଉତ୍ସାହ ଭରିଛି 'ନୂଆ-ଓ'

ଭୁବନେଶ୍ୱର, ୮।୨
(ତପନ ସ୍ୱାଇଁ)

ଓଡ଼ିଶାରେ ଏବେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଉପଲବ୍ଧ ସହ ଏକାଧିକ ମେଗା ଇଭେଣ୍ଟ ସଫଳତାର ସହ ଆୟୋଜନ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିଗ୍‌ଦର୍ଶନରେ ଅନେକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଇଥିବାବେଳେ ଦେଶରେ କ୍ରୀଡ଼ା ବିପ୍ଳବ ଆଣିଛି ଓଡ଼ିଶା। ଏକାଧିକ କ୍ରୀଡ଼ାର ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ, ହାଇ ପରଫର୍ମାନ୍ସ ସେଣ୍ଟର ପ୍ରତିଷ୍ଠା ସହ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ସୃଷ୍ଟି ପାଇଁ ଓଡ଼ିଶା ଦେଶର କ୍ରୀଡ଼ା ରାଜଧାନୀର ମାନ୍ୟତା ପାଉଛି। ରାଜ୍ୟର ଯୁବପିଢ଼ିଙ୍କୁ ସଶକ୍ତ ଓ ନିୟୋଜିତ କରିବା ପାଇଁ ନଭେମ୍ବର ୨୦୨୩ରେ ଆରମ୍ଭ ହୋଇଥିବା ଏକ ନିଆରା ପଦକ୍ଷେପ 'ନୂଆ-ଓ' ସହ ଓଡ଼ିଶା ନିଜର କ୍ରୀଡ଼ା ଦୃଷ୍ଟିକୋଣକୁ ଆହୁରି ସୁଦୃଢ଼ କରିଛି। ହକି, କ୍ରିକେଟ୍, ଖୋ ଖୋ ଓ ଭଲିବଲ୍ ଭଳି ୬ଟି ବିଭାଗରେ ୫୫,୦୦୦ରୁ ଅଧିକ ଦଳ ଅଂଶଗ୍ରହଣ କରିଛନ୍ତି। ଶିକ୍ଷାନୁଷ୍ଠାନ, ବ୍ଲକ, ଜିଲା ଓ ରାଜ୍ୟ ଆଦି ଚାରିଟି ସ୍ତରରେ ବହୁ ସଂଖ୍ୟକ ବାଳିକା-ବାଳକ ସକ୍ରିୟ ଅଂଶଗ୍ରହଣ କରି ନିଜ ଦକ୍ଷତା ପ୍ରଦର୍ଶନ କରିଛନ୍ତି। ନୂଆ-ଓ କେବଳ ଯୁବପିଢ଼ିଙ୍କୁ ଉତ୍ସାହିତ କରିନାହିଁ, ବରଂ ସେମାନଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଏକ ସମ୍ମାନଜନକ ପ୍ଲାଟଫର୍ମ ମଧ୍ୟ ପ୍ରଦାନ କରିଛି। ବିଶ୍ୱର ହକି ତାରକାମାନେ ଯେଉଁ ବିର୍ସା ମୁଣ୍ଡା ଷ୍ଟାଡିୟମରେ ନିଜ କୌଶଳ ଦେଖାଉଛନ୍ତି ସେଠାରେ ଖେଳି କିଶୋରମାନେ ନିଜ ସ୍ୱପ୍ନ ସାକାର କରିଛନ୍ତି। ସେହିପରି ରାଜ୍ୟର ପ୍ରତିଭାସମ୍ପନ୍ନ ଖୋ-ଖୋ ଖେଳାଳିଙ୍କ ପାଇଁ ପୁରୀରେ ପ୍ରତିଦ୍ୱନ୍ଦ୍ୱିତା କରିବା ଏକ ବଡ଼ ମାଇଲଖୁଣ୍ଟ ସଦୃଶ। କେବଳ ସେତିକି ନୁହେଁ ଜାତୀୟ ଭଲିବଲ୍ ପ୍ରତିଯୋଗିତା ଆୟୋଜନ କରିଥିବା କିଟ୍ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ପ୍ରତିଭାବାନ ଭଲିବଲ୍ ଖେଳାଳିମାନଙ୍କୁ ନେଇ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। 'ନୂଆ-ଓ' କ୍ରୀଡ଼ା କାର୍ଯ୍ୟକ୍ରମରେ ବିଜେତାଙ୍କୁ ଯେଉଁ ପୁରସ୍କାର ରାଶି ପ୍ରଦାନ କରାଯାଉଛି ତାହା ଛାତ୍ରୀଛାତ୍ରଙ୍କ ପାଇଁ ବେଶ୍ ଉତ୍ସାହଜନକ। ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା କ୍ରୀଡ଼ାବିତ୍‌ମାନଙ୍କୁ ରାଜ୍ୟ ସରକାର ଉତ୍ସାହିତ କରି ଆସୁଛନ୍ତି। ଖେଳାଳିମାନେ ଏବେ କିଶୋର ଅବସ୍ଥାରେ ଥିବାରୁ ଏହି କ୍ରୀଡ଼ା କାର୍ଯ୍ୟକଳାପ ସେମାନଙ୍କୁ ସକାରାତ୍ମକ ଢଙ୍ଗରେ ନିୟୋଜିତ କରିବା, ଦଳଗତ କାର୍ଯ୍ୟ, ଉତ୍ତରଦାୟିତ୍ୱ, ବନ୍ଧୁତ୍ୱ ଏବଂ ସର୍ବୋପରି କ୍ରୀଡ଼ା ଜଗତ ସହିତ ସମ୍ପୃକ୍ତିର ଭାବନା ଶିଖାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି, ଯାହା ବିଶ୍ୱସ୍ତରରେ ଓଡ଼ିଶାର ଭାବମୂର୍ତ୍ତୀକୁ ଅଧିକ ବଢ଼ାଇ ଦେଇଛି।




ନୂଆ-ଓ କାର୍ଯ୍ୟକ୍ରମ ଅନ୍ତର୍ଗତ ଖୋ ଖୋ ଓ ଭଲିବଲ ପ୍ରତିଯୋଗିତା।

# ନୂଆ ଆଶା ଶ୍ରୀଜଗନ୍ନାଥ ଷ୍ଟାଡିୟମ


ସନ୍ତୋଷ କୁମାର ସେଠୀ


ଚନ୍ଦନ କୁମାର ସାହୁ

ପୁରୀରେ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମର ନିର୍ମାଣ ଗତବର୍ଷ ସମ୍ପୂର୍ଣ୍ଣ ହୋଇଛି। କ୍ରିକେଟ ବ୍ୟତୀତ ଏହି ଷ୍ଟାଡିୟମର ପରିସରରେ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟର ଓ ଅତ୍ୟାଧୁନିକ ସୁଇମିଂ ପୁଲ୍ ମଧ୍ୟ ଉପଲବ୍ଧ। ଏହା ଆଗାମୀ ଦିନରେ ଓଡ଼ିଶା କ୍ରୀଡ଼ାକୁ ଅଧିକ ସମୃଦ୍ଧ କରିବ ବୋଲି ଆଶା ରଖିଛନ୍ତି ପୁରୀର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଓ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ। ''୨୦୧୮ରୁ ଆରମ୍ଭ ହୋଇଥିବା ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ ୨୦୨୩ରେ ସମ୍ପୂର୍ଣ୍ଣ ହୋଇଛି। ୨୦୧୯ରେ ଫନି ବାତ୍ୟା ଏବଂ ପରେ କୋଭିଡ୍ ଯୋଗୁ ନିର୍ମାଣ କାର୍ଯ୍ୟ ଗୁରୁତର ବାଧାପ୍ରାପ୍ତ ହୋଇଥିଲା। ବିଳମ୍ବ ହୋଇଥିଲେ ହେଁ ଏହାକୁ ସମ୍ପୂର୍ଣ୍ଣ କରାଯାଇଛି। କ୍ରିକେଟ ଷ୍ଟାଡିୟମ ବ୍ୟତୀତ ଏଠାରେ ଜିମ୍ନାଷ୍ଟିକ୍ସର ହାଇପରଫର୍ମାନ୍ସ ସେଣ୍ଟର ଓ ସୁଇମିଂ ପୁଲ୍ ମଧ୍ୟ ରହିଛି। ଏହା ବ୍ୟତୀତ ଏଠାରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଅଛି। ଯେଉଁଥିରେ ବିଭିନ୍ନ କ୍ରୀଡ଼ା ଇଭେଣ୍ଟର ଖେଳାଳିମାନେ ରହୁଛନ୍ତି। ଷ୍ଟାଡିୟମରେ କ୍ରିକେଟ, ଜିମ୍ନାଷ୍ଟିକ୍ସ ଓ ସୁଇମିଂର ଅତ୍ୟାଧୁନିକ ସୁବିଧା ସୁଯୋଗ ଥିବାରୁ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ପେ ଆଣ୍ଡ ପ୍ଲେ ସ୍କିମ୍‌ରେ ପିଲାମାନେ ଆସି ଜିମ୍ନାଷ୍ଟିକ୍ସ ଏବଂ ସୁଇମିଂ ଅଭ୍ୟାସ କରୁଛନ୍ତି। ପ୍ରତିଷ୍ଠିତ କ୍ରିକେଟ କ୍ଲବଗୁଡ଼ିକ ଆସି ଷ୍ଟାଡିୟମରେ ଅଭ୍ୟାସ କରୁଛନ୍ତି। ଏହି ଷ୍ଟାଡିୟମ ରାଜ୍ୟରେ କ୍ରୀଡ଼ାର ଅଗ୍ରଗତିରେ ନିଶ୍ଚିତ ପ୍ରମୁଖ ଭୂମିକା ଗ୍ରହଣ କରିବ'' ବୋଲି ଚନ୍ଦନ କହିଛନ୍ତି। ରାଜ୍ୟ ସରକାରଙ୍କ ନୂଆ-ଓ କାର୍ଯ୍ୟକ୍ରମ ଅଧୀନରେ ପୁରୀରେ ରାଜ୍ୟସ୍ତରୀୟ ଖୋ ଖୋ ଓ କ୍ରିକେଟ ଚାଲିଛି। ରାଜ୍ୟର ପ୍ରତି ଜିଲାରୁ ଚାମ୍ପିୟନଦଳଗୁଡ଼ିକ ଏଠାକୁ ଆସିଛନ୍ତି। କ୍ରିକେଟରେ ୬୦୦ରୁ ୭୦୦ ଏବଂ ଖୋ ଖୋରେ ପାଖାପାଖି ୮୦୦ ପିଲା ଅଂଶଗ୍ରହଣ କରିଛନ୍ତି। ଆଗାମୀ ଦିନରେ ଫ୍ଲଡ୍‌ଲାଇଟ ସହ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ଯୋଜନା ରହିଛି। ସମ୍ପ୍ରତି ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଜାଭେଲିନ୍ ଥ୍ରୋ ତାରକା କିଶୋର ଜେନା ଏହି ଜିଲାର କ୍ରୀଡ଼ାବିତ୍। ଏବେ ଉନ୍ନତ ଭିତ୍ତିଭୂମି ଉପଲବ୍ଧ ହୋଇଥିବାରୁ ଆଗାମୀ ଦିନରେ ତାଙ୍କଭଳି ଆହୁରି ଅନେକ କ୍ରୀଡ଼ା ପ୍ରତିଭା ବାହାରିବା ଆଶା ରହିଛି ବୋଲି ସନ୍ତୋଷ ପ୍ରକାଶ କରିଛନ୍ତି।

# ରାଜ୍ୟସ୍ତରୀୟ ହକି, ସୁନ୍ଦରଗଡ଼ ଚାମ୍ପିୟନ

ରାଉରକେଲା, ୮।୨
(ଦିନେଶ ମିଶ୍ର)

ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅଧୀନରେ ରାଉରକେଲାରେ ଚାଲିଥିବା ରାଜ୍ୟସ୍ତରୀୟ ଉଭୟ ପୁରୁଷ ଓ ମହିଳା ବର୍ଗ ହକି ପ୍ରତିଯୋଗିତାରେ ସୁନ୍ଦରଗଡ ଜିଲା ଦଳ ଚାମ୍ପିୟନ ହୋଇଛି। ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ସୁନ୍ଦରଗଡ ମହିଳା ଦଳ ଖୋର୍ଦ୍ଧା ଦଳକୁ ୭ ଗୋଲରେ ପରାସ୍ତ କରିଛି। ଖୋର୍ଦ୍ଧା ସୁନ୍ଦରଗଡ ବିପକ୍ଷରେ କେବଳ ଗୋଟିଏ ଗୋଲ କରିପାରିଥିଲା। ସେହିପରି ପୁରୁଷ ବର୍ଗ ଫାଇନାଲ ମ୍ୟାଚ୍‌ରେ ଖୋର୍ଦ୍ଧା ଦଳକୁ ୩-୨ ଗୋଲରେ ପରାସ୍ତ କରି ସୁନ୍ଦରଗଡ଼ ଚାମ୍ପିୟନ ହୋଇଛି। ଏହି ଫାଇନାଲ ମ୍ୟାଚ୍‌ରେ ହକି ଇଣ୍ଡିଆର ଅଧ୍ୟକ୍ଷ ଦିଲୀପ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରୁଷ ଓ ମହିଳା ଚାମ୍ପିୟନ ଦଳକୁ ୨ ଲକ୍ଷ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ଉଭୟ ପୁରୁଷ ଓ ମହିଳା ରନର୍ସ ଅପ୍ ଦଳକୁ ୧ଲକ୍ଷ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ମହିଳା ବର୍ଗରେ ସୁନ୍ଦରଗଡ ଦଳର କ୍ୟାପଟେନ୍ ଜୀବନ କିଶୋରୀ ଟପ୍ପୋ ଓ ପୁରୁଷ ବର୍ଗରେ ଖୋର୍ଦ୍ଧା ଦଳର ଗୋଲକିପର ଜି. ତେଜେଶ୍ୱର ରାଓକୁ ମଧ୍ୟ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଭୟ ପୁରୁଷ ଓ ମହିଳା ବର୍ଗରେ ୩ୟ ଓ ୪ର୍ଥ ସ୍ଥାନ ଅଧିକାର କରିଥିବା ଦଳକୁ ୫୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ସୁନ୍ଦରଗଡ଼ କ୍ରୀଡ଼ା ଅଧିକାରୀ ସୁଦୀପ୍ତ କୁମାର ନାୟକ, ସୁନ୍ଦରଗଡ ଓଏସ୍‌ଡି କାଲୁ ଚରଣ ଚୌଧୁରୀ, ପୂର୍ବ ଭାରତୀୟ ଦଳର କୋଚ୍ ବି.ଜେ. କରିୟପ୍ପା, ବରିଷ୍ଠ କୋଚ୍ ବେଷ୍ଟର ଟପ୍ପୋ ପ୍ରମୁଖ ଉପସ୍ଥିତ ଥିଲେ।



ମହିଳା ହକି ଚାମ୍ପିୟନ ଦଳର ଖେଳାଳିମାନଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ


TVS
A NEW SHADE FOR
YOUR #UNSCRIPTED RIDE
TVS RONIN
1800 315 7666
STARTING @₹1.49L##
ALL LED LAMPS
BLUETOOTH CONNECTIVITY WITH VOICE ASSIST**
UPSIDE DOWN FRONT FORKS
RAIN & URBAN ABS MODES
VISOR
USB CHARGER
5 YEARS* WARRANTY
tvsronin
tvsmotor.com/tvs-ronin
DOWN PAYMENT OF ₹13,999# | SAVINGS UP TO ₹15,000
KNOW MORE
TVS CREDIT
IndusInd Bank
FOR ALL INSTITUTIONAL/BULK REQUIREMENTS PLEASE MAIL: corporatecustomersupport@tvsmotor.com Authorized Main Dealers: Bhubaneswar: 3S TVS, Tel: 6742745555/7328828802; Rita TVS, Tel: 9827133318; Jyote Mobikes LLP, Tel: 7440030005; Puri: Modern TVS, Tel: 9437013572/9861118408; Nayagarh: Kumar TVS, Tel: 6753000000; Bhawanipatna: Raaj Rajeswari TVS, Tel: 7682809880; Maa Banjari Motors, Tel: 7978323005/9437939586; Authorized Dealers: Chandpur: Rashmi Agency, Tel: 9337112565; Odogaon: Sohashree Automobiles, Tel: 7815050701; Daspalla: Sai Electric Motors, Tel: 9938375040; Rohibank: Maa Laxmi Automobile, Tel: 6371229226; Narasinghpur: Bholeswar Motors, Tel: 9658410027; Raj Sunakhela: Arnapurna Motors, Tel: 9437637421; Kalapathar: Durgananda Communication, Tel: 9937844941; Purunakatak: Bhairabi Automobiles, Tel: 9439071610; Bhapur: Shree Automobiles, Tel: 7389040805; Ranpur: Omm Automobiles, Tel: 9778520193; Nimapara: Ustav Automobiles, Tel: 7381765800; Balugaon: Satya Narayan Motors, Tel: 9937886712; Balichandrapur: Sarthak Motors, Tel: 7978388298; Chhatia: Rabindra Automobile, Tel: 7328005678; Mangalpur: Sanji Motor, Tel: 9853486660; Kuakhia: Bharat Automobiles, Tel: 9348035630
**Available in Top Variant.
*T & C apply.
TBWA/TVS/107280224


MARUTI SUZUKI
NEXA
DRIVEN BY TECH. INSPIRED BY THE BOLD.
Driving the New Age Baleno is pure thrill. It's power packed with hi-tech features that take your driving experience to a whole new level. Get ready to drive the bold side of technology.
CREATE. INSPIRE.
THE NEW AGE
BALENO
TECH GOES BOLD
1st in Segment
360 View Camera
1st in Segment
Head Up Display
22.86cm SmartPlay Pro+
6 Airbags^
In-built Suzuki Connect
NEXA Safety Shield
SUZUKI-TECT BODY
DUAL FRONT AIRBAGS
ESP
SEAT BELT PRE-TENSIONERS WITH FORCE LIMITERS
ISOFIX CHILD SEAT ANCHORAGES
PEDESTRIAN PROTECTION COMPLIANCE
COMPLIANT WITH - FULL FRONTAL IMPACT - FRONTAL OFFSET IMPACT - SIDE IMPACT
Feature and accessories shown may not be part of standard fitment. Black glass shade on the vehicle is due to lighting effect. Images used are for illustration purposes only.
VISIT YOUR NEAREST NEXA DEALERSHIP TO AVAIL EXCITING BENEFITS.
Know more about The New Age Baleno
Scan to chat on WhatsApp
BHUBANESWAR: NEXA GAJAPATI NAGAR (TUSHI MOTORS PVT. LTD. PH: 6372932426), NEXA RAJ BHAVAN ROAD (NARAYANI MOTORS PH: 9583022008), NEXA CYBER CITY (JYOTE MOTORS PH: 9776615032), NEXA TWIN CITY (SKY AUTOMOBILES PH: 7064400101), CUTTACK: NEXA STADIUM RD (JYOTE MOTORS PH: 7440005202), ROURKELA: NEXA CIVIL TOWN (ORBIT MOTORS PH: 7064479000).
Contact us at 1800-200-[6392], 1800-102-[NEXA] and visit www.nexaexperience.com to book online.
*T&C apply. Offers may vary subject to the model and variant purchased. All offers are applicable till 29th Feb'24 or till stocks last. All offers are brought to you by NEXA dealers only. Maruti Suzuki Smart Finance is now available pan-India. Maruti Suzuki Subscribe available only in selected cities. Maruti Suzuki reserves the right to withdraw offers at any point in time without any advance notice. Creative Visualization. ^For details on functioning of safety features including airbags, kindly refer to the owner's manual.